# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୯/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, April 19/2024 | Page 16 | ₹ 7.00

୫୦ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 145 | ମୂଲ୍ୟ₹୭/-





**ସ୍ତ୍ରୀଙ୍କୁ ସଫଳତାର ଶ୍ରେୟ ଦେଲେ ରବି କିଶନ**

ଏକ ସାକ୍ଷାତ୍‌କାରରେ ଅଭିନେତା ତଥା ରାଜନେତା ରବି କିଶନ ନିଜ ସଫଳତାର ଶ୍ରେୟ ସ୍ତ୍ରୀ ପ୍ରୀତି ଶୁକ୍ଲାଙ୍କୁ ଦେଇଛନ୍ତି। **୦୨**

**୧୬** **ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**

ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ ସହ ୭୮ରନ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ସୂର୍ଯ୍ୟକୁମାର ଯାଦବ।






ଉତ୍ତରପ୍ରଦେଶର ଆଗ୍ରା ଫୋର୍ଟଠାରେ ଗୁରୁବାର ବିଦେଶୀ ପର୍ଯ୍ୟଟକମାନେ ବିଶ୍ୱ ଐତିହ୍ୟ ଦିବସ ପାଳନରେ ସାମିଲ ହୋଇଛନ୍ତି।

# ଆଜି ପ୍ରଥମ ପର୍ଯ୍ୟାୟ ଭୋଟ

## ୧୦୨ ଆସନ ପାଇଁ ହେବ ମତଦାନ

ନୂଆଦିଲ୍ଲୀ,୧୮।୪(ପି.ଟି.)

ଲୋକ ସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଆସନରେ ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ସର୍ବାନନ୍ଦ ସୋନୋୱାଲ, ଭୂପେନ୍ଦ୍ର ଯାଦବ, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ, ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ୍, କଂଗ୍ରେସର ଗୌରବ ଗୋଗୋଇ, ଡିଏମ୍‌କେର କାନିମୋଝି ଏବଂ ଭାଜପାର କେ. ଆନ୍ନାମଲାଇ।

ଲୋକ ସଭା ନିର୍ବାଚନ ସହ ଶୁକ୍ରବାର ଅରୁଣାଚଳପ୍ରଦେଶ ବିଧାନସଭାର ୬୦ ଆସନ ଏବଂ ସିକ୍କିମ୍‌ର ୩୨ ବିଧାନସଭା ଆସନ ପାଇଁ ଏକସଙ୍ଗେ ମତଦାନ ହେବ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୧.୮୭ ଲକ୍ଷ ଭୋଟଦାନ କେନ୍ଦ୍ରରେ ୧୮ ଲକ୍ଷ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୋଟ ୧୬.୬୩ କୋଟି ଭୋଟର ଏହିସବୁ ବୁଥ୍‌ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୮.୪ କୋଟି ପୁରୁଷ ହୋଇଥିବାବେଳେ ୮.୨୩ କୋଟି ମହିଳା ଭୋଟର ଏବଂ ୧୧,୩୭୧ ତୃତୀୟ ଲିଙ୍ଗ। ଏହି ପର୍ଯ୍ୟାୟରେ ୩୫.୬୭ ଲକ୍ଷ ନୂଆ ଭୋଟର ମତଦାନ କରିବାକୁ ଥିବାବେଳେ ☞ପୃଷ୍ଠା–୧୧



# ରାଜ୍ୟରେ ଆରମ୍ଭ ହେଲା ନାମାଙ୍କନ ପ୍ରକ୍ରିୟା

- ଏପ୍ରିଲ ୨୬ରେ ଯାଞ୍ଚ, ୨୯ରେ ପ୍ରତ୍ୟାହାର
- ମେ' ୧୩ରେ ଭୋଟ ଗ୍ରହଣ
- ମତଦାନ ଅଧିକାର ସାବ୍ୟସ୍ତ କରିବେ ୬୨.୮୪ ଲକ୍ଷ ମତଦାତା

ଭୁବନେଶ୍ୱର,୧୮।୪(ଅନିଲ ଦାସ)

ରାଜ୍ୟର ପ୍ରଥମ ପର୍ଯ୍ୟାୟ (ସମଗ୍ର ଦେଶର ଚତୁର୍ଥ ପର୍ଯ୍ୟାୟ) ନିର୍ବାଚନ ମେ' ୧୩ରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ନାମାଙ୍କନ ଦାଖଲ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଏପ୍ରିଲ ୨୫ ସୁଦ୍ଧା ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ଏପ୍ରିଲ ୨୬ରେ ନାମାଙ୍କନପତ୍ର ଯାଞ୍ଚ ଓ ଏପ୍ରିଲ ୨୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ ହୋଇଛି। ଜୁନ୍ ୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

ପ୍ରକାଶିତ ବିଜ୍ଞପ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ ଚତୁର୍ଥ ପର୍ଯ୍ୟାୟରେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବ। ୪ଟି ସଂସଦୀୟ କ୍ଷେତ୍ରରେ ☞ପୃଷ୍ଠା–୧୧

# ଜଳୁଛି ଓଡ଼ିଶା

**୪୩.୬ ଡିଗ୍ରୀ ସହ ଭୁବନେଶ୍ୱର ଉତ୍ତପ୍ତ ସହର**

**୪୦ ଡିଗ୍ରୀ ଉପରେ ୩୨ ସହର ତାପମାତ୍ରା**

ଭୁବନେଶ୍ୱର, ୧୮।୪ (ଅସମାପିକା ସାହୁ)

ଉହ ଉହ ଖରାରେ ସିଝୁଛି ସାରା ଓଡ଼ିଶା। ଉପକୂଳରୁ ଆଭ୍ୟନ୍ତରୀଣ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଠି ପାରଦ ଉପରମୁହାଁ ହୋଇଯାଇଛି। ଗୁରୁବାର ରାଜ୍ୟର ୩୨ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା। ସେପଟେ ପୁଣି ୪୩ଡିଗ୍ରୀ ଟପିଛି ରାଜଧାନୀ ଭୁବନେଶ୍ୱରର ତାପମାତ୍ରା। ୪୩.୬ଡିଗ୍ରୀ ସହ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ରହିଥିଲା।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ତିନିଦିନ ରାଜ୍ୟରେ ତାତିର ପ୍ରଭାବ ରହିବା ସହିତ ଗୁଳୁଗୁଳି ଏବଂ ଝାଞ୍ଜି ପବନ ମଧ୍ୟ ବହିବାର ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କତା ଜାରି କରାଯାଇଛି। ଶୁକ୍ରବାର ଖୋର୍ଦ୍ଧା, କଟକ, ନୟାଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ବୌଦ୍ଧ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଢେଙ୍କାନାଳ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି ଏବଂ ଗଞ୍ଜାମ ଜିଲାରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିଭଳି ୨୦ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ନୂଆପଡ଼ା, ଅନୁଗୋଳ, ନୟାଗଡ଼, ମୟୂରଭଞ୍ଜ, ବୌଦ୍ଧ ଏବଂ କେନ୍ଦୁଝରକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ☞ପୃଷ୍ଠା–୧୧

**ଗୁରୁବାର ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା**

| ସହର | ଡିଗ୍ରୀ ସେଲ୍‌ସିୟସ | ସହର | ଡିଗ୍ରୀ ସେଲ୍‌ସିୟସ |
|---|---|---|---|
| ବୌଦ୍ଧ | ୪୩.୫ | ଟିଟିଲାଗଡ଼ | ୪୨.୫ |
| ଅନୁଗୋଳ | ୪୩.୩ | ମାଲକାନଗିରି | ୪୨.୫ |
| ବାଲେଶ୍ୱର | ୪୨.୨ | ସୋନପୁର | ୪୦.୭ |
| ଚାନ୍ଦବାଲି | ୪୧.୨ | ନୟାଗଡ଼ | ୪୨ |
| କଟକ | ୪୧.୪ | ଛତ୍ରପୁର | ୪୦.୮ |
| ବାରିପଦା | ୪୨.୬ | ପାରଳାଖେମୁଣ୍ଡି | ୪୧.୮ |
| ଝାରସୁଗୁଡ଼ା | ୪୨.୮ | ଭଦ୍ରକ | ୪୧ |
| କେନ୍ଦୁଝର | ୪୦.୯ | ଯାଜପୁର | ୪୧.୮ |
| ସମ୍ବଲପୁର | ୪୨.୨ | ଢେଙ୍କାନାଳ | ୪୨ |
| ସୁନ୍ଦରଗଡ଼ | ୪୧.୪ | ବରଗଡ଼ | ୪୧.୨ |
| ହୀରାକୁଦ | ୪୧.୬ | ନୂଆପଡ଼ା | ୪୨.୨ |
| ତାଳଚେର | ୪୨.୨ | ନବରଙ୍ଗପୁର | ୪୧ |
| ଭବାନୀପାଟଣା | ୪୨ | ଖୋର୍ଦ୍ଧା | ୪୨.୫ |
| ବଲାଙ୍ଗୀର | ୪୨ | ଜଗତ୍‌ସିଂହପୁର | ୪୨.୩ |
| ଫୁଲବାଣୀ | ୪୦.୪ | କେନ୍ଦ୍ରାପଡ଼ା | ୪୧.୪ |
| | | ରାଉରକେଲା | ୪୦.୪ |

# ଇଭିଏମ୍ ମକ୍ ପୋଲ୍: ଭାଜପାକୁ ଯାଇଛି ଅତିରିକ୍ତ ଭୋଟ

- ଅଭିଯୋଗର ଯାଞ୍ଚ ପାଇଁ ଇସିଆଇକୁ ନିର୍ଦ୍ଦେଶ
- ଭିଭିପିଏଟି ଯାଞ୍ଚ୍ ମାମଲା: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୧୮।୪(ପି.ଟି.)

ଦେଶରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍‌ରେ ଜାଲିଆତି ଅଭିଯୋଗକୁ ନେଇ ବିବାଦ ଲାଗିରହିଛି। ସେଥିପାଇଁ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍‌ଗୁଡ଼ିକର ସମ୍ପୂର୍ଣ୍ଣ ଯାଞ୍ଚ କରିବା ପାଇଁ ହୋଇଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ଗୁରୁବାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଶୁଣାଣି ବେଳେ କେରଳରେ ମକ୍ ଭୋଟିଂ ସମୟରେ ଇଭିଏମ୍‌ରେ ଭାଜପା ସପକ୍ଷରେ ଅତିରିକ୍ତ ଭୋଟ ରେକର୍ଡ ହୋଇଥିବାର ଅଭିଯୋଗ ହୋଇଥିଲା। ଏହାର ଯାଞ୍ଚ କରିବାକୁ ସୁପ୍ରିମକୋର୍ଟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଶୁଣାଣି କରିବା ବେଳେ ଏକ ଗଣମାଧ୍ୟମ ରିପୋର୍ଟ ଆଧାରରେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହା ନିର୍ବାଚନ ପ୍ରକ୍ରିୟା ହୋଇଥିବାରୁ ପବିତ୍ରତା ରହିବା ଜରୁରୀ। ଯାହା ଆଶା କରାଯାଉଥିଲା ତାହା ହେଉନାହିଁ, ଏଭଳି ଆଶଙ୍କା କାହା ମନରେ ରହିବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି ମନୋରମା ☞ପୃଷ୍ଠା–୧୧


**ଆଜିର ସମ୍ପାଦକୀୟ**

**ଓଜୋନ ଓ ପୃଥିବୀର ସୁରକ୍ଷା**


# କଂଗ୍ରେସର ଆଉ ୪ ପ୍ରାର୍ଥୀ ଘୋଷଣା

**୩ୟ ପର୍ଯ୍ୟାୟ ସୁଦ୍ଧା ୧୨୫ ଆସନରେ ପ୍ରାର୍ଥୀ ଦେଲା ଦଳ**

| ଆସନ | ପ୍ରାର୍ଥୀଙ୍କ ନାମ |
|---|---|
| ମାହାଙ୍ଗା | ଦେବେନ୍ଦ୍ର କୁମାର ସାହୁ |
| ସତ୍ୟବାଦୀ | ମନୋଜ ରଥ |
| ଭୁବନେଶ୍ୱର ମଧ୍ୟ | ପ୍ରକାଶ ଜେନା |
| ଭୁବନେଶ୍ୱର ଉତ୍ତର | ଅଶୋକ ଦାସ |

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

କଂଗ୍ରେସ ପକ୍ଷରୁ ୨୦୨୪ ନିର୍ବାଚନ ଲାଗି ଗୁରୁବାର ତୃତୀୟ ପର୍ଯ୍ୟାୟରେ ୪ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ମାହାଙ୍ଗା, ସତ୍ୟବାଦୀ, ଭୁବନେଶ୍ୱର ମଧ୍ୟ ଏବଂ ଭୁବନେଶ୍ୱର ଉତ୍ତର ଆସନ ପାଇଁ ଦଳ ପ୍ରାର୍ଥୀଙ୍କ ନାଁ ପ୍ରକାଶ କରିଛି। ଏହି ପ୍ରାର୍ଥୀ ତାଲିକା ପ୍ରକାଶ ସହ ଦଳ ମୋଟ ୧୨୫ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ମହାଙ୍ଗାରେ ଦଳ ଦେବେନ୍ଦ୍ର କୁମାର ସାହୁଙ୍କୁ ପ୍ରାର୍ଥୀ କରିଛି। ସବୁଠାରୁ ବଡ଼ କଥା ହେଉଛି ☞ପୃଷ୍ଠା–୧୧

# ସାଙ୍ଗଙ୍କୁ ପଥରରେ ଛେଚି ମାରିଦେଲେ

କେନ୍ଦୁଝର,୧୮।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଟାଉନ ଥାନା କାଶିପୁର ମୁଣ୍ଡା ସାହିରେ ସାମାନ୍ୟ ବଚସାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଯାଇଛି। ନିଶାସକ୍ତ ଅବସ୍ଥାରେ ଜଣେ ଯୁବକ ତାଙ୍କ ବନ୍ଧୁଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସାଙ୍ଗଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କାଶିପୁର ମୁଣ୍ଡା ସାହିର କିରଣ ମୁଣ୍ଡା (୨୫)। ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ସାହିର ୩ ସାଙ୍ଗ କିରଣ, ମୁନା ଗାଗରାଇ (୨୮) ଏବଂ ଅକ୍ଷୟ ନାଏକ (୩୫) ବୁଧବାର ରାତିରେ ଏକାଠି ମଦ ପିଇଥିଲେ। ପୁଣି ଆଉ ଶହେ ଟଙ୍କାର ମଦ ଆଣିବା ପାଇଁ କିରଣ ଅକ୍ଷୟଙ୍କୁ ୫୦୦ ଟଙ୍କା ଦେଇଥିଲେ। ତେବେ ଅକ୍ଷୟ ମଦ ନ ଆଣି ସେ କିଛି ମଦ ପିଇ ଏବଂ ହୋଟେଲରୁ ଖାଇବା ଆଣି ଘରକୁ ପଳାଇଥିଲେ। ଦୀର୍ଘ ସମୟ ଧରି ଅକ୍ଷୟ ନ ଫେରିବାରୁ କିରଣ ତାଙ୍କ ଘରକୁ ଯାଇ ତାଙ୍କୁ ଡାକି ଆଣିଥିଲେ। ଗାଁ ମୁଣ୍ଡ ପଡ଼ିଆ ପାଖରେ ଦୁହିଁଙ୍କ ମଧ୍ୟରେ ଟଙ୍କାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ କିରଣ ଉତ୍ତ୍ୟକ୍ତ ହୋଇ ଏକ ପଥରରେ ଅକ୍ଷୟଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଅକ୍ଷୟଙ୍କ ମୃତ୍ୟୁ ଘଟିଥିଲା। ଅକ୍ଷୟଙ୍କ ମୃତ୍ୟୁ ଘଟିଥିବା ଜାଣି କିରଣ ସେଠାରୁ ଚାଲିଯାଇଥିଲେ। ଏ ନେଇ ଗୁରୁବାର ଅକ୍ଷୟଙ୍କ ଭାଇ ମିଳନ ନାଏକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ☞ପୃଷ୍ଠା–୧୧

# ସାମାନ୍ୟ ବଚସାରୁ ୧୬ଥର ଛୁରି ଭୁସି ହତ୍ୟା

କେନ୍ଦ୍ରାପଡ଼ା,୧୮।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ଟାଉନ ବଳରାମପୁର ହନୁମାନ ମନ୍ଦିର ନିକଟରେ ଗୁରୁବାର ଅପରାହ୍ନରେ ସାମାନ୍ୟ ବଚସାରୁ ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ଛୁରି ଭୁଷି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଏହି ଘଟଣାରେ ସଦର ଥାନା ଅନ୍ତର୍ଗତ କଂସାର ଗ୍ରାମର ଆଦିତ୍ୟପ୍ରସାଦ ବେହେରା, ସଦର ଥାନା ଓସ୍ତପୁର ପଞ୍ଚାୟତ ସାରଙ୍ଗ ଗ୍ରାମର ଦୁର୍ଯ୍ୟୋଧନ ଖଟୁଆଙ୍କ ପୁଅ ଅକ୍ଷୟଙ୍କୁ ୧୬ଥର ଛୁରି ଭୁସି ଆକ୍ରମଣ କରିଛନ୍ତି। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଅକ୍ଷୟଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏଥିସହ ଲୋକେ ଆଦିତ୍ୟଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆଦିତ୍ୟଙ୍କୁ ଅଟକ ରଖିବା ସହ ତାଙ୍କ ନିକଟରୁ ଛୁରିକୁ ଜବତ କରିଛି। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରତ୍ୟେକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ, ଅକ୍ଷୟ ଜଣେ ଇଲେକ୍ଟ୍ରିସିଆନ। ଏସି ମେକାନିକ୍ ଭାବେ କାର୍ଯ୍ୟ ସାରି ହନୁମାନ ମନ୍ଦିର ନିକଟରେ ☞ପୃଷ୍ଠା–୧୧




**ନାନୋ ୟୁରିଆ ବ୍ୟବହାର ପାଇଁ ବିଜ୍ଞପ୍ତି ଜାରି**

୩ ବର୍ଷ ପାଇଁ ନାନୋ ୟୁରିଆ ପ୍ଲସ୍ ସାର ବ୍ୟବହାର ନିମନ୍ତେ କେନ୍ଦ୍ର ସରକାର ବୁଧବାର ବିଜ୍ଞପ୍ତି ଜାରି କରିଛନ୍ତି। ତେବେ ଏହି ସାରର ଉର୍ବରତା କ୍ଷମତାକୁ ନେଇ ବିବାଦ ଦେଖାଦେଇଥିବାବେଳେ ଉପଯୁକ୍ତ କ୍ଷେତ୍ର ପରୀକ୍ଷା କରାଯାଇ ନ ଥିବା ଅଭିଯୋଗ ହୋଇଛି। ନାନୋ ୟୁରିଆ ବ୍ୟବହାର ଦ୍ୱାରା ଉତ୍ପାଦନ କମୁଥିବାରୁ ଅଧିକାଂଶ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# କେଜ୍‌ରିୱାଲଙ୍କୁ ଜେଲରେ ମାରିଦେବାକୁ ଷଡ଼ଯନ୍ତ୍ର

## ଇନ୍‌ସୁଲିନ୍ ଦିଆଯାଉ ନ ଥିବା ଆପ୍‌ର ଅଭିଯୋଗ

ନୂଆଦିଲ୍ଲୀ,୧୮।୪(ପି.ଟି.)

ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ରକ୍ତ ଶର୍କରା ସ୍ତରରେ ଅସ୍ଥିରତା ଦେଖାଦେଇଥିବାବେଳେ ତିହାର ଜେଲ କର୍ତ୍ତୃପକ୍ଷ ତାଙ୍କୁ ଇନ୍‌ସୁଲିନ୍ ଦେଉ ନ ଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଅଭିଯୋଗ କରିଛି। ୩୦ ବର୍ଷ ହେଲା ମଧୁମେହରେ ପୀଡ଼ିତ କେଜ୍‌ରିୱାଲଙ୍କୁ ଇନ୍‌ସୁଲିନ ଦିଆ ନ ଯାଇ ତାଙ୍କୁ ଜେଲରେ ମାରିଦେବାକୁ ଷଡ଼ଯନ୍ତ୍ର ହେଉଥିବା ଦିଲ୍ଲୀ ମନ୍ତ୍ରୀ ଆତିଶୀ ଅଭିଯୋଗ ଆଣିଛନ୍ତି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟଗତ କାରଣରୁ ଜାମିନ ପାଇବା ପାଇଁ କେଜ୍‌ରିୱାଲ ଜାଣିଶୁଣି ମିଠା, ଆମ୍ବ ଆଦି ଅତ୍ୟଧିକ ଶର୍କରାଯୁକ୍ତ ଖାଦ୍ୟ ଖାଉଥିବା ଇଡି ଅଦାଲତଙ୍କ ନିକଟରେ ଅଭିଯୋଗ କରିଛି। କେଜ୍‌ରିୱାଲଙ୍କ ଖାଦ୍ୟ ତାଲିକା ସମ୍ପର୍କିତ ରିପୋର୍ଟ ଦାଖଲ କରିବା ପାଇଁ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ତିହାର ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଡିର ଅଭିଯୋଗକୁ କେଜ୍‌ରିୱାଲଙ୍କ ଓକିଲ ବିବେକ ଜୈନ ଖଣ୍ଡନ କରିଛନ୍ତି। ଘରରନ୍ଧା ଖାଦ୍ୟ ବନ୍ଦ କରିବା ପାଇଁ ଇଡି ଏଭଳି ଅଭିଯୋଗ ଆଣିଥିବା ସେ କହିଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ କେଜରିୱାଲ ଖାଦ୍ୟ ଗ୍ରହଣ କରୁଥିବା ଜୈନ କହିଛନ୍ତି। ଶୁକ୍ରବାର ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ବିଚାରପତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲ ଗିରଫ ହୋଇ ତିହାର ଜେଲରେ ରହିଛନ୍ତି।


ଅରବିନ୍ଦ କେଜ୍‌ରିୱାଲ

# ଶିଳ୍ପା ସେଟ୍ଟୀ, ରାଜ କୁନ୍ଦ୍ରାଙ୍କ ୯୮ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ,୧୮।୪(ପି.ଟି.)

କ୍ରିପ୍ଟୋ ପୋଞ୍ଜି ସ୍କିମ୍ ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କର ୯୮ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। କୁନ୍ଦ୍ରା ଦମ୍ପତିଙ୍କ ସମ୍ପତ୍ତି ଜବତ ପାଇଁ ଇଡି ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି କରିଥିଲେ। ବିଟ୍‌କଏନ୍ ଭଳି କ୍ରିପ୍ଟୋ କରେନ୍ସି ବ୍ୟବହାର ଜରିଆରେ ନିବେଶକମାନଙ୍କୁ କୁନ୍ଦ୍ରା ଦମ୍ପତି ଠକିଥିବା ଅଭିଯୋଗ ହୋଇଥିଲା। ଜବତ ସମ୍ପତ୍ତି ମଧ୍ୟରେ ଶିଳ୍ପାଙ୍କ ନାଁରେ ଥିବା ମୁମ୍ବାଇ ଜୁହୁ ଅଞ୍ଚଳର ଏକ ଫ୍ଲାଟ୍, ପୁଣେରେ କୁନ୍ଦ୍ରାଙ୍କ ନାଁରେ ଥିବା ଏକ ବଙ୍ଗଳା ଓ ଇକ୍ୟୁଇଟି ଶେୟାର ରହିଛି। ଏହି ସମ୍ପତ୍ତିର ମୂଲ୍ୟ ୯୭.୭୯ କୋଟି ଟଙ୍କା ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି। ପୋଞ୍ଜି ସ୍କିମ୍ ମାମଲାରେ ପୂର୍ବରୁ ମହାରାଷ୍ଟ୍ର ଏବଂ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଥିଲେ। ବିଟ୍‌କଏନ ଜରିଆରେ ମାସିକ ୧୦ ପ୍ରତିଶତ ରିଟର୍ନ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ସଂସ୍ଥା ଓ ଏହାର ଏଜେଣ୍ଟମାନେ ୨୦୧୭ରେ ଜମାକାରୀଙ୍କଠାରୁ ୬,୬୦୦ କୋଟି ଟଙ୍କା ସଂଗ୍ରହ କରିଥିଲେ। ଏହାକୁ ଆଧାର କରି ମନିଲଣ୍ଡରିଂ ମାମଲାର ତଦନ୍ତ ଜାରି ରହିଛି। କୁନ୍ଦ୍ରା ପୋଞ୍ଜି ଦୁର୍ନୀତିର ମାଷ୍ଟରମାଇଣ୍ଡ ଅମିତ୍ ଭରଦ୍ୱାଜଙ୍କଠାରୁ ୨୮୫ଟି ବିଟ୍‌କଏନ୍ ପାଇଥିବା ଅଭିଯୋଗ ହୋଇଥିଲା, ଯାହାର ଦାମ୍ ୧୫୦ କୋଟି ଟଙ୍କା ହେବ ବୋଲି ଇଡି କହିଛି।



# ଆପ୍ ବିଧାୟକ ଅମାନତୁଲ୍ଲାଙ୍କୁ ଗିରଫ କଲା ଇଡି

## ୱାକଫ୍ ବୋର୍ଡ ମନିଲଣ୍ଡରିଂ ମାମଲା



ନୂଆଦିଲ୍ଲୀ,୧୮।୪(ପି.ଟି.)

ଦିଲ୍ଲୀ ୱାକଫ୍ ବୋର୍ଡରେ ଅନିୟମିତତା ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବିଧାୟକ ଅମାନତୁଲ୍ଲା ଖାନ୍‌ଙ୍କୁ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ତାଙ୍କ ଗିରଫଦାରିକୁ ଆପ୍ ଏମ୍‌ପି ସଞ୍ଜୟ ସିଂ ନିନ୍ଦା କରିଛନ୍ତି। ଗତ ସପ୍ତାହରେ ସୁପ୍ରିମକୋର୍ଟ ଅମାନତୁଲ୍ଲାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇ ତଦନ୍ତରେ ସାମିଲ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଓଖଲା ବିଧାୟକ ଗୁରୁବାର ଇଡିରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଥିଲେ। ଅମାନତୁଲ୍ଲା ୱାକଫ୍ ବୋର୍ଡର ଅଧ୍ୟକ୍ଷ ଥିବାବେଳେ ଗୁରୁତର ଅନିୟମିତତା ହୋଇଥିଲା। ତେବେ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏକ ମିଥ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇଥିବା ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି।

# ୪ ମାସରେ ନିହତ ହେଲେଣି ୮୦ ମାଓବାଦୀ

## ୧୨୫ ଗିରଫ, ୧୫୦ ଜଣ ଆତ୍ମସମର୍ପଣ କରିଛନ୍ତି

ନୂଆଦିଲ୍ଲୀ,୧୮।୪(ପି.ଟି.)

ଛତିଶଗଡ଼ର କଙ୍କେର ଜିଲାରେ ୧୬ ତାରିଖରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ବରିଷ୍ଠ କ୍ୟାଡରଙ୍କ ସମେତ ୨୯ ମାଓବାଦୀ ନିହତ ହୋଇଥିଲେ। ସେମାନଙ୍କୁ ମିଶାଇ ଛତିଶଗଡ଼ରେ ଗତ ୪ ମାସ ମଧ୍ୟରେ ଅନ୍ୟୁନ ୮୦ ମାଓବାଦୀ ନିପାତ ହେଲେଣି। ଏହି ସମୟ ମଧ୍ୟରେ ୧୨୫ରୁ ଅଧିକ ମାଓବାଦୀଙ୍କୁ ଗିରଫ କରାଯାଇଥିବାବେଳେ ୧୫୦ ଜଣ ଆତ୍ମସମର୍ପଣ କରିଛନ୍ତି। ଇତିମଧ୍ୟରେ ଦେଶରେ ମାଓବାଦୀ ହିଂସା ୫୨ ପ୍ରତିଶତ ହ୍ରାସ ପାଇଛି। ହିଂସାକାଣ୍ଡ ଜନିତ ମୃତ୍ୟୁସଂଖ୍ୟା ୬୯ ପ୍ରତିଶତ କମିଛି। ୨୦୦୪ରୁ ୨୦୧୪ ମଧ୍ୟରେ ମାଓବାଦୀ ହିଂସାଜନିତ ମୃତ୍ୟୁସଂଖ୍ୟା ୬,୦୩୫ ଥିବାବେଳେ ୨୦୧୪-୨୩ ମଧ୍ୟରେ ଏହି ସଂଖ୍ୟା ୧,୮୬୮କୁ ହ୍ରାସ ପାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ମାଓବାଦୀ ଆକ୍ରମଣରେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ସଂଖ୍ୟା ଇତିମଧ୍ୟରେ ୭୨ ପ୍ରତିଶତ ହ୍ରାସ ପାଇଛି। ୨୦୦୪-୨୦୧୪ ମଧ୍ୟରେ ମାଓବାଦୀ ଆକ୍ରମଣରେ ୧,୭୫୦ ସୁରକ୍ଷା ଯବାନ ନିହତ ହୋଇଥିବାବେଳେ ୨୦୧୪-୨୩ ମଧ୍ୟରେ ଏହି ସଂଖ୍ୟା ୪୮୫କୁ ହ୍ରାସ ପାଇଛି। ସେହିପରି ସାଧାରଣ ଲୋକଙ୍କ ମୃତ୍ୟୁ ଏହି ସମୟ ମଧ୍ୟରୁ ୪,୨୮୫ରୁ ୧,୩୮୩କୁ କମିଛି ଅର୍ଥାତ୍ ୬୮ ପ୍ରତିଶତ ହ୍ରାସ ହୋଇଛି।

୨୦୨୩ ଡିସେମ୍ବରରେ ଛତିଶଗଡ଼ରେ ବିଷ୍ଣୁଦେଓ ସାଏ ସରକାର ଗଢ଼ିବା ପରେ ମାଓବାଦୀଙ୍କ ବିରୋଧରେ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଫଳରେ ଇତିମଧ୍ୟରେ ୮୦ ମାଓବାଦୀ ନିହତ ହେବା ସହ ୧୨୫ରୁ ଊର୍ଦ୍ଧ୍ୱ ଗିରଫ ହେଲେଣି ବୋଲି ଜଣେ ଅଧିକାରୀ କହିଛନ୍ତି। ଗତବର୍ଷ ଶେଷ ଭାଗରେ ମାଓବାଦୀ ପ୍ରବଣ ରାଜ୍ୟଗୁଡ଼ିକର ସୁରକ୍ଷା ସ୍ଥିତିର ସମୀକ୍ଷା ବେଳେ ଉକ୍ତ ଅଞ୍ଚଳରେ ମାଓବାଦୀ ନିପାତ ଅଭିଯାନକୁ ଜୋର୍‌ଦାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୁରକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରାଯାଇଥିଲା। ଏଥିରେ ପୋଲିସ ଡିଜି, ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ, ସୀମା ସୁରକ୍ଷା ବଳ, ଇଣ୍ଡୋ-ତିବ୍ବେତାନ୍ ବର୍ଡର ପୋଲିସ ଏବଂ ଗୋଇନ୍ଦା ବ୍ୟୁରୋ ମୁଖ୍ୟ ତଥା ଅନ୍ୟ ଅଧିକାରୀମାନେ ସଦସ୍ୟ ରହିଛନ୍ତି। ଗତ ବୁଧବାର ହୋଇଥିବା ଏନ୍‌କାଉଣ୍ଟରରେ ସର୍ବାଧିକ ୨୯ ମାଓବାଦୀ ନିହତ ହୋଇଥିଲେ। ଗୋଟିଏ ଏନ୍‌କାଉଣ୍ଟରରେ ଏତେ ସଂଖ୍ୟକ ମାଓବାଦୀ ନିହତ ହେବା ପ୍ରଥମ ଘଟଣା। ୨୦୧୪ରୁ ସୁରକ୍ଷା ବଳ ମାଓବାଦୀପ୍ରବଣ ଅଞ୍ଚଳରେ କ୍ୟାମ୍ପ ପକାଇ ରହିଛି। ୨୦୧୯ ବେଳକୁ ଏହି କ୍ୟାମ୍ପ ସଂଖ୍ୟା ୨୫୦ରୁ ଅଧିକ ଥିଲା।

# ଇଣ୍ଡୋନେସିଆରେ ଲାଭା ଉଦ୍‌ଗିରଣ: ବିମାନବନ୍ଦର ବନ୍ଦହେଲା

ମାନାଡୋ,୧୮।୪

ଇଣ୍ଡୋନେସିଆର ସୁଲୱେସୀ ଦ୍ୱୀପ ଉତ୍ତର ପାର୍ଶ୍ୱରେ ଥିବା ରୁଆଙ୍ଗ ପର୍ବତର ୫ଟି ସ୍ଥାନରୁ ଲାଭା ଉଦ୍‌ଗିରଣ ହୋଇଛି। ପ୍ରବଳ ମାତ୍ରାରେ ପାଉଁଶ, ପଥର ଖଣ୍ଡ ଉପରକୁ ଉଠି ଘନ ଆସ୍ତରଣ ସୃଷ୍ଟି କରିବା ସହ ସୁନାମୀ ସମ୍ଭାବନା ଦେଖାଦେଇଛି। ଫଳରେ ଇଣ୍ଡୋନେସିଆ କର୍ତ୍ତୃପକ୍ଷ ମାନାଡୋଠାରେ ଥିବା ଏକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ବନ୍ଦ କରିଦେଇଛନ୍ତି। ସ୍ଥାନୀୟ ଲୋକେ ଅଞ୍ଚଳ ଛାଡ଼ି ପଳାଇଯାଉଛନ୍ତି। ସେଣ୍ଟର ଫର୍ ଭଲ୍‌କାନୋଲୋଜି ଆଣ୍ଡ ଜିଓଲୋଜିକାଲ ଡିଜାଷ୍ଟର ମିଟିଗେଶନ ପକ୍ଷରୁ ସର୍ବୋଚ୍ଚ ସ୍ତରର ଆଲର୍ଟ ଜାରି ହୋଇଛି। ଗୁରୁବାର ଦିନ ତମାମ ସେଠାରୁ ଧୂସର ଧୂଆଁ ୫୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଠୁଥିବା ଦେଖିବାକୁ ମିଳିଛି। ପର୍ବତ ପାଦଦେଶଠାରୁ ୬ କିଲୋମିଟର ଦୂରରେ ରହିବା ପାଇଁ ଲୋକମାନଙ୍କୁ କୁହାଯାଇଛି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ୧୧,୦୦୦ ଲୋକ ଘରଦ୍ୱାର ଛାଡ଼ି ପଳାଇଯାଇଛନ୍ତି।



# ଇରାନ୍ ଅଧିକୃତ ଜାହାଜରୁ ସ୍ୱଦେଶ ଫେରିଲେ କେରଳର ମହିଳା କ୍ୟାଡେଟ୍


ଆନ୍ ଟେସା ଜୋସେଫଙ୍କୁ କୋଚି ବିମାନ ବନ୍ଦରରେ ଆଞ୍ଚଳିକ ପାସପୋର୍ଟ ଅଧିକାରୀ ସ୍ୱାଗତ କରୁଛନ୍ତି।

ନୂଆଦିଲ୍ଲୀ, ୧୮।୪

ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ମଧ୍ୟରେ ଗତ ସପ୍ତାହରେ ଇସ୍ରାଏଲର ଏକ କାର୍ଗୋ ଜାହାଜକୁ ଇରାନ ଜବତ କରିଥିଲା। ଏହି ଜାହାଜରେ ଜଣେ ମହିଳାଙ୍କ ସମେତ ୧୭ ଜଣ ଭାରତୀୟ କ୍ରିଉ ସଦସ୍ୟ ରହିଥିଲେ। ଗୁରୁବାର ଅପରାହ୍ନରେ ମହିଳା ଭାରତୀୟ କ୍ରିଉ ସଦସ୍ୟ ଜଣକ ସୁରକ୍ଷିତ ଭାବେ କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛନ୍ତି। ଏନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେହରାନରେ ଭାରତୀୟ ଦୂତାବାସ ଓ ଇରାନ ସରକାରଙ୍କ ମିଳିତ ପ୍ରୟାସରେ ଥ୍ରିଶୂର ବାସିନ୍ଦା ଆନ୍ ଟେସା ଜୋସେଫ ମୁକୁଳି ପାରିଥିବା କୁହାଯାଇଛି। ବିମାନବନ୍ଦରରେ କୋଚିର ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ଜୋସେଫଙ୍କୁ ସ୍ୱାଗତ କରିଛନ୍ତି। ଜାହାଜ ମଧ୍ୟରେ ଥିବା ସମସ୍ତ ଭାରତୀୟ କ୍ରିଉ ସଦସ୍ୟଙ୍କୁ ମୁକୁଳାଇବା ପାଇଁ ଇରାନର ବହିର୍ବ୍ୟାପାର ମନ୍ତ୍ରୀ ହୁସେନ ଅମିର ଅବଦୁଲ୍ଲାହିୟନଙ୍କ ସହ ଫୋନ୍ ଯୋଗେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଲୋଚନା କରିଥିଲେ।

# ଜାତିସଂଘରେ ସଂସ୍କାରକୁ ଆମେରିକାର ସମର୍ଥନ

ୱାଶିଂଟନ,୧୮।୪(ପି.ଟି.)

ଏକବିଂଶ ଶତାବ୍ଦୀର ବିଶ୍ୱର ପ୍ରତିଫଳନ ପାଇଁ ସୁରକ୍ଷା ପରିଷଦ ସମେତ ଜାତିସଂଘରେ ସଂସ୍କାର ପ୍ରସ୍ତାବକୁ ଆମେରିକା ସମର୍ଥନ ଜଣାଇଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତକୁ ସ୍ଥାୟୀ ସଦସ୍ୟ ଭାବେ ସାମିଲ କରିବା ପାଇଁ ଦାବି ବଢ଼ୁଥିବାବେଳେ ଆମେରିକା ପରରାଷ୍ଟ୍ର ବିଭାଗର ପ୍ରମୁଖ ଉପମୁଖପାତ୍ର ବେଦାନ୍ତ ପଟେଲ ଉପରୋକ୍ତ ସୂଚନା ଦେଇଛନ୍ତି। ୟୁଏନ୍‌ଏସ୍‌ସିରେ ଭାରତକୁ ସ୍ଥାୟୀ ଆସନ ବିନା ଜାତିସଂଘର କିଛି ମାନେ ନାହିଁ ବୋଲି ବିଶିଷ୍ଟ ବ୍ୟବସାୟୀ ତଥା ଟେସ୍‌ଲା ସିଇଓ ଏଲନ୍ ମସ୍କ କହିଥିଲେ। ଜାତିସଂଘ ସାଧାରଣ ସଭାରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସଂସ୍କାର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ ବୋଲି ପଟେଲ କହିଛନ୍ତି।


ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ପୋଲିଂ ଅଧିକାରୀମାନେ ଗୁରୁବାର ଜବଲପୁରର ଏକ ବଣ୍ଟନ କେନ୍ଦ୍ରରୁ ଇଭିଏମ୍ ଏବଂ ଅନ୍ୟାନ୍ୟ ନିର୍ବାଚନୀ ଉପକରଣ ସଂଗ୍ରହ କରୁଛନ୍ତି।

# ନୌସେନାରେ ଅଳିଆ ଗୋଟାଳିଙ୍କ ଝିଅ

ପୁଣେ, ୧୮।୪

ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ଅଧ୍ୟବସାୟ ବଳରେ ମହାରାଷ୍ଟ୍ରରେ ଜଣେ ଜରି ଗୋଟାଳିଙ୍କ ଝିଅ ଭାରତୀୟ ନୌସେନାରେ ନିଜ ସ୍ଥାନ ପକ୍କା କରିଛନ୍ତି। ୪୦୦ରୁ ଅଧିକ ଅଗ୍ନିବୀର ପ୍ରାର୍ଥୀଙ୍କୁ ପଛରେ ପକାଇ ୨୦ ବର୍ଷୀୟ ଶ୍ୱେତା ପଣ୍ଡିତ ଏହି ସଫଳତା ହାସଲ କରିଛନ୍ତି। ତାଙ୍କ ମା' ଜ୍ୟୋତି ପଣ୍ଡିତ ପୁଣେର ୱନୋୱରି ସ୍ଥିତ ସ୍ୱୟଂଚାଳିତ ସଫେଇ କର୍ମଚାରୀମାନଙ୍କ ଏକ ସଂଗଠନ 'ସ୍ୱଚ୍ଛ' ସହ ଜଡ଼ିତ ରହିଛନ୍ତି। ସେ ପ୍ରତ୍ୟେକ ଦିନ ଘରକୁ ଘର ଯାଇ ଅଳିଆ ସଂଗ୍ରହ କରିଥାନ୍ତି। ଝିଅ ଶ୍ୱେତା ସମସ୍ତ ପ୍ରକାରର ପ୍ରତିକୂଳ ପରିସ୍ଥିତି ସହ ମୁକାବିଲା କରି ନୌସେନାରେ ଯୋଗ ଦେବାର ନିଜ ସ୍ୱପ୍ନକୁ ସାକାର କରିପାରିଥିବା ଏହି ଅବସରରେ ଜ୍ୟୋତି କହିଛନ୍ତି।

ଦାରିଦ୍ର୍ୟରେ ଜୀବନ କାଟୁଥିବା ଶ୍ୱେତାଙ୍କ ପାଖରେ ଟଙ୍କା ନଥିବାରୁ ସେ କୌଣସି କୋଚିଂ ସେଣ୍ଟରରେ ନାମ ଲେଖାଇ ପାରି ନ ଥିଲେ। ଅନ୍‌ଲାଇନ ଟ୍ୟୁଟୋରିଆଲ ମାଧ୍ୟମରେ ପଢ଼ି ଅଗ୍ନିବୀରର ଲିଖିତ ପରୀକ୍ଷାରେ ଶ୍ୱେତା କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଫିଟ୍‌ନେସ ଟେଷ୍ଟ ପାଇଁ ଶ୍ୱେତା ନିଜ ଭାଇଙ୍କ ସାହାଯ୍ୟ ଲୋଡ଼ିଥିଲେ। ସେ ପ୍ରତ୍ୟେକ ଦିନ ଭୋର ୪ଟା ୩୦ରେ ଉଠି ନିଜ ଭାଇଙ୍କ ସହ ଦୌଡିବା ସହିତ ବ୍ୟାୟାମ ଓ କସରତ କରୁଥିଲେ। ଫଳରେ ସେ ଅଗ୍ନିବୀର ପାଇଁ ଉଦ୍ଦିଷ୍ଟ ଫିଟ୍‌ନେସ ଟେଷ୍ଟ ମଧ୍ୟ ପାସ୍ କରି ପାରିଥିବା ଶ୍ୱେତା କହିଛନ୍ତି। ତେବେ ସେ ଏହି ସଫଳତାର ଶ୍ରେୟ ତାଙ୍କ ମା'ଙ୍କୁ ଦେଇଛନ୍ତି। କେବେ ବି ହାର୍ ନ ମାନିବାକୁ ମା' ଦେଇଥିବା ପରାମର୍ଶକୁ ମାନି ଆଜି ସଫଳତା ପାଇ ପାରିଥିବା ଶ୍ୱେତା କହିଛନ୍ତି। ଶ୍ୱେତାଙ୍କ ମା' ଜ୍ୟୋତି ୨୦୧୩ରୁ ସଫେଇ ସଂଗଠନ 'ସ୍ୱଚ୍ଛ' ସହ ଜଡ଼ିତ ରହି ପ୍ରତ୍ୟେକ ଦିନ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଛନ୍ତି। ଶ୍ୱେତାଙ୍କ ସଫଳତାରେ ଜ୍ୟୋତି ଗର୍ବ ଅନୁଭବ କରୁଛନ୍ତି।

ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ ହେବା ପୂର୍ବରୁ ଶ୍ୱେତାଙ୍କୁ ପ୍ରଶିକ୍ଷଣ ପାଇଁ ଓଡ଼ିଶାର ଆଇଏନ୍‌ଏସ୍ ଚିଲିକାରେ ସ୍ଥାନିତ କରାଯାଇଛି। ଶ୍ୱେତା ଆଇଏନ୍‌ଏସ୍ ଚିଲିକାରେ ୬ ମାସ ତାଲିମ ନେବା ପରେ ସେ ନୌସେନାରେ ପୋଷ୍ଟିଂ ପାଇବେ।


ମା' ଜ୍ୟୋତି ପଣ୍ଡିତଙ୍କ ସହ ଶ୍ୱେତା।

## ଫୁରସତ



# ସ୍ତ୍ରୀଙ୍କୁ ସଫଳତାର ଶ୍ରେୟ ଦେଲେ ରବି କିଶନ

**ପାଟଣା:** ଅଭିନେତା ତଥା ରାଜନେତା ରବି କିଶନ ସବୁବେଳେ ପ୍ରାୟତଃ ଚର୍ଚ୍ଚାରେ ରହିଥାନ୍ତି। ସେ ନିଜ ନିଖୁଣ ଅଭିନୟ ବଳରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅନେକ ନାମ ଓ ଖ୍ୟାତି ଅର୍ଜନ କରିଛନ୍ତି। କିଛି ଦିନ ପୂର୍ବରୁ ସେ 'ମାମ୍‌ଲା ଲିଗାଲ ହୈ' ରେ ନଜର ଆସିଥିଲେ। ସବୁବେଳେ ନିଜ କାର୍ଯ୍ୟ ପ୍ରତି ଅତ୍ୟନ୍ତ ଗମ୍ଭୀର ରହୁଥିବା ରବି ସବୁବେଳେ ନିଜ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖିଥାନ୍ତି।

ରବି କିଶନ ୧୯୯୩ ମସିହାରେ ପ୍ରୀତି ଶୁକ୍ଲାଙ୍କୁ ବିବାହ କରିଥିଲେ। ଉଭୟଙ୍କ କେମେଷ୍ଟ୍ରିକୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅନେକ ବେଶ୍ ପସନ୍ଦ କରିଥାନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ରବି ତାଙ୍କ ସଫଳତାର ଶ୍ରେୟ ସ୍ତ୍ରୀ ପ୍ରୀତିଙ୍କୁ ଦେଇଛନ୍ତି। ଜୀବନର କଠିନ ସମୟରେ ପ୍ରୀତି ତାଙ୍କ ସହ କାନ୍ଧ ମିଳାଇ ଛିଡ଼ା ହୋଇଥିବା ରବି କହିଛନ୍ତି। ରବି ପ୍ରାୟତଃ ପ୍ରୀତିଙ୍କୁ ପ୍ରଶଂସା କରି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରୁଥିବା ଦେଖାଯାଇଥାଏ। ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ପ୍ରୀତିଙ୍କ ସହ ତାଙ୍କର ପ୍ରଥମ ଭେଟ ହୋଇଥିଲା ବୋଲି ରବି କହିଛନ୍ତି। ଏହାପରେ ଉଭୟେ ପରସ୍ପର ସହ ପ୍ରେମରେ ପଡ଼ିଯାଇଥିଲେ। ପ୍ରୀତିଙ୍କୁ ସେ ବହୁ ସମ୍ମାନ କରୁଥିବା ରବି ଏହି ସାକ୍ଷାତ୍‌କାରରେ କହିଛନ୍ତି। ପ୍ରୀତିଙ୍କ ସହ ବିବାହ କରିବା ପରେ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ ପାଇଛନ୍ତି। ତେଣୁ ପ୍ରୀତି ଆମ ଘରକୁ ଲକ୍ଷ୍ମୀ ସଦୃଶ ହୋଇ ଆସିଥିବା ରବି କହିଛନ୍ତି। ଏହି ଅବସରରେ ରବି ଭାବ ବିହ୍ୱଳ ହୋଇ କହିଥିଲେ, "ପ୍ରୀତି ମୋର ଦୁଃଖ ସମୟର ସାଥୀ ଥିଲେ। ଯେତେବେଳେ ମୋ ପାଖରେ ଟଙ୍କା ନ ଥିଲା, କାମ ନ ଥିଲା ସେତେବେଳେ ସେ ମୋତେ ବିବାହ କରିଥିଲେ। ମୋ ସଫଳତାରେ ତାଙ୍କ ଅବଦାନକୁ ଶବ୍ଦରେ ବର୍ଣ୍ଣନା କରିହେବ ନାହିଁ। ମୁଁ ପ୍ରୀତିଙ୍କ ପାଖରେ ସବୁବେଳେ ଚିର ଋଣୀ ହୋଇ ରହିବି"।

ରବି ଓ ପ୍ରୀତିଙ୍କର ତିନି ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ରବିଙ୍କ ବଡ ଝିଅ ରିବା ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରି ସାରିଛନ୍ତି। ସେ ଫିଲ୍ମ 'ସବ କୁଶଲ ମଙ୍ଗଲ' ରେ ଡେବ୍ୟୁ କରିଛନ୍ତି।

# କମଳା ରସ ପିଇ ୪୦ ଦିନ ବିତାଇଲେ ମହିଳା

**ବ୍ରିସ୍‌ବ୍ରେନ:** ସାଧାରଣତଃ କମଳା ରସ ଶରୀର ପ୍ରତି ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଇଥାଏ। କାରଣ ଏଥିରେ ଅଧିକ ପରିମାଣର ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ସି, ଫାଇବର, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ ଆଦି ରହିଥାଏ। ଏହାସହ କମଳା ରସ ପିଇବା ଦ୍ୱାରା ଶରୀରର ପ୍ରତିରକ୍ଷା ପ୍ରଣାଳୀରେ ଉନ୍ନତି ଆସିଥାଏ, ଯାହା ଶରୀରକୁ ରୋଗ ସହ ଲଢ଼ିବାର କ୍ଷମତା ଦେଇଥାଏ। ତେବେ କେବଳ କମଳା ରସ ପିଇ କେହି ଜଣେ ଦିନେ କିମ୍ବା ୨ ଦିନ ପର୍ଯ୍ୟନ୍ତ ଉପବାସ କରିବା ପୂର୍ବରୁ ନଜିର ରହିଛି। କିନ୍ତୁ ଅଷ୍ଟ୍ରେଲିଆର ଜଣେ ମହିଳା କେବଳ କମଳା ରସ ପିଇ ୪୦ ଦିନ ଅତିବାହିତ କରିଛନ୍ତି। ଏନେଇ ସେ ନିଜ ଅଭିଜ୍ଞତା ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡର ବାସିନ୍ଦା ଆନି ଓସବୋର୍ନ କେବଳ କମଳା ରସ ପିଇ କ୍ରମାଗତ ୪୦ ଦିନ ଅତିବାହିତ କରିଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି ଏହା ତାଙ୍କ ପାଇଁ ଏକ ଚମତ୍କାର ଅନୁଭୂତି ହୋଇଥିବା ଦର୍ଶାଇଛନ୍ତି। ଏପରି କରି ସେ ଶାରୀରିକ ଏବଂ ଆଧ୍ୟାତ୍ମିକ ଲାଭ ଅନୁଭବ କରିଥିବା ଆନି କହିଛନ୍ତି।

ତେବେ ଆନି ସୋସିଆଲ ମିଡିଆରେ ଏଭଳି ପରୀକ୍ଷଣ କରିବା ପାଇଁ ବେଶ୍ ଜଣାଶୁଣା। ସେ ସର୍ବଦା ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ବିଭିନ୍ନ ଫଳର ଉପକାରିତା ବିଷୟରେ ସୂଚନା ଦେଇଥାନ୍ତି। ତାଙ୍କର ଛୁଟି ଥିବାରୁ, ସେ ଏହି ନିଆରା ପରୀକ୍ଷଣ କରିଥିବା କହିଛନ୍ତି। ତେବେ ଏତେ ଦିନ ଧରି କିଛି ନ ଖାଇବା ସତ୍ତ୍ୱେ ମଧ୍ୟ ତାଙ୍କ ଶରୀରରେ ଅପାର ଶକ୍ତି ଜାଗ୍ରତ ହୋଇଥିବା ଅନୁଭବ କରିଥିବାରୁ ଆନି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଆଧ୍ୟାତ୍ମିକତାକୁ ଅତି ନିକଟରୁ ସେ ଅନୁଭବ କରିଥିବା କହିଛନ୍ତି। ସୋସିଆଲ ମିଡିଆରେ ଆନିଙ୍କ ଏହି ଉଦ୍ୟମକୁ ଅନେକ ଲୋକ ପ୍ରଶଂସା କରିଛନ୍ତି। ଏହି ସମୟ ମଧ୍ୟରେ ଦିନକୁ କେତେଥର ଓ କେଉଁ ସମୟରେ କମଳା ରସ ପିଉଥିଲେ ବୋଲି ଆନିଙ୍କୁ କେତେଜଣ ୟୁଜର୍ସ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ଅଧିକାଂଶ ଦିନ ସେ ୧ରୁ ଦେଢ଼ ଲିଟର କମଳା ରସ ପିଉଥିବା କହିଛନ୍ତି। କିଛି ୟୁଜର୍ସ ମଜାରେ ଆନିଙ୍କ ଏହି ନିଆରା ଏକ୍ସପେରିମେଣ୍ଟକୁ 'ଜୁସ ଉପବାସ'ର ନାମ ଦେଇଛନ୍ତି।






# ୪ ସଂସଦୀୟ କ୍ଷେତ୍ରରେ ମହିଳା ଭୋଟର ଅଧିକ

**ଭୁବନେଶ୍ୱର,୧୮।୪(ଅନିଲ ଦାସ)**

- **ନାମାଙ୍କନ ବେଳେ ବଡ଼ ରାଲି ନ କରିବାକୁ ପରାମର୍ଶ**
- **ସି-ଭିଜିଲ ଜରିଆରେ ଆସିଛି ୩,୮୭୩ ଅଭିଯୋଗ**

ଆସନ୍ତା ମେ' ୧୩ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ଏହି ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ୨୮ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବ। ୪ଟି ସଂସଦୀୟ ନିର୍ବାଚନମଣ୍ଡଳୀରେ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ ରହିଛି। ମୋଟ ମତଦାତାଙ୍କ ମଧ୍ୟରୁ ୩୧ ଲକ୍ଷ ୮୭ ହଜାର ୭୭୧ ଜଣ ମହିଳା ମତଦାତା ଥିବାବେଳେ ୩୦ ଲକ୍ଷ ୯୬ ହଜାର ୨୪୩ ଜଣ ପୁରୁଷ ମତଦାତା ରହିଛନ୍ତି। ଏହା ଗଣତନ୍ତ୍ର ପାଇଁ ଶୁଭ ସଙ୍କେତ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ପ୍ରତି ୧ ହଜାର ପୁରୁଷରେ ୯୯୯ ମହିଳା ମତଦାତା ଥିବାବେଳେ ନବରଙ୍ଗପୁରରେ ୧୦୩୯, ବ୍ରହ୍ମପୁରରେ ୯୯୬ ଏବଂ କୋରାପୁଟରେ ୧୦୯୫ ମହିଳା ଭୋଟର ଅଛନ୍ତି। ଏହି ୪ଟି ସଂସଦୀୟ କ୍ଷେତ୍ର ପାଇଁ ମୋଟ ୭,୨୮୯ଟି ଭୋଟଗ୍ରହଣ କେନ୍ଦ୍ର କରାଯାଇଛି। ୧୫୦୦ ଭୋଟରରୁ ଅଧିକ ଥିବା ସ୍ଥାନରେ ୧୪ଟି ଅତିରିକ୍ତ ବୁଥ୍ କରାଯାଇଛି। ରାଜ୍ୟରେ ମୋଟ ୩ କୋଟି ୩୬ ଲକ୍ଷ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧.୬୬ ଲକ୍ଷ ମହିଳା ଓ ୧.୭୦ ଲକ୍ଷ ପୁରୁଷ ମତଦାତା ଅଛନ୍ତି। ସେହିପରି ୧୮ରୁ ୧୯ ବର୍ଷ ଭୋଟରଙ୍କ ସଂଖ୍ୟା ୮.୬୯ ଲକ୍ଷ ରହିଥିବାବେଳେ ୨୦ରୁ ୨୯ ବର୍ଷ ଭୋଟରଙ୍କ ସଂଖ୍ୟା ୭୦.୪୦ ଲକ୍ଷ ରହିଛି। ସି-ଭିଜିଲ ଜରିଆରେ ଲୋକମାନଙ୍କଠାରୁ ଏପର୍ଯ୍ୟନ୍ତ ମୋଟ ୩,୮୭୩ ଅଭିଯୋଗ ଆସିଛି। ସେଥିରୁ ୩,୮୫୪ର ସମାଧାନ ହୋଇଛି। ବିଶେଷକରି ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ମୟୂରଭଞ୍ଜ, କନ୍ଧମାଳ ଓ ଗଞ୍ଜାମ ଜିଲାରୁ ଅଧିକ ଅଭିଯୋଗ ଆସିଛି। ପୋଷ୍ଟର, ବ୍ୟାନରକୁ ନେଇ ଅଧିକ ଅଭିଯୋଗ ଆସିଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁହେବା ପରଠାରୁ ମାର୍ଚ୍ଚ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୧୧୮ କୋଟି ଟଙ୍କାର ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ସେଥିରେ ୧୮.୧୯ କୋଟି ଟଙ୍କାର ମଦ, ୪୩.୬୯ କୋଟି ଟଙ୍କାର ବ୍ରାଉନସୁଗାର ଓ ଗଞ୍ଜେଇ, ୭.୧୭ କୋଟି ଟଙ୍କାର ସୁନା ଏବଂ ୪୭ କୋଟି ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଉକ୍ତ ୪ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ପରିଚାଳନା କରିବାକୁ ୩ ଜଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଆଇଏଏସ୍ ଅଫିସର, ଜଣେ ଆଇପିଏସ୍ ଅଫିସର ଓ ଜଣେ ଆଇଆର୍ଏସ୍ ଅଫିସର ଅଛନ୍ତି। ସେମାନେ ଆଇନଶୃଙ୍ଖଳା, ନିର୍ବାଚନ ଖର୍ଚ୍ଚ ଇତ୍ୟାଦି ତଦାରଖ କରିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସହିତ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନାମାଙ୍କନପତ୍ର ଦାଖଲ ସମୟରେ ବଡ଼ ରାଲି ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ଅନୁସରଣ କରିବାକୁ ସେ ଅନୁରୋଧ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ଇଭିଏମ୍‌ଗୁଡ଼ିକୁ ଜିଲାରେ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

## ରାଜନୈତିକ ସଭାରେ ଯୋଗଦେଇ ଶିକ୍ଷକ ନିଲମ୍ବିତ

ବୌଦ୍ଧ/ ଘଣ୍ଟାପଡ଼ା/ଖୁଣ୍ଟିଗୋରା, ୧୮।୪ (ଅଜିତ କୁମାର ବାରିକ/ ପ୍ରଭାତ କୁମାର ସାହୁ/ ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ଏକ ରାଜନୈତିକ ଦଳ ସଭାରେ ଉପସ୍ଥିତ ଅଭିଯୋଗରେ ଗୁରୁବାର ଜଣେ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ସେ ହେଲେ କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ବଉଳସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରୋହିତାଶ୍ୱ ମଲ୍ଲିକ। ଗତ ୧୫ ତାରିଖରେ ଗିରିଗୋର୍ବଦ୍ଧନ ପୀଠରେ ଏକ ରାଜନୈତିକ ଦଳର ସଭା ହୋଇଥିଲା ସମ୍ପୃକ୍ତ ସହକାରୀ ଶିକ୍ଷକ ସେହି ସଭାରେ ଉପସ୍ଥିତ ଥିବା ନେଇ ତାଙ୍କର ଫଟୋ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ. ସୋନାଲ ତାଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି। ନିଲମ୍ବନ ଅବଧି ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ରହିଛି। ସପ୍ତାହେ ପୂର୍ବରୁ ରାଜନୈତିକ ଦଳରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ ଏବଂ ଆଉ ଜଣେ ଶିକ୍ଷକଙ୍କୁ ବୌଦ୍ଧ ନିର୍ବାଚନମଣ୍ଡଳୀକୁ ବଦଳି କରାଯାଇଥିଲା।

## ଖରସ୍ରୋତାରେ ବୁଡ଼ି ୨ ଭାଇ ନିଖୋଜ


ଶାଶ୍ୱତ ରଞ୍ଜନ ସ୍ୱାଇଁ


ସ୍ୱସ୍ତିକ ରଞ୍ଜନ ସ୍ୱାଇଁ

**ଯାଜପୁରରୋଡ୍/ ରସୁଲପୁର,୧୮।୪ (ପବିତ୍ର ରଞ୍ଜନ ମହାନ୍ତି /ରଞ୍ଜିତ ରାଉତ)**

ଯାଜପୁର ରୋଡ୍ ସହରର ଅନତି ଦୂରରେ ଥିବା ଖରସ୍ରୋତା ନଦୀର ଜୋକଡିଆ ବ୍ରିଜ୍ ନିକଟକୁ ଗାଧୋଇବାକୁ ଯାଇ ୨ ଭାଇ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଖବର ପାଇ ଯାଜପୁରରୋଡ୍ ପୋଲିସ, କୁଆଖିଆ ପୋଲିସ, ଯାଜପୁରରୋଡ୍ ଏବଂ ରସୁଲପୁର ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବାବେଳେ ଜିଲା ପ୍ରଶାସନ ନିର୍ଦ୍ଦେଶରେ କଟକରୁ ଏକ ଓଡ୍ରାଫ୍ ଟିମ୍ ଆସି ପହଞ୍ଚିଛି। ମାତ୍ର ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ଘଟିଛି। ନିଖୋଜ ୨ ଭାଇ ହେଲେ ବ୍ୟାସନଗର ପୌର ପରିଷଦର ଫେରୋକ୍ରୋମ କଲୋନି ନିକଟ ଶିବାନନ୍ଦ ନଗରର ଶେଖର ଚନ୍ଦ୍ର ସ୍ୱାଇଁଙ୍କ ପୁଅ ଶାଶ୍ୱତ ରଞ୍ଜନ ସ୍ୱାଇଁ (୨୪) ଓ ସ୍ୱସ୍ତିକ ରଞ୍ଜନ ସ୍ୱାଇଁ(୨୧)। ପ୍ରଚଣ୍ଡ ରୌଦ୍ରତାପରୁ ଆଶ୍ୱସ୍ତି ପାଇବାକୁ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଉଭୟେ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବଡ଼ ଭାଇ ଶାଶ୍ୱତ ବୁଡ଼ିଯାଉଥିବା ଦେଖି ସ୍ୱସ୍ତିକ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରି ସେ ମଧ୍ୟ ବୁଡ଼ିଯାଇଥିଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଶାଶ୍ୱତ ବର୍ଷେ ତଳେ ବିବାହ କରିଥିଲେ। ଖରସ୍ରୋତା ନଦୀର ଉକ୍ତ ସ୍ଥାନରେ ଗଭୀର ଗଣ୍ଡଥିବାରୁ ଅନେକ ସମୟରେ ଏପରି ଦୁର୍ଘଟଣା ଘଟି ଜୀବନହାନି ହେଉଥିବା ଦେଖାଯାଉଛି।

## ଜେଜେମା'ଙ୍କ ଦ୍ୱାଦଶାହରେ ନଦୀରେ ବୁଡ଼ି ନାତି ମୃତ

**ପାଟକୁରା,୧୮।୪(ରବୀନ୍ଦ୍ରନାଥ ବାରିକ)**

ଗରଦପୁର ବ୍ଲକ କୁଦାନଗରୀ ଥାନା ଅଧୀନ ତଳକୁସୁମା ଗାଁର କେଶବ ରଥଙ୍କ ପୁଅ ସେବକଙ୍କ (୨୧) ଗୁରୁବାର ନଦୀରେ ବୁଡ଼ି ଯାଇ ମୃତ୍ୟୁ ଘଟିଛି। ତାଙ୍କ ଜେଜେମା'ଙ୍କ ଦ୍ୱାଦଶାହ ଭୋଜିଥିଲା, ମଧ୍ୟାହ୍ନ ୧ଟାରେ ସେବକ ନିକଟସ୍ଥ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ଗଭୀର ପାଣିକୁ ଚାଲିଯାଇଥିଲେ। ସେବକ ଘରକୁ ନ ଫେରିବାରୁ ପଡ଼ିଶା ଲୋକେ ନଦୀ କୂଳକୁ ଆସି ଖୋଜାଖୋଜି କରି ସେବକଙ୍କୁ ଉଦ୍ଧାର କରି ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେବକ ତାଙ୍କ ପରିବାରର ଏକମାତ୍ର ପୁତ୍ର ସନ୍ତାନ ହୋଇଥିବାରୁ ପରିବାରଟି ବେସାହାରା ହୋଇପଡ଼ିଛି। ପ୍ରକାଶଥାଉ କି ୨ଦିନ ତଳେ ବଜ୍ରପାତ ଘଟି ତଳକୁସୁମା ପଞ୍ଚାୟତର ୩ଜଣ ପ୍ରାଣ ହରାଇଥିଲେ। ୨ଦିନ ତଳର ବଜ୍ରପାତ ଜନିତ ଶୋକ ଲୋକଙ୍କ ମନରୁ ଲିଭି ନ ଥିବାବେଳେ ସେବକଙ୍କ ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ପରପାରିରେ ନାଟ୍ୟ ନିର୍ଦ୍ଦେଶକ ସଚ୍ଚି ଦାସ

**ଭୁବନେଶ୍ୱର,(ଶର୍ମିଷ୍ଠା ପାଣିଗ୍ରାହୀ)/ ବରୀ, ୧୮।୪(ମହେନ୍ଦ୍ର ସ୍ୱାଇଁ)**



ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଯାତ୍ରା ଓ ସିନେ ଅଭିନେତା ଡ. ସଚ୍ଚି ଦାସଙ୍କର ଗୁରୁବାର କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ୧୫ ଦିନ ତଳେ ସେ ଘରେ ପଡ଼ିଯିବାରୁ ତାଙ୍କ ଅଣ୍ଟାହାଡ଼ ଭାଙ୍ଗି ଯାଇଥିଲା। ଅପରେଶନ ପରେ ସେ ଉକ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସଚ୍ଚି ଯାଜପୁର ଜିଲା ବରୀ ଆନନ୍ଦପୁରଠାରେ ୧୯୩୪ ଅକ୍ଟୋବର ୧୪ରେ ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ବାପା ସ୍ୱାଧୀନତା ସଂଗ୍ରାମୀ ଭାଗିରଥ ଦାସ ଓ ମାତା ପ୍ରିୟମ୍ବଦା ଦେବୀଙ୍କ ସୁପୁତ୍ର ଥିଲେ। ତାଙ୍କ ବିୟୋଗରେ ସମଗ୍ର ନାଟ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି। ଜନ୍ମ ସ୍ଥାନ ଆନନ୍ଦପୁରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ସଚ୍ଚି ଗାଁ ଡ୍ରାମାରେ ଅଂଶଗ୍ରହଣ କରି ନାଟକ 'ଟିପଚିହ୍ନ'ରୁ ହିଁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ରେଭେନ୍‌ଶା କଲେଜିଏଟ୍ ସ୍କୁଲ ଓ ରେଭେନ୍‌ଶା କଲେଜରେ ଅଧ୍ୟୟନବେଳେ ଗୁରୁ ଶ୍ୟାମ ସୁନ୍ଦର ଧୀରଙ୍କ ପାଖରୁ ଶାସ୍ତ୍ରୀୟ ଗାୟନ ଓ ତବଲା ବାଦନ ଶିକ୍ଷା କରିଥିଲେ। ଇତିମଧ୍ୟରେ ସେ ୯୦୦ରୁ ଊର୍ଦ୍ଧ୍ୱ ନାଟକ ଓ ୪୦୦ ପାଖାପାଖି ମଞ୍ଚ ନାଟକର ନିର୍ଦ୍ଦେଶନା ଦେଇଛନ୍ତି। ସେହିପରି ୧୪୦ରୁ ଊର୍ଦ୍ଧ୍ୱ ନାଟକ, ୨୧ଟି ଧାରାବାହିକ, ୭ଟି ସିନେମା ଓ ୧୭ଟି ଅଲ ଇଣ୍ଡିଆ ରେଡିଓ ଧାରାବାହିକରେ ସେ ଅଭିନୟ କରିଛନ୍ତି। ନାଟ୍ୟମଞ୍ଚରେ ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଳାକାର। ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଓଡ଼ିଶାର ନାଟକ କ୍ଷେତ୍ରରେ ସିଦ୍ଧି, ସଙ୍କଳ୍ପ ଓ ସଫଳତାର ସ୍ୱାକ୍ଷର ଛାଡ଼ିଯାଇଛନ୍ତି। ଯାତ୍ରା ଜଗତକୁ ନୂତନ ତଥା ଆଧୁନିକ ରୂପ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ସଚ୍ଚି। ତାଙ୍କ ନିର୍ଦ୍ଦେଶିତ 'ଶାଗୁଣା ବସିଛି ଡେଣା ମେଲାଇ' ଯାତ୍ରା ଜଗତରେ ଏକ ମାଇଲଖୁଣ୍ଟ ସଦୃଶ। ସେହିପରି ଓଡ଼ିଆ ଚଳଚ୍ଚିତ୍ର 'ତଅପୋଇ', 'ମେଘମୁକ୍ତି', 'ଅଗ୍ନି ପରୀକ୍ଷା', 'ଏ ନୁହେଁ କାହାଣୀ'ର ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ମଞ୍ଚ, ଯାତ୍ରା, ଧାରାବାହିକ ଓ ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ନିମନ୍ତେ ୨୦୧୮ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଥିଲେ। ୨୦୦୦-୨୦୦୧ ମସିହାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶନା ପୁରସ୍କାରରେ ସମ୍ମାନିତ ହୋଇଥିବାବେଳେ ୨୦୧୫-୧୬ରେ ନାଟ୍ୟକଳା କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଏକାଡେମୀର ସର୍ବୋଚ୍ଚ ପୁରସ୍କାର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ସମ୍ମାନରେ ସମ୍ମାନିତ ହୋଇଥିଲେ।

ତାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରି କହିଛନ୍ତି, ବର୍ଷିୟାନ କଳାକାର, ଲେଖକ ତଥା ନିର୍ଦ୍ଦେଶକ ଡ. ସଚ୍ଚି ଦାସଙ୍କ ବିୟୋଗ ଖବର ଶୁଣି ଦୁଃଖିତ ଓ ମର୍ମାହତ। ଯାତ୍ରା ଜଗତରେ ନିଖୁଣ ଅଭିନୟ ମାଧ୍ୟମରେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ଓଡ଼ିଶାର କଳା ଜଗତରେ ତାଙ୍କର ଯୋଗଦାନ ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

# ଆତ୍ମସମର୍ପଣ ପରେ ଜୟପୁର ବିଧାୟକଙ୍କୁ ମିଳିଲା ଜାମିନ

**ବ୍ରହ୍ମପୁର,୧୮।୪(ସୁବାସ ଚନ୍ଦ୍ର ପାଢ଼ୀ)**


ତାରାପ୍ରସାଦ ବାହିନୀପତି

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ୨୦୧୬ରେ ଦେଶୀ ମଦଭାଟି ପୋଡ଼ି ଓ ଟଙ୍କା ଲୁଟ୍ ଘଟଣାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଗୁରୁବାର ସେ ବ୍ରହ୍ମପୁରରେ ବିଧାୟକ ଓ ଏମ୍‌ପିଙ୍କ ପାଇଁ ରହିଥିବା ଅତିରିକ୍ତ ଜିଲାଜଜ୍-୩ଙ୍କ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ବାହିନୀପତିଙ୍କ ନାମରେ ପୂର୍ବରୁ କୋର୍ଟ ପକ୍ଷରୁ ଜାରି ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ପ୍ରକାରେ ସେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ଜାମିନର ଶୁଣାଣି ହୋଇଥିଲା। ଜଜ୍ ରାଜ କୁମାର ଦାଶ ଏହି ମାମଲାର ବିଚାର କରି ବାହିନୀପତିଙ୍କୁ ୫୦ ହଜାର ଟଙ୍କାର ୨ଟି ମୁଚାଲିକା ଓ ୧୦ ହଜାର ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦେବା ସହ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି।

୨୦୧୬ ମାର୍ଚ୍ଚ ୧୦ ତାରିଖରେ ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡି ପଡିଆଠାରେ ବାହିନୀପତିଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କୁ ନେଇ ଏକ ସଭା ହୋଇଥିଲା । ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହାପରେ ଶତାଧିକ ଲୋକ ସେଠାରେ ଥିବା ଏକ ଦେଶୀ ମଦଭାଟିକୁ ଯାଇ ବିପୁଳ ପରିମାଣର ଦେଶୀ ମଦ ଓ ମହୁଲ ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ଦେଇଥିଲେ । ଉକ୍ତ ଭାଟିରୁ ୭୫ ହଜାର ଟଙ୍କା ମଧ୍ୟ ଲୁଟ କରି ନେଇ ଯାଇଥିଲେ ବୋଲି ଭାଟି କର୍ମଚାରୀ ଅନିଲ କୁମାର ଗୁପ୍ତା ଜୟପୁର ବିଧାୟକଙ୍କ ସମେତ ୨୪ ଜଣଙ୍କ ନାଁରେ ବୋରିଗୁମ୍ମା ଥାନାରେ ଅଭିଯାଗ କରିଥିଲେ। ପୋଲିସ ନଂ. ୩୪/୧୬ରେ ଏକ ମାମଲା ରୁଜୁ କରିଥିଲା। ମାମଲାର ବିଚାର ପୂର୍ବରୁ ଜୟପୁର କୋର୍ଟରେ ଚାଲୁଥିଲା । ବ୍ରହ୍ମପୁରରେ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ହେବା ପରେ ମାମଲା ବ୍ରହ୍ମପୁରସ୍ଥିତ ଏଡିଜେ-୩ ଅଦାଲତଙ୍କୁ ସ୍ଥାନାନ୍ତର ହୋଇଥିଲା। ବିଚାର ଚାଲୁଥିବା ବେଳେ କୋର୍ଟରେ ହାଜର ହେବାକୁ ଅଭିଯୁକ୍ତମାନଙ୍କୁ ସମନ ଜାରି ହୋଇଥିଲା। ବାରମ୍ବାର ସମନ ସତ୍ତ୍ୱେ ହାଜର ନ ହେବାରୁ ଅଦାଲତ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନିଲ କୁମାର ସାହୁ ଓ ଅତିରିକ୍ତ ପିପି ବିକ୍ରମ କୁଣ୍ଡୁ ଓ ମୁଦାଲାଙ୍କ ପକ୍ଷରୁ ଦୀପକ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।

## ମଦଭାଟି ପୋଡ଼ିବା ମାମଲା

# ଜଙ୍ଗଲ ନିଆଁ: ୯୯ ପ୍ରତିଶତ ମନୁଷ୍ୟକୃତ

**ଭୁବନେଶ୍ୱର, ୧୮।୪(ଅସମାପିକା ସାହୁ)**

ରାଜ୍ୟରେ ତାତି ସାଙ୍ଗକୁ ବଢୁଛି ଜଙ୍ଗଲ ନିଆଁ ବିପଦ। ଚଳିତବର୍ଷ ଜଙ୍ଗଲରେ ଲାଗିଥିବା ନିଆଁ ବର୍ତ୍ତମାନ ଚିନ୍ତାଜନକ ରହିଛି। ଗତବର୍ଷ ତୁଳନାରେ ଚଳିତବର୍ଷ କମ୍ ପଏଣ୍ଟରେ ନିଆଁ ଲାଗିଥିଲେ ମଧ୍ୟ ଏବେବି ଓଡ଼ିଶା ଜଙ୍ଗଲ କେଉଁଠି ନା କେଉଁଠି ହୁତୁ ହୁତୁ ହୋଇ ଜଳୁଛି। ଗତବର୍ଷ ଏପ୍ରିଲ ୧୭ ସୁଦ୍ଧା ୩୧,୨୧୦ ପଏଣ୍ଟରେ ନିଆଁ ଲାଗିଥିବାବେଳେ ଚଳିତବର୍ଷ ଏହି ସମୟ ମଧ୍ୟରେ ଅର୍ଥାତ୍ ବୁଧବାର ସୁଦ୍ଧା ୧୧,୩୬୭ ପଏଣ୍ଟରେ ନିଆଁ ଲାଗିଥିବା ବନ ବିଭାଗ କହିଛି। ଏନେଇ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ଆମେ ନିଆଁକୁ ନିର୍ବାପିତ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛୁ। ବର୍ତ୍ତମାନ ସମୟରେ ଜଙ୍ଗଲରେ ଲାଗୁଥିବା ନିଆଁର ୯୯ ପ୍ରତିଶତ ମନୁଷ୍ୟକୃତ। ଯେଉଁ ସ୍ଥାନରେ ଲୋକମାନେ ନିଆଁ ଲଗାଉଥିବା ନେଇ ସୂଚନା ମିଳୁଛି ସେଠାରେ ତୁରନ୍ତ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଜଙ୍ଗଲରେ ମହୁଆ, କେନ୍ଦୁପତ୍ର, ପୂଜାପୂଜି ସହ ପୋଡୁ ଚାଷ ପାଇଁ ଲୋକମାନେ ନିଆଁ ଲଗାଉଛନ୍ତି। ପ୍ରତିବର୍ଷ ଏଭଳି ଲୋକଙ୍କ ବିରୋଧରେ ପ୍ରାୟ ୧୦୦ କେସ୍ ବୁକ୍ ହେଉଛି। ଏନେଇ ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଛି। ସେଥିପାଇଁ ସ୍ୱତନ୍ତ୍ର ଆଡଭାଇଜରି ମଧ୍ୟ ଜାରି ହୋଇଛି ବୋଲି ପିସିସିଏଫ୍ କହିଛନ୍ତି। ରାଜ୍ୟରେ ନିଆଁ ଲିଭେଇବା ପାଇଁ ୩୭୦ ଫାୟାର ସ୍କ୍ୱାଡ୍‌ଙ୍କୁ ନିୟୋଜିତ କରାଯାଇଛି। ୩୩୦ ଗାଡ଼ିର ବ୍ୟବସ୍ଥା ହୋଇଥିବାବେଳେ ସ୍କ୍ୱାଡ୍‌ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଗ୍ଲୋଭ, ସୁରକ୍ଷା କିଟ୍ ଯୋଗାଇ ଦିଆଯାଉଛି। ମୋଟ ୨,୪୦୦ ସୁରକ୍ଷା କିଟ୍ ସାଙ୍ଗକୁ ୪,୮୦୦ ଗ୍ଲୋଭ ଦିଆଯାଇଛି। କେଉଁଠି ବି ନିଆଁ ଲାଗିଲେ ସଙ୍ଗେ ସଙ୍ଗେ ସାଟେଲାଇଟ ମାଧ୍ୟମରୁ ନିଆଁ ଲାଗିଥିବା ପଏଣ୍ଟର ସୂଚନା ମିଳିପାରୁଛି। ବିଗତବର୍ଷ ତୁଳନାରେ ଜଙ୍ଗଲ ନିଆଁ ପ୍ରଭାବିତ ଅଞ୍ଚଳର ମାତ୍ରା କମିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# 'କ୍ରୁଜ୍' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର, ୧୮।୪(ମାନସ ବିଶ୍ୱାଳ)**



ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ) ପକ୍ଷରୁ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍)ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'କ୍ରୁଜ୍' କ୍ଷେପଣାସ୍ତ୍ର (ଆଇଟିସିଏମ୍)ର ଗୁରୁବାର ସଫଳ ପରୀକ୍ଷଣ କରାଯାଇଛି। ପରୀକ୍ଷା ସମୟରେ ସମସ୍ତ ସବ୍ ସିଷ୍ଟମ ଆଶାନୁରୂପ ପ୍ରଦର୍ଶନ କରିଥିଲା। ଏହି କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତାକୁ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ (ଇଓଟିଏସ) ଏବଂ ଆଇଟିଆର ଦ୍ୱାରା ବିଭିନ୍ନ ସ୍ଥାନରେ ନିୟୋଜିତ ଟେଲିମେଟ୍ରି ଦ୍ୱାରା ନିରୀକ୍ଷଣ କରାଯାଇଥିଲା। ଭାରତୀୟ ବାୟୁସେନାର ସୁ-୩୦-ଏମ୍‌କେ-୧ ବିମାନରୁ ମଧ୍ୟ ଏହି କ୍ଷେପଣାସ୍ତ୍ରର ଉଡ଼ାଣ ଉପରେ ନଜର ରଖାଯାଇଥିଲା। ଏହି କ୍ଷେପଣାସ୍ତ୍ର ୱେ ପଏଣ୍ଟ ନାଭିଗେଶନ୍ ବ୍ୟବହାର କରି ଆବଶ୍ୟକ ପଥ ଅନୁସରଣ କରିଥିଲା ଏବଂ ଅତ୍ୟନ୍ତ ନିମ୍ନ ଉଚ୍ଚତା ବିଶିଷ୍ଟ ସମୁଦ୍ର-ସ୍କିମିଂ ଉଡ଼ାଣ ପ୍ରଦର୍ଶନ କରିଥିଲା। ବେଙ୍ଗାଲୁରୁସ୍ଥିତ ଗ୍ୟାସ୍ ଟର୍ବାଇନ୍ ରିସର୍ଚ୍ଚ ଏଷ୍ଟାବ୍ଲିସମେଣ୍ଟ (ଜିଟିଆର୍ଇ) ଦ୍ୱାରା ବିକଶିତ ଏହି ସ୍ୱଦେଶୀ ପ୍ରୋପଲସନ ସିଷ୍ଟମ ସଫଳ ଭାବେ କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏହି କ୍ଷେପଣାସ୍ତ୍ରରେ ଉନ୍ନତ ଏବଂ ବିଶ୍ୱସନୀୟ ପ୍ରଦର୍ଶନ ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ଆଭିଓନିକ୍ସ ଏବଂ ସଫ୍ଟୱେୟାର ମଧ୍ୟ ରହିଛି। ଏହି କ୍ଷେପଣାସ୍ତ୍ରକୁ ବେଙ୍ଗାଲୁରୁସ୍ଥିତ ଡିଆରଡିଓ ପରୀକ୍ଷାଗାର ଏରୋନୋଟିକାଲ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ (ଏଡିଇ) ବିକଶିତ କରିବା ସହ ଅନ୍ୟାନ୍ୟ ପରୀକ୍ଷାଗାର ଏବଂ ଭାରତୀୟ ଉଦ୍ୟୋଗର ଯୋଗଦାନ ରହିଛି। ଏହି ପରୀକ୍ଷଣକୁ ଡିଆରଡିଓର ବିଭିନ୍ନ ପରୀକ୍ଷାଗାରର ବହୁ ବରିଷ୍ଠ ବୈଜ୍ଞାନିକ ଓ ପ୍ରତିନିଧିମାନେ ଦେଖିଥିଲେ। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଇଟିସିଏମ୍‌ର ସଫଳ ଉଡ଼ାଣ ପରୀକ୍ଷଣ ପାଇଁ ଡିଆରଡିଓକୁ ଅଭିନନ୍ଦନ ଜଣାଇଛନ୍ତି। ସ୍ୱଦେଶୀ ପ୍ରୋପଲସନ ଦ୍ୱାରା ପରିଚାଳିତ ସ୍ୱଦେଶୀ ଲମ୍ବା ଦୂରତା ସବ୍‌ସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ବିକାଶ ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ କ୍ଷେତ୍ରରେ ଏକ ବଡ଼ ମାଇଲଖୁଣ୍ଟ ବୋଲି କହିଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି. କାମତ ଆଇଟିସିଏମ୍ ଉତ୍‌କ୍ଷେପଣର ସଫଳ ପରିଚାଳନା ପାଇଁ ଡିଆରଡିଓର ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତିରେ ରହିତାଦେଶ

## ୟୁଜିସି ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ଉଲ୍ଲଂଘନ ନେଇ ମାମଲା

**କଟକ,୧୮।୪ (କାର୍ତ୍ତିକ ସାହୁ)**

ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ୨୦୨୪ର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ଉଲ୍ଲଂଘନ କରାଯାଇଥିବା ନେଇ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ପୂର୍ବବତ୍ ଚାଲୁ ରହିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ଆଦେଶ ଦେଇଛନ୍ତି। ଆସନ୍ତା ମେ' ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୨୦୨୩ ମସିହାର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ଉପରେ ମଧ୍ୟ ହାଇକୋର୍ଟ ରହିତାଦେଶ ଜାରି କରିଥିବାବେଳେ ଏହା ବିଚାରାଧୀନ ରହିଛି। ମାମଲାର ବିବରଣୀ ଅନୁସାରେ, ୨୦୨୪ରେ ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ଅଧ୍ୟାପକ ନିଯୁକ୍ତିକୁ ଚାଲେଞ୍ଜ କରି ଆବେଦନକାରୀ ଡ. ଅମୀୟ ରଞ୍ଜନ ବାରିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଧ୍ୟାପକ ହେବା ପାଇଁ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତାର ମାନଦଣ୍ଡକୁ ରାଜ୍ୟ ସିଲେକ୍ସନ୍ ବୋର୍ଡ ଖୋଲାଖୋଲି ଉଲ୍ଲଂଘନ କରିଥିବା ସେ ଆବେଦନରେ ଦର୍ଶାଇଛନ୍ତି। ୟୁଜିସି ଗାଇଡ୍ ଲାଇନ୍ ଅନୁସାରେ ଉଚ୍ଚଶିକ୍ଷାରେ ଅଧ୍ୟାପକ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ସ୍ନାତକୋତ୍ତର ସହିତ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟରେ ଯୋଗ୍ୟତା ହାସଲ ଅଥବା ପିଏଚ୍.ଡି ଡିଗ୍ରୀଧାରୀ ହୋଇଥିବା ଆବଶ୍ୟକ। ମାତ୍ର ଏଠାରେ ସେହି ଯୋଗ୍ୟତା ପରିବର୍ତ୍ତେ କେବଳ ସ୍ନାତକ ଡିଗ୍ରୀଧାରୀ ଲିଖିତ ପରୀକ୍ଷା ଓ ଇଣ୍ଟରଭ୍ୟୁରେ କୃତକାର୍ଯ୍ୟ ହେବାକୁ ମାନଦଣ୍ଡ କରାଯାଇଛି। ଏହାଦ୍ୱାରା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନର ମାନ ହ୍ରାସ ପାଇବ। ତେଣୁ ହାଇକୋର୍ଟ ଏହା ଉପରେ ବିଚାରକରି ଉପଯୁକ୍ତ ରାୟ ପ୍ରଦାନ ନିମନ୍ତେ ଆବେଦନକାରୀ ନିବେଦନ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାର, ରାଜ୍ୟ ସିଲେକ୍ସନ ବୋର୍ଡ ଓ ୟୁଜିସିକୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪ ମାର୍ଚ୍ଚ ୩ରେ ବିଭିନ୍ନ ବିଷୟରେ ୭୮୬ ଜଣ ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିମଧ୍ୟରେ ପଦାର୍ଥ ବିଜ୍ଞାନ ନିମନ୍ତେ ୩୧ ପଦବୀ ରହିଛି। ୨୦୨୪ ଏପ୍ରିଲ ୧୯ ଆବେଦନ ପାଇଁ ଶେଷ ତାରିଖ ରହିଛି। ଅପରପକ୍ଷରେ ୧,୦୬୫ ଅଧ୍ୟାପକ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ସେପ୍ଟେମ୍ବର ୧୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିମଧ୍ୟରେ ପଦାର୍ଥ ବିଜ୍ଞାନ ନିମନ୍ତେ ୩୬ ପଦବୀ ରହିଛି। ୨୦୨୩ ଅକ୍ଟୋବର ୧୩ ଆବେଦନ ପାଇଁ ଅନ୍ତିମ ତାରିଖ ଥିଲା। ସେହିବର୍ଷ ଡିସେମ୍ବର ୩ରେ ଲିଖିତ ପରୀକ୍ଷା କରାଯାଇ ଫଳ ପ୍ରକାଶ ପାଇଥିଲା। ଏଥିସହ ଆବେଦନକାରୀମାନଙ୍କର ଅନ୍ତିମ ପର୍ଯ୍ୟାୟ ସାକ୍ଷାତକାର ଚାଲୁରହିଥିଲା। ଆବେଦନକାରୀ ଡ. ବାରିକଙ୍କ ପକ୍ଷରୁ ଏନେଇ ମଧ୍ୟ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ୨୦୨୩ ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ପୂର୍ବବତ୍ ଚାଲୁ ରହିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ଆଦେଶ ଦେଇ ରହିତାଦେଶ ଜାରି କରିଥିଲେ।

## ଆରମ୍ଭ ହେଲା ନାମାଙ୍କନ ଦାଖଲ


ଚିକିଟି ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି ।


ମୋହନାର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥି ଗମାଙ୍ଗ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ନବରଙ୍ଗପୁର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ଭୁଜବଳ ମାଝି ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।


ବିଜେଡିର ଡାବୁଗାଁ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ପ୍ରଥମ ଦିନରେ ନାମାଙ୍କନ ଦାଖଲ କଲେ ୫ ପ୍ରାର୍ଥୀ

ବ୍ରହ୍ମପୁର/ପାରଳାଖେମୁଣ୍ଡି/ନବରଙ୍ଗପୁର/କୋରାପୁଟ, ୧୮।୪(ସ୍ମୃତିରଞ୍ଜନ ମହାଲିକ/ଗିରିଧାରୀ ପରିଚ୍ଛା/ ସଦାଶିବ ପ୍ରହରାଜ/ ଅମିତାଭ ବେହେରା)

ଓଡ଼ିଶାରେ ୪ଟି ସଂସଦୀୟ କ୍ଷେତ୍ର ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଓ ବ୍ରହ୍ମପୁର ପାଇଁ ଆସନ୍ତା ମେ' ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା, ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥି ଗମାଙ୍ଗ, ନବରଙ୍ଗପୁର ଲୋକ ସଭା କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝୀ, ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରୀ ଓ କୋରାପୁଟ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ କୃଷ୍ଣ କୁଲଦୀପ। ସେମାନେ ନିଜ ନିଜ ସମର୍ଥକମାନଙ୍କ ସହିତ ଆସି ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି।

# ମାଲକାନଗିରି ଜିଲା ସୀମାରେ ହାଇ ଆଲର୍ଟ

ମାଲକାନଗିରି,୧୮।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ମାଓବାଦୀମାନେ ସୀମାନ୍ତ ଛତିଶଗଡ଼ରେ ସେମାନଙ୍କର କାୟା ବିସ୍ତାରକରି ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। କେନ୍ଦ୍ର ଓ ଛତିଶଗଡ଼ ସରକାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସୁରୁଖୁରୁରେ କରିବା ପାଇଁ ମାଓବାଦୀ ଦମନ ଅଭିଯାନ ଚଳାଇଥିଲା ବେଳେ ୧ ମାସ ମଧ୍ୟରେ ପ୍ରାୟ ୮୦ ମାଓବାଦୀଙ୍କୁ ମୃତ୍ୟୁ ହେବା ସହ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସୀମାନ୍ତରେ ଘନ ଘନ କୋମ୍ବିଂ ଯୋଗୁ ଛତିଶଗଡ଼ ମାଓବାଦୀମାନେ ଓଡ଼ିଶା ସୀମାକୁ ପ୍ରବେଶ କରିବାର ଆଶଙ୍କାକୁ ଦୃଷ୍ଟିରେ ରଖି ମାଲାକନଗିରି ଏସ୍‌ପି ନୀତୀଶ ବାଧ୍ୱାନୀ ସୀମାନ୍ତରେ ସୁରକ୍ଷାକୁ କଡ଼ାକଡ଼ି କରିଛନ୍ତି। ଏସ୍‌ପି ବାଧ୍ୱାନୀଙ୍କୁ ସୁରକ୍ଷା ସମ୍ବନ୍ଧରେ ପଚାରିବାରୁ ଓଡ଼ିଶା ଭିତରକୁ ମାଓବାଦୀମାନେ ଯେପରି ପ୍ରବେଶ ନ କରନ୍ତି କିମ୍ବା କୌଣସି ଅଘଟଣ ନ ଘଟାନ୍ତି ସେଥିପାଇଁ ମାଲକାନଗିରି ଜିଲା ସୀମାକୁ ଲାଗିଥିବା ୨୪ ପ୍ରବେଶ ପଥକୁ ସିଲ୍ କରି ଦିଆଯାଇଛି। ଯାନବାହନକୁ କଡ଼ାକଡ଼ି ଯାଞ୍ଚ କରାଯିବା ସହ ଗୋଟିଏ ପ୍ଲାଟୁନ ଡିଭିଏଫ୍, ୪ ପ୍ଲାଟୁନ ଏସ୍‌ଓଜି, ୧୬ ପ୍ଲାଟୁନ ବିଏସ୍‌ଏଫ୍‌ଙ୍କୁ ଦିନରାତି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିସହ ଶକ୍ତିଶାଳୀ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ଗୋଇନ୍ଦା ବିଭାଗକୁ ସକ୍ରିୟ କରାଯିବା ସହ ମାଓବାଦୀଙ୍କ ସ୍ଥିତି ସମ୍ପର୍କରେ ଗୋପନ ତଥ୍ୟ ସଂଗ୍ରହ କରାଯାଉଛି। ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମାଲକାନଗିରି ପୋଲିସ ସଜାଗ ଅଛି। ଆସନ୍ତା ନିର୍ବାଚନ ମାଲକାନଗିରି ଜିଲାରେ ଶାନ୍ତିପୂର୍ଣ୍ଣ ଭାବେ ଦେବା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଛି ବୋଲି ବାଧ୍ୱାନୀ କହିଛନ୍ତି।

### ଛତିଶଗଡ଼ ନିର୍ବାଚନ ଆଜି

### ଡ୍ରୋନ୍ ମାଧମରେ ମାଓବାଦୀ ଗତିବିଧି ଉପରେ ତୀକ୍ଷ୍ଣ ନଜର

# ଭିଟାମାଟି ଛାଡ଼ି ଅନୁତପ୍ତ ବୁଡ଼ିଅଞ୍ଚଳ ବିସ୍ଥାପିତ

ବଲାଙ୍ଗୀର, ୧୮।୪ (ବୀରେନ୍ଦ୍ର କୁମାର ଝାଙ୍କର)

- ପିଇବା ପାଣି ପାଇଁ ମହିଳାମାନେ ପ୍ରତିଦିନ ଚାଲୁଛନ୍ତି ୬ କି.ମି.
- ପ୍ରଚଣ୍ଡ ଖରାରେ ଅସ୍ଥାୟୀ ଟିଣଘରେ ସିଝୁଛନ୍ତି
- ବାରମ୍ବାର ଦାବି ପରେ ବି ଶୁଣୁନି ପ୍ରଶାସନ

ଲୋୟର ସୁକ୍‌ତେଲ ଡ୍ୟାମ୍ ହେଲେ ଚିର ମରୁଡି ପ୍ରପୀଡିତ ବଲାଙ୍ଗୀର ଜିଲା ଜଳପ୍ଲାବିତ ହେବ। ହଜାର ଏକର କୃଷିକ୍ଷେତ୍ରକୁ ପାଣି ମାଡ଼ିବ। ଏକାଧିକ ସହର, ଗାଁ ଲୋକଙ୍କ ପାନୀୟ ଜଳ ସମସ୍ୟା ସବୁଦିନ ପାଇଁ ଦୂର ହେବ। ଜିଲାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହେବ। ଅନଗ୍ରସର ଜିଲା ତାଲିକାରୁ ବାଦ୍ ପଡି ବିକଶିତ ତାଲିକାକୁ ଉନ୍ନୀତ ହେବ ଏଇ ଜିଲା। ଏଭଳି ବିକାଶର କଥା କହି ସରକାର ପ୍ରକଳ୍ପ ପ୍ରଭାବିତ ଲୋଇସିଂହା ଓ ବଲାଙ୍ଗୀର ବ୍ଲକ ଅଧୀନ ୨୯ଖଣ୍ଡ ଗାଁର ବିସ୍ଥାପିତଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ କଥାକୁ ବିଶ୍ୱାସ କରି ସହସ୍ରାଧିକ ଲୋକ ନିଜ ଭିଟାମାଟି ଛାଡିଥିଲେ। ହେଲେ ଗାଁ ଛାଡିବା ଦିନଠାରୁ ବିସ୍ଥାପିତଙ୍କ ଜୀବନ ହୋଇପଡିଛି ଦୁର୍ବିଷହ। ଜିଲାକୁ ଜଳପ୍ଲାବିତ କରିବା ପାଇଁ ସର୍ବସ୍ୱ ତ୍ୟାଗ କରିଥିବା ବିସ୍ଥାପିତଙ୍କୁ ଏବେ ପ୍ରଚଣ୍ଡ ଖରାରେ ମିଳୁନାହିଁ ମୁନ୍ଦାଏ ପାଣି। ଲୋଇସିଂହା ବ୍ଲକର କୁସମେଲସ୍ଥିତ ଲୋୟର ସୁକତେଲ ଅସ୍ଥାୟୀ ଥଇଥାନ କଲୋନୀରେ ସେମାନେ ଏବେ ସଂଘର୍ଷମୟ ଜୀବନଯାପନ କରୁଛନ୍ତି।

ଗାଁକୁ ଲାଗି ରହିଥିଲା ସୁକ୍‌ତେଲ ନଈ। ଘର ପଛପଟ ବାଡିରେ ଥିଲା କୂଅ, ପୋଖରୀ। ଘର ସମ୍ମୁଖ ରାସ୍ତା କଡରେ ଥିଲା ନଳକୂପ। ପାଣି ଅଭାବ ବୋଲି କିଛି ଜାଣି ନ ଥିଲେ ଲୋଇସିଂହା ବ୍ଲକ ବନ୍‌ଛୋରପାଲି, ଗଡଶଙ୍କର ଡୁଙ୍ଗୁରିପାଲି, ପୋଡ଼ମୁଣ୍ଡ, କୋଇଣ୍ଡାପାଲି ଓ ବିଜାପାଟି ଭଳି କେତେ ଖଣ୍ଡ ଗାଁର ଲୋକ। ଆଜି କିନ୍ତୁ ସେମାନେ ବିସ୍ଥାପିତ। ଥଇଥାନ କଲୋନୀରେ ନାହିଁ ନାହିଁର ଇଲାକା ଭିତରେ ସନ୍ତପ୍ତ ସେମାନଙ୍କ ଜୀବନ। ବଲାଙ୍ଗୀର ଜିଲା ସଦର ମହକୁମାଠାରୁ ପ୍ରାୟ ୧୫ କିଲୋମିଟର ଦୂର ଲୋଇସିଂହା ବ୍ଲକ୍‌ର କୁସମେଲସ୍ଥିତ ଲୋୟର ସୁକତେଲ ଅସ୍ଥାୟୀ ଥଇଥାନ କଲୋନୀ ଏବେ ସେମାନଙ୍କ ନୂଆ ଠିକଣା। ସେଠାରେ ରହୁଛନ୍ତି ୩୨ଟି ଭୂମିହୀନ ପରିବାର। ଗତ ପ୍ରାୟ ୯ମାସ ହେଲା ଅସ୍ଥାୟୀ ଟିଣ ଘରେ ରହୁଛନ୍ତି ଏମାନେ। ଏଠାରେ ପିଇବା ପାଣି ବ୍ୟବସ୍ଥା ନାହିଁ। ଏଣୁ ପ୍ରତିଦିନ ସକାଳୁ ଏବଂ ସଞ୍ଜରେ ପାଣି ସଂଗ୍ରହ ପାଇଁ ପ୍ରାୟ ଦେଢ଼ କିଲୋମିଟର ଦୂର ଫଟାବାହାଲ ଗାଁକୁ ଯାଇ ଆଣୁଛନ୍ତି। ଖରାଦିନ ଆସିବା ପରେ ଦିନକୁ ପ୍ରାୟ ୬ ଥର ଫଟାବାହାଲ ଯିବା ଆସିବା କରିବାକୁ ପଡୁଛି ସେମାନଙ୍କୁ ପିଇବା ପାଣି ପାଇଁ। ପ୍ରତିଦିନ ଘରର ମହିଳା ସଦସ୍ୟ ଓ କିଛି ସ୍କୁଲପିଲା ଚାଲିଚାଲି ଫଟାବାହାଲ ଯାଇ ପାଣି ସଂଗ୍ରହ କରୁଛନ୍ତି। ଥଇଥାନ କଲୋନୀରେ ନଳକୂପ ଅଛି। ଭଲ ପାଣି ବାହାରୁ ନାହିଁ। ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ବାରମ୍ବାର ଦାବି କରୁଥିଲେ ମଧ ପ୍ରଶାସନ ପ୍ରତିଶ୍ରୁତି ଦେଇ ଚୁପ୍। ଏପର୍ଯ୍ୟନ୍ତ ଆସିନାହିଁ ପାଣି ଟ୍ୟାଙ୍କର। ବିସ୍ଥାପିତମାନେ କହିଛନ୍ତି ଯେ, ସେମାନଙ୍କୁ ଠକି ଦିଆଯାଇଛି। ସେମାନଙ୍କ ଦୁଃଖ ଶୁଣିବାକୁ ଏବେ କେହି ନାହିଁ; ନା' ପ୍ରଶାସନ ନା' ରାଜନେତା। ଏଠାକାର ଅସ୍ଥାୟୀ ଟିଣ ଛାଉଣୀ ଘରେ ଏବେ କଲବଲ ହେଉଛନ୍ତି ଆବାଳ ବୃଦ୍ଧବନିତା। ତାପମାତ୍ରା ବୃଦ୍ଧି ଯୋଗୁ ଜୀବନ ହେଲାଣି ଦୁର୍ବିଷହ। ଟିଣଘରେ ଅନୁଭୂତ ହେଉଛି ୪୫/୪୬ ଡିଗ୍ରୀରୁ ଅଧିକ ତାପମାତ୍ରା। ଦିନ ସାରା ଲୋକେ ଟିଣଘରେ ରହି ନ ପାରି ଗଛତଳେ ରହୁଛନ୍ତି। ବିସ୍ଥାପିତ ହେବା ପୂର୍ବରୁ ଏଇ ଭୂମିହୀନ ପରିବାରବର୍ଗଙ୍କୁ ପ୍ରଶାସନ ସର୍ବାଧିକ ୫ ଲକ୍ଷ ଯାଏ ସହାୟତା ରାଶି ଦେଇଥିଲେ। ସେମାନଙ୍କୁ ଘରଡିହ, ଆବାସ ଘର ମିଳିବ ଏବଂ ସେମାନଙ୍କ ରୋଜଗାର ସୁନିଶ୍ଚିତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏବେ ସବୁ ପାଣିର ଗାର। ଗତ ୯ମାସ ହେଲା ଏଇ ବିସ୍ଥାପିତଙ୍କ ପିଲାଛୁଆ ପାଠ ପଢୁନାହାନ୍ତି। ଅସ୍ଥାୟୀ କଲୋନୀ ପାଖରେ ସ୍କୁଲ ନାହିଁ। କିଛିଦିନ ତଳେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଅସ୍ଥାୟୀ କଲୋନୀ ପରିଦର୍ଶନ କରି ମୌଳିକ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ପିଇବା ପାଣି ବ୍ୟବସ୍ଥା ହୋଇନାହିଁ। ମିଳିଥିବା ସୂଚନା ମୁତାବକ ଝାଙ୍କରପାଲି, କୁସମେଲ, ଗେଡାବାଞ୍ଜି ଓ ଅନ୍ୟ ଥଇଥାନ କଲୋନୀରେ ମଧ୍ୟ ବିସ୍ଥାପିତମାନେ ପିଇବା ପାଣି ପାଇଁ ଏବେ ଡହଳ ବିକଳ। ଜିଲାକୁ ଜଳପ୍ଲାବିତ କରିବାର ସୂତ୍ରଧର ସାଜିଥିବା ଏଇ ବିସ୍ଥାପିତମାନେ ଏବେ ସର୍ବସ୍ୱ ତ୍ୟାଗ କରି ପାଣିପାଇଁ ସଂଘର୍ଷ କରିବା ବିଡମ୍ବନା ମାତ୍ର।


କୁସ୍‌ମେଲ ଅସ୍ଥାୟୀ ଥଇଥାନ କଲୋନୀର ମହିଳାମାନେ ଦେଢ଼ କିଲୋମିଟର ଦୂର ଫଟାବାହାଲ ଗାଁରୁ ପାଣି ଆଣୁଛନ୍ତି।

# ଅଙ୍ଗଦାନ କରିଥିବା ମହିଳାଙ୍କୁ ଗାର୍ଡ ଅଫ୍ ଅନର



ହାଟଡ଼ିହୀ,୧୮।୪(ଶୁଭକାନ୍ତ ନାୟକ/ସତ୍ୟବ୍ରତ ଜେନା/ପାର୍ଥସୌରଭ ସା)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ସଡ଼ା ଗ୍ରାମର ଅଙ୍ଗଦାନ କରିଥିବା ଜଣେ ମହିଳାଙ୍କୁ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୭ ଦିନ ପୂର୍ବେ ଅର୍ଥାତ୍ ଗତ ଗୁରୁବାର ଗ୍ରାମର ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ସଂଯୁକ୍ତା(୪୮) ଶୌଚ ହେବାକୁ ଯାଇଥିବା ବେଳେ ପାଇଖାନା ଘରେ ଗୋଡ଼ ଖସିଯିବାରୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ଗତ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପରିବାର ଲୋକେ ମୃତ ମହିଳାଙ୍କ ଅଙ୍ଗଦାନ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଏନେଇ ରବୀନ୍ଦ୍ର ସ୍ତ୍ରୀଙ୍କ ଅଙ୍ଗଦାନ ନିମନ୍ତେ ସେଠାକାର ଡାକ୍ତରଙ୍କୁ ଜଣାଇଥିଲେ। ଏଥିରେ ସପରିବାର ମେଡିକାଲରେ ଲିଖିତ ଆକାରରେ ଅଙ୍ଗଦାନ ନିମନ୍ତେ ସହମତି ପ୍ରଦାନ କରିଥିଲେ। ଅଙ୍ଗଦାନ ପରେ ଗୁରୁବାର ତାଙ୍କ ମରଶରୀର ନିଜ ଗ୍ରାମରେ ପହଞ୍ଚିଥିଲା। ପ୍ରଶାସନ ପକ୍ଷରୁ ଅଙ୍ଗଦାନ କରିଥିବା ମହିଳାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଛି।

# ଯାଞ୍ଚ ବେଳେ ଗାଡ଼ିରୁ ୧୦ଲକ୍ଷ ଜବତ

ବରଗଡ଼,୧୮।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନା ପୋଲିସ ସହର ଉପକଣ୍ଠ ହଲଦୀପାଲି ଛକରେ ଯାଞ୍ଚ ଚଳାଇ ଥିବାବେଳେ ଗୁରୁବାର ୧୦ଲକ୍ଷ ଟଙ୍କା ଜବତ କରିଛି। ଏହା ସହିତ ଏକ ପିକଅପ୍ ଭ୍ୟାନକୁ ଜବତ କରିବା ସହିତ ଗାଡି ଡ୍ରାଇଭରଙ୍କୁ ଟାଉନ ଥାନାରେ ଅଟକ ରଖାଯାଇଛି। ନିର୍ବାଚନ ସହିତ ଜବତ ଟଙ୍କାର ସମ୍ପର୍କ ରହିଛି କି ନାହିଁ, ସେ ନେଇ ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ କହିଛନ୍ତି। ସମ୍ପୃକ୍ତ ପିକଅପ୍ ଭ୍ୟାନ ବରପାଲି ପଟରୁ ସମ୍ବଲପୁର ଆଡକୁ ଯାଉଥିବା ପୋଲିସ କହିଛି। ଚଳିତ ନିର୍ବାଚନରେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ବରଗଡ଼ରେ ଏତେବେଶୀ ଟଙ୍କା ଜବତ ହେବା ପ୍ରଥମ ଘଟଣା। ନିର୍ବାଚନ ସହିତ ସେହି ଟଙ୍କାର ସମ୍ପର୍କ ରହିଥିବା ପ୍ରମାଣ ମିଳିଲେ ନିୟମ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫ୍ଲାଇଂ ସ୍କ୍ୱାଡ୍‌କୁ ଲିଡ୍ କରୁଥିବା ବରଗଡ଼ ଅତିରିକ୍ତ ତହସିଲଦାର ଦିବାକର ପ୍ରଧାନ କହିଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା ପିକଅପ୍ ଭ୍ୟାନ ଡ୍ରାଇଭର ସେହି ଟଙ୍କା ନେଇ ସନ୍ତୋଷଜନକ ଉତ୍ତର ରଖିପାରି ନାହାନ୍ତି। ଗାଡ଼ି ମାଲିକଙ୍କୁ ଖବର ଦିଆଯାଇଛି, ସେ ଆସିଲେ ତାଙ୍କୁ ପଚରାଉଚରା କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକ ଏବଂ ବରାହଗୋଡ଼ା ନିକଟ ବିକାଶ ସ୍କୁଲ ଛକରେ ପୋଲିସ ନିୟମିତ ଯାଞ୍ଚ ଜାରି ରଖିଛି।


ଜବତ ଟଙ୍କାକୁ ପୋଲିସ ଦେଖାଉଛି।

# ରାସ୍ତାରେ ଜଳିଗଲା କାର୍



କାମାକ୍ଷାନଗର,୧୮।୪(ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା ମହାବିରୋଡ୍ ଥାନା ତୋରଡ଼ାନାଳୀ ଗାଁ ନିକଟରେ ଗୁରୁବାର ଏକ ଚଳନ୍ତା କାର୍ ରାସ୍ତା ଉପରେ ଜଳିଯାଇଛି। ତେବେ ଗାଡ଼ିରେ ଥିବା ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶର୍ଟସର୍କିଟ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଘଟଣାରୁ ଜଣାପଡିଛି, ଏକ କାର୍ (ନଂ. ଓଡି ୦୫-୫୭୬୮) ତୋରଡ଼ାନାଳୀ ଗାଁରୁ ଯାତ୍ରୀଙ୍କୁ ନେଇ କୁଟୁରିଆ ପଞ୍ଚାୟତ ମା' ବିଲେଇଶୁଣୀଙ୍କ ଶକ୍ତିପୀଠକୁ ଯାଉଥିବାବେଳେ ହଠାତ୍ କାରରୁ ଧୂଆଁ ବାହାରିଥିଲା। ଏହାଦେଖି ଗାଡ଼ିରେ ଥିବା ଯାତ୍ରୀ ବାହାରକୁ ପଳାଇ ଆସିଥିଲେ। ଏହାପରେ ଗାଡ଼ିଟି ହୁ ହୁ ହୋଇ ଜଳିଯାଇଥିଲା। ଖବରପାଇ କଙ୍କଡ଼ାହାଡ଼ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଟାୟାର ଫାଟିବାରୁ ଟ୍ରେଲରରେ ନିଆଁ

ଲାଞ୍ଜିଗଡ଼,୧୮।୪ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ ଭବାନୀପାଟଣା-ରାୟଗଡାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥ କିଡିଙ୍ଗ ଗ୍ରାମ ନିକଟରେ ଗୁରୁବାର ଏକ ମାଲବାହୀ ଟ୍ରେଲର ଟାୟାର ଫାଟି ରାସ୍ତା ଉପରେ ହୁହୁ ହୋଇ ଜଳିଗଲା। ସୂଚନାନୁସାରେ ମାଲବାହୀ ଟ୍ରେଲର (ନଂ. ସିଜି୧୩-ଏଏନ-୬୨୦୧) ବିଶାଖାପାଟଣାଠାରୁ ଛତିଶଗଡ଼ର ରାଇଘରକୁ ଆଲୁମିନା ପାଉଡର ନେଇ ଯାଉଥିଲା। ସନ୍ଧ୍ୟା ସାଢେ ୬ଟାରେ କିଡିଙ୍ଗ ଗ୍ରାମ ନିକଟରେ ଟାୟାର ଫାଟିଯାଇ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଦେଖି ଚାଳକ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ପାଖରେ ପାଣିର ସୁବିଧା ନ ଥିବା ଯୋଗୁ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଡ୍ରାଇଭର ଓ ହେଲ୍‌ପର ସୁରକ୍ଷିତ ରହିଥିବା ବେଳେ ସ୍ଥାନୀୟ ଲୋକେ ଟ୍ରେଲରରେ ନିଆଁ ଲାଗିଥିବା ଦେଖି ସିକେରକୁପା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଟିମ ଘଟଣାସ୍ଥଳରେ ପହଞ୍ଚି ନର୍ଲା ଏବଂ ଲାଞ୍ଜିଗଡ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।





# ସୁବାସୀ ସଂରକ୍ଷିତ ଜଙ୍ଗଲରେ ନିଆଁ

ଖୁଣ୍ଟୁଣୀ,୧୮।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାଳଭାଗ ଓ ଛେନାଖିଆନୂଆଗାଁ ଗ୍ରାମପାର୍ଶ୍ୱ ସୁବାସୀ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ନିଆଁ ଲାଗିଥିଲା। ଛେନାଖିଆନୂଆଗାଁ ପଟୁ ଜଙ୍ଗଲରେ ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ଆଠଗଡ଼ ବନାଞ୍ଚଳକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚିବାବେଳକୁ ନିଆଁ ପ୍ରଚଣ୍ଡ ବେଗରେ ବ୍ୟାପି ଡାଳଭାଗ ଗ୍ରାମ ପାର୍ଶ୍ୱକୁ ମାଡି ଚାଲିଥିଲା। ପ୍ରଚଣ୍ଡ ଖରା ସାଙ୍ଗକୁ ଝାଞ୍ଜି ପବନ ବହିବାରୁ ଖୁଣ୍ଟୁଣୀ ସମେତ ଡାଳଭାଗ ଓ ଛେନାଖିଆନୂଆଗାଁ ଗ୍ରାମବାସୀ ହନ୍ତସନ୍ତ ହେଉଥିବାବେଳେ ଜଙ୍ଗଲ ନିଆଁ ସେମାନଙ୍କ କଷ୍ଟକୁ ଦ୍ୱିଗୁଣିତ କରିଥିଲା। ଡାଳଭାଗ ମା'ମଙ୍ଗଳା ବନ ସଂରକ୍ଷଣ ସମିତି କର୍ମକର୍ତ୍ତା ଜଗୁଥିବା ସଂରକ୍ଷିତ ଜଙ୍ଗଲ ପର୍ଯ୍ୟନ୍ତ ନିଆଁ ମାଡିଆସିଥିଲା। ଅପରାହ୍ନ ସାଢେ ୧ଟାରେ ଆଠଗଡ଼ ସଦର ସେକ୍ସନ ଫରେଷ୍ଟର ସବିତା ରାଉତଙ୍କ ନେତୃତ୍ୱରେ ୧୨ଜଣିଆ ନିଆଁ ଲିଭାଳି ଦଳ ଜଙ୍ଗଲରେ ପହଞ୍ଚି ବ୍ଲୋର ମେଶିନ୍ ସହାୟତାରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପ୍ରାୟ ୬ଘଣ୍ଟାର ଉଦ୍ୟମ ପରେ ସନ୍ଧ୍ୟା ୭ଟା ସୁଦ୍ଧା ବନ ବିଭାଗ ନିଆଁକୁ ଆୟତ୍ତ କରିଥିବା ଫରେଷ୍ଟର ସବିତା ରାଉତ କହିଛନ୍ତି। ଅପରପକ୍ଷରେ ଡାଳଭାଗ ଓ ଛେନାଖିଆନୂଆଗାଁ ଲୋକମାନେ ରାତି ୮ଟା ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ଲିଭି ନ ଥିବା ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡି ନଥିବାବେଳେ ଜଙ୍ଗଲରେ ଥିବା ବହୁ ପ୍ରଜାତିର ସାପ ଓ ଜୀବଜନ୍ତୁ କ୍ଷତି ଘଟିଥିବା ଅନୁମାନ କରାଯାଉଛି।

"କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଉର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। -ଶ୍ରୀମା

-କାମଦା ଏକାଦଶୀ
ଉପବାସ ଓ ହଳ ନିଷେଧ



# ଓଜୋନ୍ ଓ ପୃଥିବୀର ସୁରକ୍ଷା




ରବର୍ଟ ରେଡ୍‌ଫୋର୍ଡ
ସହ ପ୍ରତିଷ୍ଠାତା, ରେଡ୍‌ଫୋର୍ଡ ସେଣ୍ଟର

ଜିୟେ ବାଷ୍ଟିଡା
ସହ ପ୍ରତିଷ୍ଠାତା, ରି-ଆର୍ଥ ଇନିସିଏଟିଭ

ଏକ ସମୟ ଥିଲା (ବହୁ ପୁରାତନ ନୁହେଁ) ଯେତେବେଳେ ପୃଥିବୀର ଓଜୋନ୍ ସ୍ତରର ଅବକ୍ଷୟ ଏକ ବଡ଼ ଚ୍ୟାଲେଞ୍ଜ ପରି ମନେହେଉଥିଲା। ଅନେକ ଦଶନ୍ଧି ଧରି କ୍ଷତିକାରକ ରାସାୟନିକ ପଦାର୍ଥ ଯଥା କ୍ଲୋରୋଫ୍ଲୋରୋ କାର୍ବନ (ସିଏଫ୍‌ସିଏସ୍) ପୃଥିବୀରେ ଅପୂରଣୀୟ କ୍ଷତି ଘଟାଇଥିଲା। ଏହା ଉପରେ ତ୍ୱରିତ ପଦକ୍ଷେପ ନ ନେବାରୁ ଆମେ ଜଳବାୟୁ ଅସ୍ଥିରତା, ପରିସଂସ୍ଥାର କ୍ଷୟ ଏବଂ ଖାଦ୍ୟ ବ୍ୟବସ୍ଥା ଭୁଶୁଡ଼ିବା ଭଳି ବିପଦର ସମ୍ମୁଖୀନ ହେଲୁ। ଯେଉଁ ପରିଣାମ ସମ୍ପର୍କରେ ଆମେ କେବେ ଭାବି ନ ଥିଲୁ, ତାହା ବାସ୍ତବରେ ଯନ୍ତ୍ରଣାଦାୟକ ହେଲା। କିନ୍ତୁ ସେତେବେଳେ ଓଜୋନ୍ ସ୍ତରର ସୁରକ୍ଷା ପାଇଁ ମାନବ ସମାଜ ଏକାଠି ହେବା ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା। ନୋବେଲ ବିଜେତା ବୈଜ୍ଞାନିକ ପଲ୍ କ୍ରୁଟ୍‌ଜେନ୍, ମାରିଓ ମୋଲିନା ଏବଂ ଶେରଉଡ୍ ରୋଲାଣ୍ଡଙ୍କ ଚେତାବନୀକୁ ଦେଖିଲେ ଜଣାଯାଏ ଯେ, ସେମାନଙ୍କ ଗବେଷଣା ବିପଦର ଗମ୍ଭୀରତାକୁ ସାମ୍ନାକୁ ଆଣିଥିଲା। ଆମେ ବୈଜ୍ଞାନିକ ପ୍ରମାଣକୁ ଅଣଦେଖା କିମ୍ବା ନାକଚକରି ନ ଥିଲୁ କି ଆମେ ତାହାକୁ ଅସ୍ୱୀକାର କରିନାହୁଁ। କିନ୍ତୁ ଦାବି କରୁଛୁ ଯେ ତାହା କଠିନ ଆହ୍ୱାନ ଥିଲା। ଅନ୍ୟପଟେ ବିଶ୍ୱ ସମୁଦାୟ ଏକ ସମାବେଶୀ ପଦକ୍ଷେପର ଜରୁରୀ ଆବଶ୍ୟକତାକୁ ସ୍ୱୀକାର କରିଥିଲା।

ବୈଜ୍ଞାନିକ ଜ୍ଞାନକୁ ବ୍ୟବହାରକରି ସମଗ୍ର ଶିଳ୍ପଗୁଡ଼ିକ ପରିବର୍ତ୍ତିତ ହୋଇଛି ଏବଂ ଦେଶକୁ ସଙ୍କଟରୁ ରକ୍ଷାକରିବା ଲାଗି ନ୍ୟାୟସଙ୍ଗତ ନୀତିସବୁ ଲାଗୁ କରାଗଲେ ବି ତାହା ସମସ୍ୟା ସମାଧାନ କରିପାରିଲାନାହିଁ। କିନ୍ତୁ ୧୯୭ ଦେଶ ଦ୍ୱାରା ଅନୁମୋଦିତ ମଣ୍ଟ୍ରିଲ ପ୍ରୋଟୋକଲ ଓଜୋନ୍ ଅବକ୍ଷୟର କାରଣ ପାଲଟୁଥିବା ପାଖାପାଖି ୯୯% ଦ୍ରବ୍ୟକୁ ଧୀରେ ଧୀରେ ଦୂରେଇଦେଇଛି। ଏହା ସହ ସିଏଫ୍‌ସିଏସ୍ ବ୍ୟବହାର ହ୍ରାସ ଏବଂ ଏହା ବଦଳରେ ଅନ୍ୟ ରାସାୟନିକ ବ୍ୟବହାର ଦ୍ୱାରା ଜଳବାୟୁ ପରିବର୍ତ୍ତନ ଅତିକ୍ରମ୍‌ରେ ଏକ ଦଶନ୍ଧି ପର୍ଯ୍ୟନ୍ତ ଧିମା ରହିଛି। ଓଜୋନ୍ ସ୍ତର ସୁରକ୍ଷା ଲାଗି ଏହି ସଫଳ ବୈଶ୍ୱିକ ପଦକ୍ଷେପ ଆମ ସମସ୍ତଙ୍କ ପାଇଁ ଏକ ଆଶାର କିରଣ ସଞ୍ଚାର କରିଛି। ଏହା ମାନବ ଜଗତର ଏକ ବୃହତ୍ ପରିବେଶଗତ ସଫଳତା। ପ୍ରତିବଦ୍ଧତା, ନିଷ୍ଠା ଏବଂ ଦୃଢ଼ ଲକ୍ଷ୍ୟ ନେଇ ଏକାଠି କାମ କଲେ ଆମେ କ'ଣ ହାସଲ କରିପାରୁ ତାହା ଏହା ପ୍ରତିପାଦିତ କରୁଛି। କିନ୍ତୁ ଏହା ବି ଏକ ଚେତାବନୀ ଭାବରେ କାର୍ଯ୍ୟ କରିପାରେ। ଜୋହାନ୍ ରକ୍‌ଷ୍ଟ୍ରୋମ୍ ଏବଂ ୨୮ ଅନ୍ୟ ପ୍ରତିଷ୍ଠିତ ଜଳବାୟୁ ବୈଜ୍ଞାନିକ ୨୦୨୩ରେ ଏକ ନୂତନ ତଥା




ଆଶ୍ଚର୍ଯ୍ୟଜନକ ବାସ୍ତବତା ପ୍ରକାଶ କରିଥିଲେ, ଯାହା କାଳ ବିଳମ୍ବ ନ କରି ପୃଥିବୀର ସୁରକ୍ଷା ପାଇଁ ଏକ ସମାବେଶୀ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତାକୁ ଦର୍ଶାଇଛି।

୨୦୦୯ରେ ରକ୍‌ଷ୍ଟ୍ରୋମ୍ ଏବଂ ଅନ୍ୟମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ପ୍ଲାନେଟାରି ବାଉଣ୍ଡରିଜ୍ ମଡେଲ (ଯାହା ଏକ ସୀମା ମଧ୍ୟରେ ମାନବ ସମାଜର ବିକାଶ ଜାରି ରଖିବା ସହ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରେ)। ସୁସ୍ଥ ପୃଥିବୀ ପାଇବା ଲାଗି ଏହା ଏକ ଅତି ଦରକାରୀ ଢାଞ୍ଚା ପ୍ରଦାନ କରିଥାଏ। ଏହା ଜଳବାୟୁ, ମଧୁରଜଳର ଉପଲବ୍ଧତା, ଜୈବ ବିବିଧତା ଏବଂ ଜମି ବ୍ୟବହାର ସମେତ ୯ଟି ପରସ୍ପର ସହ ଜଡ଼ିତ ବିଷୟକୁ ଚିହ୍ନଟ କରିଛି। ଏହା ପୃଥିବୀର ସ୍ଥିରତା ଏବଂ ବାସୋପଯୋଗୀ ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରକ୍‌ଷ୍ଟ୍ରୋମ୍ ଏବଂ ତାଙ୍କର ସହ ଗବେଷକମାନେ ନିକଟରେ କରିଥିବା ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ପ୍ଲାନେଟାରି ବାଉଣ୍ଡରିଜ୍ ମଡେଲର ୯ଟି ବିଷୟ ମଧ୍ୟରୁ ୬ଟି ଉଲ୍ଲଂଘନ କରାଯାଇସାରିଛି, ଯାହା ପୃଥିବୀକୁ ଏକ ବିପଜ୍ଜନକ ପଥରେ ରଖିଛି। ଏହାଦ୍ୱାରା ପୃଥିବୀର ସହନୀୟତା କ୍ଷୁଣ୍ଣ ହେବା ସହ ମାନବ ସୁସ୍ଥତା ପ୍ରତି ବିପଦ ଦେଖାଦେଇଛି। ଉଲ୍ଲେଖନୀୟ ଯେ, ଓଜୋନ୍ ସ୍ତର ହେଉଛି ଏକମାତ୍ର କ୍ଷେତ୍ର ଯାହା ଉନ୍ନତିର ସଙ୍କେତ ଦେଉଛି।

ପୃଥିବୀ ଏକ ପରସ୍ପର ସହ ସଂଯୁକ୍ତ ସିଷ୍ଟମ ଭାବରେ କାର୍ଯ୍ୟ କରୁଥିବାରୁ ଅନ୍ୟ ସମସ୍ୟାଗୁଡ଼ିକ ଉପରେ ଧ୍ୟାନ ନ ଦେଲେ ଆମେ କେବଳ ଗୋଟିଏ ସମସ୍ୟାର ସମାଧାନ କରିପାରିବା ନାହିଁ। ପୃଥିବୀର ବାସସ୍ଥାନକୁ ସୁରକ୍ଷିତ ରଖିବାରେ ପ୍ଲାନେଟାରି ବାଉଣ୍ଡରିଜ ମଡେଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଅବଗତ ଥାଇ ମଧ୍ୟ ଆମେ ବିପର୍ଯ୍ୟୟର ଗତିପଥକୁ ବନ୍ଦ କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେଇନାହୁଁ। ଉଦାହରଣ ସ୍ୱରୂପ, ଆମେ ଜାଣୁ ଯେ ୧୦ ଲକ୍ଷରୁ ଅଧିକ ପ୍ରଜାତିର ଜୀବ ବିଲୁପ୍ତହେବାକୁ ଯାଉଛନ୍ତି, ଯାହା ସମଗ୍ର ପରିସଂସ୍ଥାର ପତନ ଘଟାଇପାରେ। ଏହା ମଧ୍ୟ ଆମେ ଜାଣୁ ଯେ, ନାଇଟ୍ରୋଜେନ୍ ଏବଂ ଫସ୍‌ଫରସ୍ ମହାସାଗର ଓ ମଧୁରଜଳ ପ୍ରଣାଳୀରେ ବିଷାକ୍ତ ପ୍ରବାଳ ବୃଦ୍ଧି କରୁଛି, ଫଳରେ ଜୈବ-ଭୂ ରସାୟନ ପ୍ରବାହ ସୀମା ଭଙ୍ଗ ହେଉଛି। ସେହିପରି ରାସାୟନିକ ପ୍ରଦୂଷଣର ବିପଜ୍ଜନକ ସ୍ତରଗୁଡ଼ିକୁ ସାମ୍ନା କରିବା ସହ ଆମ ପିଲାମାନଙ୍କୁ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ଖାଇବାକୁ ଦେବା ଦ୍ୱାରା ମଣିଷ ତିଷ୍ଠି ରହିବା ଲାଗି ଆବଶ୍ୟକ ଜୀବନ ବଞ୍ଚିବାର ପ୍ରଣାଳୀ ପ୍ରତି ସଙ୍କଟ ସୃଷ୍ଟିହେଉଛି।

ପୃଥିବୀର ସ୍ଥାୟିତ୍ୱକୁ ପୁନଃ ସ୍ଥାପନ କରିବା ପାଇଁ ବିଶ୍ୱର ସରକାରଗୁଡ଼ିକ ୯ଟି ପ୍ଲାନେଟାରି ବାଉଣ୍ଡରିଜ୍‌ର ଆବଶ୍ୟକତାକୁ ସ୍ୱୀକାର କରିବା ଆବଶ୍ୟକ। ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ ଏବଂ ଜୈବ ବିବିଧତା ଓ ଜଳଉତ୍ସର ସୁରକ୍ଷା ପାଇଁ ଏକ ନିରନ୍ତର ପ୍ରତିବଦ୍ଧତା ଆବଶ୍ୟକ। ଆମେ ସହଯୋଗ କଲେ ସଫଳ ହେବାର ସମ୍ଭାବନା ଅଧିକ ରହିବ। ଅନ୍ତର୍ଜାତୀୟ ସମୁଦାୟ ଓଜୋନ୍ ସ୍ତରକୁ ସୁଧାରିବା ପାଇଁ ଯେଭଳି ଚୁକ୍ତିବଦ୍ଧ ହୋଇଥିଲେ ସେଭଳି ଏକାଠି ହୋଇ ଯଦି କାମ କରନ୍ତି, ତେବେ ସଫଳତା ନିଶ୍ଚିତ ମିଳିବ ବୋଲି ଆଶା କରାଯାଏ। କିନ୍ତୁ ପ୍ରଥମରେ, ଆମେ ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ପରାମର୍ଶ ପ୍ରତି ଧ୍ୟାନଦେବା ଦରକାର। ପ୍ରକୃତି ଆମକୁ କ'ଣ କହୁଛି ତାହା ମଧ୍ୟ ଶୁଣିବା ଦରକାର। ବିଶ୍ୱ ଜନସଂଖ୍ୟାର ୫%ରୁ କମ୍ ହେବା ସତ୍ତ୍ୱେ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ପୃଥିବୀର ବୁଦ୍ଧିମାନ ସଂରକ୍ଷକ ଭାବେ କାମ କରି ବିଶ୍ୱର ଭୂମି, ସମୁଦ୍ରର ଏକଚତୁର୍ଥାଂଶ ଏବଂ ୮୦% ଜୈବ ବିବିଧତାର ସୁରକ୍ଷା କରୁଛନ୍ତି।

ଏହି ଦୃଷ୍ଟିକୋଣ ନେଇ ଆଗକୁ ବଢ଼ିବା ପାଇଁ ଆମେ ପ୍ଲାନେଟାରି ଗାର୍ଡିଆନ୍ସ ସହ ଆମର ଶକ୍ତିକୁ ଏକାଠି କରିଛୁ। ପ୍ଲାନେଟାରି ଗାର୍ଡିଆନ୍ସ ଏକ ଅଣ ଲାଭକାରୀ ସଂସ୍ଥା। ବୈଶ୍ୱିକ ନେତା, ବୈଜ୍ଞାନିକ ଏବଂ ପରିବେଶବିତ୍‌ଙ୍କ ସମର୍ଥନ ଏହା ପଛରେ ରହିଛି। ସମାବେଶୀ ବା ସମ୍ମିଳିତ ଜଳବାୟୁ ପଦକ୍ଷେପ ଉପରେ ବିଚାର ଓ ମାର୍ଗଦର୍ଶନ କରିବା ଲାଗି ଏହାକୁ ଏକ ଢାଞ୍ଚା ଭାବେ ଏହାର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ଆମର ଲକ୍ଷ୍ୟ ହେବା ଦରକାର।

ବିଭିନ୍ନ ଦେଶ, ଶିଳ୍ପ, ବୟସ ବର୍ଗ ତଥା ଲିଙ୍ଗ ଏବଂ ସଂସ୍କୃତିର ନେତାମାନଙ୍କୁ ଏକାଠିକରି ପୃଥିବୀର ସୁରକ୍ଷା ପାଇଁ ସମାଧାନର ବାଟ ଖୋଜିବା ସକାଶେ ପ୍ଲାନେଟାରି ଗାର୍ଡିଆନ୍ସ ଆମର ବିବିଧ ପୃଷ୍ଠଭୂମି ଏବଂ ଅଭିଜ୍ଞତାକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ପୃଥିବୀର ସଂସାଧନ ସବୁ ସୀମିତ ଥିବାବେଳେ ମାନବୀୟ ସୃଜନାତ୍ମକ ଶକ୍ତି ଏବଂ ଜଟିଳ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଆମର ଦକ୍ଷତା ସୀମିତ ନୁହେଁ। ପ୍ରଶ୍ନ ହେଉଛି, ଭବିଷ୍ୟତ ପିଢ଼ି ପାଇଁ ଆମେ କି ପ୍ରକାର ପୃଥିବୀ ଛାଡ଼ିଯିବାକୁ ଚାହୁଁଛୁ। ଏହା ନିଶ୍ଚିତ ଯେ,ଏହାର କୌଣସି ସରଳ ଉତ୍ତର ନାହିଁ। ଆମେ ଯେଉଁ ପଦକ୍ଷେପ ନେବାକୁ ଚାହୁଁଛୁ ତାହା ଉପରେ ଆମ ଭବିଷ୍ୟତ ନିର୍ଭର କରେ। କିନ୍ତୁ ଓଜୋନ୍ ସ୍ତରକୁ ସୁରକ୍ଷା କରିବାରେ ଆମେ ଦେଖାଇଦେଇଛୁ ଯେ, ତ୍ୱରିତ, ତଥ୍ୟଭିତ୍ତିକ ତଥା ସାମୂହିକ ପଦକ୍ଷେପ ପୃଥିବୀରେ ମାନବ ଜୀବନ ବଜାୟ ରଖିବା ପାଇଁ ଆବଶ୍ୟକ ପରିବର୍ତ୍ତନକୁ କିଭଳି ସହଜ କରିପାରେ।

# ପୂଜା



ଅନୀତା ପଟ୍ଟନାୟକ

ନିର୍ମଳ ତା'ର ମାଆବାପାଙ୍କ ସହିତ ମନ୍ଦିରକୁ ଯାଏ। ନିୟମିତ ସ୍କୁଲ ପାଠ୍ୟକ୍ରମ କରିବା, ମାଆବାପାଙ୍କୁ ସମ୍ମାନ ଦେବା, ସହପାଠୀମାନଙ୍କୁ ଭଲ ପାଇବା, ଗୁରୁଙ୍କ ନିକଟରେ ପ୍ରଣିପାତ ହେବା ତା'ର ସହଜାତ ଗୁଣ ଥିଲା। ତା'ର ଏପରି ପ୍ରେମପୂର୍ଣ୍ଣ ବ୍ୟବହାର ପାଇଁ ମାଆବାପା, ଶିକ୍ଷକ, ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ନିକଟରେ ପ୍ରିୟପାତ୍ର ହୋଇପାରିଥିଲା।

ଦିନେ ମାଆବାପାଙ୍କ ସହ ମନ୍ଦିରକୁ ଯାଇଥିବା ସମୟରେ ମନ୍ଦିରରେ ଝୁଲୁଥିବା ଘଣ୍ଟିକୁ ତା'ର ମାଆବାପା, ଉପସ୍ଥିତ ଶିବଭକ୍ତମାନେ ବଜାଉଥିଲେ। ଜଣେ ଡେଙ୍ଗାଲୋକ ନିର୍ମଳକୁ ଦୁଇ ହାତରେ ଉଠାଇଦେବାରୁ ସେ ମଧ୍ୟ ଯନ୍ତ୍ରଚାଳିତ ପରି ଘଣ୍ଟିକୁ ବଜାଇଦେଲା। ଘରକୁ ଫେରୁଥିବାବେଳେ ସେ ବାପାଙ୍କୁ ପଚାରିଲା ବାପା ମନ୍ଦିରକୁ ଗଲେ ଝୁଲୁଥିବା ଘଣ୍ଟିକୁ ବାଡ଼ାଯାଏ କାହିଁକି? ମାଆ ଉତ୍ତରରେ କହିଲେ, ଘଣ୍ଟିର ଶବ୍ଦରୁ ଓଁ ଉଚ୍ଚାରିତ ହୋଇଥାଏ, ଯାହାକି ପ୍ରଣବ ମନ୍ତ୍ର। ବାପା କହିଲେ, ରତ୍ନବେଦୀ ଉପରେ ବସିଥିବା ଦେବତାଙ୍କ ଦୃଷ୍ଟିକୁ ଆଗତ କରିବା ଓ ଆକର୍ଷଣ କରିବା ପାଇଁ ଘଣ୍ଟି ବଜା ଯାଇଥାଏ। ବାପା ଏହା ମଧ୍ୟ କହିଲେ ଖାଲି ଘଣ୍ଟି ବାଡ଼େଇଲେ ହେବନାହିଁ। ମନ୍ଦିର ପୂଜକ ନିକଟରେ ମଧ୍ୟ ଗୋଟିଏ ଘଣ୍ଟିଥାଏ, ଯାହା ସେ ଭୋଗ ଓ ଆଳତି କରୁଥିବା ସମୟରେ ବଜାଏ। ମୁଖ୍ୟ କଥା ହେଉଛି ଦେବତାଙ୍କର ଦୃଷ୍ଟି ଆକର୍ଷଣ ପାଇଁ ଘଣ୍ଟି ଶବ୍ଦ ସହ ସହୃଦୟ ପ୍ରାର୍ଥନା ମଧ୍ୟ ଆବଶ୍ୟକ ହୋଇଥାଏ।

ନିର୍ମଳ କହିଲା ହଁ ବାପା, ଆମର ଶିକ୍ଷକ କହୁଥିଲେ ଯନ୍ତ୍ରବତ୍, ମନ୍ତ୍ର ଉଚ୍ଚାରଣ, ଶୁଷ୍କ ନୀତି ନିୟମ ପାଳନ ଓ ନିରର୍ଥକ ଯନ୍ତ୍ରବତ କର୍ମ ସାଧନା ନୁହେଁ। ତା'ପରେ ନିର୍ମଳ ପଚାରିଲା ବାପା, ଯଦି ଏପରି କଥା ତେବେ ତ୍ରିଶାଖା ଥିବା ବେଲପତ୍ର ମହାଦେବଙ୍କୁ କାହିଁକି ଦିଆଯାଏ? ମାଆ କହିଲେ ଶାସ୍ତ୍ରରେ କୁହାଯାଇଛି 'ତ୍ରିଦଳଂ ତ୍ରିଗୁଣାକାରଂ ତ୍ରିନେତ୍ରଂ ଚତ୍ରୟାୟୁଦ୍ଧମ। ତ୍ରିଜନ୍ମ ପାପ ସଂହାରଂ ଏକ ବିଲ୍ୱଂ ଶିବାର୍ପଣମ୍।' ଭକ୍ତି ଓ ବିଶ୍ୱାସର ସହିତ ଏକ ତ୍ରିଶାଖା ବିଶିଷ୍ଟ ବିଲ୍ୱପତ୍ରଟିଏ ଶିବଙ୍କୁ ଅର୍ପଣ କଲେ ତିନି ଜନ୍ମରୁ ସେ ମୁକ୍ତି ଦେଇଥାନ୍ତି ବୋଲି ଶାସ୍ତ୍ରରେ କୁହାଯାଇଛି। ନିର୍ମଳର କୌତୂହଳ ବଢ଼ିଗଲା। କହିଲା ଶିବଲିଙ୍ଗ ଉପରେ ଗୋଟିଏ ପିତ୍ତଳ ହାଣ୍ଡି ଝୁଲାଯାଇ ସେଥିରେ ଯେଉଁ କଣାଟିଏ ଥାଏ ତା' ଦେହରେ କୁଟା ଦିଆଯାଇଥାଏ ଓ ହାଣ୍ଡିରେ ପାଣି ଦିଆଯାଇଥାଏ, ସେ ହାଣ୍ଡିରୁ ଟୋପାଏ ଟୋପାଏ ପାଣି ଶିବଲିଙ୍ଗ ଉପରେ ପଡୁଥାଏ କାହିଁକି? ବାପା କହିଲେ, ଏହାର ଅର୍ଥ ମାମ ଏକଂ। ଏହାର ଅର୍ଥ ମୋ ଠାରେ, କେବଳ ଜଣକଠାରେ ନିଜକୁ ସମର୍ପଣ କରିଦିଅ। ମାଆ ବୁଝାଇବାକୁ ଯାଇ କହିଲେ, ଯେପରି ପିତ୍ତଳହାଣ୍ଡିରୁ ଟୋପାଏ ଟୋପାଏ ଜଳ ଖସି ପଡୁଛି ସେହିପରି ସମୟ ଚକ୍ରରେ ମନୁଷ୍ୟର ବଞ୍ଚି ରହିବାର ସମୟ ସୀମା ସରି ସରି ଯାଉଛି। ଏହି ସୂଚନା ପିତ୍ତଳ ହାଣ୍ଡିଟି ପ୍ରତିପାଦନ କରୁଛି। ନିର୍ମଳ କହିଲା, ଗୋଟିଏ ପିତ୍ତଳ ଢାଳରେ କଳସୀ କାହିଁକି ବସାଯାଇଛି? ବାପା କହିଲେ, ଏହା ଏକ ପ୍ରତୀକ ସଦୃଶ। ହିନ୍ଦୁ ଧର୍ମରେ ବିଶ୍ୱାସ କରାଯାଏ କଳସର ମୁଖରେ ବିଷ୍ଣୁ ଓ କଣ୍ଠରେ ରୁଦ୍ର ବା ଶିବ ଓ ମୂଳରେ ବ୍ରହ୍ମା ଥାଆନ୍ତି ଓ ତା' ଭିତରେ ସପ୍ତ ସାଗରର ଜଳ ଥାଏ ଓ ଚାରିବେଦ ମଧ୍ୟ ଅବସ୍ଥାପିତ ହୋଇଥାନ୍ତି। ନିର୍ମଳ ଏଥର ମାଆଙ୍କୁ ପଚାରିଲା ଠାକୁରଙ୍କ ନିକଟରେ ଧୂପକାଠି କାହିଁକି ଜଳାଯାଏ? ବାପା କହିଲେ, ଧୂପକାଠି ଯେପରି ନିଜେ ଜଳି ଅନ୍ୟକୁ ସୁଗନ୍ଧ ପ୍ରଦାନ କରେ ମଣିଷ ସେହିପରି ନିଜର ଜୀବନ ଧୀରେ ଧୀରେ ସରି ଯାଉଥିବାରୁ ନିଜର ଚାଲିଚଳନ, ଆଚାର, ବ୍ୟବହାର ଦ୍ୱାରା ଅନ୍ୟକୁ ସୁଗନ୍ଧ ପ୍ରଦାନ କରିବା ଉଚିତ। ଖାଲି ବଡ଼ପଣ ଦେଖାଇ କି ଲାଭ? ସମୁଦ୍ରର ଜଳରାଶି କି ସେବା କରୁଛି? ଶୋଷ ମଧ୍ୟ ନିବାରଣ କରିପାରୁନାହିଁ। ସମୁଦ୍ର ପାଣିରେ ବୋତଲେ ମହୁ ଘାଣ୍ଟି ଦେଲେ ତାହା ମିଠା ହୋଇଯିବ କି?

ନିର୍ମଳ ପଚାରିଲା ବାପା, କର୍ପୂର ଆଳତି କାହିଁକି କରାଯାଏ? ବାପା କହିଲେ, କର୍ପୂର ଯେପରି ଜଳି ନିଃଶେଷ ହୋଇଯାଏ ଓ ଆଳତି ଦାନିରେ କିଛି ରହେନାହିଁ, ଆମର ସମର୍ପଣ ଭାବ ସେପରି ହେବା ଉଚିତ। ନିର୍ମଳ ପଚାରିଲା ଦୀପ କାହିଁକି ମନ୍ଦିରରେ ଜଳାଯାଏ? ମାଆ କହିଲେ, ଦୀପ ହେଉଛି ପରଂବ୍ରହ୍ମ ସଦୃଶ। ସେ ହିଁ ଜନାର୍ଦ୍ଦନ। ଦୀପ ସମସ୍ତ ପାପ ହରଣ କରିଥାଏ ଏବଂ ଦୀପକୁ ସରସ୍ୱତୀ ବା ଜ୍ଞାନାଲୋକ ସହ ତୁଳନା କରାଯାଇଛି। ଏପରି କଥୋପକଥନ ଚାଲିଥିବା ବେଳେ ନିର୍ମଳ ତା'ର ମାଆବାପାଙ୍କ ସହ ଘରେ ପହଞ୍ଚି ଯାଇଥିଲା ସେ ନିଜେ ବି ଜାଣି ପାରି ନ ଥିଲା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ**
**ମୋ : ୯୬୯୨୯୮୦୦୨୬**

## ଏଇ ଭାରତରେ

ଏମିତି ଜାଗାକୁ ଯିବେ ଯେଉଁଠି ମାଟିଘରେ ରହି ଜୈବିକ ଚାଷ ଦେଖିବେ ଓ ଶିଖିବେ ମଧ୍ୟ। ଏଭଳି ଏକ ପରିବେଶ ପାଇବେ ରାଜସ୍ଥାନର ଖୋରା ଶ୍ୟାମଦସାସ ଗାଁରେ। ସେଠାରେ ଦୁଇ କଲେଜ ବନ୍ଧୁ ଇନ୍ଦ୍ର ରଜତ ଜାଠ ଓ ସୀମା ସାଇନି ଖୋରା ଶ୍ୟାମଦସାସ ଗାଁରେ ୧.୫ ଏକର ଜମି କିଣି ସେଠାରେ ସମନ୍ୱିତ ଚାଷ କରିବା ସହ କୃଷିଭିତ୍ତିକ ପର୍ଯ୍ୟଟନ ବିକାଶ କରିପାରିଛନ୍ତି। ସେଠାରେ ସେମାନେ ଚାଷ ସହିତ ପ୍ରାଣୀପାଳନ କରୁଛନ୍ତି। କେବଳ ଏତିକି ନୁହେଁ, ଏହି ଦୁଇ ବନ୍ଧୁ ମଧ୍ୟ ଫାର୍ମରେ ମାଟିଘର କରି ସେଠାରେ ଅତିଥିମାନଙ୍କ ରହିବାର ବ୍ୟବସ୍ଥା କରିଛନ୍ତି। ସେମାନେ ଏବେ ସୁଦ୍ଧା ୧୦୦୦ରୁ ଅଧିକ କୃଷକଙ୍କୁ ଜୈବିକ ଓ ସମନ୍ୱିତ ଚାଷ ବିଷୟରେ ପ୍ରଶିକ୍ଷଣ ଦେବା ସହ କୃଷିଭିତ୍ତିକ ପର୍ଯ୍ୟଟନର ବିକାଶ ପାଇଁ ଉତ୍ସାହିତ କରୁଛନ୍ତି। ଏହି ଫାର୍ମରେ ବାଜରା, ବାର୍ଲି, ଗହମ ସହିତ ବିଭିନ୍ନ ପ୍ରକାର ପନିପରିବା ଓ ଫଳ ଚାଷ କରାଯାଉଛି। ଗୋଟିଏ ମାସରେ ପ୍ରାୟ ୨୦ ପରିବାର ସେହି ଫାର୍ମକୁ ବୁଲିଆସି ସେଠାରେ ମାଟିଘରେ ରହୁଛନ୍ତି। ଘରଗୁଡ଼ିକୁ ସ୍ଥାନୀୟ ଲୋକକଳାରେ ସଜାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୭୫

- ତାଳଚେର ହାଣ୍ଡିଧୁଆ କୋଇଲା ଖଣିକୁ ଭାରତ ସରକାରଙ୍କ କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତରିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।
- ସିକିମ ସମ୍ପର୍କୀୟ ସମ୍ବିଧାନ ତିଠା ବିଲ୍ କେନ୍ଦ୍ର ମନ୍ତ୍ରିମଣ୍ଡଳ ଦ୍ୱାରା ଗୃହୀତ।
- ଗଙ୍ଗା ନଦୀର ଜଳବଣ୍ଟନ ପାଇଁ ଭାରତ ଓ ବାଂଲାଦେଶ ଭିତରେ ଏକ ସ୍ୱଳ୍ପମିଆଦି ଚୁକ୍ତି ସମ୍ପାଦିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | | | 3 | | | 2 | |
| | 2 | | | | | | | 1 |
| | | 7 | | | | | | 9 |
| 4 | | 9 | | | | 5 | | 8 |
| | 1 | | | 9 | | 2 | | |
| | | | 8 | | | | | |
| | 7 | | | | | | 4 | |
| 5 | | | 4 | 1 | 9 | | | 7 |
| | | | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 8 | 4 | 7 | 2 | 1 | 6 | 9 |
| 7 | 6 | 2 | 1 | 9 | 3 | 5 | 4 | 8 |
| 4 | 1 | 9 | 8 | 5 | 6 | 7 | 2 | 3 |
| 6 | 8 | 7 | 5 | 3 | 1 | 4 | 9 | 2 |
| 3 | 4 | 5 | 9 | 2 | 7 | 8 | 1 | 6 |
| 9 | 2 | 1 | 6 | 8 | 4 | 3 | 7 | 5 |
| 1 | 9 | 3 | 2 | 4 | 5 | 6 | 8 | 7 |
| 8 | 5 | 4 | 7 | 6 | 9 | 2 | 3 | 1 |
| 2 | 7 | 6 | 3 | 1 | 8 | 9 | 5 | 4 |

ଗତକାଲିର ଉତ୍ତର

# ଶୂନ୍ୟରେ ସୁଖ ଖୋଜା



ହରିହର ତ୍ରିପାଠୀ

ଶ୍ରୀମଦ୍ ଭାଗବତ ମହାପୁରାଣର କୃଷ୍ଣଲୀଳା ଉପାଖ୍ୟାନ ବଡ଼ ଚମତ୍କାର। ଏଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ଅଲୌକିକ ଲୀଳା ସବୁର ବର୍ଣ୍ଣନା ରହିଛି। ତେବେ ଭାଗବତ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ସବୁବେଳେ ମାନବ ହୋଇ ରହିବାକୁ ଚାହୁଁଥିଲେ। ମାନବୀୟ ଲୀଳା ଦେଖାଉଥିଲେ। ତେବେ କେତେବେଳେ କେମିତି ତାଙ୍କ ଦ୍ୱାରା ଅତିମାନବୀୟ ଶକ୍ତିର ପ୍ରଦର୍ଶନ ହେଲେ ସେ ତତ୍‌କାଳ ଯୋଗମାୟାଙ୍କୁ ଡାକୁଥିଲେ। ଯୋଗମାୟା ଆସି ସମସ୍ତଙ୍କ ମନରୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରଦର୍ଶିତ ଅଲୌକିକ ଦୃଶ୍ୟାବଳୀକୁ ଲିଭାଇ ଦେଉଥିଲେ। ଯୋଗମାୟା ହେଉଛନ୍ତି ସାରା ସଂସାରକୁ ଭ୍ରମିତ କରିବାଭଳି ଶକ୍ତିର ଅଧିକାରିଣୀ। ଶ୍ରୀମଦ୍ ଭାଗବତର ଏହି ଉପାଖ୍ୟାନ ହୁଏତ କାହାକୁ ବିଶ୍ୱାସଯୋଗ୍ୟ ହୋଇପାରେ ବା ନ ପାରେ। ମାତ୍ର ଆଜିର ମଣିଷ ଯେ ଯୋଗମାୟାଙ୍କ ଶକ୍ତିକୁ ହାତରେ ଧରି ଚାଲୁଛି ସେକଥା କେହି ଅସ୍ୱୀକାର କରିବେ ନାହିଁ। ମଣିଷ ଏବେ ବାସ୍ତବ ଜିନିଷ ଅପେକ୍ଷା ଅବାସ୍ତବ ମାତ୍ର ସତ ଲାଗୁଥିବା ଜିନିଷରେ ଅଧିକ ବିଶ୍ୱାସ କରିବାକୁ ଆରମ୍ଭ କରିଛି। ସବୁକିଛି ଭୁଲିଯିବା ଲାଗି ତା' ହାତରେ ୨୪ଘଣ୍ଟିଆର ମନୋରଞ୍ଜନ କିମ୍ବା ମାୟାଡିଆରି ଯନ୍ତ୍ର ଉପଲବ୍ଧ ରହିଛି। ଏହା ହେଉଛି ସ୍ମାର୍ଟଫୋନ ଓ ତହିଁରେ ଉପଲବ୍ଧ ସାମାଜିକ ଗଣମାଧ୍ୟମ।

କୁହାଯାଏ ପ୍ରତୀକ୍ଷା ବଡ଼ ଯନ୍ତ୍ରଣାଦାୟକ। କାହାକୁ ଅପେକ୍ଷା କରିବାଠାରୁ ବଡ଼ ବିରକ୍ତିକର କାର୍ଯ୍ୟ ଆଉ କିଛି ନାହିଁ। ମାତ୍ର ଏବେ ପ୍ରତୀକ୍ଷା ଆନନ୍ଦଦାୟକ। ଆପଣ ଦେଖିବେ ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନରେ ଏବେ ଅପେକ୍ଷା କରିଥିବା ଲୋକମାନଙ୍କ ମୁହଁରେ ଆଦୌ ବିରକ୍ତି ବା ଅବସୋସର ଚିହ୍ନ ଦେଖିବାକୁ ମିଳୁନି। ବରଂ ସମସ୍ତେ ନିଜ ନିଜର ସ୍ମାର୍ଟଫୋନରେ ଶର୍ଟ ଭିଡିଓ ବା ରିଲ ଦେଖିବାରେ ବ୍ୟସ୍ତ ରହୁଛନ୍ତି। ମନକୁ ମନ ମୁରୁକି ମୁରୁକି ହସୁଛନ୍ତି। କେହି କେହି ବନ୍ଧୁଙ୍କ ସହିତ ଚାଟ୍‌ରେ ବ୍ୟସ୍ତ ରହୁଛନ୍ତି। ସାମାଜିକ ଗଣମାଧ୍ୟମରୂପୀ ଯୋଗମାୟା ସମସ୍ତଙ୍କର ପ୍ରତୀକ୍ଷାଜନିତ କଷ୍ଟ ହରଣ କରି ସମସ୍ତଙ୍କୁ ଅପାର ସୁଖ ପ୍ରଦାନ କରୁଛନ୍ତି!

କାହିଁ କେତେକାଳରୁ ମଣିଷ ତା' ନିଜ ଜୀବନର ରହସ୍ୟ ଭେଦ କରିବାକୁ ପ୍ରୟାସରତ। ଯୁଗଯୁଗରୁ ସେ ଚେଷ୍ଟା କରି ଆସୁଛି ଜାଣିବାକୁ ସେ କିଏ, ସେ କେଉଁଠାରୁ ଆସିଛି, କାହିଁକି ହୋଇଛି ତା'ର ଜନ୍ମ, କି କି କାର୍ଯ୍ୟ କଲେ ତା'ର ଜୀବନ ସଫଳ ହେବ ଇତ୍ୟାଦି ଅନେକ ପ୍ରଶ୍ନର ଉତ୍ତର। ପୁରାତନ ଯୁଗର ଋଷିମୁନିଙ୍କଠାରୁ ଆରମ୍ଭକରି ଆଧୁନିକ ଯୁଗର ଦାର୍ଶନିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଚେଷ୍ଟା କରିଛନ୍ତି ଏସବୁ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ, ତଥାପି ସଫଳ ହୋଇପାରିନାହାନ୍ତି। ଏବେ ବି ଏସବୁ ପ୍ରଶ୍ନ ମଣିଷକୁ ବ୍ୟଥିତ କରୁଛି। ତେଣୁ ସାଧାରଣ ବୁଦ୍ଧିସମ୍ପନ୍ନ ମଣିଷମାନେ ଏସବୁ ପ୍ରଶ୍ନର ଉତ୍ତର ନ ଖୋଜି ଯିଏ ଯେଉଁ ପରିବେଶରେ ଅଛନ୍ତି ସେହି ପରିବେଶରେ ଜୀବନକୁ ବଞ୍ଚିବାକୁ, ଜୀବନର ଆନନ୍ଦ ଉପଭୋଗ କରିବାକୁ ଚେଷ୍ଟା କରୁଛନ୍ତି। ତେବେ ଏଥିରେ ବି ମଣିଷ ସଫଳ ହୋଇପାରୁନି। ପ୍ରତିଟି ମଣିଷର ଆଶା ଅପୂରଣୀୟ ରହୁଛି। ରାସ୍ତାକଡରେ ବସି ଭିକ ମାଗୁଥିବା



ଭିକାରିଠାରୁ ଆରମ୍ଭକରି କୋଟିପତିଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ଭିତରେ ଅଭାବ ଅନୁଭବ କରୁଛନ୍ତି। ସମସ୍ତଙ୍କୁ ଲାଗୁଛି ଏଇ ଜୀବନଟା ଏମିତି ନ ହୋଇ ଅନ୍ୟପ୍ରକାରେ ହୋଇଥିଲେ ବୋଧହୁଏ ଭଲହୋଇଥାନ୍ତା। ମଣିଷର ଏହି ଅତୃପ୍ତିର ପରିସମାପ୍ତି ଲାଗି ବିଜ୍ଞାନ ଓ ପ୍ରଯୁକ୍ତି ତା' ପାଖରେ ରଖୁଛି ଗୋଟିକ ପରେ ଗୋଟେ ଲୋଭନୀୟ ପ୍ରସ୍ତୁତି। ଆଧୁନିକ ଆଇଟି ଦୁନିଆ ମଣିଷ ନିମନ୍ତେ ବାସ୍ତବ ଦୁନିଆ ବାହାରେ ଆଉ ଏକ ଦୁନିଆର ସୃଷ୍ଟି କରିଛି। ଏହି ଦୁନିଆକୁ କୁହାଯାଉଛି ଶୂନ୍ୟ ସମାଜ ବା ଭର୍ଚୁଆଲ ସୋସାଇଟି। ଏହି ଦୁନିଆ କେବଳ ମଣିଷର କଳ୍ପନାରେ ନୁହେଁ, କଳ୍ପନାରୁ ବାହାରି ଆସି ଅନେକଗୁଡିଏ ବାସ୍ତବତାର ଝଲକ ପ୍ରତିମୁହୂର୍ତ୍ତରେ ମଣିଷକୁ ଦେଇପାରୁଛି। ଧୀରେ ଧୀରେ ମଣିଷ ଏଇ ଦୁନିଆକୁ ଆଦରି ନେଉଛି, ମଣିଷ ବାସ୍ତବ ଦୁନିଆରୁ ଦୂରେଇ ଯାଇ ଏହି ଅବାସ୍ତବ ଦୁନିଆରେ ବଞ୍ଚିବାକୁ ଏବେ ବେଶ୍ ପସନ୍ଦ କରୁଛି, ଖୁସି ହେଉଛି ଓ ଜୀବନକୁ ନୂଆଭାବେ ଉପଭୋଗ କରୁଛି।

ସାମାଜିକ ଗଣମାଧ୍ୟମର ଦ୍ରୁତ ବିକାଶ ଅସୀମିତ ସେଲ୍ୟୁଲାର ଇଣ୍ଟରନେଟ୍ ତଥା ଡାଟା ଯୋଗାଣ ତାକୁ ତା'ର ଏଇ ମନଗଢ଼ା ସଂସାର ଭିତରେ ବଞ୍ଚିବାକୁ ପ୍ରେରିତ କରୁଛି। ଏବେ ୱେବ୍ ଓ ସୋସିଆଲ ମିଡିଆ ହୋଇଛି ମଣିଷର ନୂଆ ଦୁନିଆ। ସୋସିଆଲ ମିଡିଆ ସହାୟତାରେ ନିଜର ଏକ ନୂଆ ପରିଚୟ ନେଇ ବଞ୍ଚିବାକୁ ପସନ୍ଦ କରୁଛି। ମଣିଷ ଏବେ ଯେତିକି ସମୟ ନିଜ ଲାଗି ଦେଉନି ତା'ଠାରୁ ଅଧିକ ସମୟ ସୋସିଆଲ ମିଡିଆରେ ଦେଉଛି। ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ ମଣିଷ ଯେତିକି ସମୟ ବିନା ନିଦ୍ରାରେ କାଟୁଛି ସେହି ସମୟର ୮୦ ପ୍ରତିଶତରୁ ଅଧିକ ସମୟ ସେ ସୋସିଆଲ ମିଡିଆରେ ଦେଉଛି ବା ସେ ବିଷୟରେ ଚିନ୍ତାକରୁଛି ! ପ୍ରତି ମୁହୂର୍ତ୍ତରେ ତା'ର ଚିନ୍ତା ଚେତନାକୁ ଆବୋରି ବସିଛି ସୋସିଆଲ ମିଡିଆ ବା ସେହିଭଳି ଶୂନ୍ୟ ଦୁନିଆ। ଏବେ ଲୋକେ ଗୋଟେ ନୂଆ ଜାଗାରେ ପହଞ୍ଚିଲେ ପ୍ରଥମେ ସେ ଜାଗା, ସେ ପରିବେଶ, ସେଠିକାର ନୂଆଲୋକଙ୍କୁ ନ ଦେଖି ପକେଟରୁ ବାହାର କରୁଛନ୍ତି ସେଲ୍‌ଫୋନ ଓ ତତ୍‌କାଳ ନିଜର ଶୂନ୍ୟ ଦୁନିଆରେ ବୁଡ଼ିଯାଉଛନ୍ତି। ଲୋକଙ୍କ ଭିତରେ ସାମାଜିକ ଭାବ ବିନିମୟ ଏବେ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଦିନ ଥିଲା ସକାଳୁ ଘରୁ ବାହାରିଲା ମାତ୍ରେ ଚିହ୍ନା ଥାଉ ବା ନ ଥାଉ ଲୋକଙ୍କଠାରୁ ଅନେକ ଅନାବଶ୍ୟକ ପ୍ରଶ୍ନ କାନରେ ପଡୁଥିଲା- ଏଇ ଯେମିତି, କୁଆଡେ ବାହାରିଲେ, ବଜାର ଯାଇଥିଲେ କି? କ'ଣ ଦେଖା ନାହିଁ? ଆଉ କେମିତି ଅଛନ୍ତି ଇତ୍ୟାଦି ଇତ୍ୟାଦି। ବଜାର ହାଟ, ଛକଜାଗାମାନଙ୍କରେ କିଛି କାମ ନ ଥିଲେ ବି ଅଧିକାଂଶ ଲୋକ ଭିଡ ଜମାଉଥିଲେ କେବଳ ଟିକେ ଗପସପ ଆଶାରେ। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ଘରୁ ବାହାରିଲା ପରେ କେହି ଆଉ କାହା ସହିତ କଥା ହେଉନାହାନ୍ତି ବରଂ ସମସ୍ତେ କଥାରେ ବ୍ୟସ୍ତ ରହୁଛନ୍ତି ନିଜର ସ୍ମାର୍ଟଫୋନ୍‌ରେ। ଏବେ ସବୁଠାରୁ ସମୟଖାଦକ ବସ୍ତୁ ହେଉଛି ଫେସ୍‌ବୁକ୍‌ର ରିଲସ୍, ଇନ୍‌ଷ୍ଟାଗ୍ରାମ୍ କିମ୍ବା ୟୁଟ୍ୟୁବ୍‌ର ଶର୍ଟ ଭିଡିଓ। ମାତ୍ର ୧ ମିନିଟ୍ ଭିତରର ଏହି ପ୍ରୋଗ୍ରାମଗୁଡ଼ିକ ଧୈର୍ଯ୍ୟହରା ମଣିଷକୁ ଜୀବନର ନାନା ରଙ୍ଗ ଦେଖାଉଛନ୍ତି। ମଣିଷ ଏସବୁ ଭିତରେ ବୁଡ଼ି ରହୁଛି, ନିଜକୁ, ନିଜର ଚାରିପାଖକୁ ଭୁଲି ଶୂନ୍ୟରୁ ସୁଖର ସନ୍ଧାନ କରୁଛି।

**ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା**
**ମୋ : ୯୪୩୯୯୦୩୨୨୦**

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷୀର ବିଶୁଦ୍ଧ ନା ବିଷାକ୍ତ

କଥାରେ ଅଛି ସାଧୁର ଲକ୍ଷଣ ଈଶ୍ୱର ଭକ୍ତି, ଦୁଗ୍ଧ ପାନକଲେ ବଢ଼ଇ ଶକ୍ତି। ସାଧାରଣତଃ ଛୋଟ ପିଲା ଓ ରୋଗୀମାନଙ୍କୁ କ୍ଷୀର ପାନ କରାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହେଲେ ବର୍ତ୍ତମାନ ଉପଲବ୍ଧ କ୍ଷୀର ବିଶୁଦ୍ଧ ନା ବିଷାକ୍ତ ? ଜାତୀୟ ସର୍ବେକ୍ଷଣ ସୂଚନା ଅନୁସାରେ, ବଜାରରେ ଉପଲବ୍ଧ କ୍ଷୀର ପ୍ରତି ୧୦ ଲିଟରରେ ଗୋଟିଏ ଲିଟର କ୍ଷୀର ପିଇବା ପାଇଁ ଅନୁପଯୁକ୍ତ। କାରଣ ଉକ୍ତ କ୍ଷୀରରେ ଆଫ୍ଲାଟକ୍ସିନ ଅଂଶ ଅଧିକ ଦେଖିବାକୁ ମିଳୁଛି। ଏହି କ୍ଷୀରକୁ ପିଇବା ଯୋଗୁ ଜଟିଳ ପେଟ ରୋଗ ସୃଷ୍ଟି ହୋଇଥାଏ। ଏହି ଆଫ୍ଲାଟକ୍ସିନ ସାଧାରଣତଃ ବର୍ଷା ଜଳରେ ପଚି ଶଢି ଯାଇଥିବା ପାଳ ଓ କୁଟାରେ ଜାତ ହୋଇଥାଏ। ଗୋ-ପାଳକମାନେ ଲାଭଖୋର ମନୋବୃତ୍ତି ଯୋଗୁ ଏପରି ନିମ୍ନମାନର ଖାଦ୍ୟ ଗୋ-ମହିଷାଦିଙ୍କୁ ଖାଇବାକୁ ଦେଇଥାନ୍ତି। ଅଜାଣତରେ ଏହି କ୍ଷୀରକୁ ଗ୍ରାହକମାନେ କିଣି ବ୍ୟବହାର କରୁଛନ୍ତି। ପ୍ରକୃତପକ୍ଷେ ଗୋ-ପାଳକମାନେ ଗୋ-ମହିଷାଦିଙ୍କୁ ସବୁଜ ଖାଦ୍ୟ ବହୁଳ ପରିମାଣରେ ଖାଇବାକୁ ଦେବା ଆବଶ୍ୟକ। ନଚେତ ଏପରି କ୍ଷୀର ବ୍ୟବହାରକାରୀମାନେ ନୀରବଘାତକ ବିଷମାନ ବ୍ୟବହାର ପୂର୍ବକ ଜୀବନ ଯନ୍ତ୍ରଣାରେ ଛଟପଟ ହେବେ।

-ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବକ୍ଷଭରା ଯଉବନ ଘେନି ମୁଁ ତେସନ
ଲୋଡୁଛି କାହାର ଆଜି ଶୁଭ ଦରଶନ,
କାହାର ଚରଣଧାରେ
ଅସହ୍ୟ ଏ ପ୍ରୀତିଭାରେ
ନୀରବେ ତୋ କୂଳେ ମୁଁ ଯେ କରେଁ ନିବେଦନ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ


ଫଟୋ: ମନୋରଞ୍ଜନ ମିଶ୍ର
ରାଜଧାନୀରେ ଗୁରୁବାର ପ୍ରବଳ ରୌଦ୍ରତାପ ସତ୍ତ୍ୱେ ସରକାରଙ୍କ ନିର୍ଦ୍ଦେଶକୁ ଖାତିର ନ କରି ଶ୍ରମିକମାନଙ୍କୁ ଦିନ ଦ୍ୱିପ୍ରହରରେ କାମରେ ନିୟୋଜିତ କରାଯାଇଛି।

# କଡ଼ା ସୁରକ୍ଷାକୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ

## ରାଜଧାନୀରେ ୯ ଦିନରେ ୧୦ରୁ ଊର୍ଦ୍ଧ୍ୱ ଚୋରି

ଭୁବନେଶ୍ୱର,୧୮।୪(ସତ୍ୟଜିତ୍ ରାଉତ)

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ପୋଲିସ ଟିମ୍ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ବ୍ଲକିଂ, ଚେକିଂ ଚାଲିଛି। ଏହାସତ୍ତ୍ୱେ ସହର ଓ ଉପକଣ୍ଠରେ ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ୍ ଦେଉଛନ୍ତି। ଗୋଟିକିଆ ଘର ହେଉ କି ଆପାର୍ଟମେଣ୍ଟ, ସବୁଠି କଳାକନା ବୁଲାଉଛନ୍ତି। ଏପଟେ 'ୱି କେୟାର-ୱି ଡେୟାର' ସ୍ଲୋଗାନ ଦେଉଥିବା କମିଶନରେଟ୍ ପୋଲିସ ତଦନ୍ତରେ ଝିମେଇଥିବା ଅଭିଯୋଗ ହେଉଛି। ଗତ ୯ ଦିନ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଘରୁ ଚୋରି ହେବା ଘଟଣା ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚୋରମାନେ ଏପ୍ରିଲ ୮ ବିଳମ୍ବିତ ରାତିରେ ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ହଂସପାଳ-ପୁରୀ କେନାଲ ରୋଡ୍ ନିକଟ ମେଟ୍ରୋ ସାଟେଲାଇଟ୍ ସିଟିରେ ୩ଟି ବ୍ଲକ୍‌ର ୩ ଫ୍ଲାଟକୁ ଟାର୍ଗେଟ୍ କରିଥିଲେ। ସେସବୁ ଘରୁ ଲକ୍ଷାଧିକ ଟଙ୍କା ଓ ବହୁମୂଲ୍ୟ ସୁନା ଅଳଙ୍କାର ନେଇଯାଇଥିଲେ। ସେହି ରାତିରେ ସ୍ଥାନୀୟ ଆଉ ଜଣଙ୍କ ଘରୁ ମଧ୍ୟ ଚୋରି ହୋଇଥିଲା। ସେହିପରି ଏପ୍ରିଲ ୧୧ ରାତିରେ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମ ନିକଟ ସ୍ପ୍ରିଙ୍ଗଲିଫ ଓ

■ ଆପାର୍ଟମେଣ୍ଟକୁ ଅଧିକ ଟାର୍ଗେଟ୍
■ ତଦନ୍ତରେ ଶିଥିଳତା, ଧରାପଡୁନାହାନ୍ତି ଅଭିଯୁକ୍ତ

ଜେସିଏସ୍ ଆପାର୍ଟମେଣ୍ଟରୁ ଗୋଟିଏ ଲେଖାଏ ଫ୍ଲାଟରୁ ଚୋରି ହୋଇଥିଲା। ଉକ୍ତ ରାତିରେ ପାହାଳ ଥାନା ଅନ୍ତର୍ଗତ ଜୟୀପୁରରେ ରହୁଥିବା ଶରତ କୁମାର ମହାନ୍ତି ଶୋଇଥିବା ରୁମ୍‌ରେ ବାହାର ପଟୁ ତାଙ୍କୁ ତାଲା ପକାଇ ଚୋରମାନେ କଳାକନା ବୁଲାଇଥିଲେ। ଶରତଙ୍କ ଅନ୍ୟଏକ ରୁମ୍‌ରୁ ନଗଦ ଟଙ୍କା ଓ ସୁନା ଅଳଙ୍କାର ଆଦି ଦେଢ଼ ଲକ୍ଷ ଟଙ୍କାର ସମ୍ପତ୍ତି ଚୋରି କରିନେଇଥିଲେ। ଗତ ୪ ଦିନ ତଳେ ପାହାଳ ଥାନା ଅଧିନ ଇଣ୍ଡିଆନ ଅଏଲ୍ ହାଉସିଂ ସୋସାଇଟିର ମାଲିକ ମଧୁସ୍ମିତା ଦାସଙ୍କ ଫ୍ଲାଟରୁ ଚୋରି ହୋଇଥିଲା। ତେବେ ଏସବୁ ମାମଲାରେ ଏଯାଏ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ଦୂରର କଥା ଚିହ୍ନଟ ବି କରିପାରି ନାହିଁ। ଅନ୍ୟପକ୍ଷରେ ଗୁଗଲ ମାପିଂ ସିଷ୍ଟମ ସହାୟତାରେ ଚୋରଙ୍କୁ ଚିହ୍ନଟ କରାଯିବ ପୋଲିସ କହିଥିଲା। ହେଲେ ମାମଲାର ତଦନ୍ତରେ ଶୀଥିଳତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।



### ଚୋରି ସମ୍ପତ୍ତି ଫେରିପାଇବାର ଆଶା ନାହିଁ

"ମୁଁ ଘରେ ଥିବାବେଳେ ମୋତେ ଏକ ରୁମ୍‌ରେ ତାଲା ପକାଇ ଦୁର୍ବୃତ୍ତମାନେ ଚୋରି କରିବାର ସାହାସ କଲେ। ଚୋରି ଘଟଣା ଦିନଠୁ ମାମଲାର ତଦନ୍ତ ନେଇ ପୋଲିସ ପକ୍ଷରୁ ମୋତେ କୌଣସି ଅପଡେଟ୍ ଦିଆଯାଇନାହିଁ। ମୋ ଘରଠୁ ଚୋରି ହେବାର ଗୋଟିଏ ଦିନ ପରେ ପାଖ ଅଞ୍ଚଳରେ ସମାନ ଘଟଣା ଘଟାଇ ଚୋରମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଚୋରି ସମ୍ପତ୍ତି ଫେରିପାଇବାର ଆଶା ଆଉ ନାହିଁ। ୯୯ ପ୍ରତିଶତ ଆଶା ଛାଡ଼ି ଦେଇଛୁ। ଚୋରି ରୋକିବାକୁ ପୋଲିସ ରାତ୍ରିକାଳୀନ ପେଟ୍ରୋଲିଂ ଅଧିକ ବଢ଼ାଇବାର ଦରକାର।
– ସରୋଜ କୁମାର ମହାନ୍ତି, ଅଭିଯୋଗକାରୀ

### ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଛି

"ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିବାକୁ ପ୍ରୟାସ ଚାଲିଛି। ଆମ ଟିମ ଏ ଦିଗରେ କାମ କରୁଛି। ସେମାନେ ଧରାପଡ଼ିଲେ ରାଜ୍ୟ ଭିତର ଗ୍ୟାଙ୍ଗ ନା ଆନ୍ତଃରାଜ୍ୟ ଗ୍ୟାଙ୍ଗ ତାହା ଜଣାପଡ଼ିବ। ଚୋରିର ଶିକାର ନ ହେବା ପାଇଁ ଲୋକମାନେ ସେମାନଙ୍କ ଘରର ସୁରକ୍ଷା ବଢ଼ାଇବା ଉଚିତ। ଘରେ ଇଣ୍ଟରଲାଲ୍ ଲକିଂ ବ୍ୟବହାର କରିବା କଥା। ଆପାର୍ଟମେଣ୍ଟରେ ରାତି ସମୟରେ ସୁରକ୍ଷା କର୍ମୀ ସକ୍ରିୟ ରହିବା ଦରକାର।
–ପ୍ରତୀକ ସିଂ, ଭୁବନେଶ୍ୱର ଡିସିପି

# ଅଟକିଛି କଂଗ୍ରେସ ପ୍ରାର୍ଥୀଙ୍କ ନାଁ ଘୋଷଣା

**ବାରବାଟୀ-କଟକ ନିର୍ବାଚନମଣ୍ଡଳୀ**

**ଚର୍ଚ୍ଚାରେ ମହମ୍ମଦ ମୋକିମ, ଝିଅ ସୋଫିଆ ଫିର୍‌ଦୋସ**

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସ ତୃତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଗୁରୁବାର ଘୋଷଣା କରିଛି। ୪ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବାବେଳେ ସେଥିରେ ମାହାଙ୍ଗା ନିର୍ବାଚନମଣ୍ଡଳି ରହିଛି। ହେଲେ ଏବେ ବି ଝୁଲି ରହିଛି ବାରବାଟୀ-କଟକ ନିର୍ବାଚନମଣ୍ଡଳି ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା।

କଟକ ଜିଲାର ୯ଟି ନିର୍ବାଚନମଣ୍ଡଳି ମଧ୍ୟରୁ ପୂର୍ବରୁ ୭ଟି ନିର୍ବାଚନ ମଣ୍ଡଳୀ ଯଥା-କଟକ ସଦରରୁ ରାମଚନ୍ଦ୍ର ଗୋଚ୍ଛାୟତ, ଚୌଦ୍ୱାର-କଟକରୁ ମୀରା ମଲ୍ଲିକ, ନିଆଳିରୁ ଜ୍ୟୋତିରଞ୍ଜନ ମଲ୍ଲିକ, ସାଲେପୁରରୁ ଆକିବ୍ ଉଜ୍ଜମାନ ଖାନ୍, ଆଠଗଡ଼ରୁ ମେହମୁଦ ଅହମ୍ମଦ ଖାନ୍, ବାଙ୍କୀରୁ ଦେବାଶିଷ ପଟ୍ଟନାୟକ, ବଡମ୍ବାରୁ ସଞ୍ଜୟ କୁମାର ସାହୁଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ଗୁରୁବାର ମାହାଙ୍ଗାରୁ ଦେବେନ୍ଦ୍ର ସାହୁଙ୍କୁ ଦଳ ପ୍ରାର୍ଥୀ କରିଛି। ହେଲେ ବାରବାଟୀ-କଟକରୁ କିଏ ପ୍ରାର୍ଥୀ ହେବ ଏପର୍ଯ୍ୟନ୍ତ କଂଗ୍ରେସ ତାହା ସ୍ପଷ୍ଟ କରିନାହିଁ। କଂଗ୍ରେସ ଟିକେଟ ପାଇବା ପାଇଁ ବେଶ୍ ଚର୍ଚ୍ଚାରେ ରହିଛନ୍ତି ଦଳର ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ। ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏବେ ପଦଯାତ୍ରା ମାଧ୍ୟମରେ ଘର ଘର ବୁଲି ସମସ୍ତ କାର୍ଯ୍ୟ ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଯିବା ସହ ମୋକିମ ପ୍ରାର୍ଥୀ ହେଲେ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରାଯାଉଛି। ଅପରପକ୍ଷରେ ମୋକିମଙ୍କ ନିର୍ବାଚନକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ। ପରେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମୋକିମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିଛିଦିନ ତଳେ ଓଆର୍‌ଏଚ୍‌ଡିସି ମାମଲାରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ହାଇକୋର୍ଟ କାଏମ ରଖିଛନ୍ତି। ଏପରି ହାଇକୋର୍ଟଙ୍କ ଛାଟ ଯୋଗୁ ମୋକିମଙ୍କୁ ଟିକେଟ ମିଳିବା ନେଇ ଦଳ ନିଷ୍ପତ୍ତି ନେଇ ପାରୁ ନ ଥିବା ଲୋକେ ଆଲୋଚନା କରୁଛନ୍ତି। ହାଇକୋର୍ଟଙ୍କ ରାୟ ପରେ ଯଦି ଦଳ ମୋକିମଙ୍କୁ ଟିକେଟ ନ ଦିଏ ତେବେ ତାଙ୍କ ଝିଅ ସୋଫିଆ ଫିର୍‌ଦୋସଙ୍କୁ ଟିକେଟ ଦେବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ମୋକିମ କହିଛନ୍ତି, ଆସନ୍ତା ୨୨ ତାରିଖରେ ସୁପ୍ରିମକୋର୍ଟରେ ଶୁଣାଣି ଅଛି, ରାୟ ଏବେ ଯାଏ ଆସିନାହିଁ। ତାଙ୍କୁ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ପୂର୍ଣ୍ଣ ବିଶ୍ୱାସ ରହିଛି ଏବଂ ନିର୍ବାଚନ ଲଢ଼ିବା ସପକ୍ଷରେ ରାୟ ଶୁଣାଣି ହେବ। ନିର୍ବାଚନକୁ ଆଖି ଆଗରେ ରଖି ସମସ୍ତ କାର୍ଯ୍ୟ ଜାରି ରଖିଛି। ନିର୍ବାଚନ ପାଇଁ ପ୍ରସ୍ତୁତ ରହିଥିବା ପୂର୍ବରୁ ଗଣମାଧ୍ୟମରେ ଜଣାଇସାରିଛି। ମୋ ଝିଅ ସୋଫିଆଙ୍କ ନାଁ ଲୋକେ ଚର୍ଚ୍ଚା କରୁଛନ୍ତି। ହେଲେ ଏପର୍ଯ୍ୟନ୍ତ ସେଭଳି କୌଣସି ନିଷ୍ପତ୍ତି ହୋଇନାହିଁ। କାହାକୁ ଟିକେଟ ମିଳିବ, ତାହା ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

# ବିଜେଡିରେ ଭାଜପାର କମଳାକାନ୍ତ, ରୋବେଲ


ଶଙ୍ଖ ଭବନଠାରେ ଗୁରୁବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ନୂତନ ଭାବେ ଯୋଗ ଦେଇଥିବା ପଟ୍ଟାଙ୍ଗୀର ଅନ୍ୟ ଦଳର ନେତା ଓ କର୍ମୀ।

ଭୁବନେଶ୍ୱର,୧୮।୪(ଅନିଲ ଦାସ)

କୋରାପୁଟ ଜିଲା ଶେମିଳିଗୁଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ନେତା ରୋବେଲ କାଡାମଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ଗୁରୁବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ପଟ୍ଟାଙ୍ଗୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ପାଙ୍ଗୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କୁ ସସ୍ମିତ ଓ ପାଙ୍ଗୀ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା ଓ କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଉଭୟ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସେ ଯୋଗ ଦେଇଛନ୍ତି। ଦଳରେ ତାଙ୍କ ସହ ସମସ୍ତ ଭାଜପା ଓ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ମିଶ୍ରଣ ପର୍ବରେ ପ୍ରତାପ କୁମାର ଚୌଧୁରୀ, ରଞ୍ଜିତ କୁମାର ପାଙ୍ଗୀ, ସୀତାକାନ୍ତ ନାୟକ, ଗୋପାଳ ଚନ୍ଦ୍ର ସାହୁ, ହରି ଗନ୍ଧାରୀ, ପୂର୍ଣ୍ଣ ଗୁନ୍ଥା, ପରମେଶ ପାଙ୍ଗୀ, ରଞ୍ଜନ ଖାରା, ରବୀନ୍ଦ୍ର ପାଙ୍ଗୀ ଓ ଲବ ହନ୍ତାଲଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି କନ୍ଧମାଳର ରାଜ୍ୟ ଭାଜପା କାର୍ଯ୍ୟକାରୀ ସଦସ୍ୟ କମଳାକାନ୍ତ ପାଣ୍ଡେଙ୍କ ସହ ଶତାଧିକ ଭାଜପା କର୍ମକର୍ତ୍ତା ଓ ନିର୍ବାଚିତ କଂଗ୍ରେସ ପ୍ରତିନିଧି ଶଙ୍ଖଭବନରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, କନ୍ଧମାଳ ଲୋକ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଓ କନ୍ଧମାଳ ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା କମଳାକାନ୍ତ ପାଣ୍ଡେଙ୍କ ସହ ଶତାଧିକ ଭାଜପା କର୍ମୀଙ୍କୁ ସସ୍ମିତ, ଅଚ୍ୟୁତ ଓ ବିଜୟ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ କନ୍ଧମାଳ ଜିଲାରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ କଂଗ୍ରେସ ନେତ୍ରୀ ବିଳାସିନୀ ନାୟକ, ରାଧାମୋହନ ମହାପାତ୍ର, ସମିତି ସଭ୍ୟ କାଳିପ୍ରସାଦ ନାୟକ, ରଞ୍ଜିତ ପ୍ରଧାନ, ପ୍ରଦୀପ ବେହେରା ଓ ନିରାକାର ବେହେରାଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

**ବାରବାଟୀ ବସ୍ ଦୁର୍ଘଟଣା**

# କେନ୍ଦ୍ରୀୟ ଟିମ୍‌ର ତଦନ୍ତ


ଦୁର୍ଘଟଣାସ୍ଥଳରେ କେନ୍ଦ୍ରୀୟ ତଦନ୍ତକାରୀ ଟିମ୍।

ଧର୍ମଶାଳା,୧୮।୪ (ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ଛକ ନିକଟରେ ଯାତ୍ରୀବାହୀ ବସ୍ ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ଅପରାହ୍ଣରେ କେନ୍ଦ୍ର ସେଭ୍ ଲାଇଭ ଫାଉଣ୍ଡେଶନର ୨ ଜଣିଆ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଓଭରବ୍ରିଜରେ ରହି ଲୋକଙ୍କୁ ଦୁର୍ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଏହାର ବୈଜ୍ଞାନିକ କାରଣ ଖୋଜିଛନ୍ତି। ପରେ ଜାରକା ବିଟ୍ ହାଉସ ପରିସରରେ ଥିବା ଦୁର୍ଘଟଣାଗ୍ରସ୍ତ ବସ୍‌ର ଅନୁଧ୍ୟାନ କରିବା ସହ ଫଟୋ ଉଠାଇଛନ୍ତି। ଏହି ସମୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, କଟକ ଏମ୍‌ଭିଆଇ ବିଶ୍ୱଜିତ ଦାସ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଓ ଏସ୍‌ଆଇ ଅସିତ କୁମାର ସାମନ୍ତରାୟଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଦୁର୍ଘଟଣା କାହିଁକି ଓ କିପରି ଘଟିଲା ଏନେଇ କାରଣ ଖୋଜାଚାଲିଛି। କେନ୍ଦ୍ର ସେଭ୍ ଲାଇଭ ଫାଉଣ୍ଡେଶନର ୨ ଜଣିଆ ତଦନ୍ତକାରୀ ଦଳ ଆସି ଦୁର୍ଘଟଣାର ବୈଜ୍ଞାନିକ କାରଣ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି ବୋଲି ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

ଗତ ୧୫ତାରିଖ ରାତି ପ୍ରାୟ ୮ଟା୪୫ରେ ପୁରୀରୁ ପଶ୍ଚିମବଙ୍ଗର ହଳଦିଆ ଅଭିମୁଖେ ଯାଉଥିବା କାଳିଆନନା ନାମକ ଯାତ୍ରୀବାହୀ ବସ୍ ବାରବାଟୀ ଛକ ନିକଟରେ ଭାରସାମ୍ୟ ହରାଇ ଓଭର ବ୍ରିଜ୍‌ରୁ ତଳକୁ ଖସି ପଡ଼ିଥିଲା। ଫଳରେ ୫ଜଣ ବସ୍ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ୪୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ।

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଏସ୍‌ଟି-ଓଟି-କେବଲ୍‌ଶିଫ୍ଟ-ଏବିବିଏସ୍_୨, (୨) ଏସ୍‌ଟି-ଓଟି-କେବଲ୍‌ଶିଫ୍ଟ-ଏବିବିଏସ୍_୩, ତାରିଖ: ୧୬।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଏସ୍‌ଟିଇ (ସିଓ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଦର୍ଶିତ ତାରିଖର ୧୨.୦୦ ଘଣ୍ଟିକା ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୨.୩୦ ଘଣ୍ଟିକାରେ ଖୋଲାଯିବ। **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା: (୧)** ଏସ୍‌ଏସ୍‌ଇ/ଏସ୍/ଆରଆରଆଇ/କେଜିପି, ଏସ୍‌ଏସ୍‌ଇ/ଏସ୍/ୱେଷ୍ଟ/କେଜିପି, ଏସ୍‌ଏସ୍‌ଇ/ଏସ୍/ଏନ୍‌ଏମ୍‌ପି, ଏସ୍‌ଏସ୍‌ଇ/ଏସ୍/ଜିଟିଏସ୍, ଏସ୍‌ଏସ୍‌ଇ/ଟି/ସିଏନ୍‌ଆଇ/କେଜିପି ଏବଂ ଏସ୍‌ଏସ୍‌ଇ/ଟି/ଡବ୍ଲ୍ୟୁ/କେଜିପି ଅଧୀନରେ କେଜିପି-ଏମ୍‌ଡିଏନ୍ ସେକ୍ସନ ସମେତ କେଜିପି-ଟାଟା ସେକ୍ସନରେ ଏବିବିଏସ୍ ସ୍କିମ୍ ଅଧୀନରେ ୧୨.୦ ମି ପ୍ରସ୍ଥ ଏଫ୍‌ଓବିର କାର୍ଯ୍ୟ ସଂକ୍ରାନ୍ତରେ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କାର୍ଯ୍ୟର ଏସ୍ ଆଣ୍ଡ ଟି ଅଂଶର କାର୍ଯ୍ୟ ତଥା ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନରେ ଏମ୍‌ଡିଏନ୍ ଷ୍ଟେଶନଠାରେ ୨ ଗୋଟି ଏସ୍କେଲେଟରର ବ୍ୟବସ୍ଥା। **(୨)** ନିମ୍ନଲିଖିତ କାର୍ଯ୍ୟ ସଂକ୍ରାନ୍ତୀୟ ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ (i) ଏସ୍‌ଏସ୍‌ଇ/ଏସ୍/ ସାଉଥ୍/କେଜିପି, ଏସ୍‌ଏସ୍‌ଇ/ଏସ୍/ବିଏଲ୍‌ଏସ୍, ଏସ୍‌ଏସ୍‌ଇ/ଟି/ସିଏନ୍‌ଏଲ୍/କେଜିପି ଏବଂ ଏସ୍‌ଏସ୍‌ଇ/ଟି/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଏବିବିଏସ୍ ସ୍କିମ୍ ଅଧୀନରେ ୧୨.୦ ମିଟର ପ୍ରସ୍ଥ ଏଫ୍‌ଓବିର ବ୍ୟବସ୍ଥା ସଂକ୍ରାନ୍ତରେ (ii) ରୁପ୍‌ସା-ବାଙ୍ଗିରିପୋଷୀ ସେକ୍ସନରେ ପିଏଫ୍ ପୃଷ୍ଠଭାଗର ଉନ୍ନତୀକରଣ ତଥା ୱାଟର୍ ଭାଟ୍ ଓ ଟଏଲେଟ୍‌ର ବ୍ୟବସ୍ଥା ସଂକ୍ରାନ୍ତୀୟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୩୯,୨୨,୪୪୩.୭୮ (କ୍ର.ସଂ. ୧ ପାଇଁ) ଏବଂ ₹୪୬,୯୭,୮୯୩.୩୬ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୭୮,୫୦୦ (କ୍ର.ସଂ. ୧ ପାଇଁ) ଏବଂ ₹୯୪,୦୦୦ (କ୍ର.ସଂ. ୨ ପାଇଁ)। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ। **ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୬ ମାସ। **ଦାଖଲର ଶେଷ ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ ୧୨.୦୦ ଘଣ୍ଟିକା ପର୍ଯ୍ୟନ୍ତ। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-52)**

# ସମ୍ବଲପୁର ବିକାଶ କଥା ଉଠାଇ ଧର୍ମେନ୍ଦ୍ରଙ୍କୁ ଟାର୍ଗେଟ୍ କଲେ ବବି

**ରାଜ୍ୟ ସମସ୍ୟା କଥା କହି ରେଙ୍ଗାଲି ଭାଜପା ବିଧାୟକଙ୍କ ପାଲଟା ଜବାବ**

ଭୁବନେଶ୍ୱର,୧୮।୪(ସୁନିତ୍ ମିଶ୍ର)

ସମ୍ବଲପୁର ଲୋକ ସଭା ଆସନରେ ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ସେହିପରି ତାଙ୍କ ବିରୋଧରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ପ୍ରାର୍ଥୀ କରିଛି। ଫଳରେ ଉଭୟ ନେତା କେନ୍ଦ୍ର ଏବଂ ରାଜ୍ୟ ସରକାର ସମ୍ବଲପୁର ପାଇଁ କ'ଣ କରିଛନ୍ତି ନ କରିଛନ୍ତି ତାକୁ ନେଇ ସାମାଜିକ ଗଣମାଧ୍ୟମ ଜରିଆରେ ଦୈନିକ ପରସ୍ପର ବିରୋଧରେ ଗୋହି ଖୋଲାଖୋଲି ଜାରି ରଖିଛନ୍ତି। ବବି ଗୁରୁବାର ତାଙ୍କ 'ଏକ୍ସ' ଆକାଉଣ୍ଟରେ ଦୁଇଟି ଫଟୋ ପୋଷ୍ଟ କରିଛନ୍ତି। ଗୋଟିକରେ ବିଜୁ ଏକପ୍ରେସ୍ ୱେ ରାସ୍ତା ଯାହା ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଛି ସେକଥା ଫଟୋ ସହ ଉଲ୍ଲେଖ ଅଛି। ଲେଖିଛନ୍ତି, ଏହା ବିଜୁ ଏକ୍ସପ୍ରେସ୍ ୱେ ରାଜ୍ୟ ସରକାରଙ୍କ ଅନ୍ୟତମ ଶ୍ରେଷ୍ଠ ରାସ୍ତା। ଅନ୍ୟ ଏକ ଫଟୋ ଏନ୍‌ଏଚ୍-୫୫ର ଫଟୋ ବୋଲି ପୋଷ୍ଟ କରି ଲେଖିଛନ୍ତି, ଏହିରାସ୍ତା କାମ ୧୦ ବର୍ଷ ହେଲା ଶେଷ ହେଉନାହିଁ। ଆହୁରି ଲେଖିଛନ୍ତି, ଧର୍ମେନ୍ଦ୍ର ଭାଇ ଏହି ରାସ୍ତାରେ ଗତ ୫ ବର୍ଷରେ ୪୦୦ରୁ ଅଧିକ ଦୁର୍ଘଟଣାରେ ୨୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏହି ବିପର୍ଯ୍ୟସ୍ତ ଅବସ୍ଥା ପାଇଁ ଅଞ୍ଚଳବାସୀ, ନିର୍ଦ୍ଦିଷ୍ଟ ଭାବେ ସମ୍ବଲପୁରବାସୀଙ୍କ ମନରେ ଥିବା କ୍ଷୋଭକୁ ଅନୁଭବ କରୁଥିବା ଉଲ୍ଲେଖ କରିଛନ୍ତି। ବବିଙ୍କ ଏହି ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଭାଜପା ବିଧାୟକ ନାଉରି ନାଏକ କହିଛନ୍ତି, ଦୀର୍ଘ ୨୫ ବର୍ଷ ସରକାରର ଅପାରଗତା ପାଇଁ ବର୍ତ୍ତମାନ କୋଟି କୋଟି ଓଡ଼ିଆ ଜର୍ଜରିତ। କିନ୍ତୁ ବିଜେଡି ନେତା ନୀଳ ଚଷମା ପିନ୍ଧିଥିବାରୁ ଏସବୁ ଚିତ୍ର ସେମାନଙ୍କୁ ଦେଖାଯାଉନାହିଁ। ୨୫ ବର୍ଷର ରୂପାନ୍ତରଣ ସରକାରରେ ବର୍ତ୍ତମାନ ମଧ୍ୟ ନଗଡ଼ାରେ ବସବାସ କରୁଥିବା ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି, ଯାହା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ପାନୀୟ ଜଳର ଉତ୍କଟ ସମସ୍ୟା ବର୍ତ୍ତମାନ ଗାଁ ଗାଁରେ ଲୋକମାନେ ଅନୁଭବ କରୁଛନ୍ତି। ରାସ୍ତା ନ ଥିବା କାରଣରୁ ରୋଗୀ, ବିଶେଷ ଭାବେ ଗର୍ଭବତୀମାନେ ଖଟିଆରେ ବୁହାହେବାର ଦୃଶ୍ୟ କାହାକୁ ଅଛପା ନାହିଁ। ଦୁଃଖର କଥା, ରାଜ୍ୟବାସୀଙ୍କ କଷ୍ଟ ତାଙ୍କୁ ଦେଖାଯାଉନାହିଁ। ମା' ବିରଜା ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ନାଉରି କହିଛନ୍ତି।

**ODISHA PUBLIC SERVICE COMMISSION**
**NOTICE**
**No. : 2056 / PSC, Dt : 16.04.2024**
(1R-03-2023-24, DR-V)
**Corrigendum to advertisement No. 31 of 2023-24 for recruitment to the post of Professors in different disciplines (Group - A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar Under Skill Development and Technical Education Department.**
No.D-9: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 02.05.2024** to facilitate the candidates to apply smoothly.
All other terms and conditions of the Advt. No.31 of 2023-24 remain unchanged.
OIPR-12002/11/0013/2425 **Sd./-Secretary**

**ODISHA PUBLIC SERVICE COMMISSION**
**NOTICE**
**No. : 2062 / PSC, Dt : 16.04.2024**
(1R-02-2023-24, DR-V)
**Corrigendum to advertisement No. 35 of 2023-24 for recruitment to the post of Assistant Professors in different disciplines (Group - A) in Indira Gandhi Institute of Technology, Sarang, Parala Maharaja Engineering College, Berhampur & Govt. College of Engineering, Keonjhar Under Skill Development and Technical Education Department.**
No.D-8: It is for information of all concerned that, due to technical issues, the Commission has been pleased to extend the last date for submission of online application forms **till 10.05.2024** to facilitate the candidates to apply smoothly.
All other terms and conditions of the Advt. No.35 of 2023-24 remain unchanged.
OIPR-12002/11/0009/2425 **Sd./-Secretary**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୮୪ **ବିଜ୍ଞାପନ** ତା:୧୯।୦୩।୨୦୨୪
No. CAD-54: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ୍‌ଆଇଜି-୪/୩ (MIG-4/3), ଆମ୍ବପୁଆ ହାଉସିଂ ବୋର୍ଡ, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସଙ୍ଗୀତା ପଣ୍ଡା, ସ୍ୱାମୀ: ଚିନ୍ତାମଣି ପଣ୍ଡା, ଟି-୨୮, ଆଇ.ଇ.ଏଲ୍ ଗୋମିଆ ଖମରା, ପୋ.: ଆଇ.ଇ ଗୋମିଆ, ଆୟର, ଗୋମିଆ, ବୋକାରୋ, ଝାଡ଼ଖଣ୍ଡ-୮୨୯୧୧୧ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସଙ୍ଗୀତା ପଣ୍ଡା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ କେ. ଗଣେଶ ରାଓ, ପିତା: କେ. ଅଚ୍ୟୁତ ରାଓ, ସା/ପୋ: କରପଡ଼ା, ଥାନା: ଗଞ୍ଜାମ, ଜିଲ୍ଲା: ଗଞ୍ଜାମ-୭୬୧୦୨୬ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0047/2425

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୮୭ **ବିଜ୍ଞାପନ** ତା:୦୯।୦୪।୨୦୨୪
No. CAD-49: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ତୋଷାଳୀ ଆପାର୍ଟମେଣ୍ଟ ସତ୍ୟନଗର ହାଉସିଂ ପ୍ରକଳ୍ପ, ବ୍ଲକ-୪, ଭୁବନେଶ୍ୱରରେ ଘର ନଂ. ଏ-୩୦୨ (A-302)ଟିକୁ ଶ୍ରୀ ସଞ୍ଜିବ କୁମାର ଆଚାର୍ଯ୍ୟ, ପିତା: ୰ଶିବ ନାରାୟଣ ଆଚାର୍ଯ୍ୟ, ସା: ହାବେଳୀ ଲେନ୍ (ଦୋଳ ମଣ୍ଡପ ସାହି), ପୁରୀ, ପୋ/ଥାନା: ପୁରୀ, ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜିବ କୁମାର ଆଚାର୍ଯ୍ୟ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସନ୍ଧ୍ୟାରାଣୀ ଘୋଷ, ସ୍ୱାମୀ: ଚକ୍ରଧର ଘୋଷ, ସା/ପୋ: ଅମରଡ଼ା, ଥାନା: ରସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0043/2425

## ସଂକ୍ଷେପରେ

### ଜଙ୍ଗଲରେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଘଟଣା, ଯୁବକ ଅଟକ

ଖୁଣ୍ଟୁଣୀ,୧୮।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାଲକ୍ଷ୍ମୀପୁର ସଂରକ୍ଷିତ ଜଙ୍ଗଲରେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଅଟକ ରଖିଛି। ଗତ ୧୩ ତାରିଖ ପୂର୍ବାହ୍ନରେ ଏହି ଥାନା ଅଞ୍ଚଳର ସମ୍ପୃକ୍ତା ମହିଳା ଘରେ ଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଓ ମୟୂରଭଞ୍ଜ ଅଞ୍ଚଳର ଅନ୍ୟଜଣେ ଯୁବକ ସେଠାରେ ପହଞ୍ଚିଥିଲେ। ସେମାନେ ମହିଳାଙ୍କୁ ଖୁଣ୍ଟୁଣୀ ଯିବାକୁ କହି ଏକ ବାଇକ୍‌ରେ ବସାଇ ଆଣିଥିଲେ। ଖୁଣ୍ଟୁଣୀରେ ପହଞ୍ଚିବା ପରେ ସେମାନେ ତାଙ୍କଠାରୁ ଟଙ୍କା ନେଇ ଏକ ଦୋକାନରୁ ମଦ କିଣିଆଣି ପିଇଥିଲେ। ସେଠାରୁ ମହିଳାଙ୍କୁ ବାଇକ୍‌ରେ ନେଇ ମହାଲକ୍ଷ୍ମୀପୁର ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣଙ୍କ ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି।

### ଇଟିକିଲି ମିଟିକିଲି ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)

ପିଲାମାନଙ୍କ ଭିତରେ ଅନେକ କିଛି ପ୍ରତିଭା ଲୁଚି ରହିଛି। ସେମାନେ ଭଲ କବିତା ଆବୃତ୍ତି କରି ପାରିବା ସହ ଭଲ ଗୀତ ଗାଇ ପାରିବେ ଓ ନୃତ୍ୟ ମଧ୍ୟ ପରିବେଷଣ କରିପାରିବେ। ସେମାନଙ୍କ ପ୍ରତିଭାକୁ ଉପଯୁକ୍ତ ମଞ୍ଚରେ ସୁଯୋଗ ଦେବା ତଥା ଲୋକଲୋଚନକୁ ଆଣିବା ନିମନ୍ତେ ଇଟିକିଲି ମିଟିକିଲି ପକ୍ଷରୁ ୨୮ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭିତ୍ତିକ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ଏଥିରେ ରାଜ୍ୟର ଯେକୌଣସି ବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଏଥିପାଇଁ ଧାର୍ଯ୍ୟ ପ୍ରବେଶିକା ଦେୟ ସହ ଆଗାମୀ ୧୫ଦିନ ମଧ୍ୟରେ ନାମ ପଞ୍ଜୀକରଣ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ପ୍ରଥମ କାର୍ଯ୍ୟକ୍ରମ ଚିତ୍ରାଙ୍କନ ପ୍ରତିଯୋଗିତା ମେ ୧୯ ରବିବାର, ଦ୍ୱିତୀୟ କାର୍ଯ୍ୟକ୍ରମ ଓଡ଼ିଆ କବିତା ଆବୃତ୍ତି, ଓଡ଼ିଆ ଖବରପାଠ, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଭିତ୍ତିକ ନୃତ୍ୟ, କଣ୍ଠସଙ୍ଗୀତ, ଶିଶୁ ସୌନ୍ଦର୍ଯ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ମେ ୨୩, ୨୪ ଏବଂ ୨୬ରେ ଅନୁଷ୍ଠିତ ହେବ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ସହିତ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ଫଳକ ଓ ମାନପତ୍ର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ଦାଶ ବେନହୁର ଓ ସଚିବ ଶରତ କୁମାର ନାୟକ ସୂଚନା ଦେଇଛନ୍ତି।

# ରାମେଶ୍ୱର ମନ୍ଦିରରେ ଶ୍ରୀଲିଙ୍ଗରାଜ



ପୁରୁଣା ଭୁବନେଶ୍ୱର,୧୮।୪(ସୁବାସ ଚନ୍ଦ୍ର ପ୍ରଧାନ)

### ୩ଦିନରେ ପହଞ୍ଚିଲା ରୁକୁଣା ରଥ

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଗୁରୁବାର ଅର୍ଥାତ୍ ୩ଦିନରେ ରାମେଶ୍ୱର ମନ୍ଦିରରେ ପହଞ୍ଚିଛି। ସକାଳେ ଶ୍ରୀଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତି, ଅବକାଶ ସରିବା ପରେ ରଥ ଉପରେ ପୂଜାପଣ୍ଡା ସେବାୟତ ମଙ୍ଗଳ ଆଳତି କରିଥିଲେ। ଏହା ପରେ ମହାସୁଆର ସେବାୟତମାନେ ଶ୍ରୀଜୀଉଙ୍କ ଅବକାଶ ନୀତି ସମ୍ପାଦନ କରିଥିଲେ। ମନ୍ଦିରରେ ଭୋଗ ମଣ୍ଡପ ସରିବା ପରେ ରଥ ଉପରେ ଶ୍ରୀଜୀଉଙ୍କ ସକାଳଧୂପ ନୀତି ହୋଇଥିଲା। ଏହି ନୀତିରେ ପୂଜା ହେଉଥିବା ମୁଆଁକୁ ରଥ ଚକରେ ଲାଗି କରାଯିବା ପରେ ଅପରାହ୍ନ ୩ଟା ୨୫ରେ ଟଥଟଣା ଆରମ୍ଭ ହୋଇଥିଲା। ଅସୁରକିଆରୀ ନିକଟରେ ରଥ ଉପରେ ଦ୍ୱିପ୍ରହର ଧୂପ କରାଯାଇ ପୁନଃ ରଥ ଟଣାଯାଇଥିଲା। ସନ୍ଧ୍ୟାରେ ରୁକୁଣା ରଥ ରାମେଶ୍ୱର ମନ୍ଦିରଠାରେ ପହଞ୍ଚିବା ପରେ ଚାରମାଳ ବନ୍ଧାଯାଇଥିଲା। ଏହା ପରେ ଶ୍ରୀଜୀଉଙ୍କୁ ଡୋରି ଓଲାଗି କରାଯାଇଥିଲା। ପାଳିଆ ବଡୁ ସେବକ ମଣୋଇ ସାରିବା ପରେ ମହାସୁଆର ସେବକମାନେ ଶ୍ରୀଜୀଉଙ୍କୁ ରଥରୁ ରାମେଶ୍ୱର ମନ୍ଦିରକୁ ପହଣ୍ଡି ବିଜେ କରାଇଥିଲେ। ରାମେଶ୍ୱରଙ୍କ ନିକଟରେ ପହଞ୍ଚିବା ପରେ ଜଣ ପୂଜାପଣ୍ଡାଙ୍କ ଦ୍ୱାରା ଉଭୟ ଠାକୁରଙ୍କ ମଧ୍ୟରେ ଭେଟ ଆଳତି କରାଯାଇଥିଲା। ଏହା ପରେ ଶ୍ରୀଜୀଉମାନେ ସିଂହାସନରେ ଅବସ୍ଥାପିତ ହୋଇଥିଲେ। ଶୁକ୍ରବାର ରଥ ଉପରେ ସିଂହାସନ ଓ ଦ୍ୱାର ପରିବର୍ତ୍ତନ କରାଯିବ ବୋଲି ସ୍ଥିର ହୋଇଛି।

### ରଥ ଭାଙ୍ଗିଲେ ଅଭିମାନିନୀ ମା'ପାର୍ବତୀ

ସନ୍ଧ୍ୟା ଧୂପ ପରେ ମ' ପାର୍ବତୀ ପାଲିଙ୍କିରେ ବସି ରାମେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ପହଞ୍ଚିବା ବେଳକୁ ଶ୍ରୀଜୀଉଙ୍କ ନିକଟରେ ସନ୍ଧ୍ୟାଧୂପ ନୀତି କରାଯାଉଥିଲା। ପରେ ବଚନିକା ହୋଇଥିଲା। ଏହା ପରେ ଶ୍ରୀଜୀଉ ଏବଂ ମା'ପାର୍ବତୀଙ୍କ ମଧ୍ୟରେ ଭେଟ ଆଳତି କରାଯାଇଥିଲା। ପରେ ମା' ପାର୍ବତୀ ମନ୍ଦିରକୁ ଫେରିବା ବାଟରେ ରାଗରେ ରଥକାଠ ଭାଙ୍ଗି ମନ୍ଦିରକୁ ଯାଇଥିଲେ।

# ଲିଙ୍ଗରାଜ ମହୋତ୍ସବର ତୃତୀୟ ସନ୍ଧ୍ୟା



ପୁରୁଣା ଭୁବନେଶ୍ୱର,୧୮।୪(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଅନୁଷ୍ଠିତ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନଶତପଥୀ, ସାମ୍ବାଦିକ ଅକ୍ଷୟ କୁମାର ସାହୁ, ସାମ୍ବାଦିକ ରାଜନ କୁମାର ଆଚାର୍ଯ୍ୟ, ଚିନ୍ତାଚେତନାର ମହାସଚିବ ସୁରେନ୍ଦ୍ର ଦାସ, ସମାଜସେବୀ ରଶ୍ମି ମହାପାତ୍ର, ଭୁବନେଶ୍ୱର ଓକିଲ ସଂଘ ସଭାପତି କୁନ୍ଦନ ରଥ, ସମ୍ପାଦକ ଦୀପକ ଦାଶ, କାର୍ଯ୍ୟକାରୀ କମିଟି ସଭ୍ୟଙ୍କ ସମେତ ଗୁରୁ ଗଜେନ୍ଦ୍ର ପଣ୍ଡା, ପ୍ରତିଭା ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଡ.ସୁଜାତା ମିଶ୍ର ଓ ସାଥୀଙ୍କ ଦ୍ୱାରା ଶିବତାଣ୍ଡବ ନୃତ୍ୟ ପରିବେଷଣ ହୋଇଥିଲା। ପରେ କୋଲକାତାର ଗୁରୁ ତାପସ ଦେବନାଥ ଓ ସାଥୀଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ବିଶାଖାପାଟଣାରୁ ଆସିଥିବା ରାଧେଶ୍ୟାମ ତରାଇଙ୍କ କୁଚୁପୁଡି ନୃତ୍ୟ, ଗୁରୁ ରମାକାନ୍ତ ସାହୁ ଓ ସାଥୀଙ୍କ ଦ୍ୱାରା ମହାକାଳୀ ମହାଦୁର୍ଗା ନୃତ୍ୟ, ଶ୍ରୀସାଇ ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ, ରାଉରକେଲାର ଅଷ୍ଟ କଳାକେନ୍ଦ୍ର ଅନୁଷ୍ଠାନ ଲୋକନୃତ୍ୟ ପରିବେଷଣ କରିଥଲେ।

### ଷଷ୍ଠଦିଗ ଦୈବଜ୍ଞ ବ୍ରାହ୍ମଣ ସମିତିର ବାର୍ଷିକ ସମ୍ମିଳନୀ

ପୁରୁଣା ଭୁବନେଶ୍ୱର,୧୮।୪(ସୁବାସ ଚନ୍ଦ୍ର ପ୍ରଧାନ)

ଷଷ୍ଠଦିଗ ଦୈବଜ୍ଞ ବ୍ରାହ୍ମଣ ସମିତିର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ବୈତାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ବିନୋଦ କୁମାର ସେନାପତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପ୍ରେମାନନ୍ଦ ସେନାପତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ସଭାରେ ଦୈବଜ୍ଞ ବ୍ରାହ୍ମଣମାନଙ୍କ ସାମାଜିକ ଆର୍ଥିକ ଓ ଶିକ୍ଷାଗତ ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ରାଜ୍ୟସ୍ତରୀୟ ମହାସଂଘ ସହ ଅନୁବନ୍ଧିତ ହେବ ପାଇଁ ସ୍ଥିର ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ତାରିଣୀ ମହାପାତ୍ର, ପ୍ରଭୁ ପ୍ରସାଦ ନାୟକ, ପ୍ରଭାତ କୁମାର ନାୟକ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ଶିବାଜୀ ଦେଶବାସୀଙ୍କ ଭିତରେ ସ୍ୱାଭିମାନ ଜାଗ୍ରତ କରିଥିଲେ'



ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

### ପତଞ୍ଜଳି 'ଛତ୍ରପତି ଶିବାଜୀ ମହାରାଜ କଥା' ଉଦ୍‌ଯାପିତ

ରାମନବମୀ ଏବଂ ଯୋଗଗୁରୁ ରାମଦେବଙ୍କ ୩୦ତମ ସନ୍ନ୍ୟାସ ଦିବସ ଅବସରରେ ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠ-୨ର ଯୋଗଭବନରେ ଆୟୋଜିତ 'ଛତ୍ରପତି ଶିବାଜୀ ମହାରାଜ କଥା' ବୁଧବାର ଉଦ୍‌ଯାପିତ ହୋଇଛି। ଶେଷ ଦିନରେ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ପ୍ରାରମ୍ଭିକ ସମ୍ଭାଷଣ ପରେ ସ୍ୱାମୀ ଗୋବିନ୍ଦ ଦେବ ଗିରି କଥା ଆରମ୍ଭ କରିଥିଲେ। ମହାଭାରତ ଓ ରାମାୟଣର ସମ୍ମିଶ୍ରଣରେ ଯେଉଁ ଚରିତ୍ର ପ୍ରକଟ ହେବ ତାହା ଶିବାଜୀଙ୍କ ପାଇଁ ପ୍ରଯୁଜ୍ୟ ବୋଲି ସେ କହିଛନ୍ତି। ଏକ ହଜାର ବର୍ଷ ଦେଶବାସୀ ଗୋଲାମୀ କରିବା ପରେ ଶିବାଜୀ ପ୍ରଥମ ବ୍ୟକ୍ତି ଥିଲେ ଯେକି ଦେଶବାସୀଙ୍କ ମଧ୍ୟରେ ସ୍ୱାଭିମାନ ଜାଗ୍ରତ କରି ଅଖିଳ ଭାରତ ବିଷୟରେ ଚିନ୍ତା କରିଥିଲେ। ଯୋଗଗୁରୁ ରାମଦେବ ଆୟୋଜିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିବାଜୀଙ୍କ ସୌର୍ଯ୍ୟ, ପରାକ୍ରମ ଓ ପ୍ରଚଣ୍ଡ ପୁରୁଷାର୍ଥ ପ୍ରଦର୍ଶନ ଦ୍ୱାରା ଲୋକଙ୍କ ମଧ୍ୟରେ ଗୋମାତାର ସୁରକ୍ଷା ଏବଂ ଅଖଣ୍ଡ ଭାରତ ନିର୍ମାଣ ଭାବନା ଜାଗୃତ ହୋଇଥିବା ରାମଦେବ କହିଥିଲେ।

କାର୍ଯ୍ୟକ୍ରମରେ ପତଞ୍ଜଳି ପରିବାରର ଭାରତୀୟ ଶିକ୍ଷାବୋର୍ଡର କାର୍ଯ୍ୟକାରୀ ଅଧିକାରୀ ଏନ୍. ପି. ସିଂହ, ପ୍ରଫେସର ମହାବୀର ଅଗ୍ରୱାଲ୍, ସାଧ୍ୱୀ ଆଚାର୍ଯ୍ୟା ଦେବପ୍ରିୟା, ଆଚାର୍ଯ୍ୟକୁଳର ଉପାଧ୍ୟକ୍ଷା ଡା. ଋତୁମ୍ଭରା, ପତଞ୍ଜଳି ଯୋଗପୀଠର କ୍ରୟ ସମିତି ଅଧ୍ୟକ୍ଷା ଭଉଣୀ ଅଂଶୁଳ, ଭଉଣୀ ପାରୁଲ, ଭାରତ ସ୍ୱାଭିମାନର କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ପରମାର୍ଥଦେବ, ମୁଖ୍ୟ ମହାପ୍ରବନ୍ଧକ ବ୍ରିଗେଡିୟର୍ ଟିସି ମାଲହୋତ୍ରା, ଆଚାର୍ଯ୍ୟକୁଳର ପ୍ରଧାନାଚାର୍ଯ୍ୟା ଆରାଧନା କୌଲ, ଆଇକ୍ୟୁଏସି ସେଲ୍‌ର ଅଧ୍ୟକ୍ଷ ପ୍ରଫେସର କେ ଏନ୍ ଏସ୍ ଯାଦବ ଓ ବିଶ୍ୱବିଦ୍ୟାଳୟର କୁଳାନୁଶାସକ ସ୍ୱାମୀ ଆର୍ଶଦେବ ପ୍ରମୁଖ ଯୋଗ ଦେଇଥିଲେ।

# ଅଳିଆଗଦାରେ ନିଆଁ, ଅଣନିଃଶ୍ୱାସୀ କଲା ଧୂଆଁ



ଭୁବନେଶ୍ୱର,୧୮।୪(ସୂର୍ଯ୍ୟକାନ୍ତ ବେହେରା)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଆରଟିଓ-୨ ନିକଟସ୍ଥ ଏକ ପଡ଼ିଆରେ ଗଦା ହୋଇଥିବା ଅଳିଆ ଓ ପାଖରେ ଥିବା ବୁଦାରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଯୋଗୁଁ ଅଞ୍ଚଳ ପୂରା ଧୂଆଁମୟ ହୋଇଯାଇଥିଲା। ଖବରପାଇ ଅଗ୍ନିଶମ ଟିମ୍ ବହୁ ସମୟ ପରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲା। ତେବେ ନିଆଁ କେମିତି ଲାଗିଲା ତାହାର ପ୍ରକୃତ କାରଣ ଜଣା ପଡ଼ିନାହିଁ ,କେହି ଦୁର୍ବୃତ୍ତ ନିଆଁ ଲଗାଇ ଫେରାର ହୋଇଯାଇଥିବା ନେଇ ଅନୁମାନ କରାଯାଉଛି। ଅପରପକ୍ଷେ ନିଆଁର ପ୍ରକୋପ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିବାବେଳେ ଧୂଆଁରେ ଅଣନିଃଶ୍ୱାସୀ ହୋଇପଡିଥିଲେ।

# ଉତ୍କଳ ହସ୍ପିଟାଲରେ ପ୍ରଥମ କାଡାଭରିକ ଲିଭର ପ୍ରତିରୋପଣ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)




ଓଡିଶାରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଭୁବନେଶ୍ୱର ନୀଳାଦ୍ରି ବିହାରସ୍ଥିତ ଉତ୍କଳ ହସ୍ପିଟାଲ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ହସ୍ପିଟାଲ ଏହାର ପ୍ରଥମ କାଡାଭରିକ ଲିଭର (ଯକୃତ୍) ପ୍ରତିରୋପଣ କରିବାରେ ସଫଳ ହୋଇଛି। ବୁଧବାର ହୋଇଥିବା ଏହି ପ୍ରତିରୋପଣ ପାଇଁ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲରୁ ଏକ ଯକୃତ ଗ୍ରୀନ୍ କରିଡରରେ ଉତ୍କଳ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘ ଘଣ୍ଟା ଧରି ଚାଲିଥିବା ଏହି ଅସ୍ତ୍ରୋପଚାରରେ ଡା. ସତ୍ୟ ପ୍ରକାଶ ରାୟ ଚୌଧୁରୀ, ଡା. ସଲିଲ କୁମାର ପରିଡା, ଡା. ପି. ବାଲ୍‌ଚନ୍ଦ୍ରନ ମେନନ, ଡା. ଶକ୍ତି ସ୍ୱରୂପଙ୍କ ସହ ଅନ୍ୟ ବିଶେଷଜ୍ଞମାନେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଡା. ରାୟ ଚୌଧୁରୀ କହିଛନ୍ତି, ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇବା ପାଇଁ ଡାକ୍ତରୀଦଳର ପ୍ରତିବଦ୍ଧତା ହିଁ ଏହି ସ୍ମରଣୀୟ ସଫଳତା ଦେଇଛି। କାଡାଭରିକ ଅଙ୍ଗ ଦାନ ପ୍ରକୃତରେ ପ୍ରେରଣାଦାୟକ, ଯେଉଁଥିରେ ଜଣେ ବ୍ୟକ୍ତି ମୃତ୍ୟୁ ପରେ ମଧ୍ୟ ଅନେକ ଜୀବନ ବଞ୍ଚାଇ ପାରିଥାଏ। ଉତ୍କଳ ହସ୍ପିଟାଲ ଏବଂ ଏଆଇଜି ହାଇଦ୍ରାବାଦ ମଧ୍ୟରେ ସଫଳ ସହଯୋଗ ଏବଂ ହସ୍ପିଟାଲ ସର୍ଜିକାଲ ଦଳର ପ୍ରୟାସ ଏହି ପ୍ରାରମ୍ଭିକ ପ୍ରକ୍ରିୟାକୁ ସମ୍ଭବ କରିପାରିଛି। ରୋଗୀଜଣକ ଯକୃତ ସିରୋସିସ୍ ରୋଗରେ ପୀଡିତ ଥିଲେ। ତେବେ କାଡାଭରିକ ଲିଭର ଟ୍ରାନ୍ସପ୍ଲାଣ୍ଟ ପରେ ରୋଗୀଜଣକ ବର୍ତ୍ତମାନ ହସ୍ପିଟାଲର ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ସୁସ୍ଥ ଥିବା ସେ ସୂଚନା ଦେଇଛନ୍ତି। ହାଇଦ୍ରାବାଦର ଏଆଇଜି ହସ୍ପିଟାଲର କୁଶଳୀ ସର୍ଜନଙ୍କ ସହାୟତା ମାଧ୍ୟମରେ ଏହି ପରିବର୍ତ୍ତନଶୀଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ, ଏଆଇଜି ହସ୍ପିଟାଲ, ପୋଲିସ ଏବଂ ଅଙ୍ଗଦାତାଙ୍କ ପରିବାର ସମେତ ସମ୍ପୃକ୍ତ ସମସ୍ତ ସହଯୋଗୀଙ୍କୁ ଉତ୍କଳ ହସ୍ପିଟାଲ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ନାଟକ ମାଧ୍ୟମରେ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଥାଏ




ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)

### ପ୍ରତିଷ୍ଠା ଉତ୍ସବ ପାଳିଲା ଶତାବ୍ଦୀର କଳାକାର

ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାରର ୪୯ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଡ. ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ, ଅଭିନ୍ନ ରାଉତରାୟ, ନାଟ୍ୟକାର ନବୀନ ପରିଡ଼ା, ନାଟ୍ୟ ନିର୍ଦ୍ଦେଶକ ହରେନ୍ ସାହୁ, ବିଜୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ସମାଜ ସଂସ୍କାରରେ ନାଟକର ଭୂମିକା' ଶୀର୍ଷକ ଆଲୋଚନାରେ ଭାଗ ନେଇ ମତ ଉପସ୍ଥାପନା କରିଥିଲେ। ନାଟକ ମାଧ୍ୟମରେ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଥାଏ। ଯୁଗେଯୁଗେ ସାମାଜିକ ପରିବର୍ତ୍ତନରେ ନାଟକର ମୁଖ୍ୟ ଭୂମିକା ରହି ଆସିଛି। ଆମ ନାଟକ ଭାଷା, ସାହିତ୍ୟର ପ୍ରଚାର କରିବା ସଙ୍ଗେସଙ୍ଗେ ସମାଜକୁ ସଚେତନ କରି ଏକ ଆଦର୍ଶ ମାର୍ଗଦର୍ଶନ ଦେଇ ଆସିଛି ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଧୀର ମଲ୍ଲିକ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ କାର୍ତ୍ତିକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା



ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)

ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ୨୨ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ପିଲାମାନଙ୍କୁ ଖରାଛୁଟିରେ ପାଠପଢ଼ା ବାଦ୍ ବିଭିନ୍ନ ଶିକ୍ଷଣୀୟ ବିଷୟବସ୍ତୁ ଉପରେ ଜ୍ଞାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥିବା 'ମୋ ଆଶା' ପତ୍ରିକାର ଗ୍ରୀଷ୍ମ ସଂଖ୍ୟାକୁ ଗୀତିକାର ତଥା ଅଭିନେତା ଶ୍ରୀକାନ୍ତ ଗୌତମ, ଚିତ୍ରକର ବ୍ରଜ କିଶୋର ଜେନା, ଇଂ ରାଜେଶ୍ୱର ମହାରଣା, ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହ ସମ୍ପାଦିକା ଉର୍ମିଳା ମହାରଣା ପ୍ରମୁଖ ଉନ୍ମୋଚନ କରିଥିଲେ। ପ୍ରତିଭା ବଳରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପାଠପଢ଼ା ସହିତ ଏକ୍ସଟ୍ରା କରିକୁଲମ୍ ଆକ୍ଟିଭିଟିଜ୍ ଦ୍ୱାରା ନିଜର ବ୍ୟକ୍ତିତ୍ୱ ବିକାଶ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳା ୧୫ଦିନ ଧରି ଚାଲିବ। ଏଥିରେ ପିଲାଙ୍କୁ ବିଭିନ୍ନ ଶିକ୍ଷଣୀୟ ତଥ୍ୟ ପ୍ରଦାନ କରିବା, ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଭାବ ବିନିମୟ କରିବା ଏବଂ ବିଭିନ୍ନ ଅନୁଷ୍ଠାନକୁ ବୁଲାଇ ନେଇ ଅନୁଭୂତି ସାଉଁଟିବାର ସୁଯୋଗ ମିଳିବ ବୋଲି ଗ୍ରୁପର ସମ୍ପାଦକ ସୁମନ୍ତ ସୂଚନା ଦେଇଛନ୍ତି।

# ବର୍ତ୍ତମାନ ସମୟରେ 'ଭୂ-ମୁକ୍ତି'ର ଆବଶ୍ୟକତା ରହିଛି

### ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଭୂ-ମୁକ୍ତି ଅଭିଯାନ ଶୁଭାରମ୍ଭ

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)



ଭୂ-କ୍ରାନ୍ତି ଦିବସ ଅବସରରେ ଗୁରୁବାର ଲୋହିଆ ଏକାଡେମୀଠାରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଭୂ-ମୁକ୍ତି ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ସାଉଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାସାୟନିକ ଚାଷ ଓ କମ୍ପାନୀ ଚାଷରୁ ଜମିକୁ ମୁକ୍ତ କରି ସ୍ୱାବଲମ୍ବନଶୀଳ ହେବାକୁ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଭୂଦାନ ଆନ୍ଦୋଳନର କର୍ଣ୍ଣଧାର ବିନୋବା ଭାବେ ଜମିର ବିଷମତା ଦୂର କରିବା ପାଇଁ ଭୂ-କ୍ରାନ୍ତିର ଡାକରାରେ ଲକ୍ଷଲକ୍ଷ ଏକର ଜମି ସଂଗ୍ରହ କରି ଗରିବ ଲୋକଙ୍କୁ ବଣ୍ଟନ କରିଥିଲେ। ଭୂମିହୀନଙ୍କୁ ଜମିଦାନ ପୂର୍ବକ ଏହି ଭୂଦାନ ଆନ୍ଦୋଳନ ଦେଶରେ ଏକ ନୂଆ ବାତାବରଣ ସୃଷ୍ଟି କରିଥିଲା। ଏଥିଯୋଗୁ ଗରିବ ଜନସାଧାରଣ ଜମି ହାସଲ କରି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଥିଲେ। ମାତ୍ର ଏବେ ସରକାରଙ୍କ ଦ୍ୱାରା ଲୋକଙ୍କଠାରୁ ହଜାର ହଜାର ଏକର ଜମି ଛଡାଇ ନେଇ କମ୍ପାନୀ ହାତକୁ ଟେକି ଦିଆଯାଉଛି। ବିନୋବାଙ୍କ ନେତୃତ୍ୱରେ ସାରା ଦେଶ ଅର୍ଥନୈତିକ ସ୍ୱାଧୀନତା ଦିଗରେ ଅଗ୍ରସର ହୋଇଥିଲା, ମାତ୍ର ଏବେ ଜମିର କମ୍ପାନୀକରଣ, ବନ୍ଧ୍ୟାକରଣ, ବିଷାକ୍ତକରଣ କାରଣରୁ ଦେଶବାସୀ ପ୍ରଭାବିତ ହେଉଛନ୍ତି। ଭାରତବାସୀଙ୍କ ସମେତ ସାରା ମାନବ ଜଗତକୁ ମୁକ୍ତ ହେବାକୁ ହେଲେ ଭୂ-ମୁକ୍ତିର ଆବଶ୍ୟକତା ଅଛି ବୋଲି ଆୟୋଜିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅଦ୍ୱୈତ ପାତ୍ର, ଏକାଦଶୀ ନନ୍ଦି, ଡ. ବାସନ୍ତୀ ମହାନ୍ତି, ଅରୁନ୍ଧତୀ ଦେବୀ, ରମାକାନ୍ତ ମଣ୍ଡଳ, ଡ. ବୀରେନ୍ଦ୍ର ନାୟକ, ସୁମିତ୍ରା ଜେନା, ଡ. ଧନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭୂ-ମୁକ୍ତି ଆନ୍ଦୋଳନର ଏକ ଲୋଗୋ ଉନ୍ମୋଚିତ ହୋଇଥିଲା। ରମାକାନ୍ତ ନାଥ ଅତିଥି ପରିଚୟ ଦେଇଥିବାବେଳେ ମଣ୍ଡଳ ଉପସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନିର୍ମାଣବେଳେ ମାଟି ଅତଡ଼ା ଧସିଲା, ଶ୍ରମିକ ଆହତ



କଟକ,୧୮।୪ (କାର୍ତ୍ତିକ ସାହୁ)- ମାଲଗୋଦାମ ଅଞ୍ଚଳରେ ଏକ ନିର୍ମାଣ କାମ ଚାଲୁଥିବାବେଳେ ମାଟି ଅତଡ଼ା ଧସି ଜଣେ ଶ୍ରମିକ ସେଥିରେ ପୋତି ହୋଇଯାଇଥିଲେ। ଖବରପାଇ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ଆହତ ଶ୍ରମିକଙ୍କୁ ମାଟି ଅତଡ଼ା ମଧ୍ୟରୁ ଉଦ୍ଧାର କରିଥିଲେ। ଆହତ ଶ୍ରମିକ ହେଲେ ଜଗତ୍‌ସିଂହପୁର ଅଞ୍ଚଳର ରାଜୁ ସେନାପତି (୪୫)। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି।

### ନିର୍ବାଚନ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୧୮।୪(ଆଶୁତୋଷ ଦାସ)- ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜେଡି ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା ଅତିଥି ଭାବେ ଯୋଗଦେଇ ନିର୍ବାଚନରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ବିଜୟୀ କରାଇବା ପାଇଁ ଆଗାମୀ ରଣନୀତି କିପରି କରାଯିବ ସେଥିପାଇଁ ଉପସ୍ଥିତ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ବୈଠକରେ ସ୍ଥାନୀୟ ସରପଞ୍ଚ ଦିଲୀପ ଭୋଇ, ଲକ୍ଷ୍ମଣ ରାଉତ, ରଞ୍ଜନ କୁମାର ପରିଡା, ଅଚ୍ୟୁତ ପ୍ରଧାନ, ଋତୁରାଜ ମୁଦୁଲି, ପ୍ରେମାନନ୍ଦ ସ୍ୱାଇଁ, ନରେନ୍ଦ୍ର ସାମଲ, ରବୀନ୍ଦ୍ର ସାମଲ, ହେମନ୍ତ ସ୍ୱାଇଁ, କାର୍ତ୍ତିକ ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ଚୌଦ୍ୱାର,୧୮।୪(ଆଶୁତୋଷ ଦାସ)- ଚୌଦ୍ୱାର ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବିଭିନ୍ନ ସଚେତନାତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ସଚେତନ କରିଥିଲେ । ଏଥି ସହିତ ସଚେତନତା ଉପରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ସହଯୋଗ କରିଥିଲେ।

### ବିଜେଡିର ମିଶ୍ରଣ ପର୍ବ

ବାଙ୍କୀ,୧୮।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର) ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ବାସଭବନରେ ବିଜେଡି ଦଳ ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାପଥର ଗ୍ରାମ ପଞ୍ଚାୟତ ପର୍ଶୁରାମପୁରର ପ୍ରଦୀପ କୁମାର ଜେନା, ମହନ୍ତ ଜେନା ଓ ତାଙ୍କ ସମର୍ଥକମାନଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଭାତ କୁମାର ତ୍ରିପାଠୀ ସେମାନଙ୍କୁ ସ୍ୱାଗତ କରି ବିଜେଡିରେ ସାମିଲ କରିଥିଲେ ।

### ପକ୍ଷୀମାନଙ୍କ ପାଇଁ ଜଳଯୋଗାଣ ବ୍ୟବସ୍ଥା

ବାଙ୍କୀ,୧୮।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର ) ବାଙ୍କୀ ପରିବେଶ ସୁରକ୍ଷା ସମିତି ପକ୍ଷରୁ ପକ୍ଷୀମାନଙ୍କ ପାଇଁ ଜଳଯୋଗାଣର ବ୍ୟବସ୍ଥା କରାଯାଇଛି। ଏନେଇ ବାଙ୍କୀ ଥାନା ଛକସ୍ଥିତ ତାରିଣୀ ମନ୍ଦିର ବରଗଛ ଉପରେ ପାତ୍ରରେ ପାଣି ଭର୍ତ୍ତି କରାଯାଇ ପକ୍ଷୀମାନଙ୍କ ଜଳପାନ ଲାଗି ସୁବିଧା କରାଯାଇଛି । ପରିବେଶ ସମିତି ଆବାହକ ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ଯୋଗଦେଇ ଜଳ ଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ରକୃତି ବନ୍ଧୁ ତଥା ପ୍ରାଣୀ ବିଜ୍ଞାନୀ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ପକ୍ଷୀ ବିଶାରଦ ଅମୀତ କୁମାର ସାହୁ ଯୋଗଦେଇଥିଲେ।

# ମନମୁଖି ଚାଲିଛି ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ

- ଗମନାଗମନ ସେବା ବିପର୍ଯ୍ୟସ୍ତ
- ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଆସିପାରୁନାହିଁ
- ନିମ୍ନମାନର କାର୍ଯ୍ୟ ଯୋଗୁ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ରାସ୍ତା ମଧ୍ୟରେ ରହିଛି ବିଦ୍ୟୁତ୍ ଖୁଣ୍ଟ, ବଡ଼ ଗଛ



ନିଶ୍ଚିନ୍ତକୋଇଲି,୧୮।୪ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଡଅଁରମୁହଁ ଆଜାଦ ବଜାର ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନ ନିର୍ମାଣ ଚାଲିଛି। ଠିକାଦାର ମନମୁଖୀଭାବରେ ଏହି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଠାରେ ମନ୍ଥର ଗତିରେ ନିମ୍ନମାନର କାମ ଚାଲିଥିବା ଅଭିଯୋଗ ହୋଇଛି। ଫଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଏହି ବ୍ଲକର ଫଗୋଲ ପଞ୍ଚାୟତ ଡଅଁଣମୁହଁ ଠାରୁ ଜୟରାମପୁର ପଞ୍ଚାୟତ ଆଜାଦ ବଜାର ପର୍ଯ୍ୟନ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣ କରାଯାଉଛି। ଏଥିଲାଗି ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଅଟକଳ ଅନୁଯାୟୀ ଏହି କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମାଣ କରାଯାଇଥିବା ଗାର୍ଡୱାଲ କାର୍ଯ୍ୟମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱକୁ ବହୁ ସ୍ଥାନରେ ଖୋଳିଦେଇଥିବାରୁ ବିପଦସଙ୍କୁଳ ହୋଇ ପଡିଛି। ଏପରିକି ରାସ୍ତା ମଧ୍ୟରେ ମଧ୍ୟ ବିଦ୍ୟୁତ ଖୁଣ୍ଟ ଓ କିଛି ବଡ ଗଛ ରହିଛି। ଏସବୁକୁ ଉଚ୍ଛେଦ କରା ନ ଯାଇ ରାସ୍ତା କିପରି ନିର୍ମାଣ କରାଯାଉଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଏହି ରାସ୍ତା ଉପରେ ସ୍ଥାନୀୟ ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ, ଫଗୋଲ, ଜିଗ୍ନିପୁର, ଜୟରାମପୁର, ସାଲେପୁର ବ୍ଲକର ରାଇସୁଙ୍ଗୁଡା ସମେତ ବହୁ ପଞ୍ଚାୟତର ଲୋକେ ନିର୍ଭରଶୀଳ। ଅନେକ ସମୟରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ଏହି ବାଟ ଦେଇ ଯାତାୟାତ କରିଥାନ୍ତି। ମାତ୍ର ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଲୋକେ ଗମନାଗମନରେ ଅନେକ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏପରିକି ଜରୁରିକାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡ଼ିକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡି ଆସିପାରୁନାହିଁ। ଫଳରେ ବହୁ ସମୟରେ ଗର୍ଭବତୀ, ପ୍ରସୂତି, ଶିଶୁ ଓ ରୋଗଗ୍ରସ୍ତ ଲୋକ ତୁରନ୍ତ ଚିକିତ୍ସା ସୁବିଧା ପାଇ ନ ପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଠିକାଦାର ଏଠାରେ ମନମୁଖୀଭାବେ କାର୍ଯ୍ୟ କରୁଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରୁ ନ ଥିବା କୁହାଯାଇଛି। ଆଗକୁ ବର୍ଷା ଋତୁ ଥିବାରୁ କେନାଲରେ ପାଣିଯିବା ନେଇ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ରଣାଙ୍କୁ ପଚାରିବାରୁ, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ଯୁବକଙ୍କୁ ଉଲଗ୍ନକରି ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

ବାଙ୍କୀ,୧୮ ।୪,(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ଥାନା ହରିରାଜପୁର ପଞ୍ଚାୟତ ଅନ୍ତର୍ଗତ ନୂଆସାହିରେ ୧୨ ଏପ୍ରିଲରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ସ୍ଥାନୀୟ ତ୍ରିନାଥ ମଣ୍ଡପର କୋଠ ଘରେ ଗ୍ରାମର ଶୀତଳ ସାହୁ (୪୫)ଙ୍କୁ ହତ୍ୟା କରାଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାର ତାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଏହି ସମୟରେ ତାଙ୍କ ଦେହରେ କୌଣସି ବସ୍ତ୍ର ନ ଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ହରିରାଜପୁରର ଶେଷ ଦେବ ସାହୁଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ ମୃତ ଶୀତଳଙ୍କ ପୁତୁରା ଦୁର୍ଗାମାଧବ ସାହୁ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଥାନାରେ ମାମଲା (ନଂ. ୧୨୪/୨୪ )ରୁଜୁ କରିଥିଲା। ଥାନା ଅଧିକାରୀ ଶିବ ଚରଣ ବେହେରା ଘଟଣାର ତଦନ୍ତ କରି ଅଭିଯୁକ୍ତ ଶୀତଳଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡ କାହିଁକି ଓ କିପରି ଘଟିଲା ସେସମ୍ପର୍କରେ ଅଧିକ ସୂଚନା ମିଳିପାରିନାହିଁ।

# ଜଙ୍ଗଲରେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଘଟଣା, ଯୁବକ ଅଟକ

ଖୁଣ୍ଟୁଣୀ,୧୮।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାଲକ୍ଷ୍ମୀପୁର ସଂରକ୍ଷିତ ଜଙ୍ଗଲରେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଅଟକ ରଖିଛି। ଗତ ୧୩ ତାରିଖ ପୂର୍ବାହ୍ନରେ ଏହି ଥାନା ଅଞ୍ଚଳର ସମ୍ପୃକ୍ତା ମହିଳା ଘରେ ଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଓ ମୟୂରଭଞ୍ଜ ଅଞ୍ଚଳର ଅନ୍ୟଜଣେ ଯୁବକ ସେଠାରେ ପହଞ୍ଚିଥିଲେ। ସେମାନେ ମହିଳାଙ୍କୁ ଖୁଣ୍ଟୁଣୀ ଯିବାକୁ କହି ଏକ ବାଇକ୍‌ରେ ବସାଇ ଆଣିଥିଲେ। ଖୁଣ୍ଟୁଣୀରେ ପହଞ୍ଚିବା ପରେ ସେମାନେ ତାଙ୍କଠାରୁ ଟଙ୍କା ନେଇ ଏକ ଦୋକାନରୁ ମଦ କିଣିଆଣି ପିଇଥିଲେ। ସେଠାରୁ ମହିଳାଙ୍କୁ ବାଇକ୍‌ରେ ନେଇ ମହାଲକ୍ଷ୍ମୀପୁର ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣଙ୍କ ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଆଇଆଇସି ଭବାନୀଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି।

# ୨୦ ଏକର ଗ୍ରାମ୍ୟ ଜଙ୍ଗଲ ଜଳିଗଲା



ଜଙ୍ଗଲରେ ନିଆଁ ଲାଗି ଜଳୁଛି।

- ପୋଡ଼ିଗଲା ଘରୋଇ ବାଡି ବଗିଚା
- ଗୋକୁଳପୁର ସତୀବଣ ମହାନଦୀ ପଠାରେ ନିଆଁ

ରଘୁନାଥପୁର,୧୮।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ତହସିଲ ଅନ୍ତର୍ଗତ ତାରପୁର ପଞ୍ଚାୟତ ଗୋକୁଳପୁରସ୍ଥିତ ମହାନଦୀ ସତିବଣ ପଠାରେ ନିଆଁଲାଗି ୨୦ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ପୋଡ଼ିଯାଇଛି। ଏହି ନିଆଁରେ ଜଙ୍ଗଲ ପାର୍ଶ୍ୱରେ ଥିବା କେତେଜଣ ବ୍ୟକ୍ତିଙ୍କ ନିଜସ୍ୱ ଜମିରେ ଥିବା ମୂଲ୍ୟବାନ ଗଛ ମଧ୍ୟ ଜଳିଯାଇଛି। ଖବରପାଇ ରଘୁନାଥପୁର ଦମକଳ କେନ୍ଦ୍ରରୁ ୨ଟି ନିଆଁଲିଭା ଗାଡି ଆସି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ଏହି ନିଆଁରେ ଜଙ୍ଗଲୀ ବାଉଁଶ, ଆମ୍ବ, ପଣସ ଆଦି ବହୁ ମୂଲ୍ୟବାନ ଗଛ ପୋଡିଯାଇଛି। ସେହିପରି ଜଙ୍ଗଲ ପାର୍ଶ୍ୱ ଅଜୟ ସାହୁଙ୍କ ଜମିରେ ଥିବା ଆମ୍ବ ଓ ପଣସ, ନଡିଆ, ବାଉଁଶ ବୁଦା ସମେତ ପନିପରିବା ଫସଲ ନିଆଁରେ ପୋଡି କ୍ଷତିଗ୍ରସ୍ତ ହୋଇଛି। ଅନୁରୂପ ଭାବେ ଚନ୍ଦ୍ରଶେଖର ସିଂହଙ୍କ କଦଳୀ ବଗିଚା ଓ ଅକ୍ଷୟ ସିଂହଙ୍କ କିଛି ଗଛ ନିଆଁରେ ପୋଡି ଯାଇଛି।

ନିଆଁ ଲାଗିବାର କାରଣ ଜଣା ପଡି ନ ଥିବାବେଳେ ସରକାରୀ ଜମି ଉପରେ କଣ୍ଟାବଣରେ ଛନ୍ଦି ହୋଇଥିବା ବାଉଁଶକୁ ସହଜରେ କାଟିନେବା ପାଇଁ ପଡୋଶୀ ଗ୍ରାମର ଜଣେ ବ୍ୟକ୍ତି ଏପରି ନିଆଁ ଲଗାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ନିଆଁ ଲାଗିବା ସମୟରେ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ବାଉଁଶ ହାଣୁଥିବା ଗ୍ରାମବାସୀ ଦେଖିଥିବା କହିଛନ୍ତି। ଏନେଇ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଚନ୍ଦ୍ରଶେଖର ସିଂହ,ବିକ୍ରମ ସିଂହ, ଅକ୍ଷୟ କୁମାର ମଲ୍ଲିକ, ବନମାଳୀ ଭୋଇ, ସନିଆ ସିଂହଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## କୋଲକାତାରେ ସାଇଶୁଭଶ୍ରୀଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୧୮ ।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

କୋଲକାତାର ଖଡଗପୁରଠାରେ ପାର୍ବତୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ବାଙ୍କୀ ଗୋପାଳପୁରର ଛାତ୍ରୀ ସାଇଶୁଭଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ ସେଠାରେ ଯୋଗାସନରେ ପ୍ରଥମ ଓ ନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଟ୍ରଷ୍ଟର ସଭାପତି ବିକାଶ ନିମାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ । ପଦ୍ମଶ୍ରୀ ଦୁଖୁ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଇଶୁଭଶ୍ରୀ ବାଙ୍କୀ ଗୋପାଳପୁରର ବିଚିତ୍ର କୁମାର ସାହୁଙ୍କ କନ୍ୟା ଅଟନ୍ତି।

## ଗୋରତାଙ୍ଗ ଅବଧୂତ ପୀଠରେ ଗୁରୁ ଯଜ୍ଞ

ମାହାଙ୍ଗା, ୧୮।୪(ଯଯାତି ସିଂହ)

ମାହାଙ୍ଗା ବ୍ଲକ ପୋଡାମରାଇ ପଞ୍ଚାୟତ ଅନ୍ତର୍ଗତ ଏରକଣା ଗୋରତାଙ୍ଗସ୍ଥିତ ଅବଧୂତ ପୀଠରେ କୈବଲ୍ୟ ମଣ୍ଡପ ସଞ୍ଚାଳକ କିଶୋରଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗୁରୁଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂଜକ ଭାବେ ବିପିନ କୁମାର ପଣ୍ଡା, ଭବାନୀଶଙ୍କର ପଣ୍ଡା, ଅମ୍ବରିଶ ଶତପଥୀ ପ୍ରମୁଖ ଯୋଗଦେଇ ଗୁରୁ ଆହୁତି ଓ ଗୁରୁ ଅଭିଷେକ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବଦସରରେ ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଶେଷର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ମହାପ୍ରଭୁଙ୍କ ଖଡ଼ିଛୁଆଁ, ବିଦ୍ୟାରମ୍ଭ ଉତ୍ସବ



ରଘୁନାଥଜୀଉ ପୀଠକୁ ଆସିଥିବା ହନୁମାନ ମୁଖାଧାରୀମାନେ।

ନିଶ୍ଚିନ୍ତକୋଇଲି,୧୮।୪ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳୋ ପଞ୍ଚାୟତ ଅଧୀନରେ ଥିବା ପ୍ରସିଦ୍ଧ ରଘୁନାଥ ଜୀଉ ମଠରେ ଗୁରୁବାର ମହାପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ସମେତ ୪ଭାଇଙ୍କ ଗୁରୁକୂଳ ଆଶ୍ରମରେ ଖଡ଼ିଛୁଆଁ ହୋଇ ବିଦ୍ୟାରମ୍ଭ କାର୍ଯ୍ୟ ସମାପନ ହୋଇଛି। ଏହି ଅବସରରେ ପୀଠରୁ ଦେଢ଼ଶହ ହନୁମାନ ମୁଖାଧାରୀ ଭକ୍ତ ରଘୁନାଥଙ୍କ ମହିମା ପ୍ରଚାର ପାଇଁ ରାଜ୍ୟର ବିଭିନ୍ନ ଜିଲାକୁ ଯାତ୍ରା ଆରମ୍ଭ କରିଛନ୍ତି। ଗୁରୁବାର ପ୍ରଭାତରୁ ପ୍ରଭୁ ପାରମ୍ପରିକ ରୀତିନୀତି ଅନୁଯାୟୀ, ରଘୁନାଥଙ୍କ ଅନ୍ନପ୍ରସାଦ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ମହାଆଳତୀ ପରେ ମାନସ ମଣ୍ଡପରେ ବଚନିକା ପର୍ବ ଆରମ୍ଭ ହୋଇଥିଲା। ଏହି ଅବସରରେ ସୁଆଙ୍ଗମାନଙ୍କ ଦ୍ୱାରା ଗୁରୁକୂଳ ଆଶ୍ରମରେ ବିଦ୍ୟାରମ୍ଭ ଯଜ୍ଞ କରାଯାଇଥିଲା। ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିରରୁ ହନୁମାନ ମୁଖା ଓ ବ୍ୟାଜ୍ ମାନସିକଧାରୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ସେମାନେ ବିଭିନ୍ନ ଜିଲା ଅଭିମୁଖେ ଗ୍ରସ୍ତ କରିଛନ୍ତି।

# ବିଜେଡିରେ ସାମିଲ ହେଲେ ଭାଜପା, କଂଗ୍ରେସ କର୍ମୀ

ମାହାଙ୍ଗା,୧୮।୪(ଯଯାତି ସିଂହ)

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମଧୁପୁର ପଞ୍ଚାୟତର ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମଧୁପୁର ପଞ୍ଚାୟତ ଘିସୁଆଁ ଗ୍ରାମର ବହୁ ଭାଜପା ଓ କଂଗ୍ରେସ କର୍ମୀ କୁଆଁପାଳ ଅଳିଯୋଡାସ୍ଥିତ ବିଧାୟକ ଜେନାଙ୍କ ଉପସ୍ଥିତିରେ ବିଜେଡି ଦଳରେ ଯୋଗଦେଇଛନ୍ତି । ଏହି ଅବସରରେ ବିଧାୟକ ଜେନା ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ରବୀନ୍ଦ୍ର ବାଗ, ପ୍ରଶାନ୍ତ ପଟ୍ଟନାୟକ, ଜୋନ୍ ସଭାପତି ଦୀନବନ୍ଧୁ ସାହୁ, ନରେନ୍ଦ୍ର ବାଗ, କୈଳାସ ରାଉତ, ହୃଦୟ କାନୁନ୍‌ଗୋ,ସୁବାସ ବାଗ ଓପ୍ରଦୋଷ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।




ବିଧାୟକ ପ୍ରତାପ ଜେନା ଓ ଦଳୀୟକର୍ମୀମାନେ।

# ବିଦ୍ୟାଳୟ ବନ୍ଦ : ଛାତ୍ରୀଛାତ୍ର ଶିକ୍ଷାଲାଭରୁ ବଞ୍ଚିତ

ନିଶ୍ଚିନ୍ତକୋଇଲି,୧୮।୪ (ଅଶୋକ କୁମାର ମହାପାତ୍ର)

- ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି
- ନିର୍ମାଣ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି
- ଦୂର ବିଦ୍ୟାଳୟକୁ ଯିବାକୁ ଛାତ୍ରୀଛାତ୍ର ଅମଙ୍ଗ



ତଳବରାଦୋ ସରକାରୀ ପ୍ରାଥମିକ ବିଦ୍ୟାଳୟ।

ପିଲା କମ୍ ଦର୍ଶାଇ ବିଦ୍ୟାଳୟ ବନ୍ଦ କରାଯିବା ପରେ ଉକ୍ତ ସ୍ଥାନ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହାର ଉଦାହରଣ ନିଶ୍ଚିନ୍ତକୋଇଲି ବ୍ଲକ ତଳବରାଦୋ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଅପରପକ୍ଷେ ଦୂରରେ ଥିବା ବିଦ୍ୟାଳୟକୁ ଯାଇ ନ ପାରି ବହୁ ଛାତ୍ରୀଛାତ୍ର ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ଏନେଇ ଅଭିଭାବକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟକୁ ଖୋଲାଯିବା ଲାଗି ଦାବି ହୋଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧନରେ ତଳବରାଦୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ୧୯୧୨ ମସିହାରେ ଏହା ସ୍ଥାପନ କରାଯାଇଥିଲା। ବିଦ୍ୟାଳୟରେ ୫ଟି ଶ୍ରେଣୀ ରହିଥିଲା। ଏହି ବିଦ୍ୟାଳୟର ଗୃହ, ପାଇଖାନା ଓ ରୋଷେଶାଳ ନିର୍ମାଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲା। ମାତ୍ର ବିଦ୍ୟାଳୟରେ ଆବଶ୍ୟକ ୨୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ସରକାର ଏହି ବିଦ୍ୟାଳୟକୁ ବନ୍ଦ କରିଦେଇଥିଲେ। ଫଳରେ ଏହି ବିଦ୍ୟାଳୟ ନିମନ୍ତେ ବିନିଯୋଗ କରାଯାଇଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟ ଗୃହଟି ଏବେ ଭୂତକୋଠିରେ ପରିଣତ ହୋଇଛି। ବିଦ୍ୟାଳୟରେ ଏବେ ନିଶାଗ୍ରସ୍ତ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ବିଷାକ୍ତ ସରିସୃପଙ୍କ ଅଭୟାରଣ୍ୟରେ ପରିଣତ ହୋଇଯାଇଛି। ଅପରପକ୍ଷରେ ଏହି ବିଦ୍ୟାଳୟ ଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଫଗୋଲ ଗ୍ରାମପଞ୍ଚାୟତ ପାଇକରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ବର୍ଷାଦିନେ ପାଟନାଳୀରେ ପାଣି ଜମି ରହୁଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହୁଛି। ଏଥିଯୋଗୁ ଉକ୍ତ ବିଦ୍ୟାଳୟକୁ ଯିବାଲାଗି ଛାତ୍ରୀଛାତ୍ରମାନେ ରାଜି ହେଉନାହାନ୍ତି। ପ୍ରଶାସନ ତରଫରୁ ତୁରନ୍ତ ବନ୍ଦ କରାଯାଇଥିବା ବିଦ୍ୟାଳୟକୁ ଖୋଲିବା ଲାଗି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏସମ୍ପର୍କରେ ବ୍ଲକ ଶିକ୍ଷାଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା କୁହନ୍ତି, ଏନେଇ ମୋ ପାଖରେ କୌଣସି ଅଭିଯୋଗ ହୋଇ ନାହିଁ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୮।୪।୨୦୨୪

| | |
|---|---|
| ୨,୪୯,୪୪୨ ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ |
| ରୁପା | ୧ ଗ୍ରାମ |

**ସଂକ୍ଷେପରେ**

## ହନୁମାନ ଜୟନ୍ତୀ, ବାସନ୍ତୀ ଦୁର୍ଗାପୂଜା ଉଦ୍‌ଯାପିତ



**କଣାସ,୧୮।୪(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅଧୀନ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହନୁମାନ ଜୟନ୍ତୀ ଓ ବାସନ୍ତୀ ଦୁର୍ଗାପୂଜା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ସରୋଜ ମିଶ୍ର ଓ ତାଙ୍କ ସହକର୍ମୀ ୬ଦିନ ଧରି ବେଦପାଠ କରି ପୂଜାର୍ଚ୍ଚନା କରିଥିଲେ। ଗତ ୧୪ ତାରିଖରେ ଅନୁଷ୍ଠାନ ପରିସରରେ ହନୁମାନ ଜୟନ୍ତୀ ପାଳନ କରାଯାଇଥିବାବେଳେ ୧୭ ତାରିଖରେ ଶ୍ରୀରାମଙ୍କ ପୂଜା ଜନ୍ମୋତ୍ସବ ପାଳିତ ହୋଇଥିଲା। ହନୁମାନ ଜୟନ୍ତୀରେ କର୍ତ୍ତା ଭାବେ ଜ୍ଞାନବିକାଶ ଗଜେନ୍ଦ୍ର ଓ ବାସନ୍ତୀ ପୂଜା ଉତ୍ସବରେ ଅକ୍ଷୟ ବଳିଆରସିଂ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଗଜେନ୍ଦ୍ର ଓ ସହସମ୍ପାଦକ ବିଜୟ ବଡ଼ଜେନା ଅନୁଷ୍ଠାନ ଅଧ୍ୟକ୍ଷ କସ୍ତୁରୀ ଚରଣ ଚମ୍ପତି ଏବଂ ଅନୁଷ୍ଠାନ ମୁଖ୍ୟ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ନିଶଙ୍କ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଅନୁଷ୍ଠାନ ପରିସରରେ ରହୁଥିବା ଅନ୍ତେବାସୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅଣ୍ଡାରସିଂହ ଗ୍ରାମର ଶ୍ରୀରାମ ନାଟ୍ୟ ପରିସଦ ପକ୍ଷରୁ ରାମଲୀଳା ପରିବେଷଣ କରାଯାଇଥିଲା।

# ଯଜ୍ଞରକ୍ଷା, ଖର, ଦୂଷଣ ବଧ ନୀତି ସମ୍ପନ୍ନ

### ୨ୟ ଦିନରେ ସାହିଯାତ

**ପୁରୀ,୧୮।୪(ଅଜିତ୍ ମହାନ୍ତି):** ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ସାହିଯାତ ଚାଲିଛି। ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମନବମୀଠାରୁ ରାମାଭିଷେକ ପର୍ଯ୍ୟନ୍ତ ସାହିଯାତ ଅନୁଷ୍ଠିତ ହୋଇଥାଏ। ବୁଧବାର ସାହିଯାତର ପ୍ରଥମ ଦିବସରେ କାଳିକାବେଦୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ଗୁରୁବାର ଦ୍ୱିତୀୟ ଦିବସରେ ଯଜ୍ଞରକ୍ଷା ଏବଂ ଖର, ଦୂଷଣ ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ପ୍ରଭୁ ଶ୍ରୀରାମ ଏବଂ ଲକ୍ଷ୍ମଣ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା। ସେହିପରି ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଯଜ୍ଞରକ୍ଷା, ଖର, ଦୂଷଣ ବା (ନାକ, କାନ)ଙ୍କ ବଧ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡି ସାହି ଆଖଡ଼ାରୁ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଚରିତ୍ରମାନେ ଆସି ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ଦ୍ୱାରା ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ଶୀତଳ ଭୋଗ ମଣୋହି କରାଯିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସେହିପରି ମାଟିମଣ୍ଡପ ସାହି ଉତ୍ତରକାଳି ଆଖଡ଼ାରୁ ନିଶାଣ ବାହାରି ଦକ୍ଷିଣ କାଳୀ ମନ୍ଦିରରେ ପହଞ୍ଚିବା ସହ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମାଟି ମଣ୍ଡପ ସାହି ଉତ୍ତର କାଳୀ ଆଖଡ଼ାରୁ ଓ ଆଠସାହି ଆଖଡ଼ାର ମୁରବିମାନେ ମାଟି ମଣ୍ଡପ ସାହିର ବାଦୀ ବା ବନ୍ଧୁ ସାହି କାଳିକାଦେବୀ ସାହିକୁ ଯାତ ନେଇ ଯାଇଥିଲେ। ଯାତରେ ନବଶିରା ହନୁମାନ କାଳିମେଡ଼, ନାଗା, ମେଜ ସହ ବିଭିନ୍ନ ପ୍ରକାର ସମରକଳା ପ୍ରଦର୍ଶନ କରି ମାଟି ମଣ୍ଡପ ସାହିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶୋଭାଯାତ୍ରାରେ ଆଠସାହି ଆଖଡ଼ା ସଭାପତି ଓ ସମ୍ପାଦକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସାହିବାସିନ୍ଦା ସାହିଯାତର ପାରମ୍ପରିକ ନୃତ୍ୟ ଓ ସମରକଳା ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।



ହରଚଣ୍ଡୀ ସାହିର ରାମ ଲକ୍ଷ୍ମଣଙ୍କ ସହ ମାରିଚ ଓ ସୁବାହୁ ରାକ୍ଷସ ।



ପଞ୍ଚମୁଖୀ ହନୁମାନ ବେଶ।



ସପ୍ତଶିରା ମେଢ ।

## ଶ୍ରୀକ୍ଷେତ୍ରରେ ପହଞ୍ଚିଲା ରଥ ଦଉଡ଼ି

**ପୁରୀ,୧୮।୪(ଅଜିତ୍ ମହାନ୍ତି):** ଚଳିତ ବର୍ଷ ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ରଥାରୂଢ଼ ହୋଇ ଶ୍ରୀମନ୍ଦିର କର୍ମବେଦୀରୁ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କରିବେ। ତେବେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲାପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଚଳିତବର୍ଷ ରଥଯାତ୍ରାର ନିର୍ଦ୍ଧାରିତ ସମୟ ପୂର୍ବରୁ ତିନିରଥର ରଥ ଦଉଡ଼ି ଓ ସୁରକ୍ଷା ଘେର(କର୍ଡନ) ଦଉଡ଼ି ଆସି ପୁରୀରେ ପହଞ୍ଚିଛି। ଏକ ଟ୍ରକ ଯୋଗେ ରଥ ଦଉଡ଼ିଗୁଡ଼ିକ ଗୁରୁବାର ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପରେ ଉକ୍ତ ଦଉଡ଼ିଗୁଡ଼ିକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପୁରୀ ଜିଲା ବୀରପ୍ରତାପପୁରରେ ଥିବା ରାଜ୍ୟ ସମବାୟ କତା ନିଗମ ରଥଯାତ୍ରା ପାଇଁ ସମସ୍ତ ରଥ ଦଉଡ଼ି ନିର୍ମାଣ କରିଛି। ମହାପ୍ରଭୁଙ୍କ ପବିତ୍ର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ତିନି ରଥ ପାଇଁ ମୋଟ ୨୬ ଗୋଟି ରଥ ଦଉଡ଼ି ଆସିଛି। ୨୬ଗୋଟି ରଥ ଦଉଡ଼ି ମଧ୍ୟରୁ ୧୪ଟି ରଥ ଦଉଡ଼ି ଥିବାବେଳେ ୧୨ଟି ଘେର ଦଉଡ଼ି ରହିଛି। ଘେର ଦଉଡ଼ି ମଧ୍ୟରେ ଇନର କର୍ଡନ୍ ୩ ଗୋଟି, ଆଉଟର କର୍ଡନ ୩ ଗୋଟି , ପୋଲିସ ଓ ଜେନେରାଲ ଦଉଡି ୩ ଗୋଟି ରହିଛି। ରଥ ଦଉଡ଼ିଗୁଡ଼ିକର ଲମ୍ୱ ୩୨୦ ଫୁଟ ହୋଇଥିବାବେଳେ ଏହାର ଗୋଲେଇ ୮ ଇଞ୍ଚ ରହିଛି। ଦୀର୍ଘ ୧ ମାସ ଧରି ୧୪ ଜଣ କାରିଗର ନିଷ୍ଠାର ସହ ରଥ ଦଉଡ଼ି ନିର୍ମାଣ କରିଛନ୍ତି।



ପହଞ୍ଚିଥିବା ରଥ ଦଉଡ଼ି ।

## ଶିକ୍ଷା ସମାଜ ଗଠନର ମୂଳପିଣ୍ଡ

**ପୁରୀ,୧୮।୪(ଅଜିତ୍ ମହାନ୍ତି):** ଶିଶୁ ଶିକ୍ଷାନୁଷ୍ଠାନ 'ଉଦୟନାଥ ଏକାଡେମୀ'ର ପଞ୍ଚଦଶ ବାର୍ଷିକୋତ୍ସବ ସ୍ଥାନୀୟ ଗୋପାଳପୁର ରୋଡ ବାଲିଘାଟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ସଦରବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ପ୍ରଭାକର ତ୍ରିପାଠୀ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଶ୍ୟାମ ପ୍ରକାଶ ସେନାପତି, ଶିକ୍ଷା ସଂଗଠକ କବିରାଜ ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଲତା ମିଶ୍ର, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ, ବାଲିଗୁଆଳି ସରପଞ୍ଚ ସିଲୁ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପରିବାର ଗୋଟେ ବିଦ୍ୟାଳୟ ଏବଂ ବିଦ୍ୟାଳୟ ଗୋଟେ ପରିବାର । ଶିକ୍ଷା ହେଉଛି ସମାଜ ଗଠନର ମୂଳପିଣ୍ଡ । ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଏବଂ ଶାନ୍ତି ଓ ପ୍ରେମର ପରିଭାଷା । ସେମାନଙ୍କ ପାଖରେ ରହିଛି ଅସୀମ ଶକ୍ତି ଓ ଅନେକ ସମ୍ଭାବନା ବୋଲି ମଞ୍ଚାସୀନ ଅତିଥିବୃନ୍ଦ ପ୍ରକାଶ କରିଥିଲେ । ପରିଚାଳନା କମିଟି ସଭାପତି ରଶ୍ମି ରଞ୍ଜିତା ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉପସଭାପତି ଦିନେଶ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଦେବସ୍ମିତା ପ୍ରଧାନ ଓ ଶୁଭଙ୍କର ସାହୁ ଶ୍ରେଷ୍ଠ ପୁରସ୍କାର ଲାଭ କରିଥିଲେ।

## ଉଠା ଦୋକାନୀଙ୍କୁ ପୁଣି ଥରେ ବଡ଼ଦାଣ୍ଡରେ ଥଇଥାନ କରାଯାଉ

**ପୁରୀ,୧୮।୪(ଅଜିତ୍ ମହାନ୍ତି):** ବିସ୍ଥାପିତ ବଡ଼ଦାଣ୍ଡ ଉଠା ଦୋକାନୀମାନଙ୍କ ପକ୍ଷରୁ ଗୁରୁବାର ଭକ୍ତ ସାଲବେଗ ପୀଠରେ ଏକ ଖବରଦାତା ସମ୍ମିଳନୀରେ ସେମାନଙ୍କୁ ପୁଣି ଥରେ ବଡ଼ଦାଣ୍ଡରେ ଥଇଥାନ କରିବାକୁ ଦାବି କରାଯାଇଛି। ସେହିପରି ବିନା ଟେଣ୍ଡର ପ୍ରକ୍ରିୟାରେ ବଡ଼ଦାଣ୍ଡରେ ହୋଇଥିବା ବେଆଇନ ଜୋତାଷ୍ଟାଣ୍ଡକୁ ବନ୍ଦ ନ କଲେ ଦୋକାନୀ ପୁଣିଥରେ ବଡ଼ଦାଣ୍ଡରେ ଦୋକାନ ଖୋଲିବେ ବୋଲି ସୂଚନା ଦେଇଛନ୍ତି। ବିନା ଆଲୋଚନାରେ ବଡ଼ଦାଣ୍ଡରୁ ଦୋକାନୀଙ୍କୁ ଉଠେଇବାକୁ ଟାଉନ ଭେଣ୍ଡିଂ କମିଟି ନେଇଥିବା ନିଷ୍ପତ୍ତିକୁ ମଧ୍ୟ ଦୋକାନୀମାନେ ବିରୋଧ କରିଛନ୍ତି। ଦୋକାନୀଙ୍କୁ ଶ୍ରୀସେତୁ ବ୍ରିଜ ତଳେ ଥଇଥାନ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ମାତ୍ର ଏହାକୁ ସଂଘ ବିରୋଧ କରିଛି। ବ୍ରିଜ ତଳେ ଉଠା ଦୋକାନୀ କେତେ ସୁରକ୍ଷିତ ବୋଲି ପ୍ରଶ୍ନ କରିବା ସହ ଯଦି କିଛି ଅଘଟଣ ଘଟେ ତାହାଲେ କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଅନେକ ଦୋକାନୀ ଏବେ ବି କ୍ଷତିପୂରଣରୁ ବଞ୍ଚିତ ହୋଇଛନ୍ତି। ତେଣୁ ପ୍ରଶାସନ କ୍ଷତିପୂରଣ ନ ଦେଇ ସମସ୍ତଙ୍କୁ ରୋଜଗାର ଦେଉ ଏବଂ ବଡ଼ଦାଣ୍ଡରେ ପୁନଃ ଥଇଥାନ କରାଯାଉ ବୋଲି ଦୋକାନୀ ଦାବି କରିଛନ୍ତି। ଯଦି ପ୍ରଶାସନ ସେମାନଙ୍କୁ ଦାବି ପୂରଣ ନ କରେ ତେବେ ସେମାନେ ଭୋଟ ବର୍ଜନ କରିବେ ବୋଲି ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ୮ଗୋଟି ଦାବି ଦୋକାନୀଙ୍କ ପକ୍ଷରୁ ଉପସ୍ଥାପନା କରାଯାଇଥିଲା। ସମ୍ମିଳନୀରେ ବଳଗଣ୍ଡି ବଜାର ସଭାପତି ସୁଧୀର ରଞ୍ଜନ ମଣ୍ଡଳ, ସମ୍ପାଦକ ଦୈତାରୀ ପୃଷ୍ଟି, ବିନୋଦ କୁମାର ପରିଡ଼ା, ମାଉସୀମା ବ୍ୟବସାୟୀ ସଂଘ ସଭାପତି ସୁକାନ୍ତ ସେନାପତି, ସମ୍ପାଦକ ଦୀପକ କୁମାର ସିଂ, ରାଧାକୃଷ୍ଣ ବ୍ୟବସାୟୀ ସଂଘ ସଭାପତି ସତ୍ୟ ନାରାୟଣ ବ୍ରହ୍ମା, ସମ୍ପାଦକ ଶ୍ରୀଧର ମୁଦୁଲି ଏବଂ ଭରତ ସାହୁ, କାକୁଡ଼ି ଖାଇ ସଂଘ କାର୍ଯ୍ୟକାରିଣୀ ସମ୍ପାଦକ ପ୍ରଦୀପ ପରିଡ଼ାଙ୍କ ସହ ଶତାଧିକ ବ୍ୟବସାୟୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମାଉସୀମା ବଜାରର କୋଷାଦକ୍ଷ ଶିବ ନାରାୟଣ ଦାଶ ପରିଚାଳନା କରିଥିଲେ।

## ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି

### ଅରଖକୁଦା ଗଣବଳାତ୍କାର ଘଟଣା

**ପୁରୀ,୧୮।୪(ଅଜିତ୍ ମହାନ୍ତି):** ପୁରୀ ଜିଲା ଅରଖକୁଦା ମେରାଇନ ଥାନା ଅଧୀନ ଅରଖକୁଦା ଗ୍ରାମରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଘଟଣାର ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଓଡ଼ିଶା ମାନବାଧିକାର କମିଶନଙ୍କୁ କୁହାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ଫେବୃଆରୀ ୨ତାରିଖରେ ଅରଖକୁଦା ଗ୍ରାମରେ କେତେଜଣ ଅସାମାଜିକ ବ୍ୟକ୍ତି ଅଧା ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ହାତଗୋଡ଼ ବାନ୍ଧି ତାଙ୍କ ସ୍ତ୍ରୀଙ୍କୁ ଗଣବଳାତ୍କାର କରିଥିଲେ। ଉକ୍ତଘଟଣା ଲୋକଲୋଚନକୁ ଆସିବା ପରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ସମ୍ପୃକ୍ତ ପୀଡ଼ିତା ମହିଳାଙ୍କୁ କ୍ଷତି ପୂରଣ ବାବଦକୁ କୋଡ଼ିଏ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏନ୍‌ଏଚ୍‌ଆର୍‌ସି କେସ୍ ନଂ.୨୬୯୦/୨୦୨୪ ରେ ପଞ୍ଜୀକୃତ ହୋଇଥିଲା।

## ଐତିହ୍ୟର ସଂରକ୍ଷଣ ଜାତୀୟ କର୍ତ୍ତବ୍ୟ

**ପୁରୀ,୧୮।୪(ଅଜିତ୍ ମହାନ୍ତି):** ବିଶ୍ୱ ଐତିହ୍ୟ ଦିବସ ଉପଲକ୍ଷେ ଐତିହ୍ୟ ସଂରକ୍ଷଣ ପରିଷଦ ପୁରୀ ପକ୍ଷରୁ ଏକ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ରୋଟାରୀ କମ୍ୟୁନିଟି ସେଣ୍ଟର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଛି । ପରିଷଦର ସଭାପତି ବିଭୂତି ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରର ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ, ୨୦୧୭ ମସିହାଠାରୁ ପ୍ରତିବର୍ଷ ଐତିହ୍ୟ ଦିବସ ପାଳନ ହୋଇଆସୁଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ସଙ୍ଗୀତ ବିଶାରଦ ଗୁରୁ ଆର୍ତ୍ତତ୍ରାଣ ଶତପଥୀଙ୍କୁ ସଂଗୀତ ବିଶାରଦ ସମ୍ମାନ, ଓଡ଼ିଶୀ ସ୍ଥାପତ୍ୟ ବିଶାରଦ ଭାବରେ ଡ଼ଃ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଓଡିଶୀ ସ୍ଥାପତ୍ୟ ବିଶାରଦ ସମ୍ମାନ ଏବଂ ଶାସ୍ତ୍ର କ୍ଷେତ୍ରରେ ଅବଦାନ ନିମନ୍ତେ ଯୋଗାଚାର୍ଯ୍ୟ କୁଞ୍ଜବିହାରୀ ଉପାଧ୍ୟାୟଙ୍କୁ ଶାସ୍ତ୍ର ବିଶାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଲୋଚନାର ଆଭିମୁଖ୍ୟ ପ୍ରକାଶ କରି ପରିଷଦର ଆଧାରପୁରୁଷ ଡ ସୁରେନ୍ଦ୍ର କୁମାର ମିଶ୍ର ଐତିହ୍ୟ ଶବ୍ଦର ବ୍ୟାପକ ପରିଭାଷା ପ୍ରକାଶ କରିଥିଲେ। ମିଶ୍ର କହିଥିଲେ, ଗୋଟେ ଜାତିର ଐତିହ୍ୟ ଗୌରବ ପୂର୍ଣ୍ଣ ବାର୍ତ୍ତା ବହନ କରିଥାଏ। ଭାଷାର ଐତିହ୍ୟ ହେଉ କି ସାହିତ୍ୟ, ଉପାସନା, ପରମ୍ପରା, ମନ୍ଦିର ଗଡ଼, ସଙ୍ଗୀତ ଓ ସ୍ଥାପତ୍ୟ ଭାସ୍କର୍ଯ୍ୟର ଐତିହ୍ୟ ହେଉ ସ୍ୱାଭିମାନକୁ ସମୃଦ୍ଧ କରିଥାଏ। ତେଣୁ ପ୍ରତ୍ୟେକ ଐତିହ୍ୟର ସଂରକ୍ଷଣ କରିବା ଆମର ଜାତୀୟ କର୍ତ୍ତବ୍ୟ ବୋଲି କହିଥିଲେ। ଗୁରୁ ଆର୍ତ୍ତତ୍ରାଣ ଶତପଥୀ ତାଙ୍କ ବକ୍ତବ୍ୟରେ ଓଡିଶୀ ସଂଗୀତର ପ୍ରାଚୀନତା ସମ୍ପର୍କରେ ସୂଚନା ଦେଇଥିଲେ। କୁଞ୍ଜବିହାରୀ ଉପାଧ୍ୟାୟ ଅଥର୍ବ ବେଦର ପୈପଳାଦ ଶାଖାର ସଂପାଦନା ପଛରେ ଥିବା ଦୀର୍ଘ ତ୍ୟାଗର ଗାଥା ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ ଯେ ପୈପଳାଦ ସଂହିତା ଓଡିଶାରୁ ହିଁ ସଂଗ୍ରହ ହୋଇ ଆଜି ବିଶ୍ୱରେ ଚହଳ ସୃଷ୍ଟି କରିଛି । ପୂର୍ବରୁ ନାମ ଶୁଣା ଯାଉଥିଲା। କିନ୍ତୁ ଗ୍ରନ୍ଥର ସ୍ୱରୁପ ବିଶ୍ୱରେ ଦୁର୍ଲଭ ଥିଲା। ଶ୍ରୀ ସାହିତ୍ୟ ଅନୁଷ୍ଠାନର କୃଷ୍ଣ ନାୟକ, କୋଣାର୍କ ଐତିହ୍ୟ ପରିଷଦର ସଂପାଦକ ସଞ୍ଜୟ ବରାଳ ଆଲୋଚନାରେ ଭାଗନେଇଥିଲ । ଏହି ଅବସରରେ ଡ଼ ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ ଶ୍ରୀ ଜଗନ୍ନାଥ ଉପାସନା ଅନାଲୋଚିତ ଐତିହ୍ୟ ପୁସ୍ତକ ଲୋକାର୍ପଣ ହୋଇଥିଲା।



ବିଶ୍ୱ ଐତିହ୍ୟ ଦିବସ ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ ।

## ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ

### ବିଜୁ ଯୁବ ଜନତା ଦଳର ନିର୍ବାଚନ ପ୍ରସ୍ତୁତି ବୈଠକ

**ପୁରୀ,୧୮।୪(ଅଜିତ୍ ମହାନ୍ତି):** ବିଜୁ ଯୁବ ଜନତା ଦଳ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ବଗଲା ଧର୍ମଶାଳାଠାରେ ପୁରୀ ସହରର ବିଜୁ ଜନତା ଦଳର ସମସ୍ତ ମୁରବି ଓ କର୍ମୀମାନଙ୍କୁ ନେଇ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନବ-ନିର୍ବାଚିତ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସଂଯୋଜନା ଏବଂ ପୁରୀ ଜିଲା ବିଜୁ ଯୁବ ଜନତା ଦଳର ସଭାପତି ନାରାୟଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ କରିବା ସହ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ପୁରୀ ସଦର ବିଧାନସଭା ପ୍ରାର୍ଥୀ ସୁନୀଲ ମହାନ୍ତିଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ପୁରୀ ପୌରସଂସ୍ଥା ଅନ୍ତର୍ଗତ ୩୨ଗୋଟି ୱାର୍ଡରୁ ଜନସାଧାରଣ ଯୋଗ ଦେଇଥିଲେ। ବିଜେଡି ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିବ ବୋଲି ଖୁଣ୍ଟିଆ ମତବ୍ୟକ୍ତ କରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବ୍ରହ୍ମଗିରିର ବିଧାୟକ ସଞ୍ଜୟ କୁମାର ଦାସ ବର୍ମା, ରାମକୃଷ୍ଣ ଦାସ ମହାପାତ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ ଓ ଗୌରହରି ପ୍ରଧାନ, ପୁରୀ ଜିଲା ବିଜୁ ଜନତା ଦଳର ସଭାପତି ଦିବାକର ପାତ୍ର, ପୁରୀ ସହର ମହିଳା ସଭାନେତ୍ରୀ ବିନୋଦିନୀ ଦାସ, ପୁରୀର ମହିଳା ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ଭଗବାନ ପଡ଼ିଆରୀ, ରବିନାରାୟଣ ସାମନ୍ତରା, ରାମଚନ୍ଦ୍ର ସିଂହାରୀ, ନାରାୟଣ ଖୁଣ୍ଟିଆ, କାଶୀନାଥ ମହାସୁଆର, ଅନନ୍ତ ପ୍ରଧାନ, ବିଶ୍ୱକେତନ ଦାସ, ସୁରେଶ ଚନ୍ଦ୍ର ବାରିକ, ଅର୍ବାନ ବ୍ୟାଙ୍କର ଉପ ସଭାନେତ୍ରୀ ମମତାରାଣୀ ସାହୁ, ଅରୁଣିମା ନନ୍ଦ ପ୍ରମୁଖ ଉପସ୍ଥିତ ରହି କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରେ ଭାଜପାର ପୂର୍ବତନ ପୁରୀ ଜିଲା ସାଧାରଣ ସମ୍ପାଦକ ଓ ବର୍ତ୍ତମାନର ପ୍ରଶିକ୍ଷଣ ପ୍ରମୁଖ ବିଭୂତି ଭୂଷଣ ତ୍ରିପାଠୀ ଓ ସିଂହଦ୍ୱାର ମଣ୍ଡଳ ସଭାନେତ୍ରୀ ରାଜଲକ୍ଷ୍ମୀ ନନ୍ଦ ବିଜୁ ଜନତା ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଦଳରେ ମିଶିଥିଲେ।



ବିଜେଡି ପକ୍ଷରୁ ଅନୁଷ୍ଠିତ ନିର୍ବାଚନ ପ୍ରସ୍ତୁତି ବୈଠକରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ଅନ୍ୟମାନେ ।

## ସଂକ୍ଷେପରେ

### ରାମଚଣ୍ଡୀଙ୍କ ନବମ ବାର୍ଷିକ ଉତ୍ସବ

ବୋଲଗଡ଼,୧୮।୪(ଦେବବ୍ରତ ହୋତା): ବାସନ୍ତିକ ପୂଜାର ଦଶମୀ ତିଥିରେ ବୋଲଗଡ଼ ଗଡ଼ର ଆରାଧ୍ୟା ମା'ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ନବମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମର ଗୁରୁବାର ପୂର୍ଣ୍ଣାହୁତି ହୋଇଯାଇଛି। ଅଶୋକାଷ୍ଟମୀ ଦିବସରେ ମା'ଙ୍କ ଗଡ଼ଭିତର ସାହି ମନ୍ଦିର ପରିସରରେ ନବପତ୍ରିକା ହୋମ କାର୍ଯ୍ୟ ହୋଇଥିଲା। ଉକ୍ତଦିନଠାରୁ ରୀତିନୀତି ଅନୁଯାୟୀ ଯଜ୍ଞ କାର୍ଯ୍ୟକ୍ରମ ହୋଇଥିଲା। ଚୈତ୍ର ଶୁକ୍ଳପକ୍ଷ ବାସନ୍ତିକ ଦଶମୀ ତିଥିରେ ଯଜ୍ଞର ପୂର୍ଣ୍ଣାହୁତି ପାଇଁ ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ନିକଟ ଗଡ଼ସାଗରରୁ ପୂଜାର୍ଚ୍ଚନା ପରେ ଜଳ ଆଣି ମନ୍ଦିର ବେଢ଼ା ମଧ୍ୟ ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ପରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ରଘୁନାଥ ଦଳବେହେରା ଓ ତାଙ୍କ ସ୍ତ୍ରୀ କବିତା ଦଳବେହେରା କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ପ୍ରଦାନ ଏବଂ ସନ୍ଧ୍ୟାରେ କଳସ ବିସର୍ଜନ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆତସବାଜି ପ୍ରଦର୍ଶନ ହୋଇଥିଲା।

### 'ବିଜୁବାବୁଙ୍କ ଆଦର୍ଶରେ ବିଜେଡି ପରିଚାଳିତ'

ବୋଲଗଡ଼,୧୮।୪(ଦେବବ୍ରତ ହୋତା): ବୋଲଗଡ଼-ବେଗୁନିଆ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ବୋଲଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନଙ୍କ ଆବାହକତ୍ୱରେ ପିଚୁକୁଳି ପଞ୍ଚୁଦୋଳ ପଡ଼ିଆରେ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନେକ ବିଜେଡି କର୍ମୀ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଅପରାହ୍ନରେ ପିଚୁକୁଳି ବଜାରରେ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳରେ ପହଞ୍ଚି ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରଫୁଲ୍ଲ ପ୍ରଧାନ କହିଥିଲେ, ବିଜୁ ବାବୁଙ୍କ ଆଦର୍ଶରେ ବିଜୁ ଜନତା ଦଳ ପରିଚାଳିତ। ବିଜୁ ପଟ୍ଟନାୟକଙ୍କୁ କେନ୍ଦ୍ର ସରକାର ଆଜିଯାଏ ଭାରତ ରତ୍ନ ଦେଇ ନ ଥିବା କହି ବରିଷ୍ଠ ନେତା ଯାଗେଶ୍ୱର ମାଝୀ କ୍ଷୋଭ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରୂପକାନ୍ତି ସାହୁ, ହାଡୁବନ୍ଧୁ ମହାପାତ୍ର, ସତ୍ୟନାରାୟଣ ପ୍ରଧାନ, ବେଗୁନିଆ ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ରୀନା ସେଠୀ, ପ୍ରଭାତୀ ପ୍ରଧାନ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ସନ୍ତୋଷ ମାଝୀ, ଜିଲା ସମବାୟ ଡାଇରେକ୍ଟର ପବିତ୍ର ମୋହନ ମାଝୀ, ସରପଞ୍ଚ ନାରାୟଣ ସାହୁ, ସମିତି ସଭ୍ୟ ବିଜୟ ସୁବୁଦ୍ଧି ଓ ସଞ୍ଜୟ ଗୁମାନସିଂ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ ଓ ସଭ୍ୟ ସୁବାସ ରାୟଗୁରୁ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଓ ପ୍ରଦୀପ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

### ଇଚିକିଲି ମିଚିକିଲି ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ): ପିଲାମାନଙ୍କ ଭିତରେ ଅନେକ କିଛି ପ୍ରତିଭା ଲୁଚି ରହିଛି। ସେମାନେ ଭଲ କବିତା ଆବୃତ୍ତି କରି ପାରିବା ସହ ଭଲ ଗୀତ ଗାଇ ପାରିବେ ଓ ନୃତ୍ୟ ମଧ୍ୟ ପରିବେଷଣ କରିପାରିବେ। ସେମାନଙ୍କ ପ୍ରତିଭାକୁ ଉପଯୁକ୍ତ ମଞ୍ଚରେ ସୁଯୋଗ ଦେବା ତଥା ଲୋକଲୋଚନକୁ ଆଣିବା ନିମନ୍ତେ ଇଚିକିଲି ମିଚିକିଲି ପକ୍ଷରୁ ୨୮ତମ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ଭିତ୍ତିକ ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ଏଥିରେ ରାଜ୍ୟର ଯେକୌଣସି ବିଦ୍ୟାଳୟ ଅଥବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିପାରିବେ। ଏଥିପାଇଁ ଧାର୍ଯ୍ୟ ପ୍ରବେଶିକା ଦେୟ ସହ ଆଗାମୀ ୧୫ଦିନ ମଧ୍ୟରେ ନାମ ପଞ୍ଜିକରଣ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ପ୍ରଥମ କାର୍ଯ୍ୟକ୍ରମ ଚିତ୍ରାଙ୍କନ ପ୍ରତିଯୋଗିତା ମେ ୧୯ ରବିବାର, ଦ୍ୱିତୀୟ କାର୍ଯ୍ୟକ୍ରମ- ଓଡ଼ିଆ କବିତା ଆବୃତ୍ତି, ଓଡ଼ିଆ ଖବରପାଠ, ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଭିତ୍ତିକ ନୃତ୍ୟ, କଣ୍ଠସଙ୍ଗୀତ, ଶିଶୁ ସୌନ୍ଦର୍ଯ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ମେ ୨୩, ୨୪ ଏବଂ ୨୬ରେ ହେବ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କ ସହିତ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ଫଳକ ଓ ମାନପତ୍ର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ଦାଶ ବେନହୁର ଓ ସଚିବ ଶରତ କୁମାର ନାୟକ ସୂଚନା ଦେଇଛନ୍ତି।

# ସରିଲା ଭାଗବତ ବାସୁଦେବଙ୍କ ମେଳଣ

ଜଟଣୀ,୧୮।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀଗାଁ ହାଟବଜାର, ଗୋପୀନାଥପୁରରେ ଭାଗବତ ବାସୁଦେବ ମେଳଣ କମିଟି ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ମେଳଣ ଉତ୍ସବ ଗୁରୁବାର ଗୋଧୂଳି ବେଳାରେ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ ଆସିଥିବା ଠାକୁରମାନେ ବିଦାୟ ନେଇଛନ୍ତି। ଗତ ୧୬ତାରିଖ ଜମାଣ ରାତିରୁ ମେଳଣ ପର୍ଯ୍ୟନ୍ତ ଆୟୋଜକ କମିଟି ପକ୍ଷରୁ ଭଜନ, ସଂକୀର୍ତ୍ତନ, ମେଲୋଡି ସହିତ ସାମାଜିକ ନାଟକର ଆନନ୍ଦ ଉଠାଇଥିଲେ ଶ୍ରଦ୍ଧାଳୁ। ଥାନପତି ଭାଗବତ ବାସୁଦେବଙ୍କ ସହ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଆସି ଖୁଣ୍ଟି ଲାଗି ହୋଇଥିଲେ। ଗୁରୁବାର ବିଦାୟୀ ବେଳାରେ ଥାନପତି ଭାଗବତ ବାସୁଦେବଙ୍କ ସହିତ ଅନ୍ୟ ଠାକୁରଙ୍କ ବିମାନଙ୍କୁ ବିଭିନ୍ନ ସୁଗନ୍ଧିତ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉପରେ ଅବିର ଏବଂ ପୁଷ୍ପ ପକାଇ ଆଶୀର୍ବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ବିଦାୟ ସମୟରେ ସମଗ୍ର ମେଳଣ ପଡ଼ିଆ ଘଣ୍ଟ ଘଣ୍ଟା, ହରିବୋଲ ହୁଳହୁଳି ଓ ମନ୍ତ୍ରରେ ପ୍ରକମ୍ପିତ ହୋଇଉଠିଥିଲା। ଆମନ୍ତ୍ରିତ ଠାକୁରଙ୍କ ନିକଟରେ ଆଟିକା ଭୋଗ ଲାଗି କରାଯିବା ପରେ ଠାକୁରଙ୍କ ମେଳଣ ହୋଇଥିଲା। ରୀତିନୀତି ଓ ପରମ୍ପରା ଆଧାରରେ ଠାକୁରଙ୍କ ସମସ୍ତ କାର୍ଯ୍ୟ କରାଯାଇଥିବା ମେଳଣ କମିଟିର ସଦସ୍ୟ ବିକ୍ରମ ବସ୍ତିଆ କହିଛନ୍ତି। ମେଳଣ ଉତ୍ସବକୁ ଭାଗବତ ବାସୁଦେବ ମେଳଣ କମିଟିର ସଦସ୍ୟ ପରିଚାଳନା କରିଥିବା ବେଳେ ଜଟଣୀ ଗାଁ ହାଟବଜାର ଓ ଗୋପୀନାଥପୁର ଗ୍ରାମବାସୀ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ମେଳଣ ପରେ ଠାକୁରମାନେ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

# ଏକାଠି ହେଲେ ୪୨ ଠାକୁର

ନିରାକାରପୁର,୧୮।୪(ମାନସ ଚନ୍ଦ୍ର ପଟ୍ଟନାୟକ)

## ହରିପୁର ଫୁଲଦୋଳ ମେଳଣ ଆରମ୍ଭ

ଖୋର୍ଦ୍ଧା ଜିଲା ନୂଆଗଡ଼ ପଞ୍ଚାୟତ ହରିପୁରଠାରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଫୁଲଦୋଳ ମେଳଣ। ଏହି ଅବସରରେ ଥାନପତି କୁସୁମେଶ୍ୱର ଦେବ ସୁସଜ୍ଜିତ ବିମାନରେ ମେଳଣ ପଡିଆକୁ ଆସିଥିଲେ। ନାଗା-ପରି, ଶିବ-ପାର୍ବତୀ, ଧୋବା-ଧୋବଣୀ ଆଦି ପାରମ୍ପରିକ ସାଂସ୍କୃତିକ ନୃତ୍ୟ ସହ ଘଣ୍ଟ, ହରିବୋଲ, ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅନୁରୂପଭାବେ ନିମନ୍ତ୍ରଣ ରକ୍ଷାକରି ପଡୋଶୀ ତେନ୍ତୁଳିଆପଡ଼ା, ବିଣ୍ଡିପୁର, ଦୋଛିଆଁ, ଗଡ଼ଖାରଦ, ବିରିତୋଇ, ଉଜୁଡା, ଆଳିପଡ଼ା ଆଦି ଗ୍ରାମର ଠାକୁର ମେଳଣ ପଡିଆରେ ଆସୀନ ହୋଇଛନ୍ତି। ମୋଟ୍ ୪୨ଟି ବିମାନରେ ଠାକୁର ମେଳଣ ପଡ଼ିଆରେ ପହଞ୍ଚିଥିବା ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ରାୟ ଓ କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମାଝୀ କହିଛନ୍ତି। ଏହି ଅବସରରେ ମେଳଣ ପଡିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।



# ନାଟକ ମାଧ୍ୟମରେ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଥାଏ

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)

## ପ୍ରତିଷ୍ଠା ଉତ୍ସବ ପାଳିଲା ଶତାବ୍ଦୀର କଳାକାର

ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାରର ୪୯ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଡ. ଗୌରହରି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ରଥ, ଅଭିନ୍ନ ରାଉତରାୟ, ନାଟ୍ୟକାର ନବୀନ ପରିଡ଼ା, ନାଟ୍ୟ ନିର୍ଦ୍ଦେଶକ ହରେନ୍ ସାହୁ, ବିଜୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ସମାଜ ସଂସ୍କାରରେ ନାଟକର ଭୂମିକା' ଶୀର୍ଷକ ଆଲୋଚନାରେ ଭାଗ ନେଇ ମତ ଉପସ୍ଥାପନା କରିଥିଲେ। ନାଟକ ମାଧ୍ୟମରେ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଥାଏ। ଯୁଗେଯୁଗେ ସାମାଜିକ ପରିବର୍ତ୍ତନରେ ନାଟକର ମୁଖ୍ୟ ଭୂମିକା ରହି ଆସିଛି। ଆମ ନାଟକ ଭାଷା, ସାହିତ୍ୟର ପ୍ରଚାର କରିବା ସଙ୍ଗେସଙ୍ଗେ ସମାଜକୁ ସଚେତନ କରି ଏକ ଆଦର୍ଶ ମାର୍ଗଦର୍ଶନ ଦେଇ ଆସିଛି ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ସମ୍ପାଦକ ଧୀର ମଲ୍ଲିକ ସଭା ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ କାର୍ତ୍ତିକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



ବାଘମାରୀ ଗ୍ରାମ ବଡ଼ସାହି ଭାଗବତ ବାସୁଦେବଙ୍କ ପୀଠରେ ଅନୁଷ୍ଠିତ ଅଷ୍ଟପ୍ରହର ହରିନାମ ସଙ୍କୀର୍ତ୍ତନ ଉତ୍ସବ ଅବସରରେ କଳସଯାତ୍ରା।

## ବାଘମାରୀରେ ହରେକୃଷ୍ଣ ଉତ୍ସବ

ବେଗୁନିଆ,୧୮।୪
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମ ସ୍ଥିତ ବଡ଼ସାହି ଭାଗବତ ବାସୁଦେବଙ୍କ ପୀଠରେ ତ୍ରିଦିବସୀୟ ଅଷ୍ଟପ୍ରହର ହରିନାମ ସଙ୍କୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠ ପରିସରରେ ଆଧ୍ୟାତ୍ମିକତାର ଭାବଧାରା ସହ ଭାଇଚାରାର ବାର୍ତ୍ତା ବହନ କରିଥିଲା। ଏଥିରେ ବରପଦା, କୋକୋସିଂ, କୋତଳାଙ୍ଗ, ସାରୁଅ, ଗୋଡ଼ି ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ଗାୟକ ଦାଶରଥି ପଣ୍ଡା, ଗୋପୀନାଥ ପଣ୍ଡା, ଦୟାନିଧି ବେହେରା, ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ଶୁଭ ଅଧିବାସ ମହୁରତ କରିଥିଲେ। ବିଧି ମୁତାବକ ସାଲାମଣ୍ଡନ, ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା ଆଦି ନଗର ପରିକ୍ରମା କରିଥିଲା। ଶ୍ରଦ୍ଧାଳୁଙ୍କ ସହ ଦାଶରଥି ପଣ୍ଡା, ଅସିତ୍ କୁମାର ପଣ୍ଡା, ସ୍ମୃତି ରଞ୍ଜନ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। କଳ୍ପତରୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଶ୍ରୀରାମ ନବମୀ ଉତ୍ସବ

ବେଗୁନିଆ,୧୮।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରେଣା ଗ୍ରାମର ସଡ଼କସାହିର ରାମଲୀଳା ମଣ୍ଡପରେ ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ଏବଂ ସ୍ୱର୍ଗତ କାହ୍ନୁ ମାଝୀଙ୍କ ଦ୍ୱାରା ଲିଖିତ ରାମଲୀଳା ପୋଥି ରାମନବମୀ ଅବସରରେ ଶୁଭାରମ୍ଭ ହୋଇଛି। ଶ୍ରୀରଘୁନାଥଙ୍କ ପୂଜା କାର୍ଯ୍ୟ ବସନ୍ତ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ହୋଇଥିଲା। ବାଦ୍ୟଯନ୍ତ୍ର ମାଧ୍ୟମରେ ପୋଥି ଲିଖିତ ବିଭିନ୍ନ ଛାନ୍ଦର ତାଳେ ତାଳେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନୀଳମଣି ମାଝୀ, ଭଗବାନ ପଣ୍ଡା, ମଧୁସୂଦନ ମାଝୀ, କୁମର ମାଝୀ, ମନମୋହନ ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ, ହରି ବେହେରା, ଜଗନ୍ନାଥ ପ୍ରହରାଜ, କୃଷ୍ଣଚନ୍ଦ୍ର ରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯଜ୍ଞରକ୍ଷା, ଖରଦୂଷଣ ବଧ ନୀତି ସମ୍ପନ୍ନ

ପୁରୀ,୧୮।୪(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ସାହିଯାତ ଚାଲିଛି। ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମନବମୀଠାରୁ ରାମାଭିଷେକ ପର୍ଯ୍ୟନ୍ତ ସାହିଯାତ ଅନୁଷ୍ଠିତ ହୋଇଥାଏ। ବୁଧବାର ସାହିଯାତର ପ୍ରଥମ ଦିବସରେ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ଗୁରୁବାର ଦ୍ୱିତୀୟ ଦିବସରେ ଯଜ୍ଞରକ୍ଷା ଏବଂ ଖର, ଦୂଷଣ ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେକରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ପ୍ରଭୁ ଶ୍ରୀରାମ ଏବଂ ଲକ୍ଷ୍ମଣ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା। ସେହିପରି ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଯଜ୍ଞରକ୍ଷା, ଖର, ଦୂଷଣଙ୍କ ବଧ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡି ସାହି ଆଖଡ଼ାରୁ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଚରିତ୍ରମାନେ ଆସି ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ଦ୍ୱାରା ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ଶୀତଳ ଭୋଗ ମଣୋହି କରାଯିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସେହିପରି ମାଟିମଣ୍ଡପ ସାହି ଉତ୍ତରକାଳି ଆଖଡ଼ାରୁ ନିଶାଣ ବାହାରି ଦକ୍ଷିଣ କାଳୀ ମନ୍ଦିରରେ ପହଞ୍ଚିବା ସହ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମାଟି ମଣ୍ଡପ ସାହି ଉତ୍ତର କାଳୀ ଆଖଡ଼ାରୁ ଓ ଆଠସାହି ଆଖଡ଼ାର ମୁରବିମାନେ ମାଟି ମଣ୍ଡପ ସାହିର ବାଦୀ ବା ବନ୍ଧୁ ସାହି କାଳିକାଦେବୀ ସାହିକୁ ଯାତ ନେଇ ଯାଇଥିଲେ। ଯାତରେ ନବଶିରା ହନୁମାନ କାଳିମେଡ଼ ସହ ବିଭିନ୍ନ ସମରକଳା ପ୍ରଦର୍ଶନ ହୋଇଥିଲା।



ଦଶା ଅବତାର।

# ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି: ଅଭିଯୁକ୍ତ ଗିରଫ

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ)

ହନୁମାନ ମନ୍ଦିରର ଦାନବାକ୍ସର ତାଲା ଭାଙ୍ଗି ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଅନୁଗୋଳର ମଳୟ ଭୋଇ। ତାଙ୍କଠାରୁ ପୋଲିସ ଦାନବାକ୍ସରୁ ଚୋରି କରିଥିବା ୨୮୫୦ ଟଙ୍କା, ଗୋଟିଏ ଲୁହା ଛେଣି ଓ ଗୋଟିଏ ପ୍ଲାସ ଜବତ କରିଛି। ପ୍ରକାଶ ଯେ, କେଦାରନାଥ ଗୋଡିସାହିରେ ଥିବା ହନୁମାନ ମନ୍ଦିରର ପୂଜା କମିଟିର ସଦସ୍ୟ। ବୁଧବାର ସକାଳ ୭ଟା ସମୟରେ ମନ୍ଦିର ପୂଜକଙ୍କଠାରୁ ଚୋରି ହୋଇଥିବା ଖବରପାଇ ଘଟଣାସ୍ଥଳକୁ ଅନ୍ୟମାନଙ୍କ ସହ ଯାଇଥିଲେ। ସେଠାରେ ପହଞ୍ଚି ମନ୍ଦିରର ମୁଖ୍ୟ ଦ୍ୱାର ଖୋଲା ଯାଇ ଦାନବାକ୍ସ ଭାଙ୍ଗି ପଡ଼ିଥିବା ଦେଖିଥିଲେ। କିଛି ସମୟ ପରେ ଗୁଆକୋଳିମୁଣ୍ଡିଆ ନିକଟରେ ଜଣେ ଯୁବକ ଚୋରି ଉଦ୍ୟମ କରୁଥିବା ସମୟରେ ଗାଁ ଲୋକଙ୍କ ଦ୍ୱାରା ଧରାପଡ଼ିଥିବା ସେମାନେ ଖବର ପାଇଥିଲେ। ଖବର ପାଇ କେଦାରନାଥ ଓ ଅନ୍ୟମାନେ ସେହି ସ୍ଥାନକୁ ଯାଇ ଉକ୍ତ ଯୁବକଙ୍କୁ ପଚାରିବାରେ ସେ ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲେ। କେଦାରନାଥଙ୍କ ଅଭିଯୋଗକୁ ଭିତ୍ତିକରି ବାରଙ୍ଗ ଥାନା ପୋଲିସ ନଂ. ୧୭୪/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା।

# ଝାରପଡ଼ା ଜେଲରେ ଧନ୍ଦାମୂଳକ ତାଲିମ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୪ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟର ଅନ୍ୟତମ ପ୍ରମୁଖ ଜେଲ ତଥା ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରେ ବିଚାରଧୀନ ଅନ୍ତେବାସୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଲ କର୍ତ୍ତୃପକ୍ଷ ଆଉ ପାଦେ ଆଗକୁ ଯାଇଛନ୍ତି। ଏନେଇ ଜେଲ ପରିସରରେ ଅନ୍ତେବାସୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ତାଙ୍କ ସୁବିଧାକୁ ନଜର ରଖି ଧନ୍ଦାମୂଳକ ତାଲିମ ଶିବିର କାର୍ଯ୍ୟକ୍ରମକୁ ଗୁରୁବାର ଉଦ୍‌ଘାଟନ କରାଯାଇଛି। ଫଳରେ ଏହି ତାଲିମ ଶିବିରରେ ଅନ୍ତେବାସୀମାନେ ଏଲ୍‌ଇଡି ବଲ୍‌ବ ତିଆରି ଓ ମରାମତି କାର୍ଯ୍ୟ, ଜିଆ ଖତ ଓ ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ସହଜରେ ଶିଖିପାରିବେ। ଏହି ତାଲିମ କାର୍ଯ୍ୟକ୍ରମ ୬ଦିନ ଧରି ତାଲିମ ଚାଲିବ ବୋଲି ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଜଜ୍ ନିଶିଥ ନିସାଙ୍କ, ଜିଲା ଆଇନ ସେବା ପ୍ରାଧିକରଣର ଚେୟାରମ୍ୟାନ ସୌଦାମିନୀ ସିଂ, ରୁରାଲ ଡେଭଲପମେଣ୍ଟ ଅଫ ସେଲ୍ଫ ଏମ୍ପ୍ଲଏମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ନିର୍ଦ୍ଦେଶକ ଅରକ୍ଷିତ ଦାସ, ଭୁବନେଶ୍ୱର ସରକାରୀ ଆଇଟିଆଇ କଲେଜର କର୍ମଚାରୀ ସୁଶାନ୍ତ ମିଶ୍ର, ବାଇଧର ସାହୁ, ଜେଲର ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବିଚାରପତି ନିସାଙ୍କ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ତାଲିମକୁ ଭଲ ଭାବେ ଶିକ୍ଷା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ଜେଲରୁ ବାହାରିବା ପରେ ନିଜେ ସ୍ୱାବଲମ୍ବୀ ହେବା ସହିତ ରୋଜଗାରକ୍ଷମ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ।

# ବର୍ତ୍ତମାନ ସମୟରେ 'ଭୂ-ମୁକ୍ତି'ର ଆବଶ୍ୟକତା ରହିଛି

ଭୁବନେଶ୍ୱର, ୧୮।୪ (ବନ୍ଦନା ସେଠୀ)




## ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଭୂ-ମୁକ୍ତି ଅଭିଯାନ ଶୁଭାରମ୍ଭ

ଭୂ-କ୍ରାନ୍ତି ଦିବସ ଅବସରରେ ଗୁରୁବାର ଲୋହିଆ ଏକାଡେମୀଠାରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଭୂ-ମୁକ୍ତି ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ସାଉଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରସାୟନିକ ଚାଷ ଓ କମ୍ପାନୀ ଚାଷରୁ ଜମିକୁ ମୁକ୍ତ କରି ସ୍ୱାବଲମ୍ବନଶୀଳ ହେବାକୁ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଭୂଦାନ ଆନ୍ଦୋଳନର କର୍ଣ୍ଣଧାର ବିନୋବା ଭାବେ ଜମିର ବିଷମତା ଦୂର କରିବା ପାଇଁ ଭୂ-କ୍ରାନ୍ତିର ଡାକରାରେ ଲକ୍ଷଲକ୍ଷ ଏକର ଜମି ସଂଗ୍ରହ କରି ଗରିବ ଲୋକଙ୍କୁ ବଣ୍ଟନ କରିଥିଲେ। ଭୂମିହୀନଙ୍କୁ ଜମିଦାନ ପୂର୍ବକ ଏହି ଭୂଦାନ ଆନ୍ଦୋଳନ ଦେଶରେ ଏକ ନୂଆ ବାତାବରଣ ସୃଷ୍ଟି କରିଥିଲା। ଏଥିଯୋଗୁ ଗରିବ ଜନସାଧାରଣ ଜମି ହାସଲ କରି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଥିଲେ। ମାତ୍ର ଏବେ ସରକାରଙ୍କ ଦ୍ୱାରା ଲୋକଙ୍କଠାରୁ ହଜାର ହଜାର ଏକର ଜମି ଛଡାଇ ନେଇ କମ୍ପାନୀ ହାତକୁ ଟେକି ଦିଆଯାଉଛି। ବିନୋବାଙ୍କ ନେତୃତ୍ୱରେ ସାରା ଦେଶ ଅର୍ଥନୈତିକ ସ୍ୱାଧୀନତା ଦିଗରେ ଅଗ୍ରସର ହୋଇଥିଲା, ମାତ୍ର ଏବେ ଜମିର କମ୍ପାନୀକରଣ, ବନ୍ଧ୍ୟାକରଣ, ବିଷାକ୍ତକରଣ କାରଣରୁ ଦେଶବାସୀ ପ୍ରଭାବିତ ହେଉଛନ୍ତି। ଭାରତବାସୀଙ୍କ ସମେତ ସାରା ମାନବ ଜଗତକୁ ମୁକ୍ତ ହେବାକୁ ହେଲେ ଭୂ-ମୁକ୍ତିର ଆବଶ୍ୟକତା ଅଛି ବୋଲି ଆୟୋଜିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅଦ୍ୱୈତ ପାତ୍ର, ଏକାଦଶୀ ନନ୍ଦି, ଡ. ବାସନ୍ତୀ ମହାନ୍ତି, ଅରୁନ୍ଧତୀ ଦେବୀ, ରମାକାନ୍ତ ମଣ୍ଡଳ, ଡ. ବୀରେନ୍ଦ୍ର ନାୟକ, ସୁମିତ୍ରା ଜେନା, ଡ. ଧନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭୂ-ମୁକ୍ତି ଆନ୍ଦୋଳନର ଏକ ଲୋଗୋ ଉନ୍ମୋଚିତ ହୋଇଥିଲା। ରମାକାନ୍ତ ନାଥ ଅତିଥି ପରିଚୟ ଦେଇଥିବାବେଳେ ମଣ୍ଡଳ ଉପସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ସୁରକ୍ଷାରେ ‘ହର୍’ ଟିମ୍

## ରାଜଧାନୀରେ ଅସାମାଜିକ ଯୁବକ ସାବଧାନ

### ଜାରି ହେଲା ଟୋଲ୍ ଫ୍ରି ନମ୍ବର, ଜିମେଲ୍

ଭୁବନେଶ୍ୱର,୧୮।୪(ସତ୍ୟଜିତ୍ ରାଉତ)

ରାଜଧାନୀରେ ମହିଳାଙ୍କୁ ହଇରାଣ କରୁଥିବା ଅସାମାଜିକ ଯୁବକ, ସାବଧାନ୍! ମହିଳା ତଥା ଯୁବତୀଙ୍କୁ ସୁରକ୍ଷା ଯୋଗାଇବା ପାଇଁ ସଜାଗ ରହିଛି କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଟିମ୍। ଏହାର ନାଁ (ହାଇ ଏଫିସିଏନ୍ସି ରେସ୍ପନ୍ସ) ‘ହର୍’ ଟିମ୍। ଗତ ଏକ ମାସ ହେଲା ଏହି ଟିମ୍ ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ଯାଇ ସାଦା ପୋଷାକରେ ବୁଲାବୁଲି କରି ମହିଳାଙ୍କ ସୁରକ୍ଷା ଦିଗରେ କାମ କରୁଛି। ଏଥିସହ ମହିଳା ଓ ଯୁବତୀମାନଙ୍କୁ ଯାତାୟାତ ସମୟରେ ଦୁର୍ବ୍ୟବହାର, ଅସଦାଚରଣ ଓ କମେଣ୍ଟ ମାରୁଥିବା ଅସାମାଜିକ ତତ୍ତ୍ୱଙ୍କୁ କାବୁ କରୁଛି। ତେବେ ଏହି ଟିମ୍‌କୁ ଅଧିକ କ୍ରିୟାଶୀଳ କରିବାକୁ ଗୁରୁବାର ପୋଲିସ ପକ୍ଷରୁ ଏକ ଟୋଲ୍ ଫ୍ରି ନମ୍ବର (୬୩୭୨୫୦୦୪୦୦) ଜାରି କରାଯାଇଛି। ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ହଇରାଣ ହେଉଥିବା କୌଣସି ମହିଳା ତଥା ଯୁବତୀ ଏହି ନମ୍ବରରେ କଲ୍ କିମ୍ବା ମେସେଜ୍ କଲେ ତୁରନ୍ତ ହର୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହ ଯୋଗାଯୋଗ ପାଇଁ ଏକ ମେଲ୍ ଆଇଡି (herteam.bbsr@gmail.com) ମଧ୍ୟ ଜାରି କରାଯାଇଛି। ଏସିପି ଅଞ୍ଜନା ଟୁଡୁଙ୍କ ନେତୃତ୍ୱରେ କାମ କରୁଥିବା ଏହି ଟିମ୍‌ରେ ଜଣେ ଇନ୍‌ସ୍ପେକ୍ଟର, ଦୁଇ ଜଣ ଏସ୍ଆଇ ଓ ୧୦ ଜଣ କନଷ୍ଟେବଲ ରହିଛନ୍ତି। ବିଶେଷ କରି ଏହି ଟିମ୍‌ରେ ଅଧିକ ମହିଳା ପୋଲିସ କର୍ମଚାରୀ ରହିଛନ୍ତି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏହି ଟିମ୍‌ର ଲକ୍ଷ୍ୟ। ଏ ସଂକ୍ରାନ୍ତରେ ଡିସିପି ପ୍ରତୀକ ସିଂ କହିଛନ୍ତି, ଟିମ୍ ଗଠନ ହେବା ପରଠୁ ଯେଉଁ ସୂଚନା ମିଳିଛି, ସେହି ଆଧାରରେ କାର୍ଯ୍ୟ କରାଯାଇଛି। ଏଯାଏ ଟିମ୍ ପକ୍ଷରୁ ୬ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜାରି ଟୋଲ୍ ଫ୍ରି ନମ୍ବର କିମ୍ବା ୧୧୨ରେ ସୂଚନା ଦେଉଥିବା ଅଭିଯୋଗକାରିଣୀଙ୍କ ପରିଚୟ ଗୋପନ ରଖାଯିବ। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ମହିଳାଙ୍କ ସୁରକ୍ଷା ପାଇଁ ସବୁବେଳେ କାର୍ଯ୍ୟ କରୁଛି ବୋଲି ଡିସିପି ସିଂ କହିଛନ୍ତି। ଅନ୍ୟପକ୍ଷରେ ଗୁରୁବାର ଏହି ଟିମ୍ ମଧ୍ୟ ଦୁଇଟି ଘଟଣାରେ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ହାଇଟେକ୍ ହସ୍ପିଟାଲର ନର୍ସମାନଙ୍କୁ କିଛିଲୋକ କମେଣ୍ଟ ମାରିବା ଅଭିଯୋଗ ଆସିଥିଲା। ଗୁରୁବାର ହର୍ ଟିମ୍ ସେଠାକୁ ଯାଇ ଉତ୍ତରପ୍ରଦେଶର ଜଗଜିତପାଲ ଯାଦବଙ୍କୁ କାବୁ କରିବା ପରେ ମଞ୍ଚେଶ୍ୱର ଥାନା ପକ୍ଷରୁ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିଭଳି ରାମ ମନ୍ଦିରରେ ରାମ ନବମୀରେ ଭିଡ଼ର ସୁଯୋଗ ନେଇ ବାଲେଶ୍ୱର ସିଙ୍ଗଲାର ଯୁବକ ଅଭିଜିତ୍ ଗୌରବ ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିବା ହର୍ ଟିମ୍ ନଜରକୁ ଆସିଥିଲା। ଘଟଣାସ୍ଥଳରୁ ତାଙ୍କୁ କାବୁ କରି ଖାରବେଳନଗର ଥାନାକୁ ହସ୍ତାନ୍ତର କରାଯିବା ପରେ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଳମ୍ବିତ ରାତିରେ ଖବରଦାତାଙ୍କୁ ଆକ୍ରମଣ

## ଗାଡ଼ି ଧକ୍କା କଲେ, ପ୍ରତିବାଦ କରିବାରୁ ପଥରରେ ଛେଚିଲେ

ଭୁବନେଶ୍ୱର,୧୮।୪
(ସତ୍ୟଜିତ ରାଉତ)



ଆକ୍ରମଣର ଶିକାର ହୋଇଥିବା ଖବରଦାତା ସରୋଜ ଜେନା।

ବିଳମ୍ବିତ ରାତିରେ ଅସୁରକ୍ଷିତ ହୋଇପଡ଼ିଛି ରାଜଧାନୀ। ଅସାମାଜିକ ଯୁବକମାନେ ପଥଚାରୀଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଗୁରୁବାର ରାତି ପ୍ରାୟ ୧୨ଟା ୫୫ ବେଳେ ୩ ଜଣ ଦୁର୍ବୃତ୍ତ ଧରିତ୍ରୀ ଖବରଦାତା ସରୋଜ ଜେନାଙ୍କୁ ଆକ୍ରମଣ କରିଛନ୍ତି। ଅଫିସରୁ କାମ ସାରି ସରୋଜ ବଡ଼ଗଡ଼ସ୍ଥିତ ଘରକୁ ଚାଲି ଚାଲି ଯାଉଥିବା ବେଳେ ବଡ଼ଗଡ଼ ଏସ୍‌ବିଆଇ ଏଟିଏମ୍ ପାଖରେ ୩ଜଣ ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଛନ୍ତି। ୩ ଅଭିଯୁକ୍ତ ଏକ ସ୍କୁଟି (ଓଡି୦୨-ଟି-୨୫୦୯) ଯୋଗେ ସେହି ରାସ୍ତାରେ ସରୋଜଙ୍କୁ ପ୍ରଥମେ ଧକ୍କା ଦେଇଥିଲେ। ସରୋଜ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ଉତ୍କ୍ଷିପ୍ତ ହୋଇ ଇଟା, ପଥରରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସରୋଜଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ପିସିଆର ଟିମ୍ ସେଠାରେ ପହଞ୍ଚି ସରୋଜଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ସରୋଜ ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ବୋଲି ପୋଲିସ ସନ୍ଦେହ କରୁଛି।

# ବିଶ୍ୱଶାନ୍ତି ମହାଯଜ୍ଞ

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ତଥା ପଟିଆ ଅଞ୍ଚଳର ସର୍ବପୁରାତନ ଶୈବପୀଠ ଡାଉଆସ୍ଥିତ ସୋମନାଥ ମନ୍ଦିରରେ ଚାଲିଥିବା ବିଶ୍ୱଶାନ୍ତି ମହଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପଣାସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡିପାଠ, ମହାଲକ୍ଷ୍ମୀଙ୍କୁ ହଜାରେ ଆହୁତି ଦିଆଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ସାଙ୍ଗକୁ ଭଜନ ସମାରୋହ ହୋଇଥିଲା। ପୂର୍ଣ୍ଣାହୁତିରେ ଭକ୍ତଙ୍କ ପାଇଁ ହରିହାଟର ବ୍ୟବସ୍ଥା ହୋଇଥିଲା। ଶେଷ ଦିନରେ ଶହଶହ ଭକ୍ତ ଯୋଗଦେଇ ସୋମନାଥଙ୍କ କୃପାଲାଭ କରିଥିଲେ।

# ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି: ଅଭିଯୁକ୍ତ ଗିରଫ

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ)

ହନୁମାନ ମନ୍ଦିରର ଦାନବାକ୍ସର ତାଲା ଭାଙ୍ଗି ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଅନୁଗୋଳର ମଳୟ ଭୋଇ। ତାଙ୍କଠାରୁ ପୋଲିସ ଦାନବାକ୍ସରୁ ଚୋରି କରିଥିବା ୨୮୫୦ ଟଙ୍କା, ଗୋଟିଏ ଲୁହା ଛେଣି ଓ ଗୋଟିଏ ପ୍ଲାସ ଜବତ କରିଛି। ପ୍ରକାଶ ଯେ, କେଦାରନାଥ ଗୋଡିସାହିରେ ଥିବା ହନୁମାନ ମନ୍ଦିରର ପୂଜା କମିଟିର ସଦସ୍ୟ। ବୁଧବାର ସକାଳ ୭ଟା ସମୟରେ ମନ୍ଦିର ପୂଜକଙ୍କଠାରୁ ଚୋରି ହୋଇଥିବା ଖବରପାଇ ଘଟଣାସ୍ଥଳକୁ ଅନ୍ୟମାନଙ୍କ ସହ ଯାଇଥିଲେ। ସେଠାରେ ପହଞ୍ଚି ମନ୍ଦିରର ମୁଖ୍ୟ ଦ୍ୱାର ଖୋଲା ଯାଇ ଦାନବାକ୍ସ ଭାଙ୍ଗି ପଡ଼ିଥିବା ଦେଖିଥିଲେ। କିଛି ସମୟ ପରେ ଗୁଆକୋଳିମୁଣ୍ଡିଆ ନିକଟରେ ଜଣେ ଯୁବକ ଚୋରି ଉଦ୍ୟମ କରୁଥିବା ସମୟରେ ଗାଁ ଲୋକଙ୍କ ଦ୍ୱାରା ଧରାପଡ଼ିଥିବା ସେମାନେ ଖବର ପାଇଥିଲେ। ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି କରିଥିବା ଯୁବକ ଜଣକ ସ୍ୱୀକାର କରିଥିଲେ। କେଦାରନାଥଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୪/୨୪ରେ ମାମଲା ରୁଜୁ କରିଛି।

# ଆଧୁନିକ ପ୍ରଣାଳୀରେ ଚାଷ, ଏଲ୍ଇଡି ବଲ୍ବ ତିଆରି ଶିଖିବେ କଏଦୀ



ଝାରପଡ଼ା ଜେଲରେ ଗୁରୁବାର ଉଦ୍‌ଘାଟିତ ଧନ୍ଦାମୂଳକ ତାଲିମ ଶିବିରରେ ଅତିଥିଙ୍କ ସହ ଜେଲ ଅନ୍ତେବାସୀ।

## ଝାରପଡ଼ା ଜେଲରେ ଧନ୍ଦାମୂଳକ ତାଲିମ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୧୮।୪ (ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟର ଅନ୍ୟତମ ପ୍ରମୁଖ କାରାଗାର ଭୁବନେଶ୍ୱରସ୍ଥିତ ଝାରପଡା ଜେଲରେ ବିଚାରାଧୀନ କଏଦୀଙ୍କୁ ସ୍ୱାବଲମ୍ବୀ ବା ଆତ୍ମନିର୍ଭରଶୀଳ କରିବା ପାଇଁ ଜେଲ କର୍ତ୍ତୃପକ୍ଷ ଆଉପାଦେ ଆଗକୁ ଯାଇଛନ୍ତି। ଏନେଇ ଜେଲ ପରିସରରେ ଆୟୋଜିତ ଧନ୍ଦାମୂଳକ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ତାଲିମ ଶିବିରରେ ଅନ୍ତେବାସୀମାନେ ଏଲ୍ଇଡି ବଲ୍ବ ତିଆରି ଓ ମରାମତି କାର୍ଯ୍ୟ, ଜିଆ ଖତ ଓ ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟ ସହଜରେ ଶିଖି ପାରିବେ। ଏହା ୬ଦିନ ଧରି ଚାଲିବ ବୋଲି ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଶିବିରରେ ଖୋର୍ଦ୍ଧା ଜିଲା ଜଜ୍ ନିଶିଥ ନିଶାଙ୍କ, ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ର ଚେୟାରମ୍ୟାନ ସୌଦାମିନି ସିଂ, ରୁରାଲ ଡେଭଲପ୍‌ମେଣ୍ଟ ଅଫ ସେଲ୍ଫ ଏମ୍ପ୍ଲଏମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଆର୍ଏସ୍ଇଟିଆଇ)ର ନିର୍ଦ୍ଦେଶକ ଅରକ୍ଷିତ ଦାସ, ଭୁବନେଶ୍ୱର ସରକାରୀ ଆଇଟିଆଇ କଲେଜର କର୍ମଚାରୀ ସୁଶାନ୍ତ ମିଶ୍ର, ବାଇଧର ସାହୁ, ଜେଲ ସୁପରିଣ୍ଟେଣ୍ଡେଣ୍ଟ, ଜେଲର ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଚାରପତି ନିଶାଙ୍କ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ତାଲିମରୁ ଭଲ ଭାବରେ ଶିକ୍ଷା ଲାଭ କରିବାକୁ ଅନ୍ତେବାସୀଙ୍କୁ ପରାମର୍ଶ ଦେବା ସହ ଜେଲରୁ ବାହାରିଲା ପରେ କିପରି ନିଜେ ସ୍ୱାବଲମ୍ବୀ ହେବା ସହିତ ରୋଜଗାରକ୍ଷମ ହୋଇ ପାରିବ ବୋଲି ସେନେଇ ମତ ଦେଇଥିଲେ।

# ଐତିହ୍ୟ ସୁରକ୍ଷା ଆମ ସାଂସ୍କୃତିକ ପରିଚୟର ପ୍ରମୁଖ ମାଧ୍ୟମ

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ‘ବିଶ୍ୱ ଐତିହ୍ୟ ଦିବସ’

ଭୁବନେଶ୍ୱର,୧୮।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ଐତିହ୍ୟ ଓ ସଂରକ୍ଷଣ ବିଭାଗ ପକ୍ଷରୁ ‘ବିଶ୍ୱ ଐତିହ୍ୟ ଦିବସ’ ଗୁରୁବାର ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରି ‘ଆମ ଐତିହ୍ୟ ପ୍ରାଚୀନତା ଓ ଏହାର ସାଂସ୍କୃତିକ ଅବଦାନ’ ସମ୍ପର୍କରେ ଆଲୋଚନା କରିଥିଲେ। ଐତିହ୍ୟର ସୁରକ୍ଷା ହିଁ ଆମ ସାଂସ୍କୃତିକ ପରିଚୟର ପ୍ରମୁଖ ମାଧ୍ୟମ ବୋଲି କୁଳପତି କହିଥିଲେ। ଐତିହ୍ୟ ସଂରକ୍ଷକ ଅରୁଣ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଐତିହ୍ୟ ଦିବସର ପ୍ରାସଙ୍ଗିକତା ଏବଂ ଓଡ଼ିଶାର ଐତିହ୍ୟ କୀର୍ତ୍ତିରାଜି ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ଅଧ୍ୟାପକ ଆଶୁତୋଷ ଦାସ ଆମ ରାଜ୍ୟର ଐତିହ୍ୟର ଗୁରୁତ୍ୱ ଓ ଏହାର ସଂରକ୍ଷଣ ନିମନ୍ତେ ଯୁବପିଢି ପ୍ରୟାସ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରରେ ଡ. ଲକ୍ଷ୍ମଣ କୁମାର ସାହୁ, ଡ ଉମେଶ ଚନ୍ଦ୍ର ନାୟକ ଓ ଶ୍ୟାମ ରସ୍ତୋଗୀ ପ୍ରମୁଖ ଉଭୟ ଦୃଶ୍ୟକଳା ଓ ପରିବେଷଣ କଳା ଦ୍ୱାରା ଐତିହ୍ୟ ସଂରକ୍ଷଣ ସଂପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଓ ଅନ୍ୟମାନେ।

# ମହିଳା ଏସ୍‌ପିଓ, ପିଙ୍କ୍ ଅଟୋ, ସେଲ୍ଫ ଡିଫେନ୍ସ, ଆଇ କ୍ଲିକ୍ ଯୋଜନା ଏବେ ଅଲୋଡ଼ା

ଭୁବନେଶ୍ୱର,୧୮।୪
(ସତ୍ୟଜିତ୍ ରାଉତ)

ରାଜଧାନୀରେ ମହିଳାଙ୍କ ସୁରକ୍ଷା ପାଇଁ କମିଶନରେଟ୍ ପୋଲିସ ଗଠନ କରିଛି (ହାଇ ଏଫିସିଏନ୍ସି ରେସ୍ପନ୍ସ) ‘ହର୍’ ଟିମ୍। ଏପରି କି ଏଥିପାଇଁ ଟୋଲ୍ ଫ୍ରି ନମ୍ବର ସହ ଜିମେଲ୍ ମଧ୍ୟ ଜାରି କରିଛି। ଏହା ମହିଳା ଏବଂ ଯୁବତୀଙ୍କୁ ଅସଦାଚରଣ କରୁଥିବା ତତ୍ତ୍ୱଙ୍କୁ ସାବାଡ କରୁଛି ବୋଲି କୁହାଯାଉଛି। ହେଲେ ପୂର୍ବରୁ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ଆରମ୍ଭ ହୋଇଥିବା ଏକାଧିକ ଯୋଜନା ବିଭିନ୍ନ କାରଣ ପାଇଁ ଫେଲ୍ ମାରି ଥିବାରୁ ‘ହର’ ଟିମ୍‌ର ଭବିଷ୍ୟତକୁ ନେଇ ବୁଦ୍ଧିଜୀବୀ ମହଲ୍‌ରେ ଚର୍ଚ୍ଚା ହେଉଛି।

## ମହିଳା ଏସ୍‌ପିଓ




ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ଦିଗରେ କମିଶନରେଟ୍ ପୋଲିସ ୨୦୨୦ ଜାନୁଆରୀ ଆରମ୍ଭରେ ‘ମହିଳା ଏସ୍‌ପିଓ’ ନାମରେ ସ୍ୱତନ୍ତ୍ର ପୋଲିସ ଅଫିସର (ଏସ୍‌ପିଓ) ଟିମ୍ ଗଠନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ୨୪୬ ଜଣ ମହିଳା ଓ ଯୁବତୀଙ୍କୁ ଏସ୍‌ପିଓ ଭାବେ ନିଯୁକ୍ତି ଦିଆଯାଇଥିଲା। ସେତେବେଳେ ଏହି ଏସ୍‌ପିଓମାନେ ପୋଲିସର ଆଖି-କାନ ଭଳି କାର୍ଯ୍ୟ କରିବେ ବୋଲି କୁହାଯାଇଥିଲା। କେଉଁ ମହିଳାଙ୍କୁ ସୁରକ୍ଷା ଦରକାର, କେଉଁଠି ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି ଏସବୁ ଦିଗରେ ସେମାନେ କଡ଼ା ନଜର ରଖିବା ସହ ପୋଲିସକୁ ସୂଚନା ଦେବା ସହ ସହାୟତାର ହାତ ବଢ଼ାଉଥିଲେ। ବିଶେଷ କରି ଛାତ୍ରୀ, ଯୁବତୀ ଓ ମହିଳାଙ୍କୁ ହଇରାଣ କରୁଥିବା ଅସାମାଜିକ ଯୁବକ ଓ ରୋଡ ରୋମିଓଙ୍କୁ ଗିରଫ କରିବାର କ୍ଷମତା ଏସ୍‌ପିଓମାନଙ୍କୁ ଦିଆଯାଇଥିଲା। ଏହି ଯୋଜନା ପରେ ସାଧାରଣରେ କମିଶନରେଟ୍ ପୋଲିସକୁ ବହୁ ପ୍ରଶଂସା କରାଯାଇଥିଲା। ହେଲେ ପରେ ଏହି ମହିଳା ଏସ୍‌ପିଓମାନେ ଅଲୋଡ଼ା ହେବା ସହ ଯୋଜନା ବନ୍ଦ ହୋଇଯାଇଛି।

## ସେଲ୍ଫ ଡିଫେନ୍ସ




ମହିଳା ଓ ଯୁବତୀଙ୍କ ବିରୋଧରେ ବଢୁଥିବା ଅପରାଧକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ୨୦୧୪ ଅକ୍ଟୋବରରେ ଏକ ବଡ଼ ପଦକ୍ଷେପ ନେଇଥିଲା। ମହିଳାମାନଙ୍କୁ ଶାରୀରିକ ଭାବେ ସଶକ୍ତ କରିବା ପାଇଁ ଟ୍ୱିନ୍‌ସିଟିରେ ‘ସେଲ୍ଫ ଡିଫେନ୍ସ’ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ସ୍କୁଲ ଓ କଲେଜରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତି ଶ୍ରେଣୀରେ ୩୦ଜଣ ଛାତ୍ରୀ ରହୁଥିବା ବେଳେ ପ୍ରଶିକ୍ଷଣର ଅବଧି ୩ ସପ୍ତାହ ରହିଥିଲା। କମିଶନରେଟ୍ ପୋଲିସର ପ୍ରଶିକ୍ଷଣ ପ୍ରାପ୍ତ ଅଧିକାରୀମାନେ ଛାତ୍ରୀମାନଙ୍କୁ ଶିକ୍ଷା ଦେଉଥିଲେ। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା।

## ଆଇକ୍ଲିକ୍

ମହିଳାମାନେ ତୁରନ୍ତ ଅଭିଯୋଗ ଦାଖଲ କରିବା ପାଇଁ ୨୦୧୪ ଜାନୁଆରୀ ୨୮ରେ ଆଇକ୍ଲିକ୍ ନାମକ ଏକ ମେଶିନ୍ ଶହିଦନଗରରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଏଟିଏମ୍ ବୁଥ୍‌ରେ ଇନ୍‌ଷ୍ଟଲ ହୋଇଥିଲା। ଥାନାକୁ ନ ଯାଇ ମହିଳା କିମ୍ବା ଯୁବତୀମାନେ ଉକ୍ତ ମେଶିନ୍ ଯୋଗେ ଅଭିଯୋଗ କରିପାରୁଥିଲେ। ମାତ୍ର କିଛିମାସ ଚାଲିବା ପରେ ଏହି ମେସିନ୍ ଅଚଳ ହୋଇପଡ଼ିଥିଲା।

## ପିଙ୍କ୍ ଅଟୋ




ମହିଳାଙ୍କ ଯାତାୟାତରେ ସୁବିଧା ଓ ସୁରକ୍ଷା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ୨୦୧୪ ଜୁନ ୨୭ରେ ପିଙ୍କ୍ ଅଟୋ ସେବା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୦୦, ଦ୍ୱିତୀୟ ପର୍ଯ୍ୟାୟରେ ୧୦୦, ତୃତୀୟ ପର୍ଯ୍ୟାୟରେ ୫୦ଟି ଅଟୋ ଚଳାଚଳ ହୋଇଥିଲା। ଅଟୋ ଚାଳକମାନଙ୍କୁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପରିଚୟ ପତ୍ର ଦିଆଯିବା ସହ ଲାଇସେନ୍ସ, ମାନସିକ ଅବସ୍ଥା, ମାନସିକ ସ୍ଥିତି, ପରିବାରର ଇତିହାସ ଓ ଆପରାଧିକ ତଥ୍ୟକୁ ତନଖି କରାଯାଇ ସେମାନଙ୍କୁ ତାଲିମ୍ ଦିଆଯଆଇଥିଲା। ତେବେ ପରିଚାଳନାଗତ ତ୍ରୁଟି ପାଇଁ ୨୦୧୮ରୁ ଏହି ସେବା ବନ୍ଦ ହୋଇଯାଇଛି।

# ପୂର୍ବତଟ ରେଳପଥ ପାଳିଲା ବିଶ୍ୱ ଐତିହ୍ୟ ଦିବସ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସକୁ ଉତ୍ସାହର ସହିତ ପାଳନ କରାଯିବା ସହ ସମୃଦ୍ଧ ରେଳ ଐତିହ୍ୟର ସଂରକ୍ଷଣ ଓ ସମ୍ମାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ରେଳ ସଂଗ୍ରହାଳୟଠାରେ ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଆଲୋଚନା ହୋଇଥିଲା। ଅନୁଗୋଳ-ସୁକିନ୍ଦା ରେଲୱେ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ରେଳଐତିହ୍ୟ ଓ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆୟୋଜିତ ଏକ କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ଓ ପୂର୍ବତଟ ରେଳପଥ ମହିଳା ସଂଗଠନର ଅଧ୍ୟକ୍ଷା ଶର୍ମିଳା ବେହେରା ପୁରସ୍କୃତ କରିଥିଲେ। ପୂର୍ବତଟ ରେଳପଥ ଉପ ମହାପ୍ରବନ୍ଧକ କେ. କେ. ଖାଡଙ୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରୁ ଐତିହ୍ୟ ପଦଯାତ୍ରା






ଭୁବନେଶ୍ୱର, ୧୮।୪
(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ଐତିହ୍ୟ ଦିବସ ଅବସରରେ ସାଂସ୍କୃତିକ ଅନୁଷ୍ଠାନ ‘ଐତିହ୍ୟ’ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ବିନ୍ଦୁସାଗରର ଉତ୍ତରେଶ୍ୱର ଘାଟରୁ ଗୁରୁବାର ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକ ଅଶ୍ୱିନୀ ଶତପଥୀ ମନ୍ଦିର କାରୁକାର୍ଯ୍ୟ ତଥା ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଏସଆଇର ଅବସରପ୍ରାପ୍ତ ସଂରକ୍ଷକ ନିର୍ମଳ କୁମାର ମହାପାତ୍ର ମନ୍ଦିରର ସଂରକ୍ଷଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଏମ୍ ହାଇସ୍କୁଲର ଶିକ୍ଷକମାନେ ଓ କଳିଙ୍ଗ କଲେଜ ଅଫ କମର୍ସର ଅଧ୍ୟକ୍ଷ ରଜତ କୁମାର ମଲ୍ଲିକ ଓ ପ୍ରଶାସକ ଜୟପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପଦଯାତ୍ରା ଅବସରରେ ବିନ୍ଦୁସାଗର ନିକଟ ଉତ୍ତରେଶ୍ୱର, ବୈତାଳ, ଶିଶିରେଶ୍ୱର ଆଦି ମନ୍ଦିରର କାରୁକାର୍ଯ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ବିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଡ. ପ୍ରଭାତ କୁମାର ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆର୍କୋଲୋଜିଷ୍ଟ ଡ. ପ୍ରସନ୍ନ କୁମାର ଦୀକ୍ଷିତ ଏହି ଅବସରରେ ବିଭିନ୍ନ ମନ୍ଦିରର କାରୁକାର୍ଯ୍ୟ ସମ୍ପର୍କରେ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଅଦ୍ୱୈତ ପାତ୍ର, ଡ.ରମେଶ ପାଣି, ଡ.ଦେବାଶିଷ ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଓଡ଼ିଶା ପ୍ରତ୍ନତତ୍ତ୍ୱ ବିଭାଗର ଇତିହାସ ସମ୍ପର୍କରେ ନିଜର ଅନୁଭୂତି ବାଖ୍ୟା କରିଥିଲେ। ‘ଐତିହ୍ୟ’ ଅନୁଷ୍ଠାନ ପକ୍ଷରୁ ସଞ୍ଚାଳକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ଜଟଣୀ,୧୮।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ଗୁରୁବାର ଡକାୟତି ଯୋଜନା ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ବାଲିଛକମୁଣ୍ଡିଆ ସାହି ଅଞ୍ଚଳର ଏସ୍‌.କେ.ସହବୁଦ୍ଦିନ ଓରଫ ବାବୁ (୩୮)। ସୂଚନା ମୁତାବକ, ୨୦୨୦ଜାନୁଆରୀ ୧୬ରେ କେତେଜଣ ଦୁର୍ବୃତ୍ତ ଡକାୟତି ପାଇଁ ସ୍ଥାନୀୟ ମା’ଖୁଣ୍ଟୁଆଳି ମନ୍ଦିର ଅଞ୍ଚଳର ଏକ ପରିତ୍ୟକ୍ତ ସ୍ଥାନରେ ଯୋଜନା କରୁଥିଲେ। ଜଟଣୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପେଟ୍ରୋଲିଂ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭/୨୦୨୦) ରୁଜୁକରି ୪ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରି ଘଟଣାର ଅଧିକ ତଦନ୍ତ ଚଳାଇଥିଲା। ତେବେ ଏହି ମାମଲାରେ ଫେରାର ଥିବା ଉପରୋକ୍ତ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଜଣେ ପେସାଦାର ଅପରାଧୀ ଏବଂ ତାଙ୍କ ନାମରେ ୨୮ଟି ମାମଲା ରହିଛି ପୋଲିସ କହିଛି।

### ଶ୍ରୀରାମଚରିତ ନବାହ୍ନ ପରାୟଣ

ନିରାକାରପୁର,୧୮।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀରାମ ନବମୀ ଅବସରରେ ଜଙ୍କିଆ ମହାବୀର ମନ୍ଦିର ସ୍ଥିତ ଟୁବୁରି ପାହାଡ଼ରେ ୨୭ତମ ଶ୍ରୀରାମ ଚରିତ ନବାହ୍ନ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ଜାରି ରହିଛି। ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗୁରୁବାର ସନ୍ଧ୍ୟାରେ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚକଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ମନୋଜ କୁମାର ପ୍ରଧାନ ଓ ସାଥି ଯୋଗଦେଇ ପ୍ରବଚନ ଦେଇଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ନିରାକାରପୁର,୧୮।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ ବଢ଼ିଚାଲିଛି। ସ୍ଥାନୀୟ ପୋଲିସ ଓ ତହସିଲ ପକ୍ଷରୁ ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନି। ଗୁରୁବାର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ନୂଆଜଗନ୍ନାଥ ସଡ଼କର ମାଲୁଣି ପୋଖରୀଠାରେ ଚଢ଼ାଉ କରାଯାଇଥିଲା। ବେଆଇନଭାବେ ଚାଲାଣ ହେଉଥିବା ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍(ଓଆର-୦୨ଏୱାଇ-୩୯୭୫) ଜବତ ହୋଇଛି। ଏଥିସହ ଉକ୍ତ ଗାଡ଼ିର ଚାଳକ କାଶୀପୁର ଗ୍ରାମର ବନମାଳି ଦାସଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୦୧/୨୪)ରୁଜୁ ହୋଇଛି। ଏହି ଚଢ଼ାଉରେ ଏସ୍‌ଆଇ ଅରବିନ୍ଦ ରାଉଳ, ଏସ୍‌ଆଇ ଦୀପାଳିଶା ନାୟକଙ୍କ ସମେତ କର୍ମଚାରୀ ସାମିଲ ହୋଇଥିଲେ।

# ଫସଲ ଉଜୁଡ଼ିବା ଆଶଙ୍କା, ଚିନ୍ତାରେ ଚାଷୀ

ବେଗୁନିଆ,୧୮।୪(ହର ପ୍ରସନ୍ନ ପଣ୍ଡା)



ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଡରୁଛନ୍ତି। ରାସ୍ତାଘାଟ ଶୁନଶାନ ହୋଇପଡୁଛି। କେବଳ ଜନଜୀବନ ନୁହେଁ ଫସଲ ଉପରେ ମଧ୍ୟ ପ୍ରଭାବ ପଡ଼ିଛି। ପାଣି ଅଭାବରୁ ଜମିଫାଟି ଆଁ କଲାଣି। ଫଳରେ ଜମିରେ ହୋଇଥିବା ପରିବା ଫସଲ ଉଜୁଡ଼ିଯିବାକୁ ବସିଛି। ଯାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ଏହି ବ୍ଲକର ବୋତଲମା, ପରିଛଳ, ସିକୋ, ହଜ୍, ଗଡ଼ମାଣତୀର, ଦେଉଳି, ଦୁର୍ଗାପୁର, କଣ୍ଟାବାଡ଼ ପଞ୍ଚାୟତ ଅଞ୍ଚଳରେ ୭ହଜାର ହେକ୍ଟର ଜମିରେ ଭେଣ୍ଡି, ଜହ୍ନି, ମକା, ବାଇଗଣ, କଖାରୁ ଆଦି ବିଭିନ୍ନ ପରିବା ଚାଷ କରାଯାଇଛି। ବର୍ଷା ହେଉ ନ ଥିବା ବେଳେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଯେତିକି ଜଳସେଚନ ସୁବିଧା ଅଛି ତାହା ପର୍ଯ୍ୟାପ୍ତ ହୋଇପାରୁନାହିଁ। ଫଳରେ ପ୍ରାୟ ୨ ହଜାର ହେକ୍ଟର ଜମିର ପରିବା ଫସଲ ଉଜୁଡ଼ିଯିବାକୁ ବସିଛି ବୋଲି ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସ୍ଥାୟୀ ଜଳସେଚନ ବ୍ୟବସ୍ଥା ଯଦି ଥାଆନ୍ତା ତେବେ ଜମିରେ ପରିବା ଫସଲ ନଷ୍ଟ ହୋଇ ନ ଥାନ୍ତା ବୋଲି ଚାଷୀ ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏଥିପାଇଁ କୃଷି ଓ ଜଳସେଚନ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ସଙ୍ଗଠନର ସଭ୍ୟ ମଦନମୋହନ ସାହୁ, ଅକ୍ଷୟ ରଥ, ଚାଷୀ ପ୍ରସନ୍ନ ମହାପାତ୍ର ପ୍ରମୁଖ କହିଛନ୍ତି। ସୂଚନାଥାଉ କି, ସିକୋ, ହଜ ଅଞ୍ଚଳର ଚାଷୀଙ୍କ ୧୦୦ହେକ୍ଟର ଜମିକୁ ମଲାଗୁଣୀ ନଦୀରୁ ରିଭର ଲିଫ୍ଟ ମାଧ୍ୟମରେ ଜଳଯୋଗାଇ ଦିଆଯାଉଛି। ହେଲେ ଅନେକ ସମୟରେ ଏହି ଲିଫ୍ଟ ଅଚଳ ହୋଇପଡୁଛି। ପରିଛଳ, ଶଗଡଭଙ୍ଗା, ଗଡ଼ମାଣତୀର ରାଧାକାନ୍ତପୁର, ବଡବେରଣା, କଣ୍ଟାବାଡ ଆଦି ପଞ୍ଚାୟତର କେତେଜଣ ଚାଷୀଙ୍କ ଜମିରେ ୧୨୦ଟି ଉଠା ଜଳସେଚନ ପଏଣ୍ଟ ରହିଛି। ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ ଓ ମୋଟର ପୋଡି ଯାଇଥିବାରୁ ବହୁ ପଏଣ୍ଟ ଅଚଳ ହୋଇପଡିଛି। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ନାଳରେ ୮୫ଟି ଆଡ଼ିବନ୍ଧ ନିର୍ମାଣ କରାଯାଇଥିଲା। ଏହି ଆଡ଼ିବନ୍ଧ ଯୋଗୁ ପ୍ରାୟ ୧୧୦୦ ହେକ୍ଟର ଚାଷଜମି ପାଣି ପାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ନିମ୍ନମାନର କାର୍ଯ୍ୟ ଓ ତଦାରଖ ଅଭାବରୁ ସବୁଠି ଏଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଫଳରେ ଚାଷୀଙ୍କ ହିତରେ ଲାଗି ପାରୁନାହିଁ। ସେହିପରି ବର୍ଷା ଅଭାବରୁ କେନାଲ, ପୋଖରୀ ଶୁଖିଲା ପଡ଼ିଛି। ଏହି ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଚାଷୀକୂଳ ପକ୍ଷରୁ ନିବେଦନ କରାଯାଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ସମ୍ପ୍ରତି ବର୍ଷା ଅଭାବ ଏବଂ ଗ୍ରୀଷ୍ମପ୍ରବାହ ଯୋଗୁ ଚାଷ ହୋଇଥିବା ପରିବା ଫସଲ ଉପରେ ପ୍ରଭାବ ପଡିଛି। ଯେଉଁଠି ପଏଣ୍ଟ ଅଚଳ ଅଛି, ମରାମତି ପାଇଁ ବିଭାଗକୁ ଚିଠି କରାଯାଇଛି।

## ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପିତ

ଜଟଣୀ,୧୮।୪(ରବୀନ୍ଦ୍ରନାଥ ମହାକୁଡ଼)

ମା’ଜାଗୁଲାଇଙ୍କ ମହିଷମର୍ଦ୍ଦିନୀ ବେଶ



ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମରେ ଚାଲିଥିବା ମା’ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ମା’ମହିଷମର୍ଦ୍ଦିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସକାଳେ ସାଲାମଣ୍ଡନ, ସୂର୍ଯ୍ୟ ପୂଜା ଓ ବିଭିନ୍ନ ନୀତି ପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନବରାତ୍ର ମହୋତ୍ସବ ଚାଲିଥିଲା। ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାଶ, ଭାଗୀରଥି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ନାଗଭୂଷଣ ରାୟ, ସୁରଜ ସୁନ୍ଦରାୟ, ଲୁସେନ ରାୟ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବୋଲି କମିଟି ସମ୍ପାଦକ ଏଲ୍‌.ଡି ମହାନ୍ତି ସୂଚନା ଦେଇଛନ୍ତି।

# ସହରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଖୋର୍ଦ୍ଧା ସହରରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଫ୍ଲାଗମାର୍ଚ୍ଚ।

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ଶୃଙ୍ଖଳିତ ମତଦାନ ଲାଗି ଖୋର୍ଦ୍ଧା ଟାଉନ ପୋଲିସ ପକ୍ଷରୁ ଗୁରୁବାର ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଥାନା ଅଧିକାରୀ ସଞ୍ଜୟ ନାୟକ ଏବଂ ଅନ୍ୟ ପୋଲିସ ଅଧିକାରୀ, କର୍ମଚାରୀଙ୍କ ସହ ୨ପ୍ଲାଟୁନ ଫୋର୍ସ ସହରରେ ଫ୍ଲାଗମାର୍ଚ୍ଚ କରିଥିଲେ। ଟାଉନ ଥାନାଠାରୁ ବାହାରି ଟ୍ରାଫିକ ଛକ, ମାରୱାଡି ପଟି, ମୁକୁନ୍ଦପ୍ରସାଦ, ସାମନ୍ତରାପୁର, ଠେଙ୍ଗୋହାଟ, ନବୀନାବାଗ, ଜିଲାପାଳଙ୍କ କାର୍ଯ୍ୟାଳୟ, ପଲ୍ଲା ଦେଇ ଟିଏଲସିଠାରୁ ନୂଆବସଷ୍ଟାଣ୍ଡ, କୋର୍ଟ ଛକ, ସମବାୟ ଛକ, ପୁରୁଣା ବସଷ୍ଟାଣ୍ଡ, ଗୁରୁଜଙ୍ଗ ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ଏନେଇ ସଦର ଏସ୍‌ଡିପିଓ ଦାସ କହିଛନ୍ତି, ମେ’ ୨୫ ତାରିଖରେ ଭୁବନେଶ୍ୱର ଲୋକ ସଭା ଏବଂ ବିଧାନସଭା ପାଇଁ ମତଦାନ ଗ୍ରହଣ କରାଯିବ। ନିର୍ବାଚନକୁ ଦୃଷ୍ଟିରେ ରଖି ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଶୃଙ୍ଖଳିତ ନିର୍ବାଚନ ଲାଗି ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି। ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି ସହ ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ କରାଯାଉଛି। ସମସ୍ତ ଥାନା ଅଞ୍ଚଳର ଥାନା ଅଧିକାରୀମାନଙ୍କୁ ଅପରାଧିକ ଗତିବିଧି ଉପରେ ନଜର ରଖିବାକୁ କୁହାଯାଇଛି। ନିର୍ବାଚନ ସମୟରେ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି।

## ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୧୮।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ମହିଷମର୍ଦ୍ଦିନୀଙ୍କ ପୀଠରେ ଦ୍ୱାଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ମଣ୍ଡଳକରଣ, କଳସ ଯାତ୍ରା, ବ୍ରାହ୍ମଣ ବରଣ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା ଓ ଶିବ ମନ୍ତ୍ରରେ ଆହୁତି ପ୍ରଦାନ, ଚଣ୍ଡୀ ଆହୁତି ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ, ବାଉରୀ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ସୁଆଁଳ ଗ୍ରାମସ୍ଥିତ ଦଧିବାମନ ଦେବଙ୍କ ପୀଠରେ ଦ୍ୱିତୀୟ ବାର୍ଷିକ ଯଜ୍ଞ ଉତ୍ସବ ଚିନ୍ତାମଣି ଦାଶଶର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତିରେ ସମସ୍ତ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସେହିପରି ବେଗୁନିଆ ଥାନା ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ତୁଳସୀବେରଣା ଗ୍ରାମସ୍ଥିତ ମହାବୀରଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି।

# ୮ବଖରା ଜଳିଗଲା



ବେଗୁନିଆ,୧୮।୪ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ଲାଖପଡ଼ା ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୮ବଖରା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଚିନ୍ତାମଣି ବେହେରା ଓ ଜଳଧର ବେହେରାଙ୍କ ୩ ବଖରା ଲେଖାଏ, ଦେବରାଜ ବେହେରା ଓ ଭଗବାନ ବେହେରାଙ୍କ ଏକ ବଖରା ଲେଖାଏ ପୋଡ଼ିଯାଇଛି। ସମସ୍ତେ ଚାଷୀ ହୋଇଥିବା ବେଳେ ଘରେ ଥିବା ଧାନ, ଚାଉଳ, ମୁଗ, ବିରି ସହିତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବରପାଇ ରଣପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଅସହ୍ୟ ଗରମ, ଜନଜୀବନ ଅସ୍ତବ୍ୟସ୍ତ

## ପୂର୍ବାହ୍ନରୁ ରାସ୍ତାଘାଟ, ବସ୍‌ଷ୍ଟାଣ୍ଡ ଶୂନ୍‌ଶାନ୍

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଡରୁଛନ୍ତି। ରାସ୍ତାଘାଟ ଶୁନଶାନ ହୋଇପଡୁଛି। ଗୁରୁବାର ଖୋର୍ଦ୍ଧା ସହର ତାପମାତ୍ରା ୪୧ଡିଗ୍ରୀ ରହିଥିବା ଜଣାପଡିଛି। ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଲୋକେ ଘରୁ ବାହାରୁ ନ ଥିବାରୁ ବଜାରର ଏକାଧିକ ଦୋକାନ ପ୍ରାୟ ବନ୍ଦ ରହୁଥିବା ଦେଖିବାକୁ ମିଳିଛି। ଖରାକୁ ଭୟ କରି ଲୋକେ କୌଣସି କାମ ନ ଥିଲେ ଅଫିସ ଆସୁନାହାନ୍ତି। ଅନ୍ୟପଟେ ନୂଆବସଷ୍ଟାଣ୍ଡରେ ଦିନତମାମ ଗହଳି ଲାଗି ରହୁଥିବା ଏବେ ଜନଶୂନ୍ୟ ରହୁଛି। ଏପରିକି ବସ୍‌ରେ ଲୋକେ ହେଉ ନ ଥିବା କେତେଜଣ ଡ୍ରାଇଭର କହିଛନ୍ତି। ବସଷ୍ଟାଣ୍ଡରେ ବ୍ୟବସାୟ କରୁଥିବା ତପନ ସାମନ୍ତରାୟ କୁହନ୍ତି, ଦେହରୁ ଝାଳ ବୋହିବା ସହ ଚାଲିକି ଯିବା ବେଳେ ଅଂଶୁଘାତର ଭୟ ରହୁଛି। ସେହିପରି ଟ୍ରାଫିକ ଛକର ଜଣେ ବ୍ୟବସାୟୀ କୁହନ୍ତି, ଖରା ଯୋଗୁ ଗ୍ରାହକ ଆସୁନାହାନ୍ତି। ଏଭଳି ଆଉ କିଛିଦିନ ଚାଲିଲେ, ପରିବାର ଚଳାଇବା କଷ୍ଟକର ହୋଇପଡିବ। ବ୍ୟବସାୟୀ ଅଜିତ ଭୋଇ କୁହନ୍ତି, ସକାଳ ୮ଟା ପରେ ଗ୍ରାହକ ଦୋକାନକୁ ଆସୁନାହାନ୍ତି। ସକାଳୁଆ ଜଳଖିଆ ଦୋକାନ ବନ୍ଦ ରହୁଛି। ନିଖିଳ ଓଡ଼ିଶା ଖୁରୁଡ଼ା ସମାଜ ପକ୍ଷରୁ ଗାନ୍ଧୀ ମାର୍କେଟରେ ଘୋଳଦହି ପ୍ୟାକେଟ, ଥଣ୍ଡପାନୀୟ ବଣ୍ଟନ କରାଯାଇଥିଲା। ଜିଲା ପ୍ରେସ କ୍ଲବ ପକ୍ଷରୁ ଟିଏଲ୍‌ସି ରୋଡରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ଏଡିଏମ୍‌ଓ(ପରିବାର କଲ୍ୟାଣ) ଡା.ରଘୁନାଥ ସାହୁ କହିଛନ୍ତି, ବିଶେଷ କାମ ପଡିଲେ ଘରୁ ବାହାରନ୍ତୁ। ଘରୁ ବାହାରିବା ବେଳେ ଛତା, ପାଣିବୋତଲ, ଗାମୁଛା ସାଥିରେ ରଖନ୍ତୁ। ପ୍ରଚୁର ପାଣି ପିଇବାକୁ ପରାମର୍ଶ ଦେଇଛନ୍ତି। ମଣ୍ଡଳ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ କହିଛନ୍ତି, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ସ୍ଥାନରେ ନିର୍ମାଣ ଶ୍ରମିକ କାମ କରିବାକୁ ବାରଣ କରାଯାଇଛି। ଏ ସମ୍ପର୍କରେ ଶିଳ୍ପ ଓ ନିର୍ମାଣ ସଂସ୍ଥାଗୁଡ଼ିକୁ ମଧ୍ୟ ତାଗିଦ୍ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ କହିଛନ୍ତି, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସହର ୬ଟି ପ୍ରମୁଖ ଜନଗହଳି ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏଥିସହିତ ବୁଲାଗୋରୁ, ପଶୁପକ୍ଷୀଙ୍କ ପାଇଁ ପାଣି କୁଣ୍ଡ ରଖାଯାଇଛି।

# ଗୁଣ୍ଡିଚା ମନ୍ଦିରରେ କପିଳେଶ୍ୱର ଦେବ



ଡିଆ ଗ୍ରାମରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ନିରାକାରପୁର,୧୮।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆଠାରେ ଥିବା ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକ ଅଷ୍ଟମୀ ରଥ ଯାତ୍ରା ଚାଲୁରହିଛି। ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଉଛନ୍ତି। ଆଉ ଦୁଇଦିନ ଅର୍ଥାତ ଦ୍ୱାଦଶୀ ମଧ୍ୟ ରାତ୍ରିରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ପ୍ରତ୍ୟେକ ସାହିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ପରିଚାଳନା କମିଟିର ସଭାପତି କିଶୋର କୁମାର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, ପ୍ରମୁଖ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତ।

# ବୋଲଗଡ଼ ଷ୍ଟେଶନରେ ପାନୀୟଜଳ ଅଭାବ

ବୋଲଗଡ଼,୧୮।୪(ଦେବବ୍ରତ ହୋତା)

ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଡରୁଛନ୍ତି। ରାସ୍ତାଘାଟ ଶୁନଶାନ ହୋଇପଡୁଛି। ଏହି ସମୟରେ ବୋଲଗଡ଼ ରେଲୱେ ଷ୍ଟେଶନଠାରେ ପାନୀୟଜଳର ଅଭାବ ଦେଖାଦେଇଛି। ଯାତ୍ରୀ ଓ କର୍ମଚାରୀଙ୍କ ପାଇଁ ଏଠାରେ ଥିବା ନଳକୂପରୁ ବାହାରୁଥିବା ପାଣି ପିଇବା ଲାଗି ଉପଯୋଗୀ ହେଉନାହିଁ। ଏଥିସହ ନଳକୂପଟି ଅଧିକାଂଶ ସମୟ ଖରାପ ହେଉଛି। ଫଳରେ ଯାତ୍ରୀମାନେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେଶନ କର୍ମଚାରୀମାନେ ନିକଟ ବ୍ଲକ କାର୍ଯ୍ୟାଳୟରୁ ପାନୀୟଜଳ ଆଣୁଥିବା ଦେଖିବାକୁ ମିଳିଛି।

ସୂଚନାଥାଉ କି, ଏହି ଷ୍ଟେଶନ ପୂର୍ବରୁ ବୋଲଗଡ଼ ଟାଉନ ପାସେଞ୍ଜର ହଲ୍ଟ ଥିବା ବେଳେ ୨୦୨୩ ଜୁନ ୩୦ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ଥାନୀୟ ଜନସାଧାରଣଙ୍କ ଦାବିକୁ ଗ୍ରହଣ କରି ଏଠାରେ ପହଞ୍ଚି ବୋଲଗଡ଼ ଷ୍ଟେଶନର ମାନ୍ୟତା ପ୍ରଦାନ କରିଥିଲେ। ସେବେଠାରୁ ଏହି ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ମଧ୍ୟ ଆରମ୍ଭ ହୋଇଥିଲା। ତେବେ ଏହି ଷ୍ଟେଶନର ଉନ୍ନତୀକରଣରେ ବିଳମ୍ବ ପରିଲକ୍ଷିତ ହେବା ସହ ଆଗରୁ ଥିବା ସମସ୍ତ ସୁବିଧା ଅବ୍ୟବସ୍ଥିତ ହୋଇପଡିଛି। ଦଶପଲ୍ଲା-ଭୁବନେଶ୍ୱର-ଦଶପଲ୍ଲା ପାସେଞ୍ଜର, ଭଦ୍ରକ-ଦଶପଲ୍ଲା-ଭଦ୍ରକ ପାସେଞ୍ଜର, ଦଶପଲ୍ଲା-ପୁରୀ-ଦଶପଲ୍ଲା ପାସେଞ୍ଜର ଓ ଦଶପଲ୍ଲା-ଭୁବନେଶ୍ୱର-ଦଶପଲ୍ଲା ଏକ୍ସପ୍ରେସ ଟ୍ରେନ୍ ଏଠାରେ ଅଟକିଥାଏ। ଶତାଧିକ ଯାତ୍ରୀ ଏଠାରୁ ଦୈନିକ ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ନୟାଗଡ଼, ଦଶପଲ୍ଲା ଆଦି ଅଞ୍ଚଳକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଷ୍ଟେଶନରେ ପାନୀୟଜଳର ସୁବିଧା ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି ବୋଲି ଲିଟୁ ପଟ୍ଟନାୟକଙ୍କ ସମେତ ବହୁ ଯାତ୍ରୀ କହିଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଷ୍ଟେଶନ ପରିଚାଳନା ଦାୟିତ୍ୱରେ ଥିବା ଷ୍ଟେଶନ ଟିକେଟ ବୁକିଂ ଅଥରିଟି (ଏସ୍‌ଟିବିଏ) ଏଜେଣ୍ଟ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ବିଭାଗ ପକ୍ଷରୁ ମେସେଜ ଆସିଛି ବୋଲି ସେ ପ୍ରକାଶ କରିଛନ୍ତି।




# ରକ୍ଷଣାବେକ୍ଷଣ ଅଭାବରୁ ମାଟିରେ ମିଶିଲାଣି ୭୧ ଗଡ଼

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଶେଫାଳି ସଂଗ୍ରହାଳୟରେ ଐତିହ୍ୟ ଦିବସ ପାଳିତ

ଖୋର୍ଦ୍ଧା ରାଧାବଲ୍ଲଭ ସାହି ସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ସଂଗ୍ରାହକ ଐତିହ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜ୍ଞ ରମେଶ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଓ ସେନାବାହିନୀର ଉଚ୍ଚ ପଦାଧିକାରୀ ହୃଦାନନ୍ଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲାରେ ବହୁ ଦୁର୍ଗ, ଗଡ଼, ମଠ, ମନ୍ଦିର ଆଦି ପ୍ରାଚୀନ କୀର୍ତ୍ତି ଥିଲେ ମଧ୍ୟ ସଚେତନତା ଅଭାବ ଓ ପ୍ରଶାସନର ଅବହେଳାରୁ କ୍ରମଶଃ କ୍ଷୟ ହେବାରେ ଲାଗିଛି। ଖ୍ରୀ.ପୂ.ପଞ୍ଚମ ଶତାବ୍ଦୀର ଶିଶୁପାଳଗଡ଼, ଷଷ୍ଠ ଶତାବ୍ଦୀର ଶୈଳୋଦ୍ଭବ ରାଜନ୍ୟଙ୍କ ବଙ୍କାଡ଼ ଦୁର୍ଗ, ଦ୍ୱାଦଶ ଶତାବ୍ଦୀର ଚନ୍ଦକା ଅରଣ୍ୟରେ ଥିବା ଗଙ୍ଗ ରାଜତ୍ୱର ବୁଆଳୀ ଦୁର୍ଗ ଓ ଷୋଡ଼ଶ ଶତାବ୍ଦୀର ଖୋର୍ଦ୍ଧା ଦୁର୍ଗ ସହିତ ବିଭିନ୍ନ ଗ୍ରାମର ୭୧ଟି ଗଡ଼ ମାଟିରେ ମିଶିଗଲାଣି। ଭୁବନେଶ୍ୱର ବ୍ୟତୀତ ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିର, ଟାଙ୍ଗୀର ଚଣ୍ଡେଶ୍ୱର ମନ୍ଦିର, ହାଡ଼ପଦାର ଦକ୍ଷିଣଚଣ୍ଡି ମନ୍ଦିର, ବୁଢ଼ାପଡ଼ା ସୋମନାଥ ମନ୍ଦିର, କାକୁଡ଼ିଆର ଗୋପୀନାଥ ମନ୍ଦିର, ରଥିପୁର ଓ କନ୍ତଲବାଇର ଗୋପାଳ ମନ୍ଦିର, ମନ୍ଦିରମାଳିନୀ ଗଡ଼ ଖୋର୍ଦ୍ଧାର ଦୁଇଟି ମଠ ଓ ୫ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ସେହିପରି ଶିଳାଲେଖମାନଙ୍କ ମଧ୍ୟରୁ ବରୁଣେଇ ପାଣ୍ଡବଘରା ଗୁମ୍ଫାରେ ଉତ୍କୀର୍ଣ୍ଣ ପ୍ରାୟ ଦୁଇ ହଜାର ବର୍ଷର ପ୍ରତ୍ନ ଓଡ଼ିଆ ଲିପି, ବଙ୍କାଡ଼ଗଡ଼ର ଶିଳାଲେଖ, ଭୋଗପୁର ପାହାଡ଼ ଶୀର୍ଷସ୍ଥ ଗୁମ୍ଫାର ଲିପି, ବେଗୁନିଆ ସନ୍ନିକଟ କୁଶପଲ୍ଲାଗଡ଼ ସନ୍ନିକଟ କୂପରେ ସ୍ଥାନିତ ଶିଳାଲେଖଗୁଡିକ ପ୍ରାକୃତିକ ଓ ମାନବକୃତ ଅବକ୍ଷୟରୁ ରକ୍ଷା ପାଇଁ ଲୁହାବାଡ଼ ଦେଇ ଆବଦ୍ଧ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପଦକ୍ଷେପ ନେବାକୁ ସଭାରେ ମତପ୍ରକାଶ ପାଇଛି। ସେହିପରି ଐତିହାସିକ ଖୋର୍ଦ୍ଧା ଦୁର୍ଗର ଉତ୍‌ଖନନ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଗଲେ ଦୁର୍ଗ ଅଭ୍ୟନ୍ତରସ୍ଥ ପ୍ରାଚୀନ କୀର୍ତ୍ତି ଲୋକଲୋଚନକୁ ଆସିପାରିବ। ଦୁଇ ଦଶନ୍ଧି ପୂର୍ବେ ଅତ୍ରି ହଟକେଶ୍ୱର ମନ୍ଦିର ଚୁନ ସିମେଣ୍ଟ ପଲସ୍ତରା ହୋଇଥିବାରୁ ଅଭ୍ୟନ୍ତରସ୍ଥ ସୂକ୍ଷ୍ମ କାରୁକାର୍ଯ୍ୟ ଲୋକଲୋଚନକୁ ଆସିପାରୁ ନାହିଁ। ପୁରୀ ଜଗନ୍ନାଥ ମନ୍ଦିର ଭଳି ଚୁନ ପଲସ୍ତରା କଢ଼ାଗଲେ ସୁନ୍ଦର କାରୁକାର୍ଯ୍ୟ ଦୃଶ୍ୟମାନ ହୋଇପାରନ୍ତା। କାର୍ଯ୍ୟକ୍ରମକୁ ସଂଗ୍ରାହଳୟର ପରିଚାଳିକା ସୁଶ୍ରୀ ଗୀତାଞ୍ଜଳି ଦାସ ଓ ଅର୍ଚ୍ଚିସ୍ମାନ ଦାସ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

**ସଂକ୍ଷେପରେ**

## ବିଦ୍ୟୁତ୍ ତାର ଲାଗି ଜଣେ ମୃତ

ଗୋପ,୧୮।୪ (ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ଥାନା ଅଧୀନ ଡଭାର ପଞ୍ଚାୟତ କପୁରକୁଞ୍ଜା ଗ୍ରାମରେ ବିଦ୍ୟୁତ୍ କେବୁଲ୍ ତାର ଲାଗି ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଗୋପ ଥାନା ପକ୍ଷରୁ ଜଣାପଡ଼ିଛି। ମୃତକ ହେଲେ ଚିତ୍ରସେନ ଗୁରୁ (୪୬)। ପୋଲିସ ତାଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଚିତ୍ରସେନ ସନ୍ଧ୍ୟା ୭ଟା ସମୟରେ ଘରେ କୌଣସି ବିଦ୍ୟୁତ୍ କାର୍ଯ୍ୟ ଲାଗି ଘର ସମ୍ମୁଖରେ ଥିବା କେବୁଲ୍ ତାର ଓହଳି ଥିବାରୁ ତାକୁ ବାଡ଼ିରେ ଟେକୁଥିଲେ। ତାଙ୍କ ଅସାବଧାନତା ଯୋଗୁ ତାଙ୍କ ହାତରେ ତାର ଲାଗି ଆଘାତ ଲାଗିବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ସଦସ୍ୟ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଡଭାର ସରପଞ୍ଚ ଜଗବନ୍ଧୁ ବରାଳ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଓଗାଳପୁରରେ ନବାହ୍ନ ପ୍ରବଚନ ଆରମ୍ଭ

କଣାସ,୧୮।୪(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅଧୀନ ବଡାଲ ଗ୍ରାମପଞ୍ଚାୟତର ଓଗାଳପୁର ଗ୍ରାମରେ ଶ୍ରୀରାମ ଦୟା ପରିଷଦ ପକ୍ଷରୁ ୧୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପରାୟଣ, ପ୍ରବଚନ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୯ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସଭାରେ ସୁଶାନ୍ତି ଦାସ, ପଣ୍ଡିତ ଜ୍ୟୋତି ପ୍ରକାଶ ମିଶ୍ର, ସୋନାଲି ଦାସ, କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ସୁଧୀର ଜେନା ପ୍ରମୁଖ ନିଖିଳ ଓଡ଼ିଶା ପ୍ରବକ୍ତା ପରିଷଦର ପ୍ରବକ୍ତାମାନେ ଯୋଗଦେବା ସ୍ଥିର କରାଯାଇଛି। ଶ୍ରୀରାମ ଜନ୍ମଠାରୁ ରାଜ୍ୟାଭିଷେକ ଓ କାଳ ଭୁଶୁଣ୍ଡି ଗରୁଡ଼ସମ୍ବାଦ ଯାଏଁ ରାମକଥା ଆଲୋଚନାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ପାରାୟଣ, ଯଜ୍ଞ, ସୂର୍ଯ୍ୟପୂଜା, ଗୋପୂଜା, ଭଜନ କୀର୍ତ୍ତନ, ପ୍ରବଚନ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅଞ୍ଚଳର ଜ୍ଞାନିଗୁଣି ବ୍ୟକ୍ତିମାନେ ଯୋଗଦେବାକୁ ଶ୍ରୀରାମ ଦୟା ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି।

# ରାସ୍ତା ଅବରୋଧ ପରେ ମିଳିଲା ପିଇବା ପାଣି

- ଜିଲାପାଳଙ୍କୁ ଅଭିଯୋଗ ପରେ ବି ମିଳିଲାନି ସୁଫଳ
- ୪ ଘଣ୍ଟା ଧରି ଗୋପ-ବାଲିଘାଇ ରାସ୍ତା ଅବରୋଧ

ଗୋପ,୧୮।୪(ଭାରତୀ ଭୂଷଣ ଉପାଧ୍ୟାୟ):



ଗ୍ରାମବାସୀ ରାସ୍ତା ଅବରୋଧ କରି ବସିଛନ୍ତି।

ଗୋପ ବ୍ଲକ ଅଞ୍ଚଳରେ ପିଇବା ପାଣି ସମସ୍ୟାକୁ ନେଇ ବିଡିଓ, ବ୍ଲକ ଜଳ ପରିମଳ ବିଭାଗଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି। ଗୋଟିଏ ସପ୍ତାହ ଅପେକ୍ଷା ପରେ ଶେଷରେ ଟୋପାଏ ପିଇବା ପାଣି ପାଇବାକୁ ଗୁରୁବାର ସକାଳେ ଶୋଳପୁର ଗ୍ରାମ ସହିତ ଆଖପାଖ ଗାଁ ଲୋକେ ଗୋପ- ବାଲିଘାଇ ରାସ୍ତାର ଶୋଳପୁର ବଜାରଠାରେ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୪ ଘଣ୍ଟାର ରାସ୍ତା ଅବରୋଧ ଯୋଗୁ ଶତାଧିକ ଗାଡ଼ି ସେଠାରେ ଅଟକି ରହିବା ସହ ଅସହ୍ୟ ଖରା ତାପ ସହି ନ ପାରି ଫେରିଥିଲେ। ପରେ ବିଡିଓ ଛବିରାଣୀ ସାହୁଙ୍କ ନିର୍ଦ୍ଦେଶରେ ଜଳ ପରିମଳ ବିଭାଗ ପକ୍ଷରୁ ଖରାପ ମୋଟରକୁ ମରାମତି କରିବାରୁ ପିଇବା ପାଣି ମିଳିଥିଲା। ଏହାପରେ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶ ଯେ, ଗୋପ ବ୍ଲକର କେତେକ ପଞ୍ଚାୟତରେ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ପିଇବା ପାଣି ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଠିକ୍ ଭାବେ ନ ଚାଲିବାରୁ ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ପିଇବା ପାଣି ପହଞ୍ଚି ପାରୁନାହିଁ। ନାଗପୁର ପଞ୍ଚାୟତର ଶୋଳପୁର ନିକଟରେ ବସୁଧା ଯୋଜନାରେ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପିଇବା ପାଣି ଯୋଗାଇ ଦେବା ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ନିମ୍ନମାନର ପାଇପ ସହିତ ନିମ୍ନମାନର ମଟର ଲଗାଯିବାରୁ ଠିକ୍ ଭାବରେ ପିଇବା ପାଣି ଲୋକଙ୍କ ନିକଟରେ ପହଞ୍ଚୁ ନ ଥିଲା। ଗତ ସପ୍ତାହରେ ଗ୍ରାମାଞ୍ଚଳ ଲୋକେ ପିଇବା ପାଣି ନ ପାଇବାରୁ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବିଡିଓ ଛବିରାଣୀ ସାହୁଙ୍କ ସହିତ ବ୍ଲକ ଜଳପରିମଳ ବିଭାଗ ଅଧିକାରୀଙ୍କ ସହିତ ନାଗପୁର ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ। ଖୁବ୍ ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ମଧ୍ୟ ଜଳପରିମଳ ବିଭାଗ ପକ୍ଷରୁ କୁହା ଯାଇଥିଲା। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ସକାଳେ ଶତାଧିକ ବୃଦ୍ଧାବୃଦ୍ଧ, ମହିଳା, ପୁରୁଷ ରାସ୍ତା ଅବରୋଧ କରିଥିଲେ।

## ମାରଣାସ୍ତ୍ର ଦେଖାଇ ରାସ୍ତାରେ ଟଙ୍କା ଲୁଟ

ଯୋଗେଶ୍ୱରପୁର,୧୮।୪(ରଶ୍ମିରଞ୍ଜନ ସାହୁ):

ନୟାହାଟ ଫାଣ୍ଡି ଅଧୀନ ଚାନ୍ଦପୁରଠାରେ୨ ଜଣ ବ୍ୟକ୍ତି ଏକ ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ଜଣଙ୍କଠାରୁ ଟଙ୍କା ଲୁଟ କରିଥିବା ଗୁରୁବାର ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ବେସରକାରୀ ଅର୍ଥ ଲଗାଣ ସଂସ୍ଥାର ଜଣେ କର୍ମଚାରୀ ଗୁରୁବାର ମଧ୍ୟାହ୍ନ ୧୨ଟା ସମୟରେ ବଣହରା ଗ୍ରାମକୁ ମହିଳା ଗୋଷ୍ଠୀକୁ ଅର୍ଥ ଲଗାଇବାକୁ ଟଙ୍କା ନେଇ ଆସୁଥିଲେ। ସେହି ସମୟରେ ଚାନ୍ଦପୁର ପାଣିଟାଙ୍କିଠାରେ ୨ ଯୁବକ ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୨୦ ହଜାର ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସେହିପରି ଗତ ୩ ମାସ ତଳେ ସେହି ଚାନ୍ଦପୁରଠାରେ ଉକ୍ତ ଯୁବକଙ୍କଠାରୁ ଅର୍ଥ ଲଗାଣବେଳେ ସେହି ସ୍ଥାନରୁ ଦୁର୍ବୃତ୍ତ ଟଙ୍କା ଛଡ଼ାଇ ନେଇଥିଲେ। ଗୁରୁବାର ଟଙ୍କା ଛଡ଼ାଇବା ଘଟଣାରେ ପୋଲିସ ବିଳମ୍ବରେ ପହଞ୍ଚିବାରୁ ଅପରାଧୀ ଖସି ଯାଇଥିଲେ। ଫାଣ୍ଡି ଅଧିକାରୀଙ୍କ ଅପାରଗତା ଯୋଗୁ ୨ଟି ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇପାରୁନାହିଁ। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ପଚାରିବାରେ, ଏତଲାକାରୀଙ୍କ ନାମ ଦେବାକୁ ମନା କରିଦେଇଥିଲେ। ନୟାହାଟ ଅଞ୍ଚଳରେ ଦୈନନ୍ଦିନ ଚୋରି, ରାହାଜାନି ଘଟୁଛି, ଫଳରେ ସାଧାରଣ ଲୋକଙ୍କ ପୋଲିସ ଉପରୁ ଆସ୍ଥା ତୁଟି ଯାଉଛି। ଗୋପ ଥାନାରୁ ଦୀର୍ଘ ୬ ମାସ ତଳେ କୁନାଲ କୁମାରଙ୍କୁ ନୟାହାଟ ଫାଣ୍ଡି ଦାୟିତ୍ୱ ଦିଆଯାଇଥିଲା। ତେବେ ସେ ଅପରାଧ ରୋକିବାରେ ବିଫଳ ହେଉଥିବାରୁ ନୟାହାଟ ବରିଷ୍ଠ ନାଗରିକ ମଞ୍ଚ, ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି।

## ଶଙ୍ଖ ଛାଡ଼ି ପଦ୍ମ ଧରିଲେ ୫୦ ପରିବାର



ଭାଜପାରେ ମିଶିଥିବା ସଲଙ୍ଗ ଗ୍ରାମପଞ୍ଚାୟତର କର୍ମୀ ।

ନିମାପଡ଼ା,୧୮।୪(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ସଲଙ୍ଗ ଗ୍ରାମପଞ୍ଚାୟତର ୫୦ ପରିବାର ବିଜେଡି ପରିତ୍ୟାଗ କରି ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ନାରୀନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱ ପ୍ରତି ଭରସା ଓ ଆସ୍ଥା ପ୍ରକଟ କରି ପ୍ରଧାନମନ୍ତ୍ରୀଙ୍କ ମୋଦି ଗ୍ୟାରେଣ୍ଟିରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିବା ନୂତନ କର୍ମୀ ପ୍ରକାଶ କରିଛନ୍ତି। ସମସ୍ତେ ଏକ ମନ, ଏକ ପ୍ରାଣ ଦେଇ ନିମାପଡ଼ାରେ ଭାଜପାକୁ ଜିତାଇବା ସହିତ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ଦୃଢ ସଂକଳ୍ପ ନେଇଥିଲେ। ଦଳ ପକ୍ଷରୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଯତୀନ୍ଦ୍ର ସ୍ୱାଇଁ, ଦିଲୀପ ପରିଡ଼ା, କାଳୁପରିଡ଼ା, ସୁଦର୍ଶନ ସ୍ୱାଇଁ, ପ୍ରଭାତ ମଲ୍ଲିକ, ପ୍ରମୋଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ଓଡ଼ିଶା ଆଜି ଗର୍ବିତ

**କୋଣାର୍କରେ ବିଶ୍ୱ ଐତିହ୍ୟ ଦିବସ**

କୋଣାର୍କ,୧୮।୪(ଜ୍ୟୋତିରାଜ ମହାନ୍ତି):



କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଏଏସ୍‌ଆଇ ବିଭାଗ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟ ମନ୍ଦିରକୁ ଗୋଟିଏ ଦିନ ପାଇଁ ପ୍ରବେଶ ଶୁଳ୍କ ଛାଡ଼, ଐତିହ୍ୟ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସକାଳ ୮ଟାରେ ଜବାହର ନବୋଦୟ ବିଦ୍ୟାଳୟ, ଶୋଭନୀୟ ଶିକ୍ଷାଶ୍ରମ, ଆଶ୍ରମ ସ୍କୁଲ, ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ରୀଛାତ୍ର କୋଣାର୍କ ସଂଗ୍ରହାଳୟ ନିକଟରୁ ଏକ ଐତିହ୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସୂର୍ଯ୍ୟମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ଏକ ସଭାର ଆୟୋଜନ ହୋଇଥିଲା। ଅତିଥି ଭାବେ ପୂର୍ବତନ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ. କୋରାପ୍ରସାଦ ପାଢ଼ୀ, ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ ଓ କୋଣାର୍କ ସହାୟକ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ପ୍ରତାପ ନାୟକ, ସଂରକ୍ଷଣ ଅଧିକାରୀ ଦେବେନ୍ଦ୍ର କୁମାର, ହରିଶ୍ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କଳା ସଂସ୍କୃତିର କ୍ଷେତ୍ର ଓଡ଼ିଶା ବିଶ୍ୱ ପ୍ରସିଦ୍ଧ। ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ଓଡ଼ିଶା ଆଜି ଗର୍ବିତ। ଐତିହ୍ୟ ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କ ରହିଛି ବୋଲି ବିଶ୍ୱ ଐତିହ୍ୟ ଦିବସରେ ଅତିଥିମାନେ ମତପ୍ରକାଶ କରିଥିଲେ। ଏଏସ୍‌ଆଇର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ରାମେଶ୍ୱର ମନ୍ଦିର ପ୍ରକଳ୍ପ ଭୂମିପୂଜନ ଉତ୍ସବ

### ଶିବ ସ୍ତୁତିରେ ଭକ୍ତିମୟ ପରିବେଶ

ଅସ୍ତରଙ୍ଗ,୧୮।୪(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଗ୍ରାମର ଆରାଧ୍ୟ ଦେବତା ବାବା ଗ୍ରାମେଶ୍ୱରଙ୍କ ମନ୍ଦିର ଭୂମି ପୂଜନ ଅବସରରେ ଗୁରୁବାର ଶିବସ୍ତୁତିରେ ପୂରା ଅସ୍ତରଙ୍ଗ ଭକ୍ତିମୟ ପରିବେଶ ହୋଇଥିଲା। ପବିତ୍ର ସୁଦଶା ବ୍ରତ ଅବସରରେ ଅସ୍ତରଙ୍ଗ ଗ୍ରାମର ଗ୍ରାମେଶ୍ୱର ମନ୍ଦିର ନିର୍ମାଣ ପାଇଁ ମାଙ୍ଗଳିକ ଅଙ୍କୁରାରୋପଣ ସରିବା ପରେ ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡପରେ ଯଜ୍ଞ ଆରମ୍ଭ ହୋଇଥିଲା। ସକାଳୁ କଳସ ଯାତ୍ରା ଓ ଗଙ୍ଗା ଆବାହନ କରାଯାଇଥିଲା। ପରେ ପରେ ଗୁରୁପୂଜନ, ପଞ୍ଚ କର୍ମ, ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଶିଳାପୂଜା ସହ ଅନ୍ୟବିଧି ସରିବା ପରେ ଯଜ୍ଞ କର୍ମ ଆରମ୍ଭ କରାଯାଇଥିଲା। ସକାଳୁ ପୂଜା ଆରମ୍ଭ ହୋଇ ମଧ୍ୟାହ୍ନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ରାକେଶ ମହାନ୍ତି ଓ ସ୍ତ୍ରୀ ବର୍ଷା ମହାନ୍ତି ଥିବାବେଳେ ମନ୍ଦିର କମିଟି ସଭାପତି ଦୁଷ୍ମନ୍ତ ପରିଡ଼ା, ଉପଦେଷ୍ଟା ରବୀନ୍ଦ୍ର ମହାନ୍ତିଙ୍କ ସହ ଦିବାକର ଛାଟୋଇ, ଯୁଗଳ କିଶୋର ମହାନ୍ତି, ପ୍ରକାଶ ବେହେରା, ଦିବ୍ୟଦର୍ଶୀ ବିଶ୍ୱାଳ, ବିଜୟ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

ପୁରୀ,୧୮।୪(ଅଜିତ୍ ମହାନ୍ତି):

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୨୭ତମ ତିରୋଧାନ ଦିବସରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅଧୀନ କଣାସ ବ୍ଲକ ଗଡ଼ସାହି ପଞ୍ଚାୟତ ଜଙ୍କିଆଗଡ଼ ସାହି ମେଳଣ ପଡ଼ିଆଠାରେ ଏକ ବିଶାଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ବିଜେଡି ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ଯୋଗ ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ସୁରେଶ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଦାସବର୍ମା କହିଛନ୍ତି, ଓଡ଼ିଶାର ରାଜନୀତି ଓ ସାଧାରଣ ଜୀବନରେ ବିଜୁ ପଟ୍ଟନାୟକ ଥିଲେ ଏକ ବିରଳ ବ୍ୟକ୍ତିତ୍ୱ। ସ୍ୱାଭିମାନୀ ଓ ସାହସିକତାର ସେ ଥିଲେ ଏକ ସର୍ବୋତ୍କୃଷ୍ଟ ଉଦାହରଣ ଓ ଅନନ୍ୟ ପ୍ରତୀକ। ସଭାରେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, କଣାସ ବ୍ଲକ ବିଜେଡି ସଭାପତି ସୁରେଶ ସାହୁ, ସତ୍ୟବାଦୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, କଣାସ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଶୀଲ ରାଉତ, ଜିଲା ପରିଷଦ ସଦସ୍ୟ ଭୀମସେନ ରାଉତରାୟ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବାବୁଲି ସ୍ୱାଇଁ, ବିଜେଡିର ବରିଷ୍ଠ ନେତୃବୃନ୍ଦ ଓ ନିର୍ବାଚିତ ପ୍ରତିନିଧି, ମହିଳା, ଯୁବ ଛାତ୍ର ପ୍ରମୁଖଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ।

## 'କଣାସ, ସତ୍ୟବାଦୀର ପ୍ରମୁଖ ସମସ୍ୟା ପାଇଁ ଲଢ଼େଇ କରିବି'

ସାକ୍ଷୀଗୋପାଳ,୧୮।୪(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ୍/ଭରତ ରାଉତ)

ସତ୍ୟବାଦୀ ବିଧାନସଭା ଆସନ ପାଇଁ କଂଗ୍ରେସରୁ ଟିକେଟ ପାଇବା ପରେ ଯୁବନେତା ମନୋଜ ରଥ କଣାସ ଓ ସତ୍ୟବାଦୀର ପ୍ରମୁଖ ସମସ୍ୟା ସମାଧାନ ପାଇଁ ଲଢେଇ କରିବେ ବୋଲି କହିଛନ୍ତି। ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କୁ ନେଇ ସେ ଗୁରୁବାର ସନ୍ଧ୍ୟାରେ ଶ୍ରୀ ସାକ୍ଷୀଗୋପାଳଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଗୋପବନ୍ଧୁ ଓ ପଞ୍ଚସଖାଙ୍କୁ ମାଲ୍ୟାର୍ପଣ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ପଞ୍ଚସଖାଙ୍କ ଐତିହ୍ୟସମ୍ପନ୍ନ ପୀଠ ବକୁଳବନ ସହିତ କୃଷି, କୃଷକ, ପାନୀୟ ଜଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ସୁରକ୍ଷା ଦିଗରେ ଅଧିକ ଧ୍ୟାନ ଦେବେ ବୋଲି କହିଛନ୍ତି। ସତ୍ୟବାଦୀ ବ୍ଲକ କଂଗ୍ରେସ କମିଟି ସଭାପତି ସୁବାସ ଚନ୍ଦ୍ର ମହାପାତ୍ର, ସତ୍ୟବାଦୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଜୟନ୍ତ ହୋତା, ବ୍ଲକ ଯୁବ କଂଗ୍ରେସ ସଭାପତି ଲିପ୍ତିକାନ୍ତ ପ୍ରଧାନ, ବିଶ୍ୱନାଥ ମହାପାତ୍ର, ବିଶ୍ୱଜିତ୍ ହୋତା, ହେମନ୍ତ ରାଉତ, ଗଣେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୨୦ ବର୍ଷ ପରେ ସତ୍ୟବାଦୀରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଥିବା ମନୋଜ ଓଡ଼ିଶା ବିଦ୍ୟୁତ୍ ପରିଷଦ ସଭାପତି ରହିଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ସହ ସାମିଲ ରହିଛନ୍ତି।



କଂଗ୍ରେସରୁ ସତ୍ୟବାଦୀର ପ୍ରାର୍ଥୀ ହୋଇଥିବା ମନୋଜ ରଥ ସାକ୍ଷୀଗୋପାଳଙ୍କୁ ଦର୍ଶନ ସାରି ଫେରୁଛନ୍ତି ।

# ଘରୋଇ ଜମିରେ ଢଳେଇ ରାସ୍ତା ନିର୍ମାଣ ଅଭିଯୋଗ

**କୋର୍ଟ ନିର୍ଦ୍ଦେଶକୁ ଅବମାନନା**

କୋଣାର୍କ,୧୮।୪(ଜ୍ୟୋତିରାଜ ମହାନ୍ତି):

କୋଣାର୍କ ଥାନା ଅଧୀନ ବନାଖଣ୍ଡି ଗ୍ରାମପଞ୍ଚାୟତର ଗୁଣ୍ଡି ଗ୍ରାମରେ ଗୋପ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଘରୋଇ ଜମି ଉପରେ ଢଳେଇ ରାସ୍ତା ନିର୍ମାଣ ଉପରେ କୋଣାର୍କ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଦାଲତଙ୍କ ରୋକ ଲଗାଯାଇଛି। ଏହା ସତ୍ତ୍ୱେ ଗ୍ରାମର କେତେଜଣ ବ୍ୟକ୍ତି ଜବରଦସ୍ତ ରାସ୍ତା ନିର୍ମାଣ କରିବା ଘଟଣାକୁ ନେଇ କୋଣାର୍କ ଥାନାରେ ଜମି ମାଲିକ ସନ୍ତୋଷ ମେକାପ ନ୍ୟାୟ ପ୍ରଦାନ ନିମନ୍ତେ ଅଭିଯୋଗ କରିଛନ୍ତି।

ଖବରରୁ ପ୍ରକାଶ, କୋଣାର୍କ ଥାନା ଅଧୀନ ଜୁଣେଇ ଗ୍ରାମର ସନ୍ତୋଷ ଗୁଣ୍ଡି ମୌଜାରେ ଥିବା ଚାଷ ଜମି ଦେଖିବାକୁ ଯାଇଥିବାବେଳେ ଉକ୍ତ ଜମି ଉପରେ ବ୍ଲକ ପ୍ରଶାସନ ପକ୍ଷରୁ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଥିବା କଂକ୍ରିଟ ରାସ୍ତା କାର୍ଯ୍ୟାଦେଶ ବଳରେ ୨ ଜଣ ବ୍ୟକ୍ତି ଓ ଅନ୍ୟ ଜଣେ ଅଚିହ୍ନା ଯୁବକ ମିଶି କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲେ। ଏହି ଘଟଣା ଦେଖିବା ପରେ ଜମି ମାଲିକ ସନ୍ତୋଷ ସେମାନଙ୍କ ପାଖକୁ ଯାଇ ଏହା ମୋର ବ୍ୟକ୍ତିଗତ ଜାଗା ଓ ଏହି ଜମି ଉପରେ ନିର୍ମାଣ ନ କରିବାକୁ କୋର୍ଟ ନିର୍ଦ୍ଦେଶ ରହିଛି ବୋଲି କହିବା ସହ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ କହିଥିଲେ। ଏଥିରେ ଉତ୍ୟକ୍ତ ହୋଇ ବିବାଦୀୟ ଜାଗାରେ ରାସ୍ତା ନିର୍ମାଣ କରୁଥିବା ବ୍ୟକ୍ତି ବିଶେଷମାନେ ସନ୍ତୋଷଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ସନ୍ତୋଷ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ବ୍ୟକ୍ତି ବିଶେଷମାନେ ତାଙ୍କୁ ଧମକ ଚମକ ଦେବା ସମୟରେ ଉକ୍ତ ସମୟର ଦୃଶ୍ୟକୁ ସନ୍ତୋଷ ନିଜ ମୋବାଇଲ ଫୋନରେ ଉତ୍ତୋଳନ କରୁଥିଲେ। ହେଲେ ସେମାନେ ମୋବାଇଲ ଫୋନ ଓ ୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ କୋଣାର୍କ ଥାନାରେ ଅଭିଯୋଗକାରୀ ଗତ ୧୨ ତାରିଖରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୋଣାର୍କ ଥାନା ପୋଲିସ ଏ ଘଟଣା ଉପରେ କୌଣସି ପଦକ୍ଷେପ ଗ୍ରହଣ କରିବା ବଦଳରେ ନୀରବତା ଅବଲମ୍ବନ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ବିବାଦୀୟ ଜାଗା ଉପରେ ଗୋପ ବ୍ଲକ ପ୍ରଶାସନ କେଉଁ ନିୟମ ଅଧାରରେ କୋର୍ଟ ଆଦେଶର ଅବମାନନା କରି ରାସ୍ତା ନିର୍ମାଣ କରୁଛି, ତାହା ବୁଦ୍ଧିଜୀବୀ ମହଲରେ ପ୍ରଶାସନର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସମ୍ପର୍କରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରେ, ଅଭିଯୋଗକୁ ଭିତ୍ତି କରି ଅନୁସନ୍ଧାନ ଚାଲିଛି। ଖୁବଶୀଘ୍ର ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ପିପିଲିରେ ୪ଶହ ଚୋରା ଦେଶୀ ମଦଦୋକାନ

**ଉଜୁଡ଼ିଗଲାଣି ଶତାଧିକ ପରିବାର**

ପିପିଲି,୧୮।୪(ପ୍ରଭାତ ମହାପାତ୍ର):

ପିପିଲି ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୪ ଶହରୁ ଅଧିକ ଚୋରା ଦେଶୀମଦ ଦୋକାନ ଖୋଲିଥିବା ସଙ୍ଗିନ ଅଭିଯୋଗ ହୋଇଛି। ଦେଶୀ ମଦ ବେଆଇନ ବିକ୍ରି ପାଇଁ ଏଠାରେ ବିଭାଗ ପକ୍ଷରୁ ସବୁ ଆଇନ କାନୁନକୁ ଢିଲା କରାଯାଇଛି। ବିଭାଗ ଏଠାର ଚୋରା ମଦ ବେପାରୀଙ୍କ ନିକଟରେ ହାତ ଟେକି ଦେଇଛି ବୋଲି ବୁଦ୍ଧିଜୀବୀ ସମାଲୋଚନା କରୁଛନ୍ତି।

ପ୍ରାୟ ଗାଁରେ ଦେଶୀ ମଦ କାଉଣ୍ଟର ଖୋଲିଛି। ପ୍ରତିବାଦ କଲେ ମଦ ମାଫିଆମାନେ ଲୋକଙ୍କୁ ଧମକ ଚମକ ଦେଉଛନ୍ତି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହି ଚୋରା ବେପାରୀଙ୍କୁ ବିଭାଗ ପ୍ରୋତ୍ସାହିତ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପିପିଲିରେ ଗୋଟିଏ ସରକାରୀ ଦେଶୀ ମଦ ଦୋକାନ ରହିଥିବାବେଳେ ସେଠାରୁ ସବୁଦିନ ବିଭିନ୍ନ ଗାଁ ସାହିକୁ ଚୋରା କାରବାର କରାଯାଉଛି। ଅଭିଯୋଗ କଲେ ପୋଲିସ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ବଦଳରେ ନୀରବ ରହୁଛି। ମୋଟାମୋଟି କହିବାକୁ ଗଲେ ପୋଲିସ ଜାଣତରେ ଓ ମଦ ମାଫିଆଙ୍କ ସାଲିସରେ ଗାଁ ଗହଳିରେ ମଦ କାରବାର ବୃଦ୍ଧି ପାଇଛି। ଫଳରେ ସାଧାରଣ ଲୋକେ ନିୟମିତ ଏହି ଦେଶୀମଦ ପିଇ ଘରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏଥିସହ ରୋଗାକ୍ରାନ୍ତ ହୋଇ ଗତ ୭ ବର୍ଷ ମଧ୍ୟରେ ଅଞ୍ଚଳର ଶତାଧିକ ଗରିବଗୁରୁବାଙ୍କ ଜୀବନ ଯାଇଥିବାବେଳେ ସେମାନଙ୍କ ପରିବାର ଉଜୁଡ଼ି ଯାଇଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ପିପିଲି ଏନ୍‌ଏସି ସମେତ ପିପିଲି ବ୍ଲକ ଅଧୀନ ୨୫ଟି ପଞ୍ଚାୟତରେ ୪ଶହରୁ ଅଧିକ ଦେଶୀ ମଦ ଦୋକାନ ଖୁଲମଖୁଲା ଚାଲୁଛି ବୋଲି ଅଭିଯୋଗ ହୋଇଛି। ଏବେ ମଦ ମାଫିଆମାନେ ନୂଆ ତରିକାରେ ସାଇକେଲ ଓ ବାଇକରେ ଗାଁ ଗାଁ ବୁଲି ଦେଶୀ ମଦ ବିକ୍ରି କରୁଛନ୍ତି। ଗତ କିଛିମାସ ମଧ୍ୟରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବାବେଳେ ସେମାନଙ୍କଠାରୁ ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ପରିମାଣ କମ୍ ଦର୍ଶାଯାଉଛି। ଫଳରେ ଅଭିଯୁକ୍ତ ଜାମିନରେ ଆସି କ୍ଷତିଭରଣା ପାଇଁ ପୁଣି ଅଧିକ ଚୋରା ବେପାର କରୁଛନ୍ତି, ହେଲେ ଆଖିଦୃଶିଆ ସଫଳତା ମିଳୁନାହିଁ। କାଁ ଭାଁ କିଛି ମଦ ଜବତ କରି ବିଭାଗ ଦାୟିତ୍ୱ ତୁଲାଉଛି। ତେବେ ଏହି ଚୋରା ଦେଶୀ ମଦ କେଉଁ ଅଧିକୃତ ବିକ୍ରେତାଙ୍କଠାରୁ ଆସୁଛି ତା'ର ତଦନ୍ତ କରାଯାଉନି। ନୟାଗଡ଼ ଓ ଡେଲାଙ୍ଗ ଅଞ୍ଚଳରୁ ପିପିଲିକୁ ଦେଶୀ ମଦ ଆସୁଥିବା ଜଣେ ଚୋରା ବେପାରୀ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ଗାଁରେ ଘର ପାଖରେ ମଦ ମିଳୁଥିବାରୁ ପ୍ରତିଦିନ ଆଇନ ଶୃଙ୍ଖଳା ବିଗୁଡୁଛି। ଏକାଧିକ ପାରିବାରିକ ହିଂସା ମଧ୍ୟ ଉପୁଜୁଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଜେଡିର ବାଇକ୍ ଶୋଭାଯାତ୍ରା

ଡେଲାଙ୍ଗ/ପିପିଲି,୧୮।୪(ରଶ୍ମିରଞ୍ଜନ ପ୍ରଧାନ/ ଦୁର୍ଗା ମାଧବ ମିଶ୍ର):



ବିଭିନ୍ନ ମନ୍ଦିର ପରିଦର୍ଶନ କରିବା ସହ ରୁଦ୍ର ପ୍ରତାପ ମହାରଥୀ ଶୋଭାଯାତ୍ରାରେ ବାହାରିଛନ୍ତି ।

ଡେଲାଙ୍ଗ ବ୍ଲକର ବେରବୋଇ ଓ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତରେ ଗୁରୁବାର ବିଜେଡିର ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେରବୋଇ ପଞ୍ଚାୟତର ବୁଆଲିଠାରୁ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଆଇତିନତୁଆ, ରାଉତ ସାହି, ବ୍ରହ୍ମେଶ୍ୱରପୁର, ମଣିଜିପୁର, ମଝିଆ ସାହି, ଗଉଡ଼ ସାହି, ସ୍ୱାଇଁ ସାହି, ଉଦୟପୁର, ଡଁପୁର, ପାଞ୍ଚବାଟିଆ ପ୍ରଭୃତି ଗ୍ରାମ ପରିକ୍ରମା କରି ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତ ଅଭିମୁଖେ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ୩ ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ସାମିଲ ହୋଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ୨ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କୁ ଫୁଲମାଳ ଓ ବନ୍ଦାପନା କରି ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରାରେ ମହାରଥୀ ବୁଲୁଥିବାବେଳେ ୮୦ ବର୍ଷର ଜଣେ ବୃଦ୍ଧା ତାଙ୍କୁ ଆଶୀର୍ବାଦ କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ବିଜେଡିର ହାତମୁଠାକୁ ଟାଣ କରିବାକୁ ମହାରଥୀ ଭୋଟ ଭିକ୍ଷା କରିଥିଲେ। ଶୋଭାଯାତ୍ରାରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ବେରବୋଇ ପଞ୍ଚାୟତ ସଭାପତି ସୁରେନ୍ଦ୍ର ସ୍ୱାଇଁ, ଦେବରାଜ ସ୍ୱାଇଁ, ନାଏବ ସରପଞ୍ଚ ପ୍ରତିନିଧି ରାଜେଶ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ରାଉତ, ବିନାୟକ ସ୍ୱାଇଁ, ବରିଷ୍ଠ କର୍ମୀ ବାସୁଦେବ ଜେନା, ଯୁବନେତା ବବୁଲ୍ ଦଳାଇ, ପ୍ରଳୟ ରଞ୍ଜନ ପ୍ରଧାନ, ମହିଳା ସଂଘ ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ, ସମ୍ପାଦିକା ସୁମିତ୍ରା ଦାସ, ପବିତ୍ର ପରିଡ଼ା, ଡମ୍ବରୁ ଦଳାଇ, ବାଲୁଙ୍କେଶ୍ୱର ମହାପାତ୍ର, ଶ୍ରୀପୁରୁଷୋତ୍ତମପୁର ସରପଞ୍ଚ ହିରଣ୍ୟମୟୀ ମହାପାତ୍ର, ସମିତିସଭ୍ୟ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ପିପିଲିରେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ଘରକୁ ଘର ବୁଲି ଦଳ ସପକ୍ଷରେ ଭୋଟ ମାଗିଥିଲେ। ଉତ୍ତରା ଛକ ଦୁଲାଦେଈ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପୂବା, ଗୋବିନ୍ଦପୁର, ଦୁର୍ଗାଦାଶପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ନିର୍ବାଚନରେ ବିଜେଡିର ବିଜୟ ହେବ ବୋଲି ରୁଦ୍ର କହିଛନ୍ତି।

## ସଂକ୍ଷେପରେ

### ଡକାୟତି ଯୋଜନା ବେଳେ ୫ ଗିରଫ



ଚୌଦ୍ୱାର,୧୮।୪(ଆଶୁତୋଷ ଦାସ)

ଏକ ଅଳଙ୍କାର ଦୋକାନରୁ ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଆଗ୍ରାହାଟ ଗ୍ରାମର ରାମଚନ୍ଦ୍ର ସାହୁ, ଓଟିଏମ୍ କଲୋନିର ଶ୍ରୀକାନ୍ତ ପରିଡ଼ା, ହେମନ୍ତ ଡୋରା, ସୁକାନ୍ତ ସ୍ୱାଇଁ ଓ ଚୌଦ୍ୱାର ତଳ ବଜାରର ଜଗନ୍ନାଥ ସାମଲ। ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ ଓ କିଛି ମାରଣାସ୍ତ୍ର ଜବତ କରାଯାଇଛି। ପୋଲିସ ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ବନ୍ଦାଳ-ମଙ୍ଗଳପୁର ରାସ୍ତାର ଏକ ନିଛାଟିଆ ସ୍ଥାନରେ କେତେଜଣ ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୨୦/୨୪) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

### ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଓଭରସିୟରଙ୍କ ପରଲୋକ

ମଙ୍ଗୁଳି-ଜଗତପୁର,୧୮।୪(ମାନସ ସାମଲ)



ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଓଭରସିୟର ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ କପାଳେଶ୍ୱର ନୂଆସାହିର ନିକୁଞ୍ଜ କିଶୋର ଦାଶ(୯୩)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ୧୪ତାରିଖ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ଯନ୍ତ୍ରଣା ଅଧିକ ହେବାରୁ ୧୬ ତାରିଖରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପରେ କଟକ ବିଜୁ ପଟ୍ଟନାୟକ ପାର୍କ ନିକଟସ୍ଥ ଗୋରାକବରରେ ତାଙ୍କ ମରଶରୀରକୁ କବର ଦିଆଯାଇଥିଲା। ବଡପୁଅ ସୁଜୟ କୁମାର ଦାସ, ସାନପୁଅ ସଞ୍ଜୟ କୁମାର ଦାସ, ଝିଅ ଲିପିକା ଦାସ, ଦୀପିକା ଦାସ, ସ୍ତ୍ରୀ ପୂର୍ଣ୍ଣିମା ଦାସ, ବୋହୂ ପିକୁଲ ଦାସ, ସଞ୍ଜିତା ଦାସଙ୍କ ସମେତ ନାତୁଣୀ, ନାତି ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଶେଷ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଚୌଦ୍ୱାରସ୍ଥିତ ବଲାରପୁର ପେପର ମିଲ୍ କମ୍ପାନୀରେ ଇଲେକ୍ଟ୍ରିକାଲ ଓଭରସିୟର ଭାବେ ନିକୁଞ୍ଜ କାର୍ଯ୍ୟ କରି ୧୯୯୧ରେ ଅବସର ନେଇଥିଲେ।

# ମେ’ ୧୦ ସୁଦ୍ଧା ସରିବ ପ୍ରଫେସରପଡ଼ାରୁ ଛତ୍ରବଜାର ବକ୍ସଡ୍ରେନ୍ ନିର୍ମାଣ

କଟକ,୧୮।୪(କାର୍ତ୍ତିକ ସାହୁ)

**ହାଇକୋର୍ଟରେ କଟକ ସହର ସମସ୍ୟା**



ହାଇକୋର୍ଟରେ କଟକ ସହର ସମସ୍ୟା ମାମଲାରେ ବକ୍ସଡ୍ରେନ ନିର୍ମାଣ ସଂକ୍ରାନ୍ତୀୟ ମାମଲାର ଶୁଣାଣି ଗୁରୁବାର ହୋଇଥିଲା। ଏହି ଶୁଣାଣିବେଳେ ପ୍ରଫେସରପଡାଠାରୁ ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଆସନ୍ତା ମେ’ ୧୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ୱାଟ୍‌କୋ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ତେବେ ପଟାପୋଲଠାରୁ ମାତୃଭବନ ପର୍ଯ୍ୟନ୍ତ ବକ୍ସଡ୍ରେନ୍ ଲାଗି କେତେ ଅର୍ଥ ଖର୍ଚ୍ଚ ହେବ ସେ ସମ୍ପର୍କରେ ଜଣାଇବା ପାଇଁ ଯାନ୍ତ୍ରିକ କମିଟିକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଅପରପକ୍ଷରେ ଏହି ପ୍ରକଳ୍ପ ଉଦ୍‌ଘାଟନ ପରେ ବି ଅଧାପନ୍ତରିଆ ରହିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଫେବୃଆରୀ ଶେଷ ସପ୍ତାହରେ ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପଟାପୋଲରୁ ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ ନିର୍ମାଣ କରାଯାଉଥିବାବେଳେ ଛତ୍ରବଜାରଠାରୁ ମାତୃଭବନ ଯାଏ ଖୋଲାଡ୍ରେନ କରାଯାଉଛି। ଏହାଦ୍ୱାରା ପ୍ରକଳ୍ପଟି ଅଧାପନ୍ତରିଆ ରହିଯିବ ବୋଲି ଆବେଦନକାରୀ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ହାଇକୋର୍ଟଙ୍କୁ ଜଣାଇଥିଲେ। ଏଥିସହ ଆଗକୁ ବର୍ଷାଋତୁ ଆସୁଥିବାରୁ ଏ କ୍ଷେତ୍ରରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ କାର୍ଯ୍ୟ ବିଳମ୍ବ ହେବାର ସମ୍ଭାବନା ରହିଥିବା ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଶୁକ୍ରବାର ସହରର ରାସ୍ତାଘାଟ ସମସ୍ୟା ସଂକ୍ରାନ୍ତୀୟ ମାମଲାର ଶୁଣାଣି ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ବକ୍ସିବଜାର ନିକଟ ପଟାପୋଲଠାରୁ ମାତୃଭବନ ପର୍ଯ୍ୟନ୍ତ ସହରର ମୁଖ୍ୟ ନର୍ଦ୍ଦମା ଉପରେ ବକ୍ସଡ୍ରେନ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ଏହାର ନିର୍ମାଣ କାର୍ଯ୍ୟରେ ବହୁ ବିଳମ୍ବ ହେଉଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଛତ୍ରବଜାରଠାରୁ ମାତୃଭବନ ପର୍ଯ୍ୟନ୍ତ ବକ୍ସଡ୍ରେନ ନ କରି କେବଳ ନର୍ଦ୍ଦମା ପାର୍ଶ୍ୱରେ କଂକ୍ରିଟ ବାଡ଼ା ଉଠାଇବା ଲାଗି ବିଭାଗୀୟ ନିଷ୍ପତ୍ତି ହୋଇଥିଲା। ଏହି ପ୍ରକଳ୍ପ ସହରର ଜୀବନଧାରା ସହ ଯୋଡ଼ିହୋଇ ରହିଥିବାରୁ ଆବେଦନକାରୀ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ପୂର୍ବ ଯୋଜନା ମୁତାବକ ମାତୃଭବନ ସ୍କୁଲ ପର୍ଯ୍ୟନ୍ତ ବକ୍ସଡ୍ରେନ ନିର୍ମାଣ ଲାଗି ଆଦେଶ ଦେବାକୁ ସେ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଏହା ନହେଲେ ପୂର୍ବବତ୍ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବ ବୋଲି ସେ ଆବେଦନରେ ଦର୍ଶାଇଛନ୍ତି।

### ସତ୍ୟବ୍ରତ ଷ୍ଟାଡିୟମ ପରିଦର୍ଶନକଲେ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର

କଟକ, ୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ସିଏମ୍‌ସି ମେୟର ସୁବାସ ସିଂ ଗୁରୁବାର ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ସଂତୃପ୍ତ ପ୍ରାତଃଭ୍ରମଣ କରିବାବେଳେ ଭୋଟରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ନିର୍ବାଚନରେ ବିଜୟୀ ହେଲେ ବାକିଥିବା ଅସୁବିଧାକୁ ଦୂର କରିବା ପାଇଁ ଚେଷ୍ଟା କରିବେ ବୋଲି ସଂତୃପ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ବସନ୍ତ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, କ୍ରୀଡାବିତ୍ ଦିଲୀପ କୁମାର ସାହୁ, ସାଗର କିଶୋର ନାୟକ, ରାଜେନ୍ଦ୍ର ମଲ୍ଲିକ, ଲକ୍ଷ୍ମୀ ନାରାୟଣ ସାହୁ ଓ ଅଶ୍ୱିନୀ ମହାନ୍ତି ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ଉତ୍କଳ ସାହିତ୍ୟ କଳା ପରିଷଦ ଅନୁଷ୍ଠାନର ୩୭ତମ ସମାବର୍ତ୍ତନ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଅତିଥିବୃନ୍ଦ।

### ଚା’ରେ ନିଶା ଔଷଧ ଦେଇ ଲୁଟ୍ କରିଥିଲେ

ଫୁଲନଖରା,୧୮।୪(ସତ୍ୟରଞ୍ଜନ ଦାସମହାପାତ୍ର)

- ୨ ଅଭିଯୁକ୍ତ ଗିରଫ
- ମୋବାଇଲ, ଟଙ୍କା, ନିଶା ଔଷଧ ଜବତ

କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଅଣ୍ଡର ପାସ୍ ନିକଟରେ ମାଂସ ଦୋକାନୀଙ୍କୁ ଚା’ରେ ନିଶା ଔଷଧ ଦେଇ ଲୁଟ୍ କରିବା ଘଟଣାରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ସୁଭଦ୍ରାନଗରରେ ରହୁଥିବା ବୈଦେଶ୍ୱର ଥାନା ଅଞ୍ଚଳର ଅଜୟ କୁମାର ବେହେରା(୩୮) ଓ ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହା ଗ୍ରାମରେ ରହୁଥିବା ଜଗତ୍‌ସିଂହପୁର ଏରସମା ଅଞ୍ଚଳର ବିକ୍ରମ ବିଶ୍ୱାଳ(୩୮)। ସେମାନଙ୍କଠାରୁ ୩ଟି ମୋବାଇଲ, ୫ହଜାର ଟଙ୍କା, ଆଧାରକାର୍ଡ ଓ କିଛି ନିଶା ଔଷଧ ଜବତ କରାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଗୋପାଳପୁର ଅଣ୍ଡର ପାସ୍ ନିକଟରେ ନିଆଳି ଥାନା ଅଡଙ୍ଗ ଗ୍ରାମର ମେହେରବାନ୍ ଶା ଦୀର୍ଘଦିନ ହେବ ମାଂସ ଦୋକାନ କରିଛନ୍ତି। ଗତ ମାର୍ଚ୍ଚ ୨୯ ତାରିଖ ସକାଳେ ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ଆସି ଉକ୍ତ ଦୋକାନ ନିକଟରେ ପହଞ୍ଚିଥିଲେ। ମେହେରବାନ୍ ଓ ଦୋକାନକୁ ଆସିଥିବା ଗ୍ରାହକ ସନ୍ତୋଷ କୁମାର ନାୟକଙ୍କୁ ସେମାନେ ଚା’ରେ ନିଶା ଔଷଧ ମିଶାଇ ପିଇବାକୁ ଦେଇଥିଲେ। ପରେ ସେଠାରେ ସେମାନେ ଅଚେତ ହୋଇପଡିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ମେହେରବାନ୍‌ଙ୍କ ମୋବାଇଲ ଓ ଦୋକାନ କ୍ୟାଶ କାଉଣ୍ଟରରୁ ୩୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଖବରପାଇ ମେହେରବାନ୍‌ଙ୍କ ଭଣଜା ଏସ୍. କେ. ଆସିକ୍ ପହଞ୍ଚି ମେହେରବାନ୍‌ଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ଏନେଇ ଆସିକ୍ କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୭୦/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ଅଜୟଙ୍କ ନାମରେ ପୂର୍ବରୁ କଟକ କ୍ୟାଣ୍ଟନମେଣ୍ଟ ଥାନାରେ ୨ଟି ଆପରାଧିକ ମାମଲା ଓ ବିକ୍ରମଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୨୩ଟି ଆପରାଧିକ ମାମଲା ଥିବା ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

## ଧାରଣାରେ ବସିଲେ ଗଣମାଧ୍ୟମ ପ୍ରତିନିଧି




ଦୁର୍ବ୍ୟବହାର ପ୍ରତିବାଦରେ ଖବରଦାତାମାନେ ଧାରଣାରେ ବସିଛନ୍ତି।

କଟକ,୧୮।୪ (କାର୍ତ୍ତିକ ସାହୁ)

**ଖବରଦାତାଙ୍କୁ ସିଡିଏମ୍‌ଓଙ୍କ ଦୁର୍ବ୍ୟବହାର**

କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ମକରନ୍ଦ ବେଉରା ନିଜ ଦପ୍ତରରେ ଜଣେ କାର୍ଯ୍ୟରତ ଖବରଦାତାଙ୍କ ପ୍ରଶ୍ନରେ ଉତ୍ତେଜିତ ହୋଇ ଦୁର୍ବ୍ୟବହାର କରିବା ସହ ନିଜ ପ୍ରକୋଷ୍ଠରୁ ବାହାରିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିରୋଧ କରି କଟକରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ସିଡିଏମ୍‌ଓଙ୍କ ଦପ୍ତର ସମ୍ମୁଖରେ ଗୁରୁବାର ପ୍ରବଳ ଖରାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ। କିଛି ସମୟ ପରେ ସିଡିଏମ୍‌ଓ ବେଉରା ଓ ସହକାରୀ ଜିଲା ଚିକିତ୍ସାଧିକାରୀ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ଖବରଦାତାମାନଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ଘଟଣାକୁ ଏକ ଭୁଲ୍ ବୁଝାମଣା କହି ଏପରି ଘଟଣା ଆଉ ଘଟିବ ନାହିଁ ବୋଲି କହିଥିଲେ। ଏହାପରେ ଖବରଦାତା ମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ। ତେବେ ଏହାକୁ ନେଇ ଦୁର୍ବ୍ୟହାରର ଶିକାର ହୋଇଥିବା ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଦୀପେଶ କୁମାର ମହାପାତ୍ର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜଣେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଏଭଳି ବ୍ୟବହାରକୁ ନେଇ ସେ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ସହରର ବିଭିନ୍ନ ଦପ୍ତରରେ କାର୍ଯ୍ୟରତ ସରକାରୀ ଅଧିକାରୀ ବହୁ ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏତାଦୃଶ ବ୍ୟବହାର ଓ ଅସହଯୋଗ କରୁଥିବାରୁ ଉଚିତ୍ ତଥ୍ୟ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରୁନାହିଁ। ଆଗାମୀ ଦିନରେ ଏ ଦିଗରେ ପ୍ରତିକାରମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ସୂଚନା ଦେଇଛନ୍ତି।

### ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

କଟକ ସଦର,୧୮।୪(ସୁଶାନ୍ତ କୁମାର ଜେନା)

ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ସୌମ୍ୟରଞ୍ଜନ ଦେବତା(୩୨)। ତାଙ୍କଠାରୁ ୨୧ ଗ୍ରାମ୍ ୫୭୦ ମିଲିଗ୍ରାମ୍ ବ୍ରାଉନ୍‌ସୁଗାର, ୧ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ୍ ଓ ଅଟୋ ଜବତ କରାଯାଇଛି। ବୁଧବାର ଅଭିଯୁକ୍ତ ଜଣଙ୍କ ଏକ ଅଟୋ(ନଂ.ଓଡ଼ି୦୫ବିଏନ୍-୯୧୦୭)ରେ ଆସି ସୁନଦେଇ ଠାକୁରାଣୀ ନିକଟରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୧୩୫/୨୪) ରୁଜୁହୋଇଛି।

### କିଶନନଗରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କଟକ ସଦର, ୧୮।୪(ସୁଶାନ୍ତ କୁମାର ଜେନା)

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଗୁରୁବାର କିଶନନଗର ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ ମିଳିତ ଭାବେ ଫ୍ଲାଗ୍‌ମାର୍ଚ୍ଚ କରିଛି। ଏହି ଥାନା ଅଞ୍ଚଳର ହୁଲିପୁର, ବିଶ୍ୱାଳପଡାରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଲୋକମାନେ ନିର୍ଭୟରେ ମତଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ପୋଲିସ ଜାଗ୍ରତ ରହିଛି ବୋଲି ଲୋକଙ୍କୁ ଆଶ୍ୱାସନା ଦିଆଯାଇଥିଲା।

### ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର



ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଲୋକଙ୍କ ସହିତ ଆଲୋଚନା କରୁଚନ୍ତି।

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

ନିର୍ବାଚନ ପାଇଁ ସରଗରମ ହୋଇଛି କଟକ ସହର। ପ୍ରାର୍ଥୀମାନେ ବିଭିନ୍ନ ସ୍ଥାନକୁ ଯାଇ ପ୍ରଚାର କରିବା ସହ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଲୋକଙ୍କ ନିକଟତର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କଟକ ମହାନଗର ନିଗମ(ସିଏମ୍‌ସି)ର ୨୧ ନମ୍ବର ୱାର୍ଡରେ ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା ଲୋକମାନଙ୍କୁ ଭେଟି ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ୱାର୍ଡରେ ଥିବା ମା’ ଗୋସାମଣୀ ମନ୍ଦିରକୁ ଯାଇ ମା’ଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏହାପରେ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ତଥା ସାହିର ମୁରବି ଭିକାରି ଦାସଙ୍କ ସମେତ ସାହିର ବରିଷ୍ଠ ସଦସ୍ୟ, ମହିଳା, ଯୁବକଙ୍କ ନିକଟତର ହୋଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ନିୟମିତ ଚିକିତ୍ସା, ଔଷଧ ଖାଇଲେ ରୋଗ ଦୂରେଇହେବ




ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)

**ବିଶ୍ୱ ହିମୋଫିଲିଆ ଦିବସ**

ଏସ୍‌ସିବି ମେଡିକାଲ ପୁରୁଣା ଅଡିଟୋରିୟମରେ ଗୁରୁବାର ବିଶ୍ୱ ହିମୋଫିଲିଆ ଦିବସ ପାଳିତ ହୋଇଯାଇଛି। ହେମାଟୋଲୋଜି ବିଭାଗୀୟ ମୁଖ୍ୟ ଡା. ସୁଧା ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତି ଯୋଗଦେଇ କହିଛନ୍ତି, ହିମୋଫିଲିଆ ରୋଗ ପାଇଁ ଔଷଧ ରହିଛି। ଓଡ଼ିଶା ସରକାର ମଧ୍ୟ ଏହି ରୋଗୀଙ୍କ ପାଇଁ ବହୁ ସୁବିଧା କରିଛନ୍ତି। ଏହି ରୋଗ ସମ୍ପୂର୍ଣ୍ଣ ଭଲ ନ ହୋଇ ପାରିଲେ ସୁଦ୍ଧା ନିୟମିତ ଚିକିତ୍ସା ସହିତ ଔଷଧ ଖାଇଲେ ଏହି ରୋଗ ଦୂରେଇ ହେବ ବୋଲି ସେ କହିଛନ୍ତି। ସେହିପରି ମୁଖ୍ୟବକ୍ତା ଭାବେ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ କହିଛନ୍ତି, ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ହିମୋଫିଲିଆ ରୋଗୀଙ୍କ ସୁସ୍ଥତା ପାଇଁ ମେଡିକାଲ ପକ୍ଷରୁ ସର୍ବଦା ଚେଷ୍ଟା ଜାରି ରହିଛି। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଡା. ଦୀନବନ୍ଧୁ ସାହୁ, ଏସ୍‌ସିବି ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ, ଡା. ସତ୍ୟ ନାରାୟଣ ରାଉତରାୟ ଯୋଗଦେଇଥିଲେ। ପ୍ରଫେସର ଆର୍.କେ. ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉକ୍ତ ଅଡିଟୋରିୟମରେ ଇନ୍‌ହିବିଟର ସ୍କ୍ରିନିଂ ଓ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ଏସ୍‌ସିବି ମେଡିକାଲ ପରିସରରେ ଉକ୍ତ ବିଭାଗ ପକ୍ଷରୁ ୱାକାଥନ୍ ଆୟୋଜନ କରାଯାଇଥିଲା। ଏଥିରେ ସିନେତାରକା, ଡାକ୍ତର, ମେଡିକାଲ ଛାତ୍ରୀଛାତ୍ର, କର୍ମଚାରୀ ଓ ସାମାଜିକ ଅନୁଷ୍ଠାନର ସଦସ୍ୟ ଯୋଗଦେଇଥିଲେ।

# ମେ’ ଦ୍ୱିତୀୟ ସପ୍ତାହରୁ ରବିଧାନ କ୍ରୟ

କଟକ,୧୮।୪(କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ରବିଧାନ କ୍ରୟ କମିଟି ବୈଠକ**



ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସମେତ ଅନ୍ୟମାନେ।

କଟକ ଜିଲାରେ ଚଳିତବର୍ଷ ରବି ଧାନ କ୍ରୟ ନିମନ୍ତେ ସମସ୍ତ ପ୍ରସ୍ତୁତି କରାଯାଇଛି। ଚାଷୀଙ୍କଠାରୁ ମଣ୍ଡିରେ ଧାନ ସଂଗ୍ରହ କରାଯାଇ ମିଲରମାନଙ୍କ ଜରିଆରେ ସଙ୍ଗେସଙ୍ଗେ ଉଠାଣ ବ୍ୟବସ୍ଥା କରାଯିବ। ଆସନ୍ତା ମେ’ ଦ୍ୱିତୀୟ ସପ୍ତାହରୁ ରବିଧାନ କ୍ରୟ ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଏଥିନିମନ୍ତେ ୧୨ଜଣ ମିଲରଙ୍କ ଜରିଆରେ ଧାନ କ୍ରୟ ପାଇଁ ନିଷ୍ପତ୍ତି ହୋଇଛି। ଗତବର୍ଷ ଧାନ କ୍ରୟ ନିମନ୍ତେ ୩,୨୭୮ଟି ପଞ୍ଜୀକୃତ ସମବାୟ ସମିତି ଥିବାବେଳେ ଚଳିତବର୍ଷ ଅଦ୍ୟାବଧି ୨,୫୨୧ଟି ସମବାୟ ସମିତି ପଞ୍ଜୀକରଣ କରିଥିବା ଜଣାପଡିଛି। ଚଳିତବର୍ଷ ରବି ଧାନ କ୍ରୟ ନିମନ୍ତେ ଜିଲାସ୍ତରୀୟ ରବିଧାନ କ୍ରୟ କମିଟି ବୈଠକରେ ଗୁରୁବାର ଏନେଇ ବିସ୍ତୃତ ଆଲୋଚନା ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା ହୋଇଛି। ଝଡ଼ବର୍ଷା ଜନିତ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା କରାଯାଇ ଏହାଦ୍ୱାରା ଅମଳ ହୋଇଥିବା ଶସ୍ୟର ସୁରକ୍ଷିତ ସଂରକ୍ଷଣ ଏବଂ ଅମଳ ହୋଇ ନ ଥିବା ଶସ୍ୟକୁ ସୁରକ୍ଷିତ ରଖିବା ଦିଗରେ ସଂପୃକ୍ତ ଅଧିକାରୀମାନେ ପ୍ରଯତ୍ନ କରିବାକୁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ଚାଷୀମାନଙ୍କର କ୍ଷେତ ପରିଦର୍ଶନ କରି ଯାଞ୍ଚ ପୂର୍ବକ ସେମାନଙ୍କର ସୂଚୀ ତାଲିକା ପ୍ରସ୍ତୁତ କରିବା ପାଇଁ ସମବାୟ ସମିତି ଉପନିବନ୍ଧକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ରବି ଧାନ କ୍ରୟ ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ନୀତି ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ୩୦ଟି ସମବାୟ ସମିତି ଓ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଚାଷୀଙ୍କଠାରୁ ରବିଧାନ ସଂଗ୍ରହ କରିବା ପାଇଁ ବୈଠକରେ ସ୍ଥିର ହୋଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର କର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ବିଭାଗୀୟ ଅଧିକାରୀ, ବିଭିନ୍ନ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ଏଆର୍‌ସିଏସ୍, ମିଲରମାନଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ବହୁ କୋଟି ଠକିଥିବା ଦମ୍ପତି ସମେତ ୪ ଗିରଫ

**ଟେଲିଗ୍ରାମ-ମ୍ୟୁଲ୍ ଆକାଉଣ୍ଟ ସ୍କାମ୍‌ର ପର୍ଦ୍ଦାଫାଶ**

- ୩ ଜେଲ ଗଲେ, ମହିଳାଙ୍କୁ ନୋଟିସ ଦେଇ ଛାଡିଲା ପୋଲିସ
- ମୋବାଇଲ,ଟଙ୍କା ନେଣଦେଣ ସମ୍ପର୍କିତ ତଥ୍ୟ ଜବତ

ଭୁବନେଶ୍ୱର,୧୮।୪ (ସୂର୍ଯ୍ୟକାନ୍ତ ବେହେରା)

ଟେଲିଗ୍ରାମ ଜରିଆରେ ଠକେଇ ଜାଲ ବିଛାଉଥିଲେ। ଯେଉଁ ବ୍ୟକ୍ତି ଜାଲରେ ପଡୁଥିଲେ ସେମାନଙ୍କୁ ଲୋଭ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ। ଏପରିକି ଲୋକଙ୍କ ନାଁରେ ମ୍ୟୁଲ ଆକାଉଣ୍ଟ ଖୋଲି ବେଆଇନ ଭାବେ ଟଙ୍କା କାରବାର କରୁଥିଲେ। ଏଭଳି ତରିକାରେ ଶତାଧିକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଏକ ର୍ୟାକେଟକୁ ଭୁବନେଶ୍ୱର ସାଇବର ଥାନା ପୋଲିସ ଧରିଛି। ଜଣେ ବ୍ୟକ୍ତିଙ୍କୁ କମ୍ ଟଙ୍କା ନିବେଶ କଲେ ଅଧିକ ଫେରସ୍ତ ଦେବାର ପ୍ରତିଶ୍ରୁତି ଦେଇ ୧୧ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ପୋଲିସ ଭୁବନେଶ୍ୱରରୁ ଦମ୍ପତିଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ତୃପ୍ତି ରଞ୍ଜନ ପାତ୍ର ଓ ତାଙ୍କ ସ୍ତ୍ରୀ ବନଲତା ସାହୁ, ନୀହାର ରଞ୍ଜନ ପାଇକରାୟ ଏବଂ ବଲାଙ୍ଗୀରର ମାନସ ରଞ୍ଜନ ସୁନା। ସେମାନଙ୍କଠାରୁ ମୋବାଇଲ ଫୋନ୍, ଖୋଲାଯାଇଥିବା ମ୍ୟୁଲ ଆକାଉଣ୍ଟର ତାଲିକା, ଟେଲିଗ୍ରାମ ଓ ହ୍ୱାଟ୍ସଆପ୍ ଚାଟର ସ୍କ୍ରିନ ଶଟ୍ ସହ କୋଟିଏରୁ ଅଧିକ ଟଙ୍କା କାରବାର ହୋଇଥିବା ସମ୍ପର୍କିତ ତଥ୍ୟ ଜବତ ହୋଇଛି। ଏନେଇ ପୋଲିସ ମାମଲା (ନଂ ୨୩/୨୦୨୪) ରୁଜୁ କରି ଅଭିଯୁକ୍ତ ତୃପ୍ତି, ମାନସ ଓ ନୀହାରଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ୩ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହେଲେ ବନଲତାଙ୍କର ୨ ଛୋଟ ପିଲା ଥିବାରୁ ତାଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିବା ପୋଲିସ କହିଛି। ଅନ୍ୟପକ୍ଷରେ ଏହି ର୍ୟାକେଟର ମୁଖ୍ୟ ଧରାପଡି ନ ଥିବାରୁ ପୋଲିସ ତାଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ଼ କରୁଥିବା ଜଣାପଡିଛି। ତେବେ ଅଭିଯୁକ୍ତ ତୃପ୍ତି ଲୋକଙ୍କୁ ୨ ହଜାରରୁ ୫ ହଜାର ଟଙ୍କା ଲେଖାଏ ଦେଇ ସେମାନଙ୍କ ନାଁରେ ମ୍ୟୁଲ ଆକାଉଣ୍ଟ ଖୋଲି ହ୍ୱାଟ୍ସଆପ୍ ମାଧ୍ୟମରେ ର୍ୟାକେଟ ମାଷ୍ଟରମାଇଣ୍ଡଙ୍କୁ ତଥ୍ୟ ଶେୟାର କରୁଥିଲେ। ଏଯାବତ ଫେଡରାଲ ବ୍ୟାଙ୍କରେ ୪୨ରୁ ଅଧିକ ମ୍ୟୁଲ ଆକାଉଣ୍ଟ ଖୋଲାଯାଇଥିବାବେଳେ ଅଭିଯୁକ୍ତମାନେ ବେଆଇନ ଭାବେ ଟଙ୍କା କାରବାର କରି କ୍ରିପ୍ଟୋ କରେନ୍ସିରେ ପୁଞ୍ଜି ନିବେଶ କରୁଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ, ଅଭିଯୋଗକାରୀ ମଞ୍ଚେଶ୍ୱର ଥାନା ବରୀମୁଣ୍ଡ ଅଞ୍ଚଳର ଅବ୍ଦୁଲ ଆକବର ଖାନ୍ ଅନ୍‌ଲାଇନ ଚାକିରି ଖୋଜୁଥିବାବେଳେ ଅଭିଯୁକ୍ତଙ୍କ ଲିଙ୍କ୍‌ରେ ଆସିଥିଲେ। ଅଭିଯୁକ୍ତମାନେ ଟେଲିଗ୍ରାମରେ ଆକାଉଣ୍ଟ ଖୋଲିବାକୁ କହି ଲିଙ୍କ୍ ପଠାଇ ଆବଶ୍ୟକ ତଥ୍ୟ ଦେବାକୁ କହିଥିଲେ। ଏହାପରେ ଅଭିଯୁକ୍ତଙ୍କ ଦ୍ୱାରା ଖୋଲାଯାଇଥିବା ଆଇଡିରେ ଅବଦୁଲ ବିଭିନ୍ନ ୱେବ୍‌ସାଇଟ୍‌ର କିଛି ପ୍ରଡକ୍ଟ ରେଟିଂ ଦେବାକୁ କହିଥିଲେ। ଏପରିକି କିଛି ଟଙ୍କା ଦେଇ ବିଶ୍ୱାସ ଜନ୍ମାଇବା ପରେ ଅଭିଯୁକ୍ତମାନେ କମ୍ ଟଙ୍କା ନିବେଶ କଲେ ଅଧିକ ଫେରସ୍ତର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେମାନେ ଅବ୍ଦୁଲଙ୍କୁ ଆଉ ଏକ ଟେଲିଗ୍ରାମ ଆଇଡିରେ ଯୋଡିଥିଲେ। ସେମାନଙ୍କ କଥାରେ ବିଶ୍ୱାସ ରଖି ଅବଦୁଲ ନିଜର ୪ଟି ଆକାଉଣ୍ଟରୁ ଅଭିଯୁକ୍ତମାନେ ଦେଇଥିବା ୧୬ଟି ଆକାଉଣ୍ଟକୁ ୧୧ ଲକ୍ଷରୁ ଅଧିକ ଟଙ୍କା ପଠାଇଥିଲେ ମଧ କୌଣସି ଟଙ୍କା ଫେରସ୍ତ ପାଇ ନ ଥିଲେ। ଠକାମିର ଶିକାର ହେବା ଜାଣିବା ପରେ ଅବ୍ଦୁଲ ସାଇବର ଥାନାରେ ଅଭିଯୋଗ କରିବାରୁ ପୋଲିସ ତଦନ୍ତ ଆରମ୍ଭ କରିଥିଲା।




ଗିରଫ ୩ ଅଭିଯୁକ୍ତ।

## ସଞ୍ଜୟ ସିଂଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନ ଗ୍ରହଣ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୮।୪(ସତ୍ୟଜିତ୍ ରାଉତ): ୧୯୯୬ ବ୍ୟାଚ ଓଡ଼ିଶା କ୍ୟାଡରର ବରିଷ୍ଠ ଆଇପିଏସ୍ ଅଫିସର ସଞ୍ଜୟ ସିଂଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ସେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଡେପୁଟି ଡିଜି ଭାବେ କାର୍ଯ୍ୟ କରୁଛନ୍ତି। ଆସନ୍ତା ୩୦ ତାରିଖରେ ଅବସର ସମୟ ଲାଗୁ ହେବ। ସୂଚନାଯୋଗ୍ୟ, ସଞ୍ଜୟ ଓଡ଼ିଶା ପୋଲିସ ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରିଛନ୍ତି। ୨୦୨୧ରେ ସେ କେନ୍ଦ୍ରୀୟ ଡେପୁଟେଶନ୍‌ରେ ଯାଇଥିଲେ। ଗତ ଫେବୃଆରୀ ୨୯ରେ ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଆବେଦନ କରିଥିଲେ।

## କେନାଲକୁ ଖସିଲା କାର୍

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ): କଣ୍ଟାପାଟଣା ଗ୍ରାମ ନିକଟସ୍ଥ ପୁରୀ ମୁଖ୍ୟ କେନାଲକୁ ଭାରସାମ୍ୟ ହରାଇ ଏକ କାର୍ ଖସିପଡିଥିଲେ ମଧ ସୌଭାଗ୍ୟବଶତଃ ଚାଳକ ବର୍ଞ୍ଚିଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କଣ୍ଟାପାଟଣା ଗ୍ରାମର ଆର୍ତ୍ତ ବେହେରା ନାମକ ବ୍ୟକ୍ତି ଗୁରୁବାର ଅପରାହ୍ନରେ ଘର ସମ୍ମୁଖରୁ କାର୍ ନେଇ ବାହାରିବା ସମୟରେ ଅସାବଧାନତାବଶତଃ କାର୍ ସହ ସେ କେନାଲକୁ ଖସି ପଡ଼ିଥିଲେ। ଆର୍ତ୍ତ ସୁରକ୍ଷିତ ଭାବେ କାର୍‌ରୁ ବାହାରି ଆସିଥିଲେ। ହେଲେ କାର୍‌ଟି ସମ୍ପୂର୍ଣ୍ଣ ରୂପେ ପାଣିରେ ବୁଡ଼ି ଯାଇଥିଲା। ପୁରୀ ମୁଖ୍ୟ କେନାଲ ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ଲଗାଇବାକୁ ବାରମ୍ବାର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲେ ମଧ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଏହିଭି ଅଘଟଣମାନ ଘଟୁଥିବାର ଜଣାପଡ଼ିଛି।




## ଧାରାବାହିକ 'ଭାଗ୍ୟରେଖା' ର ପୋଷ୍ଟର ରିଲିଜ୍

**୨୨ରୁ ଜୀ ସାର୍ଥକରେ ପ୍ରସାରିତ ହେବ**

ଭୁବନେଶ୍ୱର,୧୮।୪
(ଶର୍ମିଷ୍ଠା ପାଣିଗ୍ରାହୀ)

ZEE ସାର୍ଥକ

ଜୀ ସାର୍ଥକ ପ୍ରସ୍ତୁତ ନୂଆ ଧାରାବାହିକ 'ଭାଗ୍ୟ ରେଖା' ଆସନ୍ତା ୨୨ ତାରିଖରୁ ପ୍ରତ୍ୟେକ ସୋମବାରରୁ ଶୁକ୍ରବାର ରାତି ୯ଟା ୩୦ରେ ପ୍ରସାରିତ ହେବ। ଗୁରୁବାର ଏହାର ପୋଷ୍ଟର ରିଲିଜ୍ ହୋଇଛି। ପରିବାର, ପ୍ରେମ ଏବଂ ପୁନର୍ମିଳନର ଏକ ହୃଦୟସ୍ପର୍ଶୀ କାହାଣୀ ହେଉଛି 'ଭାଗ୍ୟ ରେଖା'। ଦୀର୍ଘ ଦିନରୁ ମାଆଙ୍କଠାରୁ ଦୂରେଇଥିବା ରେଖା ଏବଂ ଶିଖା ଦୁଇ ଭଉଣୀ ସେମାନଙ୍କର ମା'ଙ୍କ ସହ ମିଶିବାକୁ ଏକ ପ୍ରୟାସ କରୁଛନ୍ତି । ଏଥିରେ କ'ଣ ସେମାନେ ସଫଳ ହେଉଛନ୍ତି ନା ଅଧିକରୁ ଅଧିକ ପ୍ରତିବନ୍ଧକର ସାମ୍ନା କରୁଛନ୍ତି। ଏହି ସମୟରେ ରେଖା ଅପ୍ରତ୍ୟାଶିତ ଭାବରେ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଭାଗ୍ୟଙ୍କ ସହ ଦେଖା ହୁଅନ୍ତି। ସେମାନଙ୍କ ଜୀବନର ଏକ ନୂଆ ସମ୍ପର୍କ ଯୋଡ଼ି ହୋଇଯାଏ। ନାୟକ ଭାଗ୍ୟ ଚରିତ୍ରରେ ଜୟଜିତ ଅଭିନୟ କରୁଛନ୍ତି । ରେଖା ଚରିତ୍ରରେ ଅଭିନୟ କରୁଥିବା ଚୁଲବୁଲି ନାୟିକା ସୁମନ ପଟ୍ଟନାୟକ ଜଣେ ଆୟୁର୍ବେଦିକ ଡାକ୍ତର ଭୂମିକାରେ ଆସୁଛନ୍ତି । ରେଖା ଏମିତି ଜଣେ ଝିଅ, ଯିଏ ସବୁ ପରିସ୍ଥିତିକୁ ହସି ହସି ସାମ୍ନା କରୁଛି । ହେଲେ ତା' ଭାଗ୍ୟରେଖାରେ କ'ଣ ଅଛି ସେ ଜାଣି ନାହିଁ । ଅନ୍ୟପଟେ ଜୀବନର ଏଇ ଦୋଛକିରେ ଯେତେବେଳେ ରେଖାର ଭାଗ୍ୟ ସହ ଦେଖା ହେବ, କେଉଁଆଡେ ଟାଣିନେବ ତା' ଭାଗ୍ୟରେଖା । ଏ କଥା ରେଖା ନା ଦର୍ଶକ ଜାଣିଛନ୍ତି। ପ୍ରଯୋଜକ ବିଜୟ ବାରିକଙ୍କ ସାନଭି ପ୍ରଡକ୍ସନ ଦ୍ୱାରା ଏହା ନିର୍ମାଣ ହୋଇଛି। ଜୀ ସାର୍ଥକର ଏହି ନୂଆ ମେଗା ଧାରାବାହିକ 'ଭାଗ୍ୟ ରେଖା' ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ ପ୍ରକାଶ କରିଛନ୍ତି।

## ଫ୍ଲାଟ୍ କିଣାଇଦେବା ନାଁରେ ୫ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୧୮।୪ (ସୂର୍ଯ୍ୟକାନ୍ତ ବେହେରା): ଏକ ଫ୍ଲାଟ କିଣାଇଦେବାର ମିଛ ପ୍ରତିଶ୍ରୁତି ଦେଇ ମହିଳାଙ୍କଠାରୁ ୫ ଲକ୍ଷ ଠକିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱରର ରଞ୍ଜନ ଜେନା (୩୮)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ୨୦୨୩ ଅଗଷ୍ଟ ୨୫ରେ ଅଭିଯୋଗକାରିଣୀ ମହିଳାଙ୍କ ସହିତ ଅଭିଯୁକ୍ତ ରଞ୍ଜନଙ୍କର ସାକ୍ଷାତ୍ ହୋଇଥିଲା। ରଞ୍ଜନ ତାଙ୍କୁ ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଅଞ୍ଚଳରେ ଥିବା ଏକ ଫ୍ଲାଟ୍ କିଣିବା ଲାଗି ପ୍ରସ୍ତାବ ଦେଇଥିଲେ। ଫ୍ଲାଟ୍ ସଂକ୍ରାନ୍ତରେ ଜାଣିବା ପରେ ମହିଳା ଜଣକ ନିଜ କମ୍ପାନୀ ଆକାଉଣ୍ଟରୁ ମଧ୍ୟସ୍ଥିତ ଭାବେ ଅଭିଯୁକ୍ତ ରଞ୍ଜନଙ୍କ ଆକାଉଣ୍ଟକୁ ୫ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ହେଲେ ଟଙ୍କା ପାଇବା ପରେ ଅଭିଯୁକ୍ତ ଅଞ୍ଚଳ ଛାଡି କେଉଁଆଡେ ଫେରାର ହୋଇଯାଇଥିଲେ। ଗତବର୍ଷ ଅକ୍ଟୋବର ୫ରେ ସେ ଅଭିଯୋଗକାରିଣୀଙ୍କୁ ସାକ୍ଷାତ୍ କରି ଉକ୍ତ ଫ୍ଲାଟ୍‌କୁ ତାଙ୍କ ନାମରେ ରେଜିଷ୍ଟ୍ରେଶନ କରିପାରିବେନି ବୋଲି କହିଥିଲେ। ଏହାସହ ନେଇଥିବା ଟଙ୍କା ଫେରାଇବା ଲାଗି ଏକ ଚୁକ୍ତି କରିବା ସହ ଏକ ଚେକ୍ ମଧ ମହିଳାଙ୍କୁ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ଆଉ ଦେଖା ମିଳି ନ ଥିଲା କି ସେ ଆଉ ଟଙ୍କା ଫେରାଇ ନ ଥିଲେ। ମହିଳା ଜଣକ ଉକ୍ତ ଚେକ୍‌କୁ ଡିପୋଜିଟ୍ କରିବା ପରେ ଅଭିଯୁକ୍ତଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ଠକେଇର ଶିକାର ହେବା ପରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଚନ୍ଦନ


@ ପ୍ରିୟବ୍ରତ


@ ଦିଲୀପ


@ ଶ୍ରୀହନ


@ ମହେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସଚ୍ଚିଙ୍କଠାରୁ ଆରମ୍ଭ ହୋଇଥିଲା ନାଟକର ନୂତନ ଯୁଗ

*ଭୁବନେଶ୍ୱର,୧୮।୪(ଶର୍ମିଷ୍ଠା ପାଣିଗ୍ରାହୀ) – ନାଟକ କ୍ଷେତ୍ରରେ ସେ ଥିଲେ ଯୁଗାନ୍ତକାରୀ। ଆଧୁନିକ କୌଶଳ ସହ ନାଟକର ଧାରା ବଦଳାଇ ଦେଇଥିଲେ। ରଙ୍ଗମଞ୍ଚ ହେଉ କି ନାଟକ, ସବୁଠି ଥିଲା ତାଙ୍କର ସ୍ୱତନ୍ତ୍ର ପରିଚୟ। ନାଟକରେ ସେ ଆଣିଥିଲେ ଡବଲ ଷ୍ଟେଜ୍ ଶୋ'। ନାରୀମାନଙ୍କୁ ନାଟକ କ୍ଷେତ୍ରରେ ସାମିଲ କରିବାରେ ତାଙ୍କର ଭୂମିକା ଥିଲା ଅତୁଳନୀୟ। ୨୧ଜଣ ନାରୀଙ୍କୁ ଏକତ୍ରିତ କରି ସେ ନାଟକରେ ସୁଯୋଗ ଦେଇଥିଲେ। କହିବାକୁ ଗଲେ ତାଙ୍କଠୁ ଆରମ୍ଭ ହୋଇଥିଲା ନାଟକର ଏକ ନୂତନ ଯୁଗ। ନାଟ୍ୟ ନିର୍ଦ୍ଦେଶକ, ଅଭିନେତା ଭାବେ ସେ ଥିଲେ ସବୁଠି ନମସ୍ୟ। ନାଟକକୁ ଭଲ ପାଉଥିବା ଜଣେ ନାଟକୀୟ ମଣିଷ ଥିଲେ ଡ. ସଚ୍ଚି ଦାସ। ଗୁରୁବାର ତାଙ୍କର ପରଲୋକ ଘଟିଛି ସତ, ହେଲେ ନାଟକ କ୍ଷେତ୍ରରେ ତାଙ୍କର ଅବଦାନ ତାଙ୍କୁ ନାଟ୍ୟପ୍ରେମୀଙ୍କ ମନରେ ଚିରସ୍ମରଣୀୟ କରି ରଖିବ।*


'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ' ଗ୍ରହଣ ଅବସରରେ ସଚ୍ଚି ଦାସ।

### ନନ୍ଦିନୀ ଶତପଥୀଙ୍କ ଗଳ୍ପର ନାଟ୍ୟ ରୂପକାର ଥିଲେ

ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଏକ ଗଳ୍ପ 'କାହାଣୀର ନାମ ଜନପଥ'କୁ ସଚ୍ଚି ଦାସ ନାଟ୍ୟ ରୂପ ଦେବା ସହ ତାହାର ନିର୍ଦ୍ଦେଶନା ଦେଇଥିଲେ। ରବୀନ୍ଦ୍ର ମଣ୍ଡପରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ଦେଖି ନନ୍ଦିନୀ ଦେବୀ ଏତେ ଖୁସି ହୋଇଥିଲେ ଯେ, ତାଙ୍କୁ ପଚାରିଥିଲେ ସଚ୍ଚି ବାବୁ ଆପଣଙ୍କର କ'ଣ ଦରକାର। ସେ ଉତ୍ତର ଦେଇଥିଲେ ମୋର ଭୁବନେଶ୍ୱରରେ ଘରଟିଏ ନାହିଁ। ଏହା ପରେ ନନ୍ଦିନୀ ଦେବୀ ଭୁବନେଶ୍ୱରରେ ତାଙ୍କୁ ଘରଟିଏ ଯୋଗାଇ ଦେଇଥିଲେ।



### ରଙ୍ଗମଞ୍ଚ ମୋ ଜନ୍ମକଲା ମା' ପରି...

ନାଟକକୁ ନେଇ ସେ କହୁଥିଲେ, ରଙ୍ଗମଞ୍ଚ ମୋର ମାଆ। ସେ ମୋତେ କୋଳେଇ ନେଇଛି। ତା'ରି କୋଳରେ ମୁଁ ହସିଛି, କାନ୍ଦିଛି। କାନ୍ଦିଲେ ସେ ମୋ ଲୁହ ପୋଛିଦେଇଛି। ହାତଧରି ମୋତେ ଚାଲି ଶିଖେଇଛି। ସେଇ ମୋତେ ବାଟ ଦେଖାଇଛି, ଠିକ୍ ମୋ ଜନ୍ମ କଲା ମା ପରି। ତେଣୁ ସେ ମୋର ମା' ଥିଲା, ଏବେବି ଅଛି, ଆଗକୁ ମଧ ରହିବ।

### ନୀଳ ଆକାଶେ ଦୂର ବନାନୀ...

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ୧୧ମାସ ତଳେ ବିଦ୍ୟାଧର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସଚ୍ଚି ଦାସଙ୍କ ଉଦ୍ଦେଶ୍ୟରେ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ 'ନୀଳ ଆକାଶେ ଦୂର ବନାନୀ' ନାଟକ ମଞ୍ଚସ୍ଥ କରାଯାଇଥିଲା। ସେ ଉପସ୍ଥିତ ରହି କହିଥିଲେ, ମୁଁ ସିନା କଳାକାରଟିଏ ହେଲି, ହେଲେ ମୋ ବୋଉ ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ଓ ବାପା ସ୍ୱାଧୀନତା ସଂଗ୍ରାମୀ ଥିଲେ। ନାଟକ ସବୁବେଳେ ନାଟକ। ଏହାକୁ କେହି ଏପାଖ ସେପାଖ କରିପାରିବେ ନାହିଁ। ଏହା ସହ ସେ ନାଟକର ସଙ୍ଗୀତକୁ ଦର୍ଶକଙ୍କ ସମ୍ମୁଖରେ ପରିବେଷଣ କରିଥିଲେ।

### କୃତିତ୍ୱ

ସଚ୍ଚି ଦାସ ୧୭ବର୍ଷ ବୟସରେ ଅଭିନୟ ଆରମ୍ଭ କରିଥିଲେ। ପରେ ଅଭିନୟ ସହ ନାଟକ ନିର୍ଦ୍ଦେଶନା ଦେବା ମଧ ଆରମ୍ଭ କରିଥିଲେ। ୧୯୭୨ରେ ସେ ଉତ୍କଳ ନାମରେ ଏକ ନାଟ୍ୟ ଦଳ ତିଆରି କରିଥିଲେ। ୧୫୦ରୁ ଉର୍ଦ୍ଧ୍ୱ ନାଟକ, ୭ଟି ଓପନ ଏୟାର ନାଟକ, ୨୧ଟି ଟିଭି ଧାରାବାହିକ, ୧୭ଟି ଅଲ୍ ଇଣ୍ଡିଆ ରେଡ଼ିଓ ନାଟକ ଓ ୭ଟି ସିନେମାରେ ସେ ଅଭିନୟ କରିଥିଲେ। ୯୦୦ରୁ ଉର୍ଦ୍ଧ୍ୱ ନାଟକ, ୪୦୦ରୁ ଉର୍ଦ୍ଧ୍ୱ ମୁକ୍ତମଞ୍ଚ ନାଟକର ସେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ନିର୍ଦ୍ଦେଶିତ ତଥା ସବୁଠୁ ଅଧିକ ଲୋକପ୍ରିୟ ଯାତ୍ରା ନାଟକ ହେଉଛି 'ଶାଗୁଣା ବସିଛି ଡେଣା ମେଲାଇ'। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶନା ପୁରସ୍କାର, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ସମେତ ବହୁ ସମ୍ମାନ ଓ ପୁରସ୍କାରର ସେ ଅଧିକାରୀ ଥିଲେ।

## ଟିସି ଫର୍ମରେ ଜାଲ୍ ଦସ୍ତଖତ

**ୟୁଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲ ବିରୋଧରେ ଥାନାରେ ଅଭିଯୋଗ**

ଭୁବନେଶ୍ୱର, ୧୮।୪(ଅସମାପିକା ସାହୁ)

ଆଦର୍ଶ ବିଦ୍ୟାଳୟରେ ନାମଲେଖା ବେଳେ ଟ୍ରାନ୍ସଫର ସାର୍ଟିଫିକେଟ(ଟିସି) ଫର୍ମରେ ଜାଲ ଦସ୍ତଖତ ଧରାପଡିଛି। ଏନେଇ କଲ୍ୟାଣପୁର ଶାସନସ୍ଥିତ ୟୁଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲ ବିରୋଧରେ ଭୁବନେଶ୍ୱର ସିନିୟର ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପିପିଲି ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ୟୁଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଜଣେ ଛାତ୍ରୀ ଏକ ଟିସି ଫର୍ମ ଦାଖଲ କରିଥିଲେ। ଗତ ୧୫ ତାରିଖରେ ଯାଞ୍ଚ ସମୟରେ ଉକ୍ତ ଟିସି ଫର୍ମରେ ଜାଲ ଦସ୍ତଖତ ରହିଥିବା ଜଣାପଡ଼ିଥିଲା। ତଦାରଖ ବେଳେ ଜଣାପଡ଼ିଥିଲା ଯେ, ସ୍କୁଲ କର୍ତ୍ତୃପକ୍ଷ 'ସିନିୟର ବ୍ଲକ୍ ଶିକ୍ଷାଧିକାରୀ' ପରିବର୍ତ୍ତେ 'ବ୍ଲକ ଶିକ୍ଷାଧିକାରୀ'ଙ୍କ ସିଲ୍ ସହିତ ଜାଲ ଦସ୍ତଖତ କରିଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ଭୁବନେଶ୍ୱର ସିନିୟର ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ଗୁରୁବାର ଧଉଳି ଥାନା ଆଇଆଇସିଙ୍କ ନିକଟରେ ଉକ୍ତ ସ୍କୁଲ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।



୨୦୨୪ ନିର୍ବାଚନ ପାଇଁ ଦେଶରେ ଶୁକ୍ରବାରଠାରୁ ମତଦାନ ଆରମ୍ଭ ହେବ। ଏହି ଅବସରରେ ମତଦାତାଙ୍କ ସଚେତନତା ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳାକୃତି।

# ରାମନବମୀ ବେଳେ ଭାଜପା ହିଂସାକୁ ଉସୁକାଇଥିଲା: ମମତା

**କୋଲକାତା, ୧୮।୪**

ପଶ୍ଚିମବଙ୍ଗରେ ରାମନବମୀ ପାଳନ ବେଳେ ଭାଜପା ହିଂସାକୁ ଉସୁକାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଅଭିଯୋଗ କରିଛନ୍ତି। ମୁର୍ଶିଦାବାଦ ଜିଲାରେ ଯେଉଁ ହିଂସାକାଣ୍ଡ ଘଟିଲା, ସେଥିପାଇଁ ଭାଜପା ଦ୍ୱାରା ପୂର୍ବରୁ ଯୋଜନା ପ୍ରସ୍ତୁତ ହୋଇଥିଲା ବୋଲି ମମତା କହିଛନ୍ତି। ବୁଧବାର ସନ୍ଧ୍ୟାରେ ରାମନବମୀ ଶୋଭାଯାତ୍ରା ମୁର୍ଶିଦାବାଦ ଜିଲାର ବେଲଡଙ୍ଗା ସହର ଅନ୍ତର୍ଗତ ଏକ ମସ୍‌ଜିଦ ଅତିକ୍ରମ କରୁଥିବାବେଳେ ହିଂସାକାଣ୍ଡ ଘଟି ୨ ନାବାଳକଙ୍କ ସମେତ ୧୮ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ କେତେଜଣ ପୋଲିସ ମଧ୍ୟ ଅଛନ୍ତି। ହିଂସାରେ ଅନେକ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଏସବୁ କାର୍ଯ୍ୟରେ ଭାଜପାର ହାତ ରହିଥିବା ମମତା ଏକ ନିର୍ବାଚନୀ ରାଲିକୁ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି। ହିଂସାକାଣ୍ଡ ଘଟାଇବା ପାଇଁ ରାମନବମୀ ପୂର୍ବରୁ ମୁର୍ଶିଦାବାଦର ଡିଆଇଜିଙ୍କୁ ବଦଳି କରାଯାଇଥିଲା ବୋଲି ମମତା କହିଛନ୍ତି। ଅନ୍ୟପକ୍ଷରେ ରେଜିନଗରଠାରେ ରାମନବମୀ ଶୋଭାଯାତ୍ରାକୁ ଟେକାମାଡ଼ ହୋଇଥିଲା ବୋଲି ଭାଜପା ଅଭିଯୋଗ କରିଛି।

# ତେଲଙ୍ଗାନା ସ୍କୁଲରେ ଗୈରିକ ପୋଷାକକୁ ନେଇ ବିବାଦ



**ହାଇଦ୍ରାବାଦ, ୧୮।୪**

ତେଲଙ୍ଗାନାର ଏକ ମିଶନାରୀ ସ୍କୁଲରେ ପୋଷାକ ପରିଧାନକୁ ନେଇ ବିବାଦ ଦେଖାଦେଇଛି। ଗୁରୁବାର ମଞ୍ଚେରିଅଲ ଜିଲାର ମଦର ଟେରେସା ସ୍କୁଲକୁ କିଛି ଛାତ୍ର ହନୁମାନ ଦୀକ୍ଷା ନେଇ ଗେରୁଆ ପୋଷାକ ପିନ୍ଧି ଆସିଥିଲେ। ଏହାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ଅନ୍ୟ ଶିକ୍ଷକ ବାରଣ କରିଥିଲେ। ଏପରି ପୋଷାକରେ ସମ୍ପୃକ୍ତ ଛାତ୍ରମାନଙ୍କୁ ଶ୍ରେଣୀଗୃହ ମଧ୍ୟକୁ ପ୍ରବେଶ କରାଯାଇପାରିବ ନାହିଁ ବୋଲି ପ୍ରଧାନ ଶିକ୍ଷକ କହିଥିଲେ। ଉକ୍ତ ଛାତ୍ରମାନେ ଏନେଇ ନିଜ ଅଭିଭାବକଙ୍କୁ ଜଣାଇବା ପରେ ବିବାଦ ବଢ଼ିଥିଲା। ଅଭିଭାବକମାନଙ୍କ ସହ ଏକ ସ୍ଥାନୀୟ ଧାର୍ମିକ ସଂଗଠନର କିଛି ସଦସ୍ୟ ବିଦ୍ୟାଳୟ ପରିସରକୁ ଆସି ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ଭଙ୍ଗାରୁଜା କରିଥିଲେ। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ କରିଛି। ୨୧ ଦିନିଆ ସ୍ୱତନ୍ତ୍ର ଧାର୍ମିକ ଅନୁଷ୍ଠାନ ଯୋଗୁ ସମ୍ପୃକ୍ତ ଛାତ୍ରମାନଙ୍କୁ ଏପରି ପୋଷାକ ପିନ୍ଧିବାକୁ ପଡୁଥିବା ସେମାନଙ୍କ ଅଭିଭାବକ କହିଛନ୍ତି।

# ନାମଯଜ୍ଞବେଳେ ଗୁଳିମାଡ଼: ଜଣେ ଗୁରୁତର


ଗୁରୁତର ଆହତ ବିଶ୍ୱାମିତ୍ର ଜାନି।

**ଘଣ୍ଟାପଡ଼ା/ଖୁଣ୍ଟିଗୋରା, ୧୮।୪ (ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଲମ୍ଭସୱରୀ ଗ୍ରାମପଞ୍ଚାୟତର ପିପଲପାଲି ଗ୍ରାମରେ ରାମନବମୀ ପାଇଁ ଅଷ୍ଟପ୍ରହର ନାମଯଜ୍ଞ ଚାଲିଥିବାବେଳେ ବୁଧବାର ରାତି ପ୍ରାୟ ୯ଟାରେ ଗୁଳିମାଡ଼ ହୋଇଛି। ଫଳରେ ନାମଯଜ୍ଞରେ କର୍ତ୍ତାକାର୍ଯ୍ୟ ତୁଲାଉଥିବା ବିଶ୍ୱାମିତ୍ର ଜାନି ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନିଆଯାଇ ସେଠାରୁ ପୁଣି ଅଧିକ ଚିକିତ୍ସା ପାଇଁ ଛତିଶଗଡ଼ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଛାତିରେ ଗୁଳି ବାଜିଥିବାରୁ ଏବେବି ଅବସ୍ଥା ସଙ୍କଟାପନ୍ନ ରହିଛି। ନାମଯଜ୍ଞ ସମୟରେ ପୂର୍ବରୁ ଜଗିରହିଥିବା ଦୁର୍ବୃତ୍ତମାନେ ଠାକୁରଙ୍କ ଦର୍ଶନ ଆଳରେ ବିଶ୍ୱାମିତ୍ରଙ୍କୁ ପାଖରୁ ଗୁଳିମାଡ଼ କରିଥିଲେ। ସଙ୍ଗେ ସଙ୍ଗେ ଦର୍ଶନାର୍ଥୀମାନେ ଜଣେ ଦୁର୍ବୃତ୍ତଙ୍କୁ କାବୁକରି କଣ୍ଟାମାଳ ପୋଲିସକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁଳିକରିଥିବା ଯୁବକଙ୍କୁ ଥାନାକୁ ନେଇ ଅଟକ ରଖି ଅଧିକ ତଦନ୍ତ କରୁଛି। ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୋଲିସ କହିଛି। ଉକ୍ତ ଗୁଳିକାଣ୍ଡକୁ ନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା କଣ୍ଟାମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏହି ଗୁଳିକାଣ୍ଡରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ତେବେ ଏ ସମ୍ପର୍କରେ ପରିବାର ଲୋକଙ୍କଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ।

# କଂସା ଡାଲାରେ ପିଟି ଯୁବକଙ୍କୁ ହତ୍ୟା

- **ସାନ ଭାଇ କରିଥିଲେ କରଜ**
- **ବଡଭାଇଙ୍କୁ କହିବା ପରେ କିଛି ବୁଝିଲେ ନାହିଁ**

**ନୟାଗଡ଼/ଭାପୁର, ୧୮।୪ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)**

ନୟାଗଡ଼ ଜିଲା ଫତେଗଡ଼ ଥାନା ଶାଳପଡ଼ା ଛକରେ ଜଣେ ବ୍ୟବସାୟୀଙ୍କୁ ଅନ୍ୟ ଜଣେ ବ୍ୟବସାୟୀ କଂସା ଡାଲରେ ପିଟି ପିଟି ଗୁରୁବାର ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଅରୁଣ କୁମାର ରାଉତ(୪୫)। ତାଙ୍କ ଘର ପଦ୍ମାବତୀ ପଞ୍ଚାୟତ ତଳମାରଡା ଗାଁରେ। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ହତ୍ୟାକାରୀ ବ୍ୟବସାୟୀ ପଦ ଶତପଥୀ(୬୦)ଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ସୂଚନା ଅନୁଯାୟୀ,ତଳମାରଡା ଗାଁର ଅରୁଣ କୁମାର ରାଉତ ଶାଳପଡା ଛକରେ ଏକ ହାର୍ଡୱାର ଦୋକାନ ପ୍ରାୟ ୫ବର୍ଷ ତଳେ କରିଥିଲେ। ତେବେ ହାର୍ଡୱାର ଦୋକାନକୁ ଅରୁଣଙ୍କ ସାନ ଭାଇ ମାନସ ରଞ୍ଜନ ବୁଝାବୁଝି କରୁଥିଲେ। କରୋନାରେ ସାନଭାଇ ମାନସଙ୍କ ମୃତ୍ୟୁ ହୋଇଥିଲା। ସାନଭାଇଙ୍କ ପରଲୋକ ପରେ ଅରୁଣ ସେହି ଦୋକାନ ଚଳାଇଥିଲେ। ତେବେ ସାନଭାଇ ନେଇଥିବା କରଜ ଟଙ୍କାକୁ ବଡ଼ଭାଇଙ୍କୁ ପଦ ଶତପଥୀ ମାଗିଥିଲେ। ଧାର ଟଙ୍କାକୁ ନେଇ ଅରୁଣ ଓ ପଦଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପଦ ଉତ୍ତେଜିତ ହୋଇ କଂସା ଡାଲରେ ଅରୁଣଙ୍କ ମୁଣ୍ଡକୁ ବାରମ୍ବାର ପିଟି ଚାଲିଥିଲେ। ଗୁରୁତର ଅବସ୍ଥାରେ ଅରୁଣଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଅରୁଣଙ୍କ ଝିଅ ଓ ପୁଅ ଅଛନ୍ତି।

# ଦନ୍ତା ଆକ୍ରମଣରେ ମହିଳା ମୃତ

**ବଡ଼ବିଲ, ୧୮।୪ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ଗୁଆଲି ସେକ୍ସନ ଜଙ୍ଗଲରେ ଗୁରୁବାର ଜଣେ ମହିଳାଙ୍କୁ ଏକ ଦନ୍ତାହାତୀ ଦଳି ମାରିଦେଇଥିବା ଜଣାପଡ଼ିଛି। ମୃତା ମହିଳା ହେଲେ ନୂଆଗାଁ ଦଳକ ସାହିର ଚାମରା ମୁଣ୍ଡାଙ୍କ ସ୍ତ୍ରୀ ସୁମି(୪୫)। ସୂଚନା ଅନୁଯାୟୀ, ସୁମି ତାଙ୍କ ବଡ଼ ଯାଆ ସୁଲୋଚନା ମୁଣ୍ଡାଙ୍କ ସହ ଘର ପାଖ ଜଙ୍ଗଲକୁ ପତ୍ର, ଦାନ୍ତକାଠି ଏବଂ ଜାଳେଣି ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ହାବୁଡରେ ପଡ଼ିଯାଇଥିଲେ। ହାତୀକୁ ଦେଖି ବଡ଼ ଯାଆ ସୁଲୋଚନା ଦୌଡ଼ି ନିଜର ଜୀବନ ରକ୍ଷା କରିଥିବା ବେଳେ ସୁମିଙ୍କୁ ଦନ୍ତା ହାତୀଟି ଦଳି ଚକଟି ମାରି ଦେଇଥିଲା। ସୂଚନା ପାଇ ବନ ବିଭାଗ ଅଧିକାରୀ ଓ ରୁଗୁଡ଼ି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# କାନାଡ଼ାରେ ସୁନା ଡକାୟତି: ୨ ଭାରତୀୟ ବଂଶୋଦ୍ଭବଙ୍କ ସହ ୬ ଗିରଫ

**ଅଟାୱା, ୧୮।୪**

କାନାଡ଼ାରେ ଗୁରୁବାର ସବୁଠାରୁ ବଡ଼ ସୁନା ଡକାୟତି ହୋଇଛି। ୨୨ ମିଲିଅନ ଡଲାରରୁ ଅଧିକ ମୂଲ୍ୟର ସୁନା ଓ ବିଦେଶୀ ମୁଦ୍ରା ଥିବା ଏକ ଏୟାର କାର୍ଗୋ କଣ୍ଟେନର ଚୋରି ହୋଇଯାଇଛି। ବୁଧବାର ଏହି କଣ୍ଟେନର ସୁଇଜରଲାଣ୍ଡର ଜୁରିଚ୍‌ରୁ ଏକ ଏୟାର କାନାଡ଼ା ବିମାନ ଯୋଗେ ଟରୋଣ୍ଟୋର ପିଅର୍‌ସନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିଥିଲା। ବିମାନ ଲ୍ୟାଣ୍ଡିଂ ହେବା ପରେ କଣ୍ଟେନରକୁ ଏକ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା, ଯେଉଁଠାରେ ଗୁରୁବାର ଏହା ଚୋରି ହୋଇଛି। ଏୟାର କାନାଡ଼ାର ୨ ଜଣ ପୂର୍ବତନ କର୍ମଚାରୀ ଏହି ଡକାୟତିରେ ସାହାଯ୍ୟ କରିଥିବା ପୋଲିସ କହିଛି। ସେହିପରି ୨ ଭାରତୀୟ ବଂଶୋଦ୍ଭବ ପରମ୍‌ପାଲ ସିଦ୍ଧୁ ଓ ଅମିତ ଜାଲେଟାଙ୍କ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରିଛି। ଏହାସହ କାନାଡ଼ା ପୋଲିସ ୩ ଜଣଙ୍କ ବିରୋଧରେ ୱାରେଣ୍ଟ ଇସ୍ୟୁ କରିଛି। ଗିରଫ ହୋଇଥିବା ଭାରତୀୟ ବଂଶୋଦ୍ଭବ ପରମ୍‌ପାଲ ଏୟାର କାନାଡ଼ାର ପୂର୍ବତନ କର୍ମଚାରୀ ହୋଇଥିବା ପୋଲିସ ସୂଚନା ଦେଇଛି।


ଯୁଦ୍ଧ କବଳିତ ଗାଜାରୁ ରଏଟର ଫଟୋଗ୍ରାଫର ମହମ୍ମଦ ସାଲେମ୍ ଉଠାଇଥିବା ଏହି ମାର୍ମିକ ଫଟୋ ସମ୍ମାନଜନକ 'ୱାର୍ଲ୍ଡ ପ୍ରେସ୍ ଫଟୋ ଅଫ୍ ଦି ଇୟର' ପୁରସ୍କାର ବିଜୟୀ ହୋଇଛି। ଗତବର୍ଷ ନଭେମ୍ବର ୨ରେ ଉଠିଥିବା ଏହି ଫଟୋରେ ଜଣେ ପାଲେଷ୍ଟିନୀୟ ମହିଳା ତାଙ୍କ ଝିଆରୀଙ୍କ ମୃତଦେହକୁ କୋଳରେ ଧରିଛନ୍ତି। ଇସ୍ରାଏଲ୍‌ର ମିଶାଇଲ ଆକ୍ରମଣରେ ଉକ୍ତ ଝିଅ ସହ ତାଙ୍କର ମାଆ ଓ ଭଉଣୀଙ୍କର ମୃତ୍ୟୁ ଘଟିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରାମ ଲକ୍ଷ୍ମଣ ପରି ଭାଇ ଯା'ର
କେଉଁ କଥାକୁ ଡର ତାହାର।**

ଭାଇ ହିଁ ଭାଇକୁ ସବୁବେଳେ ସବୁ କାର୍ଯ୍ୟରେ ସାହାଯ୍ୟ କରିଥାଏ। ଯାହାର ରାମ ଲକ୍ଷ୍ମଣ ପରି ଭାଇ ଅଛନ୍ତି, ତାହାର କେହିବି କୌଣସି କ୍ଷତି ଘଟାଇ ପାରିବେ ନାହିଁ ବୋଲି ମନରେ ଥିବା ଦୃଢ଼ ବିଶ୍ୱାସକୁ ଏଠାରେ ଦର୍ଶାଯାଇଛି।

**ରସୁଣ ଖାଇଲା ପୋକ
ତୁ କି ହୋଇଯିବୁ ରସମସ
ମୁଁ କି ସହିବା ଲୋକ**

ଅନ୍ୟାୟ ଅନୀତିକୁ ପ୍ରଶ୍ରୟ ଦେବା ଆଦୌ ଉଚିତ ହୋଇ ନ ଥାଏ। ଯିଏ ଯାହା କହିବ, ତାହା ଅନ୍ୟାୟବୋଧ ହେଲେ ପ୍ରାୟ ଅନେକ ଲୋକ ଏହାକୁ ସହ୍ୟ କରିପାରି ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଆଜି ପ୍ରଥମ...

୨୦ରୁ ୨୯ ବର୍ଷ ବୟସର ୩.୫୧ କୋଟି ଯୁବ ଭୋଟର ରହିଛନ୍ତି। ଶୁକ୍ରବାର ତାମିଲନାଡୁର ସମସ୍ତ ୩୯ ଆସନରେ ମତଦାନ ହେବାକୁ ଥିବାବେଳେ ଉତ୍ତରାଖଣ୍ଡର ୫, ଅରୁଣାଚଳପ୍ରଦେଶର ୨, ମେଘାଳୟର ୨, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ୧, ମିଜୋରାମର ୧, ନାଗାଲାଣ୍ଡର ୧, ପଣ୍ଡିଚେରୀର ୧, ସିକିମ୍‌ର ୧ ଏବଂ ଲାକ୍ଷାଦ୍ୱୀପର ୧ ଆସନରେ ଭୋଟଗ୍ରହଣ ହେବ। ଏହା ବ୍ୟତୀତ ରାଜସ୍ଥାନର ୧୨ ଆସନ, ଉତ୍ତରପ୍ରଦେଶର ୮, ମଧ୍ୟପ୍ରଦେଶର ୬, ଆସାମର ୫, ମହାରାଷ୍ଟ୍ରର ୫, ବିହାରର ୪, ପଶ୍ଚିମବଙ୍ଗର ୩, ମଣିପୁରର ୨ ଏବଂ ତ୍ରିପୁରା, ଜମ୍ମୁ-କଶ୍ମୀର ଏବଂ ଛତିଶଗଡ଼ର ଗୋଟିଏ ଲେଖାଏ ଆସନରେ ମତଦାନ କରାଯିବ। ଏହି ପର୍ଯ୍ୟାୟ ନିର୍ବାଚନ ଲାଗି ବୁଧବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଥିଲା। ଛତିଶଗଡ଼ର ମାଓବାଦୀ ପ୍ରବଣ ବସ୍ତର ଆସନରେ ଶୁକ୍ରବାର ମତଦାନ ଥିବାରୁ ଏଥିପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବାବେଳେ ମତଦାନକୁ ବର୍ଜନ କରିବା ପାଇଁ ମାଓବାଦୀ ସଂଗଠନ ଆହ୍ୱାନ ଦେଇଥିବାରୁ ସୁରକ୍ଷା ବଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଗତ ୧୬ ତାରିଖରେ କଙ୍କେର ଜିଲାରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ବରିଷ୍ଠ କ୍ୟାଡରଙ୍କ ସମେତ ୨୯ ମାଓବାଦୀ ନିହତ ହୋଇଥିବାରୁ ସେମାନଙ୍କ ପାଇଁ ବଡ଼ ଝଟକା ଲାଗିଛି। ମାଓବାଦୀ ପ୍ରବଣ ଇଲାକାରେ ସକାଳ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବାକୁ ଥିବାବେଳେ ଅନ୍ୟ କେତେକ ସ୍ଥାନରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ମଧ୍ୟରୁ ୪୫୦ ଜଣ କୋଟିପତି ଥିବା ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ରିପୋର୍ଟରୁ ଜଣାପଡ଼ିଛି, ଯାହାକି ମୋଟ ପ୍ରାର୍ଥୀ ସଂଖ୍ୟାର ୨୮ ପ୍ରତିଶତ। ଭାଜପା ପ୍ରାର୍ଥୀଙ୍କ ମଧ୍ୟରୁ ୯୦ ପ୍ରତିଶତ (୬୯ ଜଣ) କୋଟିପତି ହୋଇଥିବାବେଳେ କଂଗ୍ରେସର ୮୮%(୪୯ ଜଣ), ଏଆଇଏଡିଏମ୍‌କେର ୯୭% (୩୫ ଜଣ), ଏବଂ ଡିଏମ୍‌କେର ୯୬% (୨୧ ଜଣ) ପ୍ରାର୍ଥୀ କୋଟିପତି।

### ରାଜ୍ୟରେ ଆରମ୍ଭ...

ମୋଟ ୬୨ ଲକ୍ଷ ୮୪ ହଜାର ୬୪୯ ଜଣ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୧ ଲକ୍ଷ ୮୭ ହଜାର ୭୭୧ ଜଣ ମହିଳା ମତଦାତା ଥିବାବେଳେ ୩୦ ଲକ୍ଷ ୯୬ ହଜାର ୨୪୩ ଜଣ ପୁରୁଷ ମତଦାତା ରହିଛନ୍ତି। ସେହିପରି ୧୮ରୁ ୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨.୭ ପ୍ରତିଶତ ଥିବାବେଳେ ୨୦ରୁ ୨୯ ବର୍ଷ ବୟସ୍କ ଭୋଟରଙ୍କ ସଂଖ୍ୟା ୨୩ରୁ ୩୪ ପ୍ରତିଶତ ରହିଛି। କଳାହାଣ୍ଡି ଲୋକ ସଭା କ୍ଷେତ୍ରରେ ଥିବା ନୂଆପଡ଼ା, ଖଡ଼ିଆଳ, ଲାଞ୍ଜିଗଡ଼ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ ହେବ। ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲାରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଭୋଟ ଗ୍ରହଣ ହେବ। ନବରଙ୍ଗପୁର ଲୋକ ସଭା କ୍ଷେତ୍ରର ଉମରକୋଟ, ଝରିଗାଁ, ଡାବୁଗାଁ ଓ ନବରଙ୍ଗପୁର ବିଧାନସଭା ଆସନରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଏବଂ କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡାରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ମତଦାନ ହେବ। ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ପାରଳାଖେମୁଣ୍ଡିରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଓ ମୋହନାରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ଭୋଟ ଗ୍ରହଣ ହେବ। ସେହିପରି କୋରାପୁଟ ସଂସଦୀୟ କ୍ଷେତ୍ରର ଗୁଣୁପୁର, ବିଷମକଟକ, ରାୟଗଡ଼ା ଓ କୋରାପୁଟ ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା, ଲକ୍ଷ୍ମୀପୁର ଓ ପଟାଙ୍ଗୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ଏବଂ ଜୟପୁର ବିଧାନସଭା କ୍ଷେତ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହିତ ସେ ନିର୍ବାଚନର ସାମଗ୍ରିକ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି।

### ଇଭିଏମ୍ ମକ୍ ପୋଲ୍...

ଅନ୍‌ଲାଇନରେ ପ୍ରକାଶିତ ରିପୋର୍ଟ ସମ୍ପର୍କରେ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ରିପୋର୍ଟ ଅନୁଯାୟୀ କେରଳର କସରଗୋଡ ନିର୍ବାଚନ ମଣ୍ଡଳୀରେ ଇଭିଏମ୍‌ର ମକ୍ ପୋଲିଂ କରାଯାଇଥିଲା। ଅନ୍ୟୂନ ୪ଟି ଇଭିଏମ୍‌ରେ ଭୁଲ୍‌ବଶତଃ ଭାଜପା ସପକ୍ଷରେ ଅଧିକ ଭୋଟ ଯାଇଥିବା ନେଇ ଉଭୟ ବାମ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍) ଏବଂ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଭିଭିପିଏଟିରେ ଲାଗିଥିବା ଅସ୍ୱଚ୍ଛ କାଚ ବଦଳରେ ସ୍ୱଚ୍ଛ କାଚ ଲଗାଇବାକୁ ମଧ୍ୟ ଆବେଦନକାରୀମାନେ ଦାବି କରିଛନ୍ତି। ଫଳରେ ଇଭିଏମ୍‌ରେ ଭୋଟ ଦେବା ସମୟରେ ୭ ସେକେଣ୍ଡ ପାଇଁ ଭିଭିପିଏଟିର ଆଲୋକ ଜଳୁଥିବାବେଳେ ଭୋଟରମାନେ ସ୍ୱଚ୍ଛ କାଚ ଉକ୍ତ ସ୍ଲିପ୍‌କୁ ଦେଖିପାରିବେ ଏବଂ ସେମାନଙ୍କ ଭୋଟ ପ୍ରକୃତ ପ୍ରାର୍ଥୀଙ୍କ ପାଖକୁ ଯାଇଛି କି ନାହିଁ ନିଶ୍ଚିତ ହୋଇପାରିବେ। ନିର୍ବାଚନ କମିଶନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୀନ୍ଦର ସିଂ ଏବଂ ଆବେଦନକାରୀମାନଙ୍କ ତରଫରୁ ପ୍ରଶାନ୍ତ ଭୂଷଣ, ଗୋପାଳ ଶଙ୍କରନାରାୟଣନ ଓ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

ତେବେ ମକ୍ ପୋଲିଂ ବେଳେ ୪ଟି ଇଭିଏମ୍‌ରେ ଭାଜପାକୁ ଗୋଟିଏ ଲେଖାଏ ଅଧିକ ଭୋଟ ଯାଇଥିବା ରିପୋର୍ଟକୁ ଗୁରୁବାର ନିର୍ବାଚନ କମିଶନ ଖଣ୍ଡନ କରିଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଇସି ଅଧିକାରୀ ନିତେଶ କୁମାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଜିଲାପାଳଙ୍କଠାରୁ ମିଳିଥିବା ଅଭିଯୋଗକୁ ଆମେ ଯାଞ୍ଚ କରିଛୁ ଏବଂ ତାହା ମିଛ ବୋଲି ଜଣାପଡ଼ିଥିବା ନିତେଶ କହିଥିଲେ। ମଙ୍ଗଳବାର ଶୁଣାଣି ବେଳେ ଇଭିଏମ୍ ବଦଳରେ ପୁଣିଥରେ ବାଲଟ ପେପର ବ୍ୟବସ୍ଥାକୁ ଫେରିବା ପାଇଁ ହୋଇଥିବା ଦାବିକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।

### ଜଳୁଛି ଓଡ଼ିଶା...

ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। କୋରାପୁଟ, ମାଲକାନଗିରି, ସୋନପୁର, ବଲାଙ୍ଗୀର ଏବଂ କଳାହାଣ୍ଡିରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ତାରିଖରେ ମଧ୍ୟ କିଛି ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଖରା ସମୟରେ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସାଧାରଣ ଲୋକ, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ଛୋଟ ପିଲା, ରୋଗାକ୍ରାନ୍ତ ଲୋକ ଖରାର ପିକ୍ ସମୟ(ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା) ଯାଏ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ପିକ୍ ସମୟରେ ଘରୁ ବାହାରିବା ସମୟରେ ଛତା, ଜୋତା ଓ ପାଣି ବୋତଲ ପରି ଆବଶ୍ୟକୀୟ ସାମଗ୍ରୀ ସାଥିରେ ନେବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୫ତାରିଖରେ ଭୁବନେଶ୍ୱରେ ତାପମାତ୍ରା ୪୩.୫ଡିଗ୍ରୀ ରହିଥିଲା, ଯାହାକି ଦେଶରେ ଦ୍ୱିତୀୟ ଏବଂ ଏସିଆର ଷଷ୍ଠ ସ୍ଥାନରେ ରହିଥିଲା।

### କଂଗ୍ରେସର ଆଉ...

ପୂର୍ବ ଘୋଷଣା ମୁତାବକ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଏଥର ନିର୍ବାଚନ ଲଢୁନାହାନ୍ତି। ତେଣୁ ସତ୍ୟବାଦୀରେ ଦଳ ମନୋଜ ରଥଙ୍କୁ ପ୍ରାର୍ଥୀ କରିଛି। ମନୋଜ ପ୍ରଥମ ଥର ଲାଗି ନିର୍ବାଚନ ଲଢୁଛନ୍ତି। ସତ୍ୟବାଦୀ ଆସନରୁ ପ୍ରସାଦ ୧୯୯୫, ୨୦୦୦ ଏବଂ ୨୦୦୯ରେ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। ସେହିପରି ଭୁବନେଶ୍ୱର-ମଧ୍ୟ ଆସନରେ ଦଳ ପ୍ରକାଶ ଜେନା ଏବଂ ଭୁବନେଶ୍ୱର-ଉତ୍ତରରେ ଅଶୋକ ଦାସଙ୍କୁ ଦଳ ପ୍ରାର୍ଥୀ କରିଥିବା ପୂର୍ବରୁ ଦଳ ଭୁବନେଶ୍ୱର-ଏକାମ୍ର ଆସନ ପାଇ ପ୍ରାର୍ଥୀ ଦେଇସାରିଛି। ପ୍ରଥମ ପର୍ଯ୍ୟାୟରେ ଦଳ ୪୯ଟି ଆସନ ଲାଗି ଘୋଷଣା କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୫ଟି ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଥିଲା। ହେଲେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରୁ ୩ ଜଣଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ପରିବର୍ତ୍ତନ କରିଥିବା ବେଳେ ପ୍ରଥମରୁ ଦୁଇଟି ଆସନ କଂଗ୍ରେସ ସହଯୋଗୀ ଜେଏମ୍‌ଏମ୍ ଏବଂ ସିପିଆଇ(ଏମ୍)କୁ ଛାଡ଼ିଛି। ବୀରମିତ୍ରପୁର ଆସନ ଦଳ ଜେଏମ୍‌ଏମ୍‌କୁ ଛାଡିଥିବା ବେଳେ ବଣାଇ ଆସନଟି ସିପିଆଇ(ଏମ୍)କୁ ଛାଡ଼ିଛି। ୧୭ଟି ଲୋକ ସଭା ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ୪ଟି ଆସନରେ ଏ ପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ କରିବ ସେନେଇ ଘୋଷଣା କରିନାହିଁ।

### ସାଙ୍ଗଙ୍କୁ ପଥରରେ...

କାଶିପୁର ହାଣ୍ଡିଆ ଭାଟିରୁ କିରଣ ଏବଂ ତାଙ୍କ ଭାଇ ମୁନାଙ୍କୁ ଉଠାଇ ନେଇଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଏସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୨୩୯/ ୨୦୨୪) ରୁଜୁ ପରେ ଅଭିଯୁକ୍ତ କିରଣଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ତେବେ ତଦନ୍ତ ପରେ ମୁନାଙ୍କୁ ଛାଡ଼ିଦେଇଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି।

### ସାମାନ୍ୟ ବଚସାରୁ...

ବସିଥିଲେ। ଅପରପକ୍ଷରେ ଆଦିତ୍ୟଙ୍କ ପରିବାର କଂସାର ଗ୍ରାମରୁ ଆସି ନିକଟରେ ଟାଉନ ବଳରାମପୁରରେ ବସବାସ କରୁଛନ୍ତି। ଆଦିତ୍ୟ ସାମାନ୍ୟ ମାନସିକ ବିକୃତ ଥିବା ଯୁବକ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଆଦିତ୍ୟଙ୍କୁ ଅକ୍ଷୟ ମଜାରେ ତୁମ ପେଣ୍ଟ ଖସି ପଡ଼ିଥିବା କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଆଦିତ୍ୟ ଘରକୁ ଯାଇ ଛୁରି ଆଣି ଅକ୍ଷୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଭୁସି ଥିଲେ। ସ୍ଥାନୀୟ ଲୋକ ଅକ୍ଷୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

# ବିଜେଡି, କଂଗ୍ରେସର ଛିଣ୍ଡୁନି ଟିକେଟ ଅଙ୍କ

## ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ

**ଯାଜପୁର,୧୮।୪(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ଅନ୍ୟତମ ବିଧାନସଭା ନିର୍ବାଚନମଣ୍ଡଳୀ ବଡ଼ଚଣା। ବୁଧବାର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ବିଜେଡିରେ ଯୋଗଦେଇ ନୂଆ ରାଜନୈତିକ କ୍ୟାରିୟର ଆରମ୍ଭ କରିବା ସହ ଟିକେଟ ଦୌଡ଼ରେ ରହିଛନ୍ତି। କୁହାଗଲାଣି ବିଜେଡି ଏଠାରେ ଭାଗ ଭାଗ ହୋଇଥିବାରୁ ତାହା କଂଗ୍ରେସ ଓ ଭାଜପାକୁ ଫାଇଦା ଦେଇପାରେ।

୨୦୧୪ରୁ ୨୦୧୯ ମଧ୍ୟରେ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଅନେକ ଆପରାଧିକ କାର୍ଯ୍ୟକଳାପ ତଥା ଦୁର୍ନୀତି ଅଭିଯୋଗ ଚର୍ଚ୍ଚା ପରିସରକୁ ଆସିଥିଲା। ବହୁଚର୍ଚ୍ଚିତ ଟିଟୋ ଲିଙ୍କ୍, ଚଣ୍ଡିଖୋଲ ପରିବହନ ବିଭାଗରେ ଭୂତଗାଡ଼ି ମାମଲା, ଜଳ ସମ୍ପଦ ବିଭାଗରେ ଦୁର୍ନୀତି ଓ ଅନୁଦାନ ହରିଲୁଟ ଆଦି ଅଭିଯୋଗରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ସମାଲୋଚିତ ହୋଇଥିଲେ। ଏହାବାଦ୍ ବଡ଼ଚଣାକୁ ସବ୍‌ଡିଭିଜନ ମାନ୍ୟତା ଦାବି, ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କୋଣାର୍କ ଝୋଟକଳ ବନ୍ଦ ଆଦି ପ୍ରସଙ୍ଗ ଭୋଟରଙ୍କୁ ଆନ୍ଦୋଳିତ କରିଥିଲା। ଏଥିଯୋଗୁ ୨୦୧୯ ନିର୍ବାଚନରେ ବଡ଼ଚଣାରେ ବିଜେଡି ସେଭଳି ଉତ୍ତମ ପ୍ରଦର୍ଶନ କରିପାରି ନ ଥିଲା। ବିଜେଡିରୁ ଅମର ପ୍ରସାଦ ଶତପଥୀ ମାତ୍ର ୧,୪୮୫ ଭୋଟ ବ୍ୟବଧାନରେ ଭାଜପାର ଅମର ନାୟକଙ୍କଠାରୁ ବିଜୟୀ ହୋଇ ପାରିଥିଲେ। ଅମର ୬୪, ୦୮୪(୪୬.୬୪%) ଏବଂ ଭାଜପାର ଅମର ନାୟକ ୬୨,୫୯୯(୪୫.୫୫%) ଭୋଟ ପାଇଥିଲେ। ପରବର୍ତ୍ତୀ ସମୟରେ ଅମର


ଅମର ନାୟକ


ଅଦ୍ୱିତୀୟ ଶତପଥୀ


ରାଜନରାୟଣ ମହାପାତ୍ର


ଶୁଭେନ୍ଦୁ ମହାନ୍ତି

ଶତପଥୀ ବିଜେଡିର ସାଙ୍ଗଠନିକ ସ୍ଥିତିରେ ସୁଧାର ଆଣିବା ସହ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ସେଥିଯୋଗୁ ୨୦୨୨ ଜିଲା ପରିଷଦ ନିର୍ବାଚନରେ ବିଜେଡି ୪୬.୬୪%ରୁ ୫୫% ଭୋଟ ପାଇବାକୁ ସକ୍ଷମ ହୋଇପାରିଥିଲା। କିନ୍ତୁ ଗତ ପ୍ରାୟ ୪ ମାସ ହେବ ଏହି ନିର୍ବାଚନମଣ୍ଡଳୀର ୩ ଜଣ ଜିଲା ପରିଷଦ ସଦସ୍ୟ ଅମର ଶତପଥୀଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ଏପରି କି ତାଙ୍କୁ ବିରୋଧ କରି ମାସକ ତଳେ ଏକ ବୈଠକର ମଧ୍ୟ ଆୟୋଜନ କରିଥିଲେ। ଆଗଧାଡ଼ିର କେତେକ କର୍ମୀ ଓ ନେତାଙ୍କ ଏଭଳି ବିଷୋଦ୍‌ଗାର ଯୋଗୁ ବିଧାୟକ ଅମରଙ୍କୁ ଟିକେଟ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ହେଲେ ଏହା ତାଙ୍କ ବିରୋଧୀଙ୍କ ଚକ୍ରାନ୍ତ ବୋଲି ଅମର ଶତପଥୀଙ୍କ ସମର୍ଥକମାନେ କହୁଛନ୍ତି। ଏଠାରେ ବିଜେଡି ଟିକେଟ ଦେବାରେ ବିଳମ୍ବ କରିଛି। ପୁଣି ରାଜନାରାୟଣଙ୍କ ବିଜେଡିରେ ଯୋଗଦାନ ସ୍ଥିତିକୁ ଅଡୁଆ ଆଡ଼କୁ ଟାଣି ନେଇଛି।

୨୦୧୪ରୁ ବଡ଼ଚଣା କଂଗ୍ରେସ ରାଜନୀତିରେ ପାଦ ଥାପିଥିବା ରାଜନାରାୟଣ ଏଯାଏ ସେତେଟା ସଫଳ ହୋଇପାରିନାହାନ୍ତି। ତାଙ୍କ ନେତୃତ୍ୱରେ ଗତ ଜିଲା ପରିଷଦ ନିର୍ବାଚନରେ କଂଗ୍ରେସ ଏଠାରୁ ମାତ୍ର ୧୧% ଭୋଟ ପାଇଥିଲା। ଅନ୍ୟପକ୍ଷେ ଭାଜପା ୩୩% ଭୋଟ ପାଇବାରେ ସକ୍ଷମ ହୋଇଥିଲା। ତେଣୁ ରାଜନାରାୟଣଙ୍କ ସାଙ୍ଗଠନିକ ଦକ୍ଷତା ନେଇ ବିଜେଡି ନେତୃବର୍ଗ ତାଙ୍କ ଉପରେ ଭରସା କରିବେ କି ନାହିଁ ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଏହାବାଦ୍ ଅମର ଶତପଥୀଙ୍କ ପୁଅ ଅଦ୍ୱିତୀୟ ମଧ୍ୟ ଟିକେଟ ଆଶାୟୀ ଅଛନ୍ତି। ଏହି ପରିସ୍ଥିତିରେ ରାଜନାରାୟଣଙ୍କୁ ଯଦି ଟିକେଟ ମିଳେ, ତେବେ ବିଧାୟକ ଅମର ସହଯୋଗ କରିବେ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ରାଜନାରାୟଣ ବିଜେଡିରେ ଯୋଗ ଦେଇଥିବାରୁ କଂଗ୍ରେସ ଟିକେଟ ଲବିରେ ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅଜୟ ସାମଲ ଏବଂ ଗୁରୁବାର ବିଜେଡିରୁ କଂଗ୍ରେସ ଯାଇଥିବା ମନୋରମା ଆଚାର୍ଯ୍ୟ ଅଛନ୍ତି। ଏମାନଙ୍କ ମଧ୍ୟରୁ ଦଳ କାହାକୁ ଟିକେଟ ଦେବ ତାହାକୁ ନେଇ ଅଶାୟୀ ଅନାଇ ରହିଛନ୍ତି।

## ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ଭିଡ଼

**ଭୁବନେଶ୍ୱର,୧୮।୪(ଅନିଲ ଦାସ)**

ପଞ୍ଚମ ପର୍ଯ୍ୟାୟ ବିଧାନସଭା ଟିକେଟ ଘୋଷଣା ପରେ ଗୁରୁବାର ନବୀନ ନିବାସରେ ବିଜେଡି ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଟିକେଟ ପାଇଥିବାରୁ ଜଣକ ପରେ ଜଣେ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ରେଢ଼ାଖୋଲ ବିଜେଡି ବିଧାନସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ଜୟପୁର ବିଧାୟିକା ପ୍ରାର୍ଥୀ ଇନ୍ଦିରା ନନ୍ଦ, ଚିତ୍ରକୋଣ୍ଡା ବିଧାୟିକା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ସେହିପରି ଦେବଗଡ଼ ବିଧାୟିକା ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ନିମାପଡ଼ା ବିଧାୟକ ପ୍ରାର୍ଥୀ ଦିଲୀପ ନାୟକ, ଅନୁଗୋଳ ବିଧାୟିକା ପ୍ରାର୍ଥୀ ସଂଯୁକ୍ତା ସିଂ, ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି, ପଦ୍ମପୁର ବିଧାୟିକା ପ୍ରାର୍ଥୀ ବର୍ଷା ସିଂ ବରିହା ନବୀନ ନିବାସରେ ପହଞ୍ଚି ଦଳର ସଭାପତିଙ୍କୁ ସାକ୍ଷାତ୍ କରି ଧନ୍ୟବାଦ ଦେବା ସହ ଆଶୀର୍ବାଦ ନେଇଛନ୍ତି।

## ଝିଅ ପାଇଁ ଘରଡିହ ବିକିଲେ ପୂର୍ବତନ ବିଧାୟକ


ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଝିଅର ନିର୍ବାଚନ ଖର୍ଚ୍ଚ ପାଇଁ ତହସିଲରେ ଜମି ବିକ୍ରି କରୁଛନ୍ତି।

**ଆଳି,୧୮।୪(ବନମାଳୀ ସେନାପତି)**

### ନିର୍ବାଚନୀ ମଇଦାନରେ ଝିଅ ଦେବସ୍ମିତା

କେନ୍ଦ୍ରାପଡ଼ା ଲୋକ ସଭା ଆସନ ମଧ୍ୟରେ ଆଳି ବିଧାନସଭା ଆସନଟି ପ୍ରତ୍ୟେକ ନିର୍ବାଚନ ସମୟରେ ଚର୍ଚ୍ଚା ମଧ୍ୟରେ ରହିଥାଏ। ଚଳିତ ନିର୍ବାଚନରେ ମଧ୍ୟ ଏକ ରୋଚକ ଘଟଣା ସାମ୍ନାକୁ ଆସିଛି। ଆଳି ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡା. ଦେବସ୍ମିତା ଶର୍ମା ନିର୍ବାଚନ ଲଢ଼ିବା ନିମନ୍ତେ ପ୍ରସ୍ତୁତି ଚଳାଇଛନ୍ତି। ବାପା ଦେବେନ୍ଦ୍ର ଝିଅର ନିର୍ବାଚନୀ ଖର୍ଚ୍ଚ ନିମନ୍ତେ ଘରଡିହ ବିକ୍ରି କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି।

ମିଳିଥିବା ସୂଚନା ମୁତାବକ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା କଂଗ୍ରେସ ଦଳ ପକ୍ଷରୁ ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ବେଳେ ୨୦୧୪ରେ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ପରାଜିତ ହେବାପରେ ଶାରୀରିକ ଅସୁସ୍ଥତା ଯୋଗୁ ଚଳିତଥର ସେ ନିଜେ ନ ଲଢ଼ି ଏକମାତ୍ର ଝିଅ ଡା. ଦେବସ୍ମିତାଙ୍କୁ ବିଧାୟିକା ପ୍ରାର୍ଥୀ ଭାବେ କଂଗ୍ରେସ ପକ୍ଷରୁ ନିର୍ବାଚନ ଲଢ଼ିବାକୁ ରଣାଙ୍ଗନକୁ ଛାଡିଛନ୍ତି। ବିପକ୍ଷରେ ନିର୍ବାଚନ ଲଢୁଥିବା ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଓ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହ ଲଢେଇ ନିମନ୍ତେ ପୂର୍ବତନ ବିଧାୟକ ଦେବେନ୍ଦ୍ରଙ୍କ ଟଙ୍କା ଆବଶ୍ୟକ ଥିବାରୁ ସେ ଘରଡିହ ବିକ୍ରି କରିଛନ୍ତି। ଏ ନେଇ ପୂର୍ବତନ ବିଧାୟକ ଶର୍ମା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ, ତାଙ୍କ ପରିବାର ଲୋକସେବାକୁ ଭଲପାଆନ୍ତି। ତାଙ୍କ ବାପା ସ୍ୱର୍ଗତ ଡା. ଦିବାକର ଶର୍ମା ଏମ୍‌ବିବିଏସ୍ ପାସ୍ କରି ଭଲ ଦରମାରେ ଚାକିରି କରି ପାରିଥାନ୍ତେ। କିନ୍ତୁ ସେ ଚାକିରି ନ କରି ଆଳି ଓ ରାଜକନିକାବାସୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ନିମନ୍ତେ ଆଳିରେ ରହି ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ବିଧାୟକ ଭାବେ ଆଳି, ରାଜକନିକାରେ ଶିକ୍ଷା, ଗମନାଗମନ, ଜଳସେଚନ ଭଳି ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ ବୋଲି ଦେବେନ୍ଦ୍ର କହିଛନ୍ତି। ଚଳିତ ନିର୍ବାଚନ ଦୁର୍ନୀତିଗ୍ରସ୍ତ ନେତୃତ୍ୱ ସହ ନିର୍ମଳ ନେତୃତ୍ୱଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଛନ୍ତି।

## କଂଗ୍ରେସରେ ବିଜେଡି ନେତ୍ରୀ ସିପ୍ରା ମଲ୍ଲିକ

**କେନ୍ଦ୍ରାପଡ଼ା, ୧୮।୪ (ଜଗନ୍ନାଥ ଧଳ)**

ବରିଷ୍ଠ ବିଜେଡି ନେତ୍ରୀ ତଥା ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ବିଜେଡିର ଶଙ୍ଖ ବୁଧବାର ପର୍ଯ୍ୟନ୍ତ ଫୁଙ୍କିଥିଲେ। କେନ୍ଦ୍ରାପଡ଼ା ସହରର ମେଡିକାଲ ଛକସ୍ଥିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାଙ୍କ ସହ ହସହସ ମୁହଁରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତେବେ ଏହାର ୩୦ ଘଣ୍ଟା ମଧ୍ୟରେ ସେ ବିଜେଡିକୁ ପରିତ୍ୟାଗ କରିଛନ୍ତି। ଭୁବନେଶ୍ୱରସ୍ଥ କଂଗ୍ରେସ ଭବନରେ ପୂର୍ବତନ ପିସିସି ସଭାପତିପ୍ରସାଦ ହରିଚନ୍ଦନଙ୍କ ଉପସ୍ଥିତିରେ ଗୁରୁବାର ହାତ ଧରିଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ, କଂଗ୍ରେସ ସୁଯୋଗ ଦେଲେ ସେ ଏଠାରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛନ୍ତି। ଡ. ସିପ୍ରା ମଲ୍ଲିକ ହେଉଛନ୍ତି ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ଝିଅ। କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ପ୍ରହ୍ଲାଦ ମଲ୍ଲିକଙ୍କର ସ୍ଥାନ ସ୍ୱତନ୍ତ୍ର। ୧୯୫୭ଠାରୁ ନିର୍ବାଚନ ରାଜନୀତିରେ ରହି ଲୋକଙ୍କ ନିକଟତର ହୋଇଥିଲେ। ୧୯୮୦ ମସିହାରେ ବିଜୁବାବୁଙ୍କ ପାଇଁ ପାଟକୁରା ସିଟରୁ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଝିଅ ଡ. ମଲ୍ଲିକ କେନ୍ଦ୍ରାପଡ଼ା ରାଜନୀତିରେ ମନୋନିବେଶ କରିଥିଲେ। ଏପରି କି ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାର ବିଜେଡି ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ତେବେ ବିଜେଡି ୨୦୧୪ ଓ ୨୦୧୯ରେ ତାଙ୍କ ଉପରେ ଭରସା କରି ପାରି ନ ଥିଲେ। ଫଳରେ ବିଜେଡି ପ୍ରାର୍ଥୀ ଭାବେ କିଶୋର ଚନ୍ଦ୍ର ତରାଇ ଓ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହି ନିର୍ବାଚନମଣ୍ଡଳୀରେ ବିଧାୟକ ହୋଇଥିଲେ। ଚଳିତଥର ମଧ୍ୟ ସେ ବିଧାୟକ ଟିକେଟ ଆଶାୟୀ ଥିଲେ। ମାତ୍ର କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ବିଜେଡିରେ ଯୋଗଦାନ ଟିକେଟ ରାଜନୀତିକୁ ଓଲଟପାଲଟ କରିଛି। କୌଣସି ଦଳ ଅଦ୍ୟାବଧି କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ ମଧ୍ୟ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ଗଣେଶ୍ୱରଙ୍କୁ ବିଜେଡିରେ ବିରୋଧ କରି ଟିକେଟ ଆଶାୟୀମାନେ ଏକ କର୍ମୀ ସମ୍ମିଳନୀ ଆଳରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ସଭାପତି ନବୀନ ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ସ୍ମାରକ ପତ୍ର ଦେଇଥିଲେ। ତେବେ ଏ ନେଇ କିଛି ସୁଫଳ ନ ମିଳିବାରୁ କଂଗ୍ରେସକୁ ଡ. ମଲ୍ଲିକ ଯାଇଥିବା ଆଲୋଚନା ହେଉଛି।



କଂଗ୍ରେସ ଭବନରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକଙ୍କୁ ଦଳୀୟ ନେତୃବୃନ୍ଦ ସ୍ୱାଗତ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ସଶକ୍ତ କରିବାକୁ ଆଶୀର୍ବାଦ ଦିଅ


ସଭା ମଞ୍ଚରେ ବିଜେଡିର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ସ୍ୱାଗତ କରାଯାଉଛି।

**ଅନୁଗୋଳ,୧୮।୪ (ଅମିତ କୁମାର ସାମଲ)**

### ଛେଣ୍ଡିପଦାରେ ପ୍ରଣବଙ୍କ ଭୋଟ ଭିକ୍ଷା

ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ଅନୁଗୋଳ ଜିଲାର ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀରେ ଗୁରୁବାର ତାଙ୍କ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ତୁରଙ୍ଗ ଖେଳ ପଡ଼ିଆଠାରେ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେଇ ବବି ମୁଖ୍ୟମନ୍ତ୍ରୀଙ୍କୁ ସଶକ୍ତ କରିବାକୁ ଆଶୀର୍ବାଦ ଭିକ୍ଷା କରିଛନ୍ତି।

ଏହି ଅବସରରେ ବବି କହିଥିଲେ, ନିର୍ବାଚନ ଆସିଲେ ବିଭିନ୍ନ ଦଳର ନେତା ଆସି ଭାଷଣ ଦିଅନ୍ତି। ଭଳିକି ଭଳି ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥାରେ ନୁହେଁ, କାର୍ଯ୍ୟରେ ବିଶ୍ୱାସ କରିଥାନ୍ତି। ତେଣୁ ତାଙ୍କ ହାତମୁଠାକୁ ଟାଣ କରିବାକୁ ହେଲେ ଜନସାଧାରଣଙ୍କ ସମର୍ଥନ ଆବଶ୍ୟକ। ସ୍ଥାନୀୟ ଅଞ୍ଚଳର ଜଣେ ନେତା କେନ୍ଦ୍ରରେ ୧୦ ବର୍ଷ ହେବ ମନ୍ତ୍ରୀ ରହିଛନ୍ତି। କିନ୍ତୁ ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଶୋଚନୀୟ ଅବସ୍ଥାରେ ଲୋକମାନେ ଯାତାୟାତ କରୁଛନ୍ତି। ସମ୍ବଲପୁର ଲୋକ ସଭା କ୍ଷେତ୍ର ପାଇଁ ସମ୍ପୃକ୍ତ ନେତାଙ୍କ ଅବଦାନ କ'ଣ ବୋଲି ବବି ପ୍ରଶ୍ନ କରିଥିଲେ। ବବିଙ୍କ ସହ ଉକ୍ତ ସଭାରେ ଉପସ୍ଥିତ ଥିବା ଛେଣ୍ଡିପଦା ବିଧାନସଭା ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା କହିଥିଲେ, କେନ୍ଦ୍ର ସରକାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଗତ ନିର୍ବାଚନରେ ସମ୍ବଲପୁରରୁ ବିଜୟୀ ହେବା ପରେ ଭାଜପା ଏମ୍‌ପି ଆଉ ଦେଖା ଦେଇ ନ ଥିଲେ। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗମନାଗମନ ଠାରୁ ଆରମ୍ଭ କରି ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ଲୋକଙ୍କ ସେବାକୁ ବିଜୁ ଜନତା ଦଳ ସବୁବେଳେ ପ୍ରାଧାନ୍ୟ ଦେଇଆସିଛି। ଏହି ସଭାରେ ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ ସଭା ପରିଚାଳନା କରିଥିଲେ। ଅନୁଗୋଳ ଜିଲା ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସଞ୍ଜୟ ଅଗ୍ରୱାଲ ଉପସ୍ଥିତ ଥିଲେ।

## ବିଜେଡିରେ ଯୋଗଦେଇ ଚର୍ଚ୍ଚାରେ ଅଭିନେତ୍ରୀ ବର୍ଷା


ଶଙ୍ଖ ଭବନରେ ବିଜେଡି ନେତୃବୃନ୍ଦଙ୍କ ଉପସ୍ଥିତିରେ ବର୍ଷା ପ୍ରିୟଦର୍ଶିନୀ।

**କଟକ,୧୮।୪(ଶିଳ୍ପା ପ୍ରିୟଦର୍ଶିନୀ)**

ବିଜେଡିରେ ମିଶିଲେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ସେ ପୂର୍ବରୁ ନିର୍ବାଚନରେ ବିଜେଡି ପାଇଁ ଷ୍ଟାର ପ୍ରଚାରକ ଭାବେ କାର୍ଯ୍ୟ କରିଛନ୍ତି। ହେଲେ ସେ ଏବେ ବିଧିବଦ୍ଧ ଭାବେ ଦଳର ସଦସ୍ୟ ହୋଇ କାର୍ଯ୍ୟ କରିବେ। ଗୁରୁବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଧିବଦ୍ଧ ଭାବେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଏପରିକି ଦଳ ମାଷ୍ଟରଷ୍ଟ୍ରୋକ୍ ଖେଳି ବର୍ଷାଙ୍କୁ ଦଳରେ ସାମିଲ କରି ଅଭିନେତା ତଥା କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତିଙ୍କ ସ୍ଥାନ ପୂରଣ କରିଥିବା ଲୋକ ଆଲୋଚନା କଲେଣି। ତେବେ ବର୍ଷାଙ୍କୁ ଦଳ କୋରେଇ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିବ, ନଚେତ୍ ଷ୍ଟାର ପ୍ରଚାରକ ଭାବେ ସାମ୍ନାକୁ ଆଣିପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଆକାଶ ଦାସନାୟକ, ଅନୁଭବ ମହାନ୍ତି, ଅରିନ୍ଦମ ରାଏ, ସିଦ୍ଧାନ୍ତ ମହାପାତ୍ରଙ୍କ ଭଳି ଅଭିନେତା ବିଜେଡି ଛାଡ଼ିଛନ୍ତି। ଭାଜପାରେ ଯୋଗ ଦେବାପରେ ଅନୁଭବଙ୍କୁ ବାରବାଟୀ–କଟକ ନିର୍ବାଚନମଣ୍ଡଳିରୁ ଟିକେଟ ଦେଇ ପାରେ ନଚେତ୍ ଷ୍ଟାର ପ୍ରଚାରକ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଯଦି ଦୁଇ ଦଳ ଅନୁଭବ ଓ ବର୍ଷାଙ୍କୁ ଷ୍ଟାର ପ୍ରଚାରକ ଭାବେ ମଇଦାନକୁ ଆଣେ ତେବେ ନିର୍ବାଚନୀ ପରିବେଶ ସରଗରମ ହେବ। ଯଦି ବର୍ଷାଙ୍କୁ ଦଳ କୋରେଇ ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଦିଏ, ତେବେ ସେ କ'ଣ ରଣନୀତି ଆପଣାଇବେ ତାହା ଆଲୋଚନା ହେଉଛି। ଏ ନେଇ ବର୍ଷାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ଷ୍ଟାର ପ୍ରଚାରକ ଭାବେ ଦଳ ଯଦି ବର୍ଷା ଓ ଅନୁଭବଙ୍କୁ ଆଣେ, ସେମାନେ କେତେ ମାତ୍ରାରେ ଓ କେଉଁ ଶୈଳୀରେ ପ୍ରଚାର କରିବେ ତାହା ଦେଖିବାକୁ ବାକି ରହିଛି।

## 'ବେକାରି, ଦରବୃଦ୍ଧି ଉପରେ ଧାଡ଼ିଟେ ବି ଲେଖିନାହାନ୍ତି'

**ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)**

ଭାଜପା ପକ୍ଷରୁ ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରକାଶିତ ଇସ୍ତାହାରରେ ବେକାରି, କୃଷକ ଓ ଦରବୃଦ୍ଧି ଭଳି ଉତ୍କଟ ସମସ୍ୟାର ସମାଧାନ ବିଷୟରେ ଗୋଟିଏ ହେଲେ ଧାଡ଼ି ଉଲ୍ଲେଖ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଗତ ୧୦ ବର୍ଷ ଧରି କେନ୍ଦ୍ରରେ କ୍ଷମତାରେ ରହିଛି। ମୋଦି ୨୦୧୪ରେ ପ୍ରତିବର୍ଷ ୨ କୋଟି ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ସରକାରକୁ ଆସିବା ପରେ ଗତ ୧୦ ବର୍ଷ ମଧ୍ୟରେ ବେକାରି ସମସ୍ୟା ସର୍ବକାଳୀନ ରେକର୍ଡ କରିଥିବା ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଅଭିଯୋଗ କରିଛନ୍ତି।

### ଭାଜପା ଇସ୍ତାହାରକୁ ନେଇ କଂଗ୍ରେସର ଟାର୍ଗେଟ

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ତଥ୍ୟ ଅନୁସାରେ ମୋଦିଙ୍କ ଶାସନ କାଳରେ ବେକାରି ସଂଖ୍ୟା ୩୨% ବଢ଼ିସାରିଛି। ନିଯୁକ୍ତି ଦେବା ଦୂରର କଥା, ନିଯୁକ୍ତି ପ୍ରକ୍ରିୟାରେ ପ୍ରଶ୍ନପତ୍ର ଘୋଟାଲା ପାଇଁ ଅନେକ ଆଶାୟୀ ଯୁବତୀଯୁବକ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି। ଚଳିତ ଥରର ଇସ୍ତାହାରରେ ମୋଦି ନିଯୁକ୍ତିର 'ନ' ଅକ୍ଷର ମଧ୍ୟ ଉଚ୍ଚାରଣ କରିନାହାନ୍ତି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାର ଆନ୍ଦୋଳନରତ କୃଷକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଛନ୍ତି। ଭାଜପା ଇସ୍ତାହାର ପତ୍ରରେ ଚାଷୀଙ୍କ ଏମ୍‌ଏସ୍‌ପି ଗ୍ୟାରେଣ୍ଟି ସମ୍ପର୍କରେ ପଦେ ମଧ୍ୟ ଉଲ୍ଲେଖ ନାହିଁ। ପୁନଶ୍ଚ ୨୦୧୪ରେ ମୋଦି ଦରଦାମ ନିୟନ୍ତ୍ରଣ କରିବେ ବୋଲି ଜୁମ୍‌ଲା କରି କ୍ଷମତାକୁ ଆସିଲା ପରେ ପେଟ୍ରୋଲ ଦର ୧୦୦ ଟଙ୍କା ପାର୍, ଏଲ୍‌ପିଜି ଦର ଅଢ଼େଇ ଗୁଣା ହୋଇସାରିଛି। ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ଏଭଳି ଆକାଶଛୁଆଁ ହୋଇଛି ଯେ, ୮୧ କୋଟି ଜନସାଧାରଣ ୫ କେଜି ଚାଉଳ ବା ଗହମ ପାଇଁ ପ୍ରତିମାସ ଲାଇନରେ ଠିଆ ହେଉଛନ୍ତି ବୋଲି ପଞ୍ଚାନନ କହିଛନ୍ତି।

## ଦିଲୀପଙ୍କୁ ବିରୋଧ, ସମୀର ଭାବବିହ୍ୱଳ

**ନିମାପଡ଼ା,୧୮।୪(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲୀପ ନାୟକଙ୍କୁ ବିଧାୟକ ସମୀର ଦାଶଙ୍କ ସମର୍ଥକମାନେ ବିରୋଧ କରିଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ଅମଳପଡ଼ାସ୍ଥିତ ଗ୍ରୀନ୍‌ଲ୍ୟାଣ୍ଡ ଗେଷ୍ଟ ହାଉସ୍‌ଠାରେ ସମୀରଙ୍କ ୫ଶହରୁ ଊର୍ଦ୍ଧ୍ୱ ସମର୍ଥକ ଏକତ୍ରିତ ହୋଇ ଦଳର ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରିଛନ୍ତି। ନ ହେଲେ ଭବିଷ୍ୟତରେ ନିମାପଡ଼ା ଆସନଟି ବିଜେଡି ହାତରୁ ଚାଲିଯିବ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ଶନିବାର ଅନେକ ହଜାର ମହିଳା ଓ ପୁରୁଷ ସମର୍ଥକ ସ୍ଥାନୀୟ ବାରବାଟୀ ପଡ଼ିଆରେ ମହାସମାବେଶ କରି ଶକ୍ତି ପ୍ରଦର୍ଶନ କରିବେ ବୋଲି ସମୀରଙ୍କ ସମର୍ଥକମାନେ ସୂଚନା ଦେଇଛନ୍ତି। ନିମାପଡ଼ା ବିଜେଡି ଟିକେଟ ସମୀର ଦାଶଙ୍କୁ ଦେବାକୁ ଦାବି କରାଯିବ, ନ ହେଲେ ବିଚାରବିମର୍ଶ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନଗର ଯୁବ ବିଜେଡି ସଭାପତି ସତ୍ୟଜିତ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ନଗର ମହିଳା ସଂଗଠନ ସଭାନେତ୍ରୀ କୌଶଲ୍ୟା ସାହୁ, ଉପନଗରପାଳ ସନ୍ତୋଷ ଦାଶ ପ୍ରମୁଖ ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ବିଧାୟକ ସମୀର ଦାଶଙ୍କ ସମେତ ତାଙ୍କର ସଂଖ୍ୟାଧିକ ସମର୍ଥକ ଉପସ୍ଥିତ ଥିଲେ। ତେବେ ସମୀର ସେଠାରେ ଆଖି ଛଳଛଳ କରି ସମର୍ଥକଙ୍କ ଗହଣରେ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।


ସମର୍ଥକଙ୍କୁ ଉଦ୍‌ବୋଧନ ଦେଉଛନ୍ତି ସମୀର ଦାଶ।

## ନଖରାରେ ଚିରଞ୍ଜୀବ-ପ୍ରଶାନ୍ତ ଏକାଠି ହେବା ସମ୍ଭାବନା

**ଜଗତ୍‌ସିଂହପୁର, ୧୮।୪ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତି କିଛି ଦିନ ହେବ ଭିନ୍ନମୋଡ଼ ନେଇଛି। ଏହି ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ଛାଡ଼ି ଏହି ଦଳରେ ସାମିଲ ହୋଇଥିବା ଚିରଞ୍ଜୀବ ବିଶ୍ୱାଳ ଏକପ୍ରକାର ନିରାଶ ହୋଇଛନ୍ତି। ଅନ୍ୟପଟେ ବିଜେଡି ଛାଡ଼ି ଭାଜପାରେ ମିଶି ଅମରେନ୍ଦ୍ର ଦାସ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ଏଭଳି ସ୍ଥିତିରେ ଚିରଞ୍ଜୀବଙ୍କ ସହଯୋଗ ନ ମିଳିଲେ ପ୍ରଶାନ୍ତଙ୍କ ଅଡୁଆ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ଚିରଞ୍ଜୀବଙ୍କୁ ମନାଇବା ପ୍ରଶାନ୍ତଙ୍କ ପାଇଁ ବଡ଼କଥା ହୋଇଛି, ଯେଉଁ କାରଣରୁ ପ୍ରଶାନ୍ତ କିଛି ଦିନ ହେବ ଚିରଞ୍ଜୀବଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ବାରମ୍ବାର ପହଞ୍ଚି ମନାଇବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି।

ଚିରଞ୍ଜୀବ କିଛି ଦିନ ପୂର୍ବରୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସେ ପାଖାପାଖି ୮ ଦିନ ରାଜ୍ୟ ବାହାରେ ଥିବାରୁ ପ୍ରଶାନ୍ତ ଚିନ୍ତିତ ଥିଲେ। ଚିରଞ୍ଜୀବ ଫେରିବା ପରେ ୧୭ ତାରିଖରେ ପ୍ରଶାନ୍ତ ତାଙ୍କୁ ସାକ୍ଷାତ୍ କରି ପୁଣି ସହଯୋଗ କାମନା କରିଛନ୍ତି। ପୂର୍ବ ପ୍ରତିଶ୍ରୁତି ମୁତାବକ, ଚିରଞ୍ଜୀବ ଶୁକ୍ରବାର ତାଙ୍କ ନଖରା ନିକଟ ମଣ୍ଡପରେ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର କଂଗ୍ରେସ ଛାଡ଼ି ବିଜେଡିରେ


ଚିରଞ୍ଜୀବ ବିଶ୍ୱାଳ


ପ୍ରଶାନ୍ତ କୁମାର ମୁଦୁଲି

ମିଶିଥିବା ନେତା ଓ କର୍ମକର୍ତ୍ତାଙ୍କୁ ଡାକିଛନ୍ତି। ଏଥିସହ କଂଗ୍ରେସରେ ଥିବା କର୍ମକର୍ତ୍ତା ଓ ନେତାଙ୍କୁ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁରୋଧ କରିଛନ୍ତି। ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର ନେତା ଓ କର୍ମୀଙ୍କୁ ଯଥାକ୍ରମେ ପୂର୍ବାହ୍ନ ୧୧ଟା ଓ ଅପରାହ୍ନରେ ପୃଥକ୍ ଭାବେ ଡକାଯାଇଛି। ବଡ଼କଥା ହେଲା, ଆଲୋଚନା କ'ଣ ହେବ ତାହା କାହାରିକୁ ସ୍ପଷ୍ଟ କରାଯାଇ ନାହିଁ। ଯେହେତୁ ଏ ପର୍ଯ୍ୟନ୍ତ ବାଲିକୁଦା–ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ, ତେଣୁ ଆଲୋଚନାର ପ୍ରସଙ୍ଗକୁ ନେଇ ସସ୍ପେନ୍ସ ବଢ଼ିଚାଲିଛି। କେହି କହୁଛନ୍ତି, ବାଲିକୁଦା–ଏରସମା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହେବା ପାଇଁ ଚିରଞ୍ଜୀବଙ୍କୁ କୁଆଡ଼େ ପୁଣିଥରେ ପ୍ରସ୍ତାବ ଦିଆଯାଇଛି। ତେଣୁ ସେ ପରାମର୍ଶ ନେବା ପାଇଁ ଏହି ବୈଠକର ଆୟୋଜନ କରିଛନ୍ତି। ଆଉ କେତେଜଣଙ୍କ କହିବା କଥା ହେଲା, ପ୍ରଶାନ୍ତଙ୍କୁ ବାଲିକୁଦା–ଏରସମା ଟିକେଟ ଦେଇ ଚିରଞ୍ଜୀବଙ୍କୁ ଜଗତ୍‌ସିଂହପୁର ପ୍ରାର୍ଥୀ ପାଇଁ ଦଳ ପୁନର୍ବିଚାର କରୁଥାଇପାରେ। କିନ୍ତୁ ଦଳ ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି କେତେଜଣ ଆଗଧାଡ଼ିର ବିଜେଡି ନେତା ନାମଗୋପନ ରଖି କହିଛନ୍ତି। ସେମାନଙ୍କ ଯୁକ୍ତି ହେଲା, ଚିରଞ୍ଜୀବଙ୍କୁ ରାଜ୍ୟ ସଭା କିମ୍ବା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦବୀ ଦିଆଯାଇପାରେ। ଏହି ପଦବୀ ପାଇବା ପାଇଁ ହେଲେ ଚିରଞ୍ଜୀବଙ୍କୁ ବିଜେଡି ଶୃଙ୍ଖଳା ମାନିବାକୁ ପଡ଼ିବ। ସେ ଦୃଷ୍ଟିରୁ ଚିରଞ୍ଜୀବ ୨ ବ୍ଲକର କର୍ମୀ ଓ ତାଙ୍କ ସମର୍ଥକଙ୍କୁ ଡାକିଛନ୍ତି। ମଣ୍ଡପରେ ପୂର୍ବ ଯୋଜନା ମୁତାବକ ପ୍ରଶାନ୍ତ ପହଞ୍ଚିବା ପରେ ସେଠାରେ ଚିରଞ୍ଜୀବ ତାଙ୍କ ସମର୍ଥକଙ୍କୁ ପ୍ରଶାନ୍ତଙ୍କ ସହ ପରିଚୟ କରାଇବେ ବୋଲି ଚର୍ଚ୍ଚା ହେଉଛି।

# ସହଜରେ ଅଧିକ ଟଙ୍କା ଉଠାଇପାରିବେ ହିତାଧିକାରୀ

## ବଦଳିଲା ଇପିଏଫ୍‌ଓ ନିୟମ

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)



କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫ୍‌ଓ) କୋଟି କୋଟି ଗ୍ରାହକଙ୍କୁ ଆଶ୍ୱସ୍ତିକର ଖବର ଦେଇଛି। ଇପିଏଫ୍‌ଓରୁ ଟଙ୍କା ଉଠାଣ ନିୟମରେ କିଛି ନୂତନ ପରିବର୍ତ୍ତନ କରାଯାଇଛି। ଏହା ସହ ଚିକିତ୍ସା ପାଇଁ ପିଏଫ୍‌ରୁ ଟଙ୍କା ଉଠାଇବା ସହଜ ହୋଇଯାଇଛି। ବର୍ତ୍ତମାନ ଚିକିତ୍ସା ଆବଶ୍ୟକ ହେଲେ ହିତାଧିକାରୀମାନେ ସହଜରେ ଅଧିକ ଟଙ୍କା ଉଠାଇପାରିବେ। ଇପିଏଫ୍‌ଓର ଏହି ପରିବର୍ତ୍ତନ ଅନୁଚ୍ଛେଦ ୬୮ଜେ ଅନୁଯାୟୀ, ଅଟୋ କ୍ଲେମ୍ ପ୍ରୋସେସିଂ ପରିମାଣ ପ୍ରସଙ୍ଗରେ ଏକ ସର୍କୁଲାର ଜାରି କରିଛି। ସର୍କୁଲାରରେ କୁହାଯାଇଛି, ପୂର୍ବରୁ ଅନୁଚ୍ଛେଦ ୬୮ଜେ ଅନୁଯାୟୀ ପିଏଫ୍‌ରୁ ଟଙ୍କା ଉଠାଣ ୫୦ ହଜାର ଟଙ୍କାରେ ସୀମିତ ଥିଲା। ବର୍ତ୍ତମାନ ଏହାକୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ବର୍ତ୍ତମାନ ଯଦି କୌଣସି ଇପିଏଫ୍‌ଓ ଗ୍ରାହକ ଚିକିତ୍ସା ପାଇଁ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା ଉଠାଣ ପାଇଁ ଆବେଦନ କରନ୍ତି, ତେବେ ଏହାର ପ୍ରକ୍ରିୟାକରଣ ଅଟୋ ମୋଡ୍‌ରେ କରାଯିବ। ପୂର୍ବରୁ ଅଟୋ ପ୍ରକ୍ରିୟାକରଣର ସୁବିଧା କେବଳ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୀମିତ ଥିଲା । ବର୍ତ୍ତମାନ ଇପିଏଫ୍‌ଓ ଗ୍ରାହକମାନେ ଚିକିତ୍ସା ଆବଶ୍ୟକତା ପାଇଁ ସହଜରେ ଅଧିକ ଟଙ୍କା ଉଠାଇପାରିବେ ବୋଲି ଆଶା ରଖିଛନ୍ତି। ଇପିଏଫ୍‌ଓ ଘରୋଇ ବା ବେସରକାରୀ ଅନୁଷ୍ଠାନଗୁଡ଼ିକର କୋଟି କୋଟି କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ପାଣ୍ଠି ପରିଚାଳନା କରେ, ଯେଉଁଥିରେ ଇପିଏଫ୍ ଏବଂ ଇପିଏସ୍ ଆଦି ରହିଛି। ପିଏଫ୍‌ରେ ଜମା ରଖୁଥିବା ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଆବଶ୍ୟକତା ସ୍ଥଳେ ଟଙ୍କା ଉଠାଇବା ସୁବିଧା ପାଆନ୍ତି। ଜଣେ କର୍ମଚାରୀ କୌଣସି କାରଣରୁ ହଠାତ୍ ରୋଜଗାର ହରାଇଲେ ଫର୍ମ -୧୯ ଅନୁଯାୟୀ ଆବେଦନ କରି ପିଏଫ୍‌ରୁ ଟଙ୍କା ଉଠାଇପାରିବେ। ଚାକିରି ଛାଡ଼ିବା ବ୍ୟତୀତ କର୍ମଚାରୀମାନେ ଘର କିଣିବା, ଘର ନିର୍ମାଣ, ଘର ମରାମତି, ବିବାହ, ପିଲାମାନଙ୍କର ଶିକ୍ଷା ଇତ୍ୟାଦି ଆବଶ୍ୟକତା ପାଇଁ ଏଥିରୁ ଟଙ୍କା ଉଠାଇବାର ସୁବିଧା ମଧ୍ୟ ପାଇଥା'ନ୍ତି । ସେହିପରି ନିଜେ କିମ୍ବା ନିର୍ଭରଶୀଳଙ୍କ ଚିକିତ୍ସା କ୍ଷେତ୍ରରେ ମଧ୍ୟ ଟଙ୍କା ଉଠାଇପାରିବେ। ଏଥିପାଇଁ ଅନୁଚ୍ଛେଦ ୬୮ଜେ ଅନୁଯାୟୀ ପିଏଫ୍‌ରୁ ଅଗ୍ରିମ ପ୍ରତ୍ୟାହାର କରାଯାଇପାରିବ। ଏଥିରେ ଯଦି ଗ୍ରାହକ କିମ୍ବା ନିର୍ଭରଶୀଳ ୧ ମାସରୁ ଅଧିକ ସମୟ ହସ୍ପିଟାଲରେ ଭର୍ତ୍ତି ହୁଅନ୍ତି କିମ୍ବା ଯକ୍ଷ୍ମା, କୁଷ୍ଠ, ପକ୍ଷାଘାତ, କର୍କଟ, ମାନସିକ ରୋଗ, ହୃଦ୍‌ଘାତ ଇତ୍ୟାଦିରେ ପୀଡ଼ିତ ତେବେ ୬୮ଜେ ଅଧୀନରେ ଟଙ୍କା ଉଠାଇବା ପାଇଁ ଆବେଦନ କରିପାରିବେ।

# ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୧୮।୪

କ୍ରମାଗତ ୨ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୫୫(୪୫୪.୬୯) ପଏଣ୍ଟ କମି ୭୨,୪୮୯(୭୨,୪୮୮.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୨(୧୫୨.୦୫)ପଏଣ୍ଟ ହ୍ରାସ ଘଟି ୨୧,୯୯୬(୨୧,୯୯୫.୮୫)ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ହୋଇଛି।

# ଆଜିଠାରୁ ଭିଆଇଟି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୮।୪ (ଅଭୟ ଦାଶ)

VIT Vellore Institute of Technology (Deemed to be University under section 3 of UGC Act, 1956)

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଭିଆଇଟି)ର ବହୁ ପ୍ରତୀକ୍ଷିତ 'ଦି ଭିଆଇଟି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା (ଭିଆଇଟି ଇଞ୍ଜିନିୟରିଂ ଏଣ୍ଟ୍ରାନ୍ସ ଏକ୍‌ଜାମ ବା ଭିଆଇଟିଇଇ) ୨୦୨୪ ଏପ୍ରିଲ ୧୯ରୁ ଆରମ୍ଭ ହେଉଛି। ଏପରିକି ଭାରତର ୧୨୫ ସହର ଏବଂ ବିଦେଶର ୬ ସହରରେ ଏହି ପ୍ରବେଶିକା ପରୀକ୍ଷା ମଧ୍ୟ ସମାନ ଅବଧି ମଧ୍ୟରେ ଆୟୋଜନ କରାଯାଉଛି। ବିଶେଷକରି ବି.ଟେକ୍ ଆଡମିଶନ ପାଇଁ ଭିଆଇଟି ଦ୍ୱାରା କରାଯାଇଥିବା ପ୍ରବେଶିକା ପରୀକ୍ଷା ଭିଆଇଟି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଯଥା ଭିଆଇଟି ଭେଲୋର, ଭିଆଇଟି ଚେନ୍ନାଇ, ଭିଆଇଟି ଆନ୍ଧ୍ରପ୍ରଦେଶ (ଏପି-ଅମରାବତୀ) ଏବଂ ଭିଆଇଟି ଭୋପାଳରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା କରାଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଏପ୍ରିଲ୍ ୧୯ରୁ ୩୦ତାରିଖ ପର୍ଯ୍ୟନ୍ତ ଭାରତର ୧୨୫ ସହର ଏବଂ ବିଦେଶର ୬ ସହରରେ ଏହି ପ୍ରବେଶିକା ପରୀକ୍ଷା (ପ୍ରୋକ୍ଟେଡ୍ କମ୍ପ୍ୟୁଟର ଆଧାରିତ ପରୀକ୍ଷା) କେନ୍ଦ୍ର ଭାବେ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ବିଦେଶର ଦୁବାଇ,ମସ୍କାଟ,କାତାର,କୁଏଟ୍,ସିଙ୍ଗାପୁର ଏବଂ କୁଆଲାଲମ୍ପୁର ସହରରେ ଭିଆଇଟି ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା କେନ୍ଦ୍ର କରାଯାଇଛି। ଭାରତର ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଆଶାୟୀ ଆବେଦନକାରୀମାନେ ଭିଆଇଟିଇଇ-୨୦୨୪ରେ ଅଂଶଗ୍ରହଣ କରିପାରିବେ। ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ ୨୦୨୪ ମେ ୩ରେ ଭିଆଇଟିର ଅଫିସିଆଲ ୱେବ୍‌ସାଇଟ www.vit.ac.inରେ ଉପଲବ୍ଧ ହେବ ଏବଂ ସେହିଦିନ ଅନ୍‌ଲାଇନ କାଉନସେଲିଂ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ।

# କଗ୍ନିଜାଣ୍ଟକୁ ଶ୍ରେଷ୍ଠ ନିଯୁକ୍ତିଦାତା ମାନ୍ୟତା

ଭୁବନେଶ୍ୱର,୧୮।୪

ଦେଶର ପ୍ରମୁଖ ତଥା ବହୁରାଷ୍ଟ୍ରୀୟ ଆଇଟି କମ୍ପାନୀ 'କଗ୍ନିଜାଣ୍ଟ'କୁ ନିକଟରେ ଶ୍ରେଷ୍ଠ ନିଯୁକ୍ତିଦାତାର ମାନ୍ୟତା ଓ ସମ୍ମାନ ପ୍ରଦାନ କରାଯାଇଛି। ଲିଙ୍କ୍‌ଡିନ ପକ୍ଷରୁ ଘରୋଇ ବଜାରରେ ଶ୍ରେଷ୍ଠ ନିଯୁକ୍ତିଦାତା ଓ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଆଇଟି କମ୍ପାନୀଗୁଡ଼ିକର ତାଲିକା ପ୍ରକାଶ କରାଯାଇଛି। ୨୦୨୪ରେ ଘରୋଇ ବଜାର ଶ୍ରେଷ୍ଠ ୨୫ ନିଯୁକ୍ତିଦାତା (କମ୍ପାନୀ)ଙ୍କ ମଧ୍ୟରେ କଗ୍ନିଜାଣ୍ଟ ୩ୟ ସ୍ଥାନରେ ରହିଛି। ଆସୋସିଏଟ୍ ଅଭିଜ୍ଞତାକୁ ପ୍ରାଧାନ୍ୟ ଦେବା, ଦକ୍ଷତାରେ ଅଗ୍ରଗତି, କ୍ୟାରିୟର ଅଭିବୃଦ୍ଧିକୁ ସୁଗମ କରିବା ପାଇଁ କଗ୍ନିଜାଣ୍ଟ ଉଲ୍ଲେଖନୀୟ ସଫଳତା ଲାଭ ସହ ସଂସ୍ଥାର ପ୍ରତିବଦ୍ଧତାକୁ ଦର୍ଶାଇଛି। କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍ କହିଛନ୍ତି, ଏହି ପ୍ରଶଂସା ଆମ ସହଯୋଗୀମାନଙ୍କ ନିରନ୍ତର ନିଷ୍ଠାର ପ୍ରତିଫଳନକୁ ଦର୍ଶାଉଛି। ଆମ ଟିମ୍ ସାରା ଭାରତରେ ଦକ୍ଷତା, ଅଭିବୃଦ୍ଧି ଓ ନବସୃଜନ ପାଇଁ ସୁଯୋଗ ପାଇଥାନ୍ତି। ବିଶେଷକରି ଆମେ କେବଳ କ୍ୟାରିୟର ଗଠନକରି ନ ଥାଉ ବରଂ ୮ଟି ସ୍ତମ୍ଭ ଉପରେ ଆଧାରକରି ଭାରତର ଶ୍ରେଷ୍ଠ ୨୫ କମ୍ପାନୀ ମଧ୍ୟରେ ଆଗକୁ ବଢ଼ିବାର କ୍ଷମତା, ଦକ୍ଷତା ବୃଦ୍ଧି, କମ୍ପାନୀର ସ୍ଥିରତା, ବାହ୍ୟ ସୁଯୋଗ, ଲିଙ୍ଗ ବିବିଧତା ପ୍ରଭୃତି ଉପରେ ବିକାଶ କରିଛୁ। ଗତବର୍ଷ କଗ୍ନିଜାଣ୍ଟ ବିଶ୍ୱର ୯୦% କର୍ମଦକ୍ଷତା ବୃଦ୍ଧି କାର୍ଯ୍ୟରେ ସହଯୋଗ କରିଥିଲାବେଳେ ପ୍ରାୟ ୨,୭୦,୦୦୦ ସହଯୋଗୀ ନୂଆ ଦକ୍ଷତା କୌଶଳ ଶିକ୍ଷା ଓ ଦକ୍ଷତା ହାସଲ କରିଥିଲେ। ୮୮,୦୦୦ ଏଆଇ ଓ ଜେନେରେଟିଭ ଏଆଇ ପାଠ୍ୟକ୍ରମ ସମାପ୍ତ କରିଥିଲେ। ଏହା ସହ କମ୍ପାନୀ କ୍ୟାରିୟର ଅଭିବୃଦ୍ଧି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୩୦,୦୦୦ କର୍ମଚାରୀଙ୍କୁ ବିଭିନ୍ନ ଭୂମିକାରେ ପଦୋନ୍ନତି ମିଳିଥିଲାବେଳେ ବେଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ-ଏନ୍‌ସିଆର୍, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲକାତା, ମାଙ୍ଗାଲୁରୁ, ମୁମ୍ବାଇ ଏବଂ ପୁଣେ ସମେତ ସାରା ଭାରତରେ କଗ୍ନିଜାଣ୍ଟର ସୁବିଧା କେନ୍ଦ୍ର ରହିଛି।

# ହୋଣ୍ଡାର ନୂତନ ସିକେଡି ଇଞ୍ଜିନ ଆସେମ୍ବ୍ଲି ଲାଇନ

ଭୁବନେଶ୍ୱର,୧୮।୪



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡ୍‌ର ନୂତନ କମ୍ପ୍ଲିଟଲି ନକ୍ ଡାଉନ୍ ବା ସିକେଡି ଇଞ୍ଜିନ୍ ଆସେମ୍ବ୍ଲି ଲାଇନ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ହରିୟାଣାସ୍ଥିତ ମାନେସର ଗ୍ଲୋବାଲ ରିସୋର୍ସ ଫ୍ୟାକ୍ଟ୍ରିରେ ଏହି ୟୁନିଟ୍ ତଥା ନୂତନ ଅତ୍ୟାଧୁନିକ ଷ୍ଟେଟ୍-ଅଫ୍-ଆର୍ଟ ଇଞ୍ଜିନ ଆସେମ୍ବ୍ଲି ଲାଇନ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ବିଶେଷକରି ଏହି ନୂତନ ଆସେମ୍ବଲି ଲାଇନ ପ୍ରତିଦିନ ୬୦୦ ଇଞ୍ଜିନ୍ ଉତ୍ପାଦନ କରିବା ସହ ୧୧୦ସିସିରୁ ୩୦୦ସିସି ପର୍ଯ୍ୟନ୍ତ ବିଭିନ୍ନ ମଡେଲଗୁଡିକର ଇଞ୍ଜିନ ଉତ୍ପାଦନ ପାଇଁ ଉକ୍ତ ୟୁନିଟ୍ ପ୍ରସ୍ତୁତ ହୋଇଛି। ଏହା ସମଗ୍ର ବିଶ୍ୱରେ ଗ୍ରାହକଙ୍କ ବିଭିନ୍ନ ଆବଶ୍ୟକତା ଏବଂ ପସନ୍ଦକୁ ପୂରଣ କରିବ। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁତ୍ସୁମ ଓଟାନି କହିଛନ୍ତି, ଆମର ଗ୍ଲୋବାଲ ରିସୋର୍ସ ଫ୍ୟାକ୍ଟ୍ରି ମାନେସରରେ ସିକେଡି ରପ୍ତାନି ପାଇଁ ଆମେ ଏକ ନୂତନ ଇଞ୍ଜିନ ଆସେମ୍ବ୍ଲି ଲାଇନ ସ୍ଥାପନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଶିଳ୍ପରେ ଆମର ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ସହ ନିରନ୍ତର ପ୍ରୟାସ ଜରି ରହିଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇ ତା'ର ରପ୍ତାନି କ୍ଷମତାକୁ ବୃଦ୍ଧି କରିବା ସହିତ ବଜାର ବିସ୍ତାରରେ ମଧ୍ୟ ନୂତନ ଶିଖର ଏବଂ ବିଶ୍ୱର ଗୁଣାତ୍ମକ ମାନକୁ ଅନୁପାଳନ କରୁଛି। ଉଲ୍ଲେଖଯୋଗ୍ୟ ୨୦୦୧ରେ 'ଆକ୍ଟିଭା'ପ୍ରଥମ ଜନ ଉତ୍ପାଦନ ମଡେଲ ଭାବେ ପ୍ରତିଷ୍ଠିତ ହୋଇଥିଲା, ଯାହା ଦେଶରେ ହୋଣ୍ଡାର ପ୍ରଥମ ୨ଚକିଆ ଉତ୍ପାଦନ ଭାବେ ଉପଭୋକ୍ତାଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା। ବର୍ଷ ବର୍ଷ ଧରି ହୋଣ୍ଡା ଏକ ଗୁରୁତ୍ୱପୂର୍ଣ୍ଣ ରପ୍ତାନି ହବ୍‌ରେ ପରିଣତ ହୋଇ ବିଶ୍ୱ ଅଟୋମୋବାଇଲ୍ ଦୃଶ୍ୟପଟରେ ଭାରତର ପ୍ରମୁଖ ସଂସ୍ଥା ଭାବରେ ଭାରତର ସ୍ଥିତିକୁ ଯଥେଷ୍ଟ ଅବଦାନ ଦେଇଛି।

# ଗୁଣାତ୍ମକ ଉତ୍ପାଦର ସର୍ବୋତ୍ତମ ବିକ୍ରୟ ସୁଯୋଗ

ଭୁବନେଶ୍ୱର,୧୮।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆର୍ୟ୍ୟା ଓମ୍ନିଟକ୍ ଏବଂ ମୋଟୋରୋଲା ସଲ୍ୟୁଶନ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା (ପାର୍ଟନରଶିପ) ନିକଟରେ ହୋଇଯାଇଛି। ବିଶେଷକରି ଘରୋଇ ବଜାର(ଭାରତ)ରେ ବୃତ୍ତିଗତ ଏବଂ ବାଣିଜ୍ୟିକ ରେଡିଅସ୍ ବଣ୍ଟନ ପାଇଁ ଉଭୟ କମ୍ପାନୀ ମଧ୍ୟରେ ଉକ୍ତ ସହଭାଗିତା ହୋଇଛି। ଏହା ଜରିଆରେ ଆର୍ୟ୍ୟା ଓମ୍ନିଟକ୍ କେବଳ ମୋଟୋରୋଲା ସଲ୍ୟୁଶନର ମୋଟୋଟ୍ରୋବ୍ ପୋର୍ଟଫୋଲିଓ ଆଣ୍ଡ ପ୍ରଡକ୍ଟସ ବଣ୍ଟନ କରିବ। ଏହା ସହିତ ୱେଭ ପିଟିଏକ୍ସ ଏବଂ ଆନୁଷଙ୍ଗିକ ସେବା ପ୍ରଦାନ ମଧ୍ୟ ଜାରି ରଖିବ। ଏ ସମ୍ପର୍କରେ ଆର୍ୟ୍ୟା ଓମ୍ନିଟକ୍‌ର ସିଇଓ ପାରେଶ ସେଠୀ କହିଛନ୍ତି, ଆମେମାନେ ମୋଟୋରୋଲା ସଲ୍ୟୁଶନ ସହିତ ଆମର ନିରନ୍ତର ସହଭାଗିତା ଘୋଷଣା କରି ବେଶ୍ ଆନନ୍ଦିତ ଅଛୁ। ଏପରିକି ଆମେ ବ୍ରାଣ୍ଡ୍ ଏବଂ ଗ୍ରାହକଙ୍କ ସହିତ ବର୍ଷ ବର୍ଷ ଧରି ନିର୍ମାଣ କରିଥିବା ବିଶ୍ୱାସକୁ ଦୃଢ଼ କରିବାକୁ ଆଗ୍ରହୀ ରହୁଛୁ। ଏପରିକି ଏହି ସ୍ୱତନ୍ତ୍ର ସହଭାଗିତା ଆମକୁ ଭାରତରେ ଗୁଣାତ୍ମକ ଉତ୍ପାଦଗୁଡ଼ିକର ସର୍ବୋତ୍ତମ ବିକ୍ରୟ କରିବାର ସୁଯୋଗ ପ୍ରଦାନ କରିବ। ସେହିଭଳି ଏହି ସେବାଗୁଡିକ ମ୍ୟୁନିସିପାଲ କର୍ପୋରେଶନ ,ଉତ୍ପାଦନ, ସୁରକ୍ଷା, ତୈଳ ଏବଂ ଗ୍ୟାସ୍, ପରିବହନ ଏବଂ ଲଜିଷ୍ଟିକ୍ସ, ଗୋଦାମ ଘର, ଶିକ୍ଷାନୁଷ୍ଠାନ, ଆଇଟି,ଆତିଥେୟତା, ଡାକ୍ତରଖାନା, ଦୂତାବାସ, ଖଣି ଏବଂ ନିର୍ମାଣ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ପୂରଣ କରିଥାଏ। ଉଲ୍ଲେଖଯୋଗ୍ୟ ଦେଶର ୨ଟି ଅଗ୍ରଣୀ ବ୍ୟବସାୟିକ ପ୍ରତିଷ୍ଠାନ ଅରବିନ୍ଦ ଲିମିଟେଡ୍ ଏବଂ ଜେଏମ୍ ବକ୍ସି ଗ୍ରୁପ୍‌ର ମିଳିତ ଉଦ୍ୟମରେ ଆର୍ୟ୍ୟା ଓମ୍ନିଟକ୍‌ର ଆୟମାରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ଆର୍ୟ୍ୟା ଓମ୍ନିଟକ୍ ତିନୋଟି ବ୍ୟବସାୟିକ ବିଭାଗ ପରିଚାଳନା କରୁଛି, ଯଥା ଶେୟାର ମୋବାଇଲ୍ ରେଡିଓ ସର୍ଭିସେସ୍, ଜିପିଏସ୍ ବେସ୍‌ଡ ଫ୍ଲିଟ୍ ଟ୍ରାକିଂ ଏବଂ ମ୍ୟାନେଜମେଣ୍ଟ ସଲ୍ୟୁଶନ ଏବଂ ଟୋଲ୍ ଆଣ୍ଡ ହାଇୱେ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ସ ଇତ୍ୟାଦି।

**ନୀତି ରାଜନୀତି**

# ମଇଦାନରେ ବିପ୍ଳବ, ସିଦ୍ଧାନ୍ତ, ଶ୍ରୀଧର

ବ୍ରହ୍ମପୁର,୧୮।୪(ଅଶୋକ କୁମାର ସାହୁ)

## ଦିଗପହଣ୍ଡି ବିଧାନସଭା କ୍ଷେତ୍ର



ବିପ୍ଳବ ପାତ୍ର



ସିଦ୍ଧାନ୍ତ ମହାପାତ୍ର



ଶ୍ରୀଧର ଦେବ

ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଦିଗପହଣ୍ଡି ବିଧାନସଭା ଆସନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଲୋଚନା ହେଉଛି। ଏଠାରେ ବିଜେଡି ଓ କଂଗ୍ରେସ ୨ ନବାଗତଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପା ଜଣେ ଅଭିଜ୍ଞ ନେତାଙ୍କ ଉପରେ ଭରସା କରିଛି। ତେବେ ନବାଗତ ଅଭିଜ୍ଞଙ୍କ ସହ କିଭଳି ମୁକାବିଲା କରିବେ ତାକୁ ନେଇ ରାଜନୈତିକ ମହଲରେ ଆଲୋଚନା ଚାଲିଛି।

ଦିଗପହଣ୍ଡି ଏନ୍‌ଏସି ଓ ବ୍ଲକର ୨୫ ପଞ୍ଚାୟତ ଏବଂ କୁକୁଡାଖଣ୍ଡି ବ୍ଲକର ୧୭ ପଞ୍ଚାୟତକୁ ନେଇ ଏହି ବିଧାନସଭା କ୍ଷେତ୍ର ଗଠିତ। ଭୋଟର ସଂଖ୍ୟା ୨,୨୪,୩୯୭। ସେଥିମଧ୍ୟରେ ୧,୧୫,୧୫୮ ଜଣ ପୁରୁଷ, ୧,୦୯,୨୧୬ ଜଣ ମହିଳା ଓ ୨୩ ଜଣ ତୃତୀୟ ଲିଙ୍ଗୀ ଭୋଟର। ଗତ ୩ଟି ନିର୍ବାଚନରେ ବିଜେଡିର ସୂର୍ଯ୍ୟ ନାରାୟଣ ପାତ୍ର ଏଠାରୁ ଜିତିଥିଲେ। ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସ ସହ ବିଜେଡିର କଡା ମୁକାବିଲା ହୋଇଥିବାବେଳେ ଗତ ନିର୍ବାଚନରେ ଭାଜପା ଟକ୍କର ଦେଇଥିଲା। କିନ୍ତୁ ଏବେ ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳିଯାଇଛି। ବିଜେଡି ସୂର୍ଯ୍ୟନାରାୟଣଙ୍କ ବିୟୋଗ ପରେ ତାଙ୍କ ପୁଅ ବିପ୍ଳବ ପାତ୍ରଙ୍କୁ ପ୍ରାର୍ଥୀ କରିଛି। ସେହିପରି ଭାଜପା ଦୁଇଥର ବିଜେଡିରୁ ବ୍ରହ୍ମପୁର ଏମ୍‌ପି ହୋଇ କିଛିଦିନ ତଳେ ଦଳରେ ମିଶିଥିବା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଟିକେଟ ଦେଇଛି। ସେପଟେ ବଡ଼ଖେମୁଣ୍ଡି ରାଜ ପରିବାରର ଶ୍ରୀଧର ଦେବଙ୍କୁ କଂଗ୍ରେସ ଟିକେଟ ଦେଇଛି। ଏହି ଆସନ ପାଇଁ ସିପିଆଇ ମଧ୍ୟ ପ୍ରାର୍ଥୀ ଦେବ ବୋଲି ଶୁଣାଯାଉଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବାକୁ କାହ୍ନୁ ଚରଣ ପାତ୍ର ଆବେଦନପତ୍ର ନେଇଥିବା ଜଣାପଡିଛି। ତେବେ ବିପ୍ଳବଙ୍କ ରାଜନୀତିରେ ସେଭଳି ଭୂମିକା ନ ଥିବା ବେଳେ ଅନୁକମ୍ପା ଭୋଟ ଉପରେ ସେ ଭରସା କରିବେ। ଏଥିସହିତ କୁକୁଡାଖଣ୍ଡି ବ୍ଲକ ଚେୟାରମ୍ୟାନ କାମାକ୍ଷା ପ୍ରସାଦ ପାତ୍ର ବିଜେଡି ସମର୍ଥିତ ହୋଇଥିବାରୁ ସରପଞ୍ଚ ଓ ସମିତିସଭ୍ୟମାନେ ବିପ୍ଳବଙ୍କୁ ସାହାଯ୍ୟ କରିପାରନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ସବୁଠୁ ବଡକଥା ହେଲା ଏହି ଆସନ ପାଇଁ ବିଜେଡିରୁ ପ୍ରାର୍ଥୀ ହେବାକୁ ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେ ବିଜେଡି ଛାଡିଏବେ ଭାଜପାରେ ଅଛନ୍ତି। ବ୍ଲକ ଚେୟାରମ୍ୟାନ ଯମୁନା ନାୟକ ମଧ୍ୟ ଭାଜପାକୁ ଡେଇଁଛନ୍ତି। ଭାଜପା ବିପିନଙ୍କୁ ଅଣଦେଖା କରି ସିଦ୍ଧାନ୍ତ ମହାପାତ୍ରଙ୍କୁ ଟିକେଟ ଦେଇଛି। ତେଣୁ ବିପିନ ଓ ସେମାନଙ୍କ ସମର୍ଥକଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି ରାଜନୈତିକ ମହଲ ବିବେଚନା କରୁଛି। ସେହିପରି କଂଗ୍ରେସରୁ ସାକା ସୁଜିତ କୁମାର ୨୦୧୪ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଥିଲେ। ଚଳିତଥର ସେ ଓ ବୃନ୍ଦାବନ ଖଟେଇ ଆଶାୟୀ ଥିବାବେଳେ କଂଗ୍ରେସ ବଡଖେମୁଣ୍ଡି ରାଜପୁତ୍ର ଶ୍ରୀଧର ଦେବଙ୍କ ଉପରେ ଭରସା କରିଛି। ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ଭାବେ ପ୍ରଫୁଲ୍ଲ ପଣ୍ଡା ଥିବାବେଳେ ତାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଏବେ ସାକା ସୁଜିତଙ୍କ ଅଞ୍ଚଳରେ ପ୍ରଭାବ ଥିବାରୁ ତାଙ୍କ ଭୂମିକା କ'ଣ ହେବ ତାକୁ ନେଇ ରାଜନୈତିକ ମହଲ ଅଙ୍କ ଛିଡୁନି। ଅନ୍ୟପକ୍ଷରେ ସିପିଆଇ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଯଦି ଆବିର୍ଭାବ ହୁଏ ତେବେ ଉକ୍ତ ନିର୍ବାଚନରେ ଭୋଟ ବିଭାଜନ ହୋଇପାରେ ଏଥିରେ ସନ୍ଦେହ ନାହିଁ। ସେହିଭଳି ବିଜେଡି, ଭାଜପା ଓ କଂଗ୍ରେସରେ ପ୍ରଭାବ ଥିଲାଭଳି ନେତାଙ୍କୁ ଟିକେଟ ମିଳି ନ ଥିବାରୁ ଦିଗପହଣ୍ଡି ରାଜନୈତିକ ଚିତ୍ର ଏଥର କ'ଣ ହେବ ସେଥିନେଇ ସବୁଠି ଆଲୋଚନା ହେଉଛି।

# ବିଜେଡି ଛାଡ଼ି ଭାଜପାରେ ପୂର୍ବତନ କେନ୍ଦୁଝର ଜିଲା ସଭାପତି

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

କେନ୍ଦୁଝର ଜିଲା ଯୋଡ଼ା ମ୍ୟୁନିସିପାଲିଟିର ପ୍ରଥମ ଅଧ୍ୟକ୍ଷ, ବିଜେଡିର ପୂର୍ବତନ କେନ୍ଦୁଝର ଜିଲା ସଭାପତି ରବୀନ୍ଦ୍ର କୁମାର ଦାସ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଗୁରୁବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରବୀନ୍ଦ୍ରଙ୍କ ସମେତ ବିଜେଡି ଜିଲା ଉପସଭାପତି ମହେନ୍ଦ୍ର କୁମାର ମହାପାତ୍ର, ସପନ ଦାସଗୁପ୍ତା, ପୂର୍ବତନ କାଉନସିଲର ଶୈଳେନ୍ଦ୍ର ଜୋରା, ମହମ୍ମଦ ବାବୁ ଖାଁ, ରତିକାନ୍ତ ଦାସ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ସମୀର କହିଛନ୍ତି, ରାଜ୍ୟରେ ଖଣି ମାଫିଆଙ୍କ ପ୍ରାଦୁର୍ଭାବ, ଦୁର୍ନୀତିଗ୍ରସ୍ତ ବିଜେଡି ନେତା, ମନ୍ତ୍ରୀ ଓ ସରକାରୀ କର୍ମଚାରୀଙ୍କ ମିଳିତ ସହଯୋଗରେ ଖଣିରୁ ଉତ୍ପନ୍ନ ହେଉଥିବା ଲୁହାପଥର ମାଙ୍ଗାନିଜ, ଆଲୁମିନିୟମ, ବକ୍ସାଇଟ୍ ଇତ୍ୟାଦିରୁ ବ୍ୟାପକ ମାତ୍ରାରେ ଅର୍ଥ ଆଦାୟ ବେଆଇନ ଭାବେ କରାଯାଉଛି। ଓଡ଼ିଶା ଦୁର୍ନୀତି, ଭ୍ରଷ୍ଟାଚାରର ଗନ୍ତାଘର ସାଜିଛି ଏବଂ ରାଜ୍ୟର ଶାସକ ଦଳ ଏହାର ନେତୃତ୍ୱ ନେଉଛି। ଯେଉଁଥିଲାଗି ବିଜେଡି ନେତା, ମନ୍ତ୍ରୀମାନେ ଦଳ ଛାଡ଼ି ଭାଜପାରେ ଯୋଗଦେଉଛନ୍ତି ବୋଲି ସେ କହିଛନ୍ତି।

# କୃଷିଭିତ୍ତିକ ଅର୍ଥନୀତିକୁ ଦେଖି ଯୋଜନା ପ୍ରସ୍ତୁତ ହେବ: ଧର୍ମେନ୍ଦ୍ର

ସମ୍ବଲପୁର,୧୮।୪ (ପ୍ରମୋଦ ବହିଦାର)

ସମ୍ବଲପୁରରେ କୃଷିଭିତ୍ତିକ ଅର୍ଥନୀତିକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ଠେମରାଠାରେ ବୁଧବାର ଆୟୋଜିତ ଏକ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଚାଷୀମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଚାଷୀ ଆତ୍ମନିର୍ଭର ହେଲେ ଆମ ଦେଶ ଆତ୍ମନିର୍ଭର ହେବ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଚାଷୀ, ଗରିବ, ମହିଳା ଓ ଯୁବକମାନଙ୍କୁ ପ୍ରାଥମିକତା ଦେଇଆସିଛି। 'ମୋଦି ଗ୍ୟାରେଣ୍ଟି'ରେ ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ଚାଷୀଙ୍କୁ ଆର୍ଥିକ ସହାୟତା, ଧାନର ଏମ୍‌ଏସ୍‌ପି ବୃଦ୍ଧି ହୋଇ ଚାଷୀଙ୍କୁ ସଶକ୍ତ କରିଛି। ବର୍ତ୍ତମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ୨,୧୮୩ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଭାଜପା କ୍ଷମତାକୁ ଆସିଲେ ଏହା ୩,୧୦୦ ଟଙ୍କା କରାଯିବ ବୋଲି ସେ କହିଛନ୍ତି। ଠେମରା ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଥିଲେ ମଧ୍ୟ ଅନେକ ବିକାଶମୂଳକ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରି କି ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର ବିଗତ ୫ବର୍ଷ ମଧ୍ୟରେ ଓଡିଶାକୁ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇସାରିଥିଲେ ମଧ୍ୟ ଠେମରା ଅଞ୍ଚଳକୁ ଜଳ ଯୋଗାଣ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ତେବେ ଆଗାମୀ ଦିନରେ ଏହି ଅଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯାଇ ଏକ ଗ୍ରାମ୍ୟ ଆଧାରିତ ସହରାଞ୍ଚଳରେ ପରିଣତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।



ଠେମେରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ପ୍ରମୁଖ ଦଳରେ ପ୍ରାର୍ଥୀ ପରିବର୍ତ୍ତନ: ବଦଳିପାରେ ସମୀକରଣ

## ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ

ମାଲକାନଗିରି,୧୮।୪ (ଦୁର୍ଯ୍ୟୋଧନ ପାତ୍ର)



ଲକ୍ଷ୍ମୀପ୍ରିୟା ନାୟକ



ଡମ୍ବରୁ ଶିଶା



ମଙ୍ଗୁ ଖିଲ





ଶରତ ଚନ୍ଦ୍ର ବୁରୁଦା



ରଘୁନାଥ ହନ୍ତାଳ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ହେବାପରେ ରାଜନୀତି ସରଗରମ ହୋଇଛି।

ବିଭିନ୍ନ ଦଳ ବର୍ତ୍ତମାନସୁଦ୍ଧା ୫ ଜଣ ପ୍ରାର୍ଥୀ ଦେଇଛନ୍ତି। ସେଥିମଧ୍ୟରୁ ବିଜେଡିରୁ ଲକ୍ଷ୍ମୀପ୍ରିୟା ନାୟକ, ଭାଜପାରୁ ଡମ୍ବରୁ ଶିଶା, କଂଗ୍ରେସରୁ ମଙ୍ଗୁ ଖିଲ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ଏମ୍)ରୁ ରଘୁନାଥ ହନ୍ତାଳ, ଆମ୍ ଆଦ୍‌ମୀ ପାର୍ଟିରୁ ଶରତ ଚନ୍ଦ୍ର ବୁରୁଦାଙ୍କୁ ପାର୍ଟି ଟିକେଟ ଦେଇଛି। ପ୍ରମୁଖ ଦଳଗୁଡିକ ପ୍ରାର୍ଥୀ ପରିବର୍ତ୍ତନ କରିବାରୁ ସମୀକରଣ ବଦଳିବା ସମ୍ଭାବନା ରହିଛି।

ଏମାନେ ନିଜ ନିଜ ଅଞ୍ଚଳର ଦେବଦେବୀଙ୍କ ପୀଠଙ୍କୁ ଯାଇ ପୂଜାର୍ଚ୍ଚନା କରି ପ୍ରଚାର ଚଳାଇଛନ୍ତି। ତେବେ ବିଜୁ ଜନତା ଦଳ ନିମନ୍ତେ ୫ ଜଣ ଆଶାୟୀଙ୍କ ମଧ୍ୟରୁ କାହାକୁ ଟିକେଟ ମିଳିବ ସେଥିପାଇଁ କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ଶେଷ ମୁହୂର୍ତ୍ତରେ ଲକ୍ଷ୍ମୀପ୍ରିୟାଙ୍କୁ ଟିକେଟ ମିଳିଥିଲା। ୨୦୧୯ରେ ଲକ୍ଷ୍ମୀପ୍ରିୟା କଂଗ୍ରେସରୁ ଟିକେଟ ପାଇ ନିଜ ଦାଦା ବିଜୁ ଜନତା ଦଳର ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିଲେ। ତେବେ ବାକା ମୋଟ ୪୧,୧୯୨ ଭୋଟ ପାଇଥିବା ବେଳେ ଝିଆରୀ ଲକ୍ଷ୍ମୀପ୍ରିୟା ୩୮,୬୪୭ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

୨୦୨୪ ନିର୍ବାଚନରେ ଲକ୍ଷ୍ମୀପ୍ରିୟା ନାୟକ କଂଗ୍ରେସ ତ୍ୟାଗକରି ବିଜେଡିରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇ ପ୍ରଚାର ଆରମ୍ଭ କରିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ଡମ୍ବରୁ ଶିଶା ୨୦୧୪ରେ ବିଧାୟକ ଥିଲା ବେଳେ ୨୦୧୯ରେ ତାଙ୍କୁ ଟିକେଟ ଦିଆଯାଇ ନ ଥିଲା। ୨୦୨୪ରେ ବିଜେଡିରୁ ଟିକେଟ ପାଇବାକୁ ଆଶା ରଖିଥିଲେ ମଧ୍ୟ ନ ମିଳିବାରୁ ସେ ଭାଜପାରେ ଯୋଗଦେଇ ଟିକେଟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ନେତା ଶରତ ବୁରୁଦା ଟିକେଟ ଆଶାୟୀ ଥିଲା ବେଳେ ମଙ୍ଗୁ ଖିଲଙ୍କୁ ଟିକେଟ ଦିଆଯାଇଥିବାରୁ ବୁରୁଦା ଅସନ୍ତୋଷ ପ୍ରକାଶ କରି କଂଗ୍ରେସ ଛାଡ଼ି ଆମ୍ ଆଦ୍‌ମୀ ପାର୍ଟିରେ ଯୋଗଦେଇ ଟିକେଟ ପାଇଛନ୍ତି। ତେବେ ତିନୋଟି ପ୍ରମୁଖ ଦଳ ବ୍ୟତୀତ ଆମ୍ ଆଦ୍‌ମୀ ପାର୍ଟିରେ ବୁରୁଦା ଓ ସିପିଆଇ(ଏମ୍)ର ରଘୁନାଥ ହନ୍ତାଳ ଦଳୀୟ ଟିକେଟ ପାଇ ମଇଦାନକୁ ଓହ୍ଲାଇଥିବା ବେଳେ ଆଗାମୀ ଦିନରେ ଏହି ନିର୍ବାଚନମଣ୍ଡଳୀରେ ଅନେକ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଚର୍ଚ୍ଚାହେଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦ୍ୱିତୀୟ ସ୍ଥାନକୁ ଖସିଲେ ଗୁକେଶ

**ଟରଣ୍ଟୋ,୧୮।୪(ପି.ଟି.)**

କାନାଡାରେ ଅନୁଷ୍ଠିତ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟର ୧୧ ତମ ରାଉଣ୍ଡ ସୁଦ୍ଧା ଭାରତୀୟ ଗ୍ରାଣ୍ଡ ମାଷ୍ଟର ଡି. ଗୁକେଶ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ଗୁରୁବାର ଟପ୍ ସିଡ୍ ଫାବିଆନୋ କାରୁଆନାଙ୍କ ବିପକ୍ଷରେ ମ୍ୟାଚ୍ ଅମୀମାଂସିତ ରଖିବା ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି ଡି. ଗୁକେଶ । ଆହୁରି ୩ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ୧୭ ବର୍ଷୀୟ ଗୁକେଶ, ଫାବିଆନୋ କାରୁଆନା ଓ ହିକାରୁ ନାକାମୁରା ୬.୫ ପଏଣ୍ଟ ସହ ମିଳିତ ଭାବରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷିଆର ଇଆନ ନେପୋମନିଆଚି ୬.୫ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଗୁରୁବାର ଅନ୍ୟ ୨ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ଓ ଭିଦିତ୍ ଗୁଜରାଠୀ ପରାଜିତ ହୋଇଛନ୍ତି। ଶୀର୍ଷ ସ୍ଥାନରେ ଥିବା ଇଆନ ନେପୋମନିଆଚିଙ୍କ ନିକଟରୁ ପରାଜିତ ହୋଇଥିଲେ ଗୁଜରାଠୀ। ଅନ୍ୟପକ୍ଷରେ ହିକାରୁ ନାକାମୁରାଙ୍କ ବିପକ୍ଷ ମ୍ୟାଚ୍ ହାରି ଯାଇଥିଲେ ଆର୍. ପ୍ରଜ୍ଞାନନ୍ଦ। ଭିଦିତ ଗୁଜରାଠୀ ୫ ପଏଣ୍ଟରେ ରହିଥିବା ବେଳେ ପ୍ରଜ୍ଞାନନ୍ଦ ୫.୫ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଫ୍ରାନ୍ସର ଫିରୌଜା ଅଲିରେଜା ଆଜରବୈଜାନର ନିଜତ ଅବସୋଭଙ୍କୁ ପରାସ୍ତ କରିଛନ୍ତି।



ଫାବିଆନୋ କାରୁଆନାଙ୍କ ବିପକ୍ଷରେ ମ୍ୟାଚ୍ ଅବସରରେ ଡି. ଗୁକେଶ।

### କ୍ୟାଣ୍ଡିଡେଟ୍ସ ଚେସ୍

ମହିଳା ବର୍ଗରେ ଗୁରୁବାର ଦୁଇ ଭାରତୀୟ କୋନେରୁ ହମ୍ପି ଓ ଆର୍. ବୈଶାଳୀ ବିଜୟ ହାସଲ କରିଥିଲେ। ହମ୍ପି ବୁଲଗେରିଆର ନୁର୍ଗିଉଲ ସାଲିମୋଭାଙ୍କୁ ପରାସ୍ତ କରିଥିବା ବେଳେ ବୈଶାଳୀ ରୁଷିଆର ଆଲେକଜାଣ୍ଡ୍ରା ଗୋର୍ୟାଚକିନାଙ୍କୁ ପରାସ୍ତ କରିଥିଲେ। ଚାଇନାର ଝ୍ୟୋଙ୍ଗି ଟାନ୍ ରୁଷିଆର କାଟେରିନା ଲାଗ୍ନୋଙ୍କୁ ହରାଇ ଶୀର୍ଷ ସ୍ଥାନରେ ରହିଛନ୍ତି। ଦଶମ ରାଉଣ୍ଡ ସୁଦ୍ଧା ଯୁଗ୍ମ ଶୀର୍ଷ ସ୍ଥାନରେ ଥିବା ଅନ୍ୟ ଚାଇନା ଖେଳାଳି ଟିଙ୍ଗଜେଇ ଲି ୟୁକ୍ରେନର ଆନା ମୁଜିଚୁ୍ୟକ୍‌ଙ୍କ ସହିତ ଡ୍ର ରଖି ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି।

# ମୁରଲୀ ଶ୍ରୀଶଙ୍କର ଅଲିମ୍ପିକ୍ସରୁ ବାହାର

**ନୂଆଦିଲ୍ଲୀ, ୧୮।୪ (ପି.ଟି.)**

ଭାରତର ଅଗ୍ରଣୀ ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ପ୍ୟାରିସ ଅଲିମ୍ପିକ୍ସରୁ ବାହାର ହୋଇଯାଇଛନ୍ତି। ଟ୍ରେନିଂ ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଛି। ଫଳରେ ସେ ୨୦୨୪ ସିଜନରେ ସମ୍ପୂର୍ଣ୍ଣ ଉପଲବ୍ଧ ହେବେ ନାହିଁ। ଶ୍ରୀଶଙ୍କର ହେଉଛନ୍ତି ଜଣେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା। ୨୦୨୩ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୮.୩୭ ମିଟର ଜମ୍ପ୍ କରି ଏକ ରୌପ୍ୟ ପଦକ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ୨୫ ବର୍ଷୀୟ ଆଥଲେଟ୍ ପଛକୁ ପଛ ଯଥାକ୍ରମେ ଏପ୍ରିଲ ୨୭ ଓ ମେ' ୧୦ରେ ଶାଙ୍ଘାଇ/ସୁଝୋ ଏବଂ ଦୋହାଠାରେ ଡାଇମଣ୍ଡ ଲିଗ୍ ମିଟିଙ୍ଗ୍ସ ସିଜନ ଆରମ୍ଭ କରିଥାନ୍ତେ। କିନ୍ତୁ ମଙ୍ଗଳବାର ଟ୍ରେନିଂ ବେଳେ ଆଘାତପ୍ରାପ୍ତ ହେବାରୁ ତାଙ୍କ ଅଲିମ୍ପିକ ସ୍ୱପ୍ନର ଅନ୍ତ ଘଟିଛି।

# ନୟାଗଡ଼କୁ ସୁପର ଲିଗ୍ ଯୋଗ୍ୟତା

**ଭୁବନେଶ୍ୱର,୧୮।୪(ସରୋଜ ଜେନା)**

ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ସମ୍ବଲପୁରକୁ ୯୬ ରନ୍‌ରେ ପରାସ୍ତ କରି ସୁପରଲିଗ୍ ଯୋଗ୍ୟତା ହାସଲ କରିଛି ନୟାଗଡ ଦଳ। ଦିଲୀପ ପଣ୍ଡା ୫ ଉଇକେଟ ଅକ୍ତିଆର କରି ସଫଳ ବୋଲର ରହିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ଼ ୩୨ ଓଭରରେ ୬ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଦଳ ପକ୍ଷରୁ ଲୀଳାଧର ପ୍ରଧାନ ୪୯*, ଅଙ୍କିତ ଅରୁଣଭ ୪୧ ଓ ଶିଲନ ନାୟକ ୪୦* ରନ୍ କରିଥିଲେ। ସମ୍ବଲପୁର ପକ୍ଷରୁ ଆଶୁତୋଷ ଛୁରିଆ ୩ ଓ ପ୍ରଶାନ୍ତ ଠକ୍କର ୨ ଉଇକେଟ ନେଇଥିଲେ। ଜବାବରେ ସମ୍ବଲପୁର ୧୨୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ରାହୁଲ ବିଶ୍ୱକର୍ମା ୪୬ ଓ ପ୍ରଶାନ୍ତ ଠକ୍କର ୨୪ ରନ୍ କରିଥିଲେ। ନୟାଗଡ଼ ପକ୍ଷରୁ ଦିଲୀପ କୁମାର ପଣ୍ଡା ୨୮ ରନ୍‌ରେ ୫ ଉଇକେଟ ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରବଳ ଗ୍ରୀଷ୍ମପ୍ରବାହ ସହ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିବା ନେଇ ପାଣିପାଗ ବିଭାଗ ଆକଳନ କରିଥିବା କାରଣରୁ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ELECTION 2024**
For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500

**ମୁଦ୍ରା ଫାଇନାନ୍ସ**
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
7382841797

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇଣ୍ଡିଆନ ୟୁନିଭର୍ସିଟିର ଚୟନ ଟ୍ରାଏଲ୍ସ ଆରମ୍ଭ

### ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ଓ ଚେସ୍

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆସନ୍ତା ଜୁନ୍ ୧୦ରୁ ୧୨ ପର୍ଯ୍ୟନ୍ତ ଫ୍ରାନ୍ସର ଏକ୍ସ-ଏନ୍-ପ୍ରୋଭିନ୍ସରେ ଅନୁଷ୍ଠିତ ହେବ। ସେହିପରି ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍ ଉଭାଣ୍ଡାର ଏଣ୍ଟେବେଠାରେ ଜୁନ ୨୫ରୁ ୩୦ ପର୍ଯ୍ୟନ୍ତ ଆୟୋଜନ ହେବ। ଏହି ଦୁଇ ପ୍ରତିଯୋଗିତା ପାଇଁ ଇଣ୍ଡିଆନ ୟୁନିଭର୍ସିଟି ପକ୍ଷରୁ ରଗ୍‌ବୀ ସେଭେନ୍ସ ଓ ଚେସ୍ ଟିମ୍ ଗଠନ (ମହିଳା ଓ ପୁରୁଷ) ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚୟନ ଟ୍ରାଏଲ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ୨୨ ପର୍ଯ୍ୟନ୍ତ ଚାଲିବ। ୩୭ଟି ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ରଗ୍‌ବୀ ଓ ୩୦ରୁ ଅଧିକ ଚେସ୍ ଖେଳାଳି ଏହି ଟ୍ରାଏଲରେ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ (ଉତ୍କଳ, କିଟ୍ ଓ କିସ୍) ସାମିଲ। କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଉଭୟ କ୍ରୀଡ଼ା ଇଭେଣ୍ଟ ପାଇଁ ଚୟନ କମିଟି ଚେୟାରମ୍ୟାନ ଅଛନ୍ତି। ଚୟନ ଟ୍ରାଏଲରେ ବହୁ ଅନ୍ତର୍ଜାତୀୟ ଖେଳାଳି ସାମିଲ ହୋଇଛନ୍ତି। ଟ୍ରାଏଲ୍ସ ପାଇଁ କିଟ୍‌କୁ ବାଛିଥିବାରୁ ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ)କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଧନ୍ୟବାଦ ଜଣାଇଛନ୍ତି।



ଇଣ୍ଡିଆନ ୟୁନିଭର୍ସିଟି ମହିଳା ରଗ୍‌ବୀ ଦଳ।

## Classified Everyday
0674-2580101, 2549949

**REAL ESTATE**

**SALE**

200 gunth land besides Palla Anda Mouza Khordha Tahasil for sale. Contact: 9437100491. D-095

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋକୋନ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। Mob- 9827119799. D-102

Duplex sale at Bhubaneswar @ 57 lakhs only. Contact- 9777433701. D-75945

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75731

**FOR RENT**

3BHK, Drawing, dining, 3toilets on 3rd floor near Canal Road, Palasuni, Bhubaneswar. Contact - 9337892385. D-76324

**Healthcare**

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, refresh your body, mind by expert therapist. Contact- 9938843929. D-76114

Newly opened central SPA full-body massage. Trend Therapist. 8456885600. D-75730

**AFFIDAVIT**

I Ashok Mohanty, S/o Late Kasinath Mohanty, resident of Village-ATAMALA, P.O/P.S/ Dist.- Jagatsinghpur, Pin-754103, declare by this affidavit No. 541 Dt.06.04.2024 that now onwards I shall be known as 'ASHOK KUMAR MOHANTY' for all future purposes. D-112

I, Bijayya Kumar Sahoo, S/o-Dharani Dhar Sahoo, At/P.O.- Seegarh, P.S.- Pallahara, Dist.- Angul, Pin- 759119, Odisha declare by this affidavit No.3922, dt.06.12.2023 that now onward I shall be known as Bijaya Kumar Sahoo for all future purpose. D-75530

**ପାଠକଙ୍କ ପାଇଁ ସୂଚନା**– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

**ମାନ୍ୟବର ସଭ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ**
**(କ୍ୟାମ୍ପ ଅଫିସ୍ ଭୁବନେଶ୍ୱର)**
**ଓ.ଏସ୍.ଏସ୍. କେସ୍ ନଂ. ୨୧୬/୨୦୨୩**

ସପ୍ନା ଶର୍ମା, ସ୍ୱା : ବିମଳ ପ୍ରସାଦ ଶର୍ମା,
୪୭ ଏ, ପ୍ରେଷ୍ଟିଜ୍ ଗ୍ରୀନ୍, ପୋଖରିପୁଟ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା ... ବାଦୀ

ବନାମ

୧. ବାନାମ୍ବର ମହାକୁଡ଼, ପି : ଅନନ୍ତ ମହାକୁଡ଼, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୨. ନାରାୟଣ ମହାକୁଡ଼, ପି : ଅନନ୍ତ ମହାକୁଡ, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୩. ଗଣ୍ଡେଇ ବେଓ୍ୱା, ସ୍ୱା : ଦିଗମ୍ବର ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୪. ଅଶେଳି ଦେଈ, ସ୍ୱାମୀ : ଦିବାକର ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୫. ନେତ୍ରାନନ୍ଦ ବେହେରା, ପିତା : ଧ୍ରୁବ ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ, ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୭. ସଦାନନ୍ଦ ବେହେରା, ପିତା : କୁବେର ବେହେରା, ସା : ପଥରଗାଡ଼ିଆ, ପୋ : ଦାରୁଠେଙ୍ଗ ଥାନା : ଚନ୍ଦକା, ଜିଲ୍ଲା : ଖୋର୍ଦ୍ଧା, ୧୦. ଚକ୍ରଧର ଦାଶ, ପିତା : ୰ଶଶିଧର ଦାଶ, ପ୍ଲଟ୍ ନଂ. ୬୧୧, ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା, ୧୧. ନିମାଇଁ ଚରଣ ଦାଶ, ପିତା : ଚୈତନ୍ୟ ଚରଣ ଦାଶ, ପ୍ଲଟ୍ ନଂ : ୬୧୧, ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା .... ପ୍ରତିବାଦୀମାନେ

**ନୋଟିସ**

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ଜମିକୁ ରେଜେଷ୍ଟ୍ରି ଦଲିଲ ମାଧ୍ୟମରେ କ୍ରୟ ଦୃଷ୍ଟେ ମାନ୍ୟବର ରାଜସ୍ୱ ପରିଷଦ ସଭ୍ୟଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନ ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ୍ କେସ୍ ଦାୟର କରିଅଛନ୍ତି । ଏହି ରିଭିଜନ୍ କେସ୍ ସମ୍ବନ୍ଧୀୟ ନୋଟିସ୍ ଆପଣମାନଙ୍କର ଦର୍ଶାଯାଇଥିବା ଠିକଣାରେ ଯାଇ ବିଭିନ୍ନ କାରଣ ଯୋଗୁଁ ଫେରସ୍ତ ଆସିଥିବାରୁ ଆପଣମାନଙ୍କର ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ (ୟୁନିଟ୍ - ୫, କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱରେ ଅବସ୍ଥିତ) କାର୍ଯ୍ୟାଳୟଠାରେ ଆସନ୍ତା ତା ୧୧.୦୭.୨୦୨୪ରିଖ ଦିବା ୧୧.୩୦ ଘଟିକା ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ଜମିର ବିବରଣୀ**

ମୌଜା : ପଥରଗାଡ଼ିଆ, ତହସିଲ : ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା

| ସାବିକ୍ ଖାତା ନଂ. | ସାବିକ୍ ପ୍ଲଟ୍ ନଂ. | ଦାବି ରକବା | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. |
|---|---|---|---|---|
| ୨୨୦ | ୧୩୯୩/୨୪୬୯ | ଏ୦.୫୦ ଡି. | ୧୧୩୬ | ୬୩୨୨ |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ବା ସେମାନଙ୍କର ଉତ୍ତରାଧିକାରୀମାନେ ଏବଂ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ । ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ ।

D-110 ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶକ୍ରମେ

Your classified advertisement published in Dharitri will be listed free in Dharitri online edition: **dharitriepaper.in**

# ଯାଜପୁରରେ ଓସିଏ ସ୍କିଲ୍ ଡେଭଲପ୍‌ମେଣ୍ଟ କ୍ୟାମ୍ପ

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ରାଜ୍ୟରେ କ୍ରିକେଟର ବିକାଶ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ୪୧ଟି କ୍ରିକେଟ ଏକାଡେମୀ ଉଦ୍‌ଘାଟନ କରାଯାଇଛି। ଏହାର ଅଂଶବିଶେଷ ସ୍ୱରୂପ ଓସିଏ ପକ୍ଷରୁ ଗୁରୁବାରଠାରୁ ସ୍କିଲ୍ ଡେଭଲପମେଣ୍ଟ ଡ୍ରାଇଭ୍ ଆରମ୍ଭ କରାଯାଇଛି। ପ୍ରଥମ ସ୍ଥାନ ଭାବେ ଯାଜପୁରକୁ ବଛାଯାଇଛି। ଓସିଏର ଟେକ୍ନିକାଲ ଡାଇରେକ୍ଟର ଭି. ଭେଙ୍କଟରାମ ଯାଜପୁର ଜିଲାର କୋଚ୍ ଏବଂ ଯୁବ କ୍ରିକେଟରଙ୍କୁ ଟ୍ରେନିଂ ଦେବା ଆରମ୍ଭ କରିଛନ୍ତି। ସ୍କିଲ୍ ଡେଭଲପମେଣ୍ଟ ପ୍ରୋଗ୍ରାମ ମାଧ୍ୟମରେ ଭେଙ୍କଟରାମ ତ୍ରୁଟିଶୂନ୍ୟ ଟେକ୍ନିକ ଉପଯୋଗ ପାଇଁ ଖେଳାଳି ଓ କୋଚ୍‌ଙ୍କୁ ଗାଇଡ୍ କରିବା ସହ ଉଦୀୟମାନ ଖେଳାଳିମାନେ ଯେପରି ଭବିଷ୍ୟତରେ ସଫଳ ହୋଇପାରିବେ ମାର୍ଗଦର୍ଶନ କରିବେ। ଯାଜପୁରରେ ଟ୍ରେନିଂ ଦେବା ପରେ ଭେଙ୍କଟରାମ ଭଦ୍ରକ ଯିବେ। ଯାଜପୁର କ୍ୟାମ୍ପରେ ମୋଟ ୪୦ (୧୫ ମହିଳା, ୨୫ ପୁରୁଷ) କ୍ରିକେଟର ଅଂଶଗ୍ରହଣ କରିଛନ୍ତି। ଯାଜପୁର ଜିଲା କ୍ରିକେଟ ଆସୋସିଏଶନ (ଜେଡିସିଏ) ସହଯୋଗରେ ଏହି କ୍ୟାମ୍ପ ଆୟୋଜନ ହୋଇଛି। ଜେଡିସିଏ ସମ୍ପାଦକ ଜ୍ଞାନଚାନ୍ଦ ଦାସ ଓ ଯାଜପୁର ଜିଲା କ୍ରିକେଟ ଏକାଡେମୀ କୋଚ୍ ସୁମିତ୍ରା ସାହୁ ଏହି କ୍ୟାମ୍ପରେ ଉପସ୍ଥିତ ଅଛନ୍ତି।



ଓସିଏର ଟେକ୍ନିକାଲ ଡାଇରେକ୍ଟର ଭି. ଭେଙ୍କଟରାମ ପ୍ରଶିକ୍ଷଣ ଦେଉଛନ୍ତି।

# ନଜରରେ ରହିବେ ଭିନେଶ ଫୋଗଟ

**ବିଶକେକ୍, ୧୮।୪(ପି.ଟି.)**

ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହେବ ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସ। ଏଥିରେ ଦୁଇଥର ଅଲିମ୍ପିଆ ଭିନେଶ ଫୋଗଟଙ୍କ ବ୍ୟତୀତ ଅନ୍ୟ ୧୬ଜଣ ଭାରତୀୟ କୁସ୍ତିଯୋଦ୍ଧା ପ୍ୟାରିସ ଗେମ୍ସ ପାଇଁ କୋଟା ସନ୍ଧାନରେ ରହିବେ। ଏଥିରେ ଫ୍ରିଷ୍ଟାଇଲ, ଓମେନ୍ ଓ ଗ୍ରୀକୋରୋମାନ ଆଦି ତିନୋଟି ବିଭାଗରେ ୧୮ଟି ଓଜନ କାଟେଗୋରିରେ ୩୬ଟି କୋଟାର ବ୍ୟବସ୍ଥା ରହିଛି। ଭାରତ କିନ୍ତୁ ସବୁଥର ଗୋଟିଏ ଓଜନ କାଟେଗୋରିରେ ଭାଗ ନେଉଛନ୍ତି। ସର୍ବିଆର ବ୍ରେଲଗ୍ରେଡଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଅନ୍ତିମ ପଙ୍ଘାଲ (୧୯ବର୍ଷ) ଭାରତ ପାଇଁ ମହିଳା ୫୩କେଜି କାଟେଗୋରିରେ ଇତିମଧ୍ୟରେ କୋଟା ହାସଲ କରିସାରିଛନ୍ତି। ଭାରତୀୟ କୁସ୍ତିଯୋଦ୍ଧାମାନଙ୍କ ମଧ୍ୟରୁ ଭିନେଶ (୫୦କେଜି), ରତିକା ହୁଡା (୭୬କେଜି), ବର୍ତ୍ତମାନର ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଅଂଶୁ (୫୭କେଜି), ମାନସୀ (୬୨କେଜି) ଓ ନିଶା (୬୮କେଜି) ଶ୍ରେଷ୍ଠ ପ୍ରଦର୍ଶନ ସହ କୋଟା ହାସଲ କରିପାରନ୍ତି ବୋଲି ଅନୁମାନ କରାଯାଉଛି। ତେବେ ସମସ୍ତଙ୍କ ନଜର ରହିଛି ୨୦୧୮ ଏସିଆନ ଗେମ୍ସ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ଭିନେଶଙ୍କ ଉପରେ। କାରଣ ଜାତୀୟ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଆନ୍ଦୋଳନ କରିଥିବା ଭାରତୀୟ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ପଟିଆଲାଠାରେ ଅନୁଷ୍ଠିତ ୫୩କେଜି ସିଲେକ୍ସନ ଟ୍ରାଏଲ୍ସରେ ସେ ସେମିଫାଇନାଲରୁ ବିଦାୟ ନେଇଥିଲେ। ମାତ୍ର ମାର୍ଚ୍ଚରେ ୫୦ କେଜି କାଟେଗୋରି ନ୍ୟାଶନାଲ ଟ୍ରାଏଲ୍ସରେ ସେ ବିଜୟ ଲାଭ କରିଥିଲେ। ଭଲ ପ୍ରଦର୍ଶନ କରିପାରିଲେ ସେ ତୃତୀୟ ଥର ଅଲିମ୍ପିକ୍ସରେ ଭାଗ ନେବା ସହ ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିପାରିବେ। ପୁରୁଷ ଫ୍ରିଷ୍ଟାଇଲ କାଟେଗୋରିରେ ଅମନ ଶେରାୱତ (୫୭କେଜି) ନଜରରେ ରହିବେ। ନ୍ୟାଶନାଲ ଟ୍ରାଏଲ୍ସରେ ସେ ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ରବି ଦହିୟାଙ୍କୁ ହରାଇ ଦେଇଥିଲେ।

# ଖେଳାଳିଙ୍କ ଅଙ୍ଗୀକାରବଦ୍ଧତା

ଦକ୍ଷିଣ କୋରିଆ ଟେନିସ ତାରକା ସ୍ୟୋଙ୍ଗ-ଚାନ୍ ହଙ୍ଗଙ୍କ ପାଇଁ ଦେଶସେବା ବେଳ ପାଖେଇ ଆସୁଛି। ଦେଶ ପାଇଁ ସେନା ବାହିନୀରେ ଯୋଗଦେଇ ସାମରିକ ଶୃଙ୍ଖଳାର ତାଲିମ ନେବେ ସେ। ସାମରିକ ଶୃଙ୍ଖଳା ତାଲିମ ଗ୍ରହଣ ଦ.କୋରିଆ ଯୁବ ସମୁଦାୟ ପାଇଁ ବାଧ୍ୟତାମୂଳକ। ୧୮ରୁ ୨୮ବର୍ଷ ଯୁବକ ଯେଉଁମାନେ ଶାରୀରିକ ସ୍ତରରେ ଯୋଗ୍ୟ ସେମାନଙ୍କ ପାଇଁ ଏହି ୧୮ମାସିଆ ତାଲିମ। ଅଲିମ୍ପିକ୍ କିମ୍ବା ଏସୀୟ କ୍ରୀଡ଼ାରେ ଦ.କୋରିଆକୁ ସ୍ୱର୍ଣ୍ଣ ପଦକ ଜିତାଉଥିବା ଖେଳାଳିମାନଙ୍କୁ ପୁରସ୍କାର ସ୍ୱରୂପ ଏହି କାର୍ଯ୍ୟକ୍ରମରୁ ବାଦ୍ ଦିଆଯାଇଛି। ହଙ୍ଗ୍ ଯେହେତୁ ଦ.କୋରିଆର ନଂ୧ ଟେନିସ ଖେଳାଳି ସେନା ବାହିନୀ ତାଙ୍କଠାରୁ ଉପକୃତ ହେବ। ଡିସେମ୍ବରରେ ହଙ୍ଗ୍ ସେନା କ୍ୟାମ୍ପରେ ଯୋଗ ଦେବେ। ୨୦୨୪ ବେଙ୍ଗାଲୁରୁ ଓପନ୍ ଚାଲେଞ୍ଜରରେ ସେ ରନରଅପ୍ ହୋଇଥିଲେ। ଫେବୃଆରୀ ୧୮ ଫାଇନାଲରେ ଇଟାଲୀର ଷ୍ଟିଫାନୋ ନାପୋଲିତାନୋଙ୍କଠାରୁ ୫-୪, ୩-୬, ୩-୬ରେ ହାରି ଯାଇଥିଲେ।

ହଙ୍ଗ୍‌ଙ୍କୁ ଏବେ ୨୬ ବର୍ଷ। ଦ.କୋରିଆର ଗାଙ୍ଗ୍‌ୱଣ୍ଡୋ ପ୍ରଦେଶରେ ତାଙ୍କ ଘର। ଦ.କୋରିଆ ଜାତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ସନ୍‌ହ୍ୟୁଙ୍ଗ୍-ମିନ୍



ତାଲିମରୁ ମୁକ୍ତି ପାଇଥିଲେ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ା ପୁରୁଷ ବିଭାଗ ଫୁଟବଲରେ ସେ ନିଜ ଦେଶକୁ ଚାମ୍ପିୟନ୍ କରାଇଥିଲେ। ୨୦୨୨ ହାଙ୍ଗଝୌ ଏସୀୟ କ୍ରୀଡ଼ା ଟେନିସର ଉଭୟ ଏକକ ଓ ଯୁଗଳ ବର୍ଗରେ ହଙ୍ଗ୍ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ। ତାଲିମରେ ଦେଢ ବର୍ଷ କଟେଇବା ତାଙ୍କ ଟେନିସ କ୍ୟାରିୟରକୁ ପ୍ରଭାବିତ କରିବ ବୋଲି ସେ ଭାବୁଛନ୍ତି। ତାଙ୍କ ମନ ପସନ୍ଦର କୋର୍ଟଗୁଡ଼ିକ ମଧ୍ୟରେ ପ୍ୟାରିସର ରୋଲାଣ୍ଡ ଗାରୋସ୍ ଅନ୍ୟତମ। ନିଜ ଦେଶ ଛଡ଼ା ଥାଇଲାଣ୍ଡ, ଜାପାନ, ଟ୍ୟୁନିସିଆ, ଭିଏତ୍‌ନାମ ଆଦି ଦେଶରେ ଚାଲେଞ୍ଜର ଟୁର୍ନାମେଣ୍ଟ ଖେଳିଛନ୍ତି। ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ୍ ଖେଳିବାକୁ ତା୍ଙ୍କ ପାଖରେ ସୁଯୋଗ ଅଛି।

# ଭାରତୀୟ ଫୁଟ୍‌ବଲର ସଂକ୍ଷିପ୍ତ ଇତିହାସ



ଅଶୋକ ମହାନ୍ତି

ଏକଦା ଭାରତରେ (୫୦ ଓ ୬୦ ଦଶକ) ଫୁଟବଲର ଲୋକପ୍ରିୟତା ଶୀର୍ଷରେ ଥିଲା। ଭାରତୀୟ ପୁରୁଷ ଫୁଟବଲ ଦଳ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦଳର ମାନ୍ୟତା ପାଉଥିଲା। କିନ୍ତୁ ସମୟ କ୍ରମେ ୭୦ ଦଶକ ପରେ ଭାରତୀୟ ଫୁଟବଲର ପ୍ରଦର୍ଶନ ଅନ୍ତର୍ଜାତୀୟ ସ୍ତରରେ ହ୍ରାସ ପାଇବାକୁ ଲାଗିଲା ଏବଂ ଧୀରେ ଧୀରେ ନିମ୍ନଗାମୀ ହୋଇ ସମ୍ପ୍ରତି ନୈରାଶ୍ୟଜନକ ଭାବେ ବିଶ୍ୱ ମାନ୍ୟତାର ୧୨୧ ସ୍ଥାନରେ ସଂଘର୍ଷ କରୁଛି। ଭାରତୀୟ ଫୁଟବଲ ଉତ୍‌ଥାନ ଓ ପତନର ପ୍ରଥମ ଭାଗ ଗତ କ୍ରୀଡ଼ାଜଗତ ପୃଷ୍ଠାରେ ପ୍ରକାଶ ପାଇ ସାରିଛି। ଏଥିରେ ଭାରତୀୟ ଫୁଟବଲର ଗୌରବମୟ ଅତୀତ ଏବଂ ଅଲିମ୍ପିକ୍ସରେ ଭାରତୀୟ ଫୁଟବଲ୍‌ର ଇତିହାସ ଆଦି ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମଭାଗକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...

## ଏସୀୟ କ୍ରୀଡ଼ା ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାରତ

୧୯୫୧- ପ୍ରଥମ ସଂସ୍କରଣ, ଦିଲ୍ଲୀ: ପ୍ରଥମ ଏସୀୟ କ୍ରୀଡ଼ାରେ ଭାରତୀୟ ଫୁଟବଲ୍ ଦଳ ପ୍ରଖ୍ୟାତ କୋଚ ଅବଦୁଲ୍ ରହିମଙ୍କ ପ୍ରଶିକ୍ଷଣରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିବାର ନିଆରା କୀର୍ତ୍ତିମାନ ସ୍ଥାପନ କରିଥିଲା। ଖ୍ୟାତନାମା ଡିଫେଣ୍ଡର ସୈଲେନ୍ ମାନ୍ନାଙ୍କ ନେତୃତ୍ୱରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆକୁ ୩-୦ ଏବଂ ସେମିଫାଇନାଲରେ ଆଫଗାନିସ୍ତାନକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା। ଦଳର ପ୍ରମୁଖ 'ଷ୍ଟ୍ରାଇକର' ମେୱାଲାଲ୍ ଇଣ୍ଡୋନେସିଆ ବିପକ୍ଷରେ ୨ଟି ଓ ଭେଙ୍କଟେସ୍ ଗୋଟିଏ ଗୋଲ୍ ଦେଇଥିଲେ। ସେମିଫାଇନାଲରେ ମେୱାଲାଲ, ଭେଙ୍କଟେସ ଏବଂ ନନ୍ଦି ଗୋଟିଏ ଲେଖାଏ ଗୋଲ୍ କରିଥିଲେ। ଇରାନ ବିପକ୍ଷ ଫାଇନାଲରେ ମେୱାଲାଲ ଏକ ଦର୍ଶନୀୟ ଭଲି ମାଧ୍ୟମରେ ଏକମାତ୍ର ବିଜୟସୂଚକ ଗୋଲ ଦେଇ ଭାରତକୁ ଏସୀୟ ଚାମ୍ପିୟନ ମୁକୁଟ ପିନ୍ଧାଇଥିଲେ। (ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଭାରତୀୟ ଦଳରେ ଓଡ଼ିଶାର ଅବଦୁଲ ମଜିଦ (ବଚନ) ସଦସ୍ୟ ଥିଲେ (ଆଜି ପର୍ଯ୍ୟନ୍ତ ଏକ ମାତ୍ର ଓଡ଼ିଆ)।

୧୯୫୪ (ମାନିଲା)- ଭାରତୀୟ ଦଳ ଗ୍ରୁପ୍ ପର୍ଯ୍ୟାୟରେ ଇଣ୍ଡୋନେସିଆଠାରୁ ୨ ପଏଣ୍ଟ ପଛରେ ରହି ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇ ପାରି ନ ଥିଲା।

୧୯୫୮ ଟୋକିଓ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଇଣ୍ଡୋନେସିଆ ପାଖରୁ ପରାଜୟ ବରଣ କରି ୪ର୍ଥ ସ୍ଥାନରେ ରହିଥିଲା।

୧୯୬୨- ଜାକର୍ତ୍ତା କ୍ରୀଡ଼ାରେ ଭାରତୀୟ ଦଳରେ ଏକାଧିକ ଦକ୍ଷ ଓ ପ୍ରତିଭାବନ୍ ଖେଳାଳି ସାମିଲ ହୋଇଥିଲେ। କୋଚ୍ ରହିମ୍‌ଙ୍କ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସେ ଭାରତୀୟ ଦଳକୁ ଏକ ସୁସଙ୍ଗଠିତ ଓ ସନ୍ତୁଳିତ ଦଳ ଭାବେ ଗଢ଼ି ତୋଳିଥିଲେ। ଅଧିନାୟକ ଚୁନି ଗୋସ୍ୱାମୀ, ପି.କେ. ବାନାର୍ଜୀ, ତୁଳସୀଦାସ ବଳରାମ, ୟୁସୁଫ ଖାଁ ଓ ଅରୁମୟାଙ୍ଗମଙ୍କ ଭଳି ବିଚକ୍ଷଣ ସମ୍ମୁଖଭାଗ ଖେଳାଳି, ବିଶ୍ୱସ୍ତରୀୟ ଗୋଲ୍‌ରକ୍ଷକ ପିଟର ଥଙ୍ଗରାଜ ଓ ଅରୁଣ ଘୋଷ, ଜର୍ନେଲ ସିଂଙ୍କ ଭଳି ନିର୍ଭରଯୋଗ୍ୟ



ତୁଳସୀଦାସ ବଳରାମ

ରକ୍ଷଣ ଭାଗ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ଯଦିଓ ପ୍ରାରମ୍ଭିକ ମ୍ୟାଚ୍‌ରେ ଦକ୍ଷିଣକୋରିଆଠାରୁ ପରାସ୍ତ ହୋଇଥିଲା ତଥାପି ପରବର୍ତ୍ତୀ ମ୍ୟାଚ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଥାଇଲାଣ୍ଡ, ଜାପାନ ଓ ସେମିଫାଇନାଲରେ ଭିଏତ୍‌ନାମକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ସେନ୍‌ଜାନ ଷ୍ଟାଡିୟମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମ୍ମୁଖରେ ଭାରତ ପି. କେ. ବାନାର୍ଜୀ ଓ ଜର୍ନେଲ ସିଂଙ୍କ ଗୋଲ ଦ୍ୱାରା ଦକ୍ଷିଣ କୋରିଆକୁ ପରାସ୍ତ କରି ଦ୍ୱିତୀୟ ଓ ଶେଷ ଥର ପାଇଁ ଟାଇଟଲ ହାସଲ କରିଥିଲା।

ଏହାପରେ ଭାରତୀୟ ଫୁଟବଲର ପ୍ରଦର୍ଶନ ନିମ୍ନଗାମୀ ହେବାକୁ ଆରମ୍ଭ କରିଥିଲା ଏବଂ ଦୁର୍ଭାଗ୍ୟବଶତଃ ଏପରି ନୈରାଶ୍ୟଜନକ ସ୍ଥିତି ଆଜିପର୍ଯ୍ୟନ୍ତ ଜାରି ରହିଛି। ପରବର୍ତ୍ତୀ ୧୮୬୬ ବ୍ୟାଙ୍ଗକ୍ କ୍ରୀଡ଼ାରେ ଭାରତୀୟ ଦଳ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିବାରେ ବିଫଳ ହୋଇଥିଲା ବେଳେ ୧୯୭୦ରେ ସେଇ ବ୍ୟାଙ୍ଗକ୍‌ରେ ଅନୁଷ୍ଠିତ କ୍ରୀଡ଼ାରେ ଭାରତ ବ୍ରୋଞ୍ଜ ପଦକ ମ୍ୟାଚରେ ଜାପାନକୁ



ପି.କେ.ବାନାର୍ଜୀ,ଚୁନି ଗୋସ୍ୱାମୀ ଓ ସୈଲେନ ମାନ୍ନା।

**ଭାରତୀୟ ଫୁଟ୍‌ବଲ ଉତ୍‌ଥାନ ଓ ପତନର ପ୍ରଥମ ଭାଗ ଗତ କ୍ରୀଡ଼ାଜଗତ ପୃଷ୍ଠାରେ ପ୍ରକାଶ ପାଇ ସାରିଛି। ଏଥିରେ ଭାରତୀୟ ଫୁଟ୍‌ବଲର ଗୌରବମୟ ଅତୀତ ଏବଂ ଅଲିମ୍ପିକ୍ସରେ ଭାରତୀୟ ଫୁଟ୍‌ବଲ୍‌ର ଇତିହାସ ଆଦି ସ୍ଥାନ ପାଇଥିଲା। ଏହାର ଦ୍ୱିତୀୟ ତଥା ଅନ୍ତିମଭାଗକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...**

(ଭାଗ-୨)

(୧-୦) ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଥିଲା ଏବଂ ତାହା ଥିଲା ଏସୀୟ କ୍ରୀଡ଼ା ଫୁଟବଲରେ ପଦକ ବିଜେତା ହେବାର ଶେଷ ପ୍ରୟାସ। ପରେ ପରେ ୧୯୭୪, ୧୯୭୮, ୧୯୮୨ ଏବଂ ୧୯୮୬ରେ ଭାରତର ପ୍ରଦର୍ଶନରେ କୌଣସି ଆଶାନୁରୂପ ସଫଳତା ପରିଲକ୍ଷିତ ହୋଇ ନ ଥିଲା (କେବଳ ୧୯୮୨ ଦିଲ୍ଲୀ କ୍ରୀଡ଼ାରେ ଭାରତ କ୍ୱାର୍ଟର ଫାଇନାଲରେ ସାଉଦିଆରବଠାରୁ ୦-୧ ଗୋଲରେ ପରାସ୍ତ ହୋଇଥିଲା)। ୧୯୯୦ ଓ ୧୯୯୪ରେ କଲିକତାର ଫୁଟବଲ କ୍ଲବଗୁଡ଼ିକ ତାଙ୍କର ତାରକା ଖେଳାଳିଙ୍କୁ ଭାରତୀୟ ଦଳରେ ସାମିଲ ହେବା ପାଇଁ ଅସହମତ ହେବା କାରଣରୁ ଭାରତୀୟ ଫୁଟବଲ ମହାସଂଘ ସହିତ ବିବାଦ ହୋଇଥିଲା ଏବଂ ଭାରତୀୟ ଦଳ ଏସୀୟ କ୍ରୀଡ଼ାରେ ଭାଗନେବାରୁ ବଞ୍ଚିତ ହୋଇଥିଲା। ଶେଷଥର ପାଇଁ ପାରମ୍ପରିକ ଫର୍ମାଟ୍‌ରେ ଖେଳାଯାଇଥିବା ୧୯୯୮ ବ୍ୟାଙ୍ଗକ୍ କ୍ରୀଡ଼ାରେ ଭାରତୀୟ ଦଳ ପ୍ରଥମ ରାଉଣ୍ଡରେ ନେପାଳ ବିପକ୍ଷରେ ଏକମାତ୍ର ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ସମସ୍ତ ମ୍ୟାଚ୍ ହାରି ବିଦାୟ ନେଇଥିଲା। ପରବର୍ତ୍ତୀ ଚାରୋଟି କ୍ରୀଡ଼ାରେ ୨୦୦୨ (ବୁସାନ), ୨୦୦୬ (ଗୁଆନଙ୍ଗଝୋ), ୨୦୧୦ (ଦୋହା) ଏବଂ ୨୦୧୪ (ଇଞ୍ଚିଅନ୍)ରେ ଭାରତୀୟ ଦଳର ଦୁର୍ବଳ ପ୍ରଦର୍ଶନ ଜାରି ରହିଥିଲା। ଭାରତୀୟ ଦଳର ଲଗାତର ଦୁର୍ବଳ ପ୍ରଦର୍ଶନ ପାଇଁ ଭାରତୀୟ ଅଲିମ୍ପିକ ସଂଘ ୨୦୧୮ ଜାକର୍ତ୍ତା କ୍ରୀଡ଼ାରେ ଭାରତକୁ ଭାଗନେବାରୁ ବଞ୍ଚିତ କରିଥିଲା। ୨୦୨୩ ହାଙ୍ଗଝୋ କ୍ରୀଡ଼ାରେ ମଧ୍ୟ ଭାରତୀୟ ଦଳକୁ ଭାଗନେବା ପାଇଁ ପ୍ରଥମେ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରି ନ ଥିଲେ। ଦଳଗତ କ୍ରୀଡ଼ାରେ ଏସିଆ ମହାଦେଶରେ ଶ୍ରେଷ୍ଠ ଆଠଟି ଦଳ ମଧ୍ୟରେ ସ୍ଥାନ ପାଇଥିବା ଜାତୀୟ ଦଳମାନଙ୍କୁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମତି ଦେଇଥିବାରୁ ଏସିଆରେ ୧୮ତମ ସ୍ଥାନରେ ଥିବା ଭାରତକୁ ସୁଯୋଗ ମିଳି ନ ଥିଲା। ୨୦୨୩ରେ ଭାରତୀୟ ଫୁଟବଲ ଦଳ ୩ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ (ହିରୋ ତ୍ରିରାଷ୍ଟ୍ରୀୟ, କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟ ଏବଂ ସାଫ୍ ଟୁର୍ନାମେଣ୍ଟର ବିଜେତା) ଉତ୍ତମ ପ୍ରଦର୍ଶନ ଭିତିରେ ଏସୀୟ କ୍ରୀଡ଼ାରେ ଭାଗନେବା ପାଇଁ ଅନୁମତି ଦେବାକୁ ଜାତୀୟ କୋଚ ଇଗର ଷ୍ଟିମାକ୍ କ୍ରୀଡ଼ା ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ। ଅନୁମତି ମିଳିଲା ପରେ ମଧ୍ୟ ଭାରତୀୟ ଫୁଟବଲ ପରିଚାଳନାରେ ଲାଗି ରହିଥିବା ସମସ୍ୟା ପାଇଁ ୨୨ ଜଣ ମନୋନୀତ ମଧ୍ୟରୁ ୧୧ଜଣ ପ୍ରମୁଖ ଖେଳାଳିଙ୍କୁ ଆଇଏସ୍ ଏଲ ଫ୍ରାଞ୍ଚାଇଜ୍ ମାଲିକମାନେ ଭାରତୀୟ ଦଳରେ ଯୋଗ ଦେବା ପାଇଁ ସୁଯୋଗ ଦେଇ ନ ଥିଲେ। ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍)ର ଚରମ ଅବ୍ୟବସ୍ଥା ଓ ବିଫଳତା ପଦାରେ ପଡ଼ିଥିଲା ; ଯାହା ଆଶଙ୍କା କରାଯାଉଥିଲା ସେଇଆ ହେଲା। ଭାରତୀୟ ଦଳ ଚାଇନାଠାରୁ ୧-୫ ଏବଂ ସାଉଦିଆରବଠାରୁ ୦-୨ ଗୋଲରେ ହାରି ବିଦାୟ ନେଇଥିଲା।

## ଏଏଫ୍‌ସି ଏସିଆନ କପ୍‌ରେ ଭାରତ

ଏସୀୟ ମହାଦେଶର ସର୍ବୋଚ୍ଚ ମାନ୍ୟତାପ୍ରାପ୍ତ ମହାଦେଶୀୟ ଫୁଟବଲ ଟୁର୍ନାମେଣ୍ଟରେ ମଧ୍ୟ ଭାରତର ପ୍ରଦର୍ଶନ ନିରୁତ୍ସାଜନକ ରହିଛି। ୧୯୫୬ ମସିହାଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଭାରତ ସମୁଦାୟ ପାଞ୍ଚଥର (୧୯୬୪, ୧୯୮୪, ୨୦୧୧, ୨୦୧୯, ୨୦୨୩) ଭାଗ ନେବାର ସୁଯୋଗ ପାଇଛି। ଇସ୍ରାଏଲରେ ଅନୁଷ୍ଠିତ ୧୯୬୪ ଏସିଆନ୍ କପ୍‌ରେ ରାଜନୈତିକ କାରଣ ପାଇଁ ୧୭ଟି ଦେଶ ଯୋଗ୍ୟତା ପର୍ଯ୍ୟାୟରେ ଖେଳିବାରୁ ଓହରି ଯାଇଥିବା ହେତୁ କେବଳ ୪ଟି ଦେଶ ଭାଗ ନେଇଥିଲେ। ଦକ୍ଷିଣ କୋରିଆ ଓ ହଂକଂ ବିପକ୍ଷରେ ଭାରତ ବିଜୟ ଲାଭ କରିଥିଲେ ମଧ୍ୟ ଫାଇନାଲରେ ଆୟୋଜକ ଇସ୍ରାଏଲଠାରୁ ପରାସ୍ତ ହୋଇଥିଲା। ଏହାଥିଲା ଏସିଆନ୍ କପ୍‌ରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ। କାତାରଠାରେ ଆୟୋଜିତ ୨୦୨୩ ସଂସ୍କରଣରେ ଭାରତ ଗ୍ରୁପ୍-ଡି'ର ବିଜେତା ହୋଇ ଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା। ଭାରତ ଗ୍ରୁପ୍ 'ବି'ରେ ଅଷ୍ଟ୍ରେଲିଆଠାରୁ ୦-୨, ଉଜବେକିସ୍ତାନଠାରୁ ୦-୩ ଏବଂ ସିରିଆ ବିପକ୍ଷରେ ୦-୧ ଗୋଲରେ ପରାସ୍ତ ହୋଇ ବିଦାୟ ନେଇଥିଲା।

ଭାରତ ଫୁଟବଲର ଏପରି ବିପର୍ଯ୍ୟୟ ପାଇଁ ଜାତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍)ର ପରିଚାଳନାରେ ସାଂଘାତିକ ତ୍ରୁଟି ନିଶ୍ଚିତ ଭାବେ ଉତ୍ତରଦାୟୀ ରହିବ। ଭାରତରେ କ୍ରିକେଟ୍ ଖେଳ ଲୋକପ୍ରିୟତାର ଶୀର୍ଷରେ ରହିଥିଲେ ମଧ୍ୟ ଆଜିର ଦିନରେ ଫୁଟବଲକୁ ଦ୍ୱିତୀୟ ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଭାବେ ମାନ୍ୟତା ମିଳିଛି। କିଛି ବର୍ଷଧରି ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍ ଭଳି ପେସାଦାର ଲିଗ୍ ପ୍ରଚଳନ ମାଧ୍ୟମରେ ଫୁଟବଲ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୋଇଛି। କିନ୍ତୁ ଏହା ଦ୍ୱାରା ଜାତୀୟ ଦଳର ପ୍ରଦର୍ଶନରେ ଆଖି ଦୃଶିଆ ଉନ୍ନତି ହେଉନାହିଁ। ତେଣୁ ବର୍ତ୍ତମାନ ଆହ୍ୱାନ ହେଉଛି ଫୁଟବଲ ଖେଳର ପରିଚାଳନାରେ ଆମୂଳଚୂଳ ପରିବର୍ତ୍ତନ।

୧) ବିଶ୍ୱ ଫୁଟବଲରେ ୟୁରୋପୀୟ ଓ ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକର ଆଧିପତ୍ୟ ପଛରେ ରହିଛି ସେଇ ଦେଶର ପ୍ରଚଳିତ ଏକ ସୁଦୃଢ଼ କ୍ଲବ୍ ଫୁଟବଲ ସଂସ୍କୃତି। ବିଶ୍ୱସ୍ତରୀୟ ଖେଳାଳିମାନେ ପ୍ରସିଦ୍ଧ ଫୁଟବଲ କ୍ଲବ୍‌ମାନଙ୍କରେ ଖେଳି ତାଙ୍କର ଦକ୍ଷତାକୁ ଶାଣିତ କରି ଦେଶ ପାଇଁ ଉଚ୍ଚମାନର କ୍ରୀଡ଼ା ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥାନ୍ତି। ଭାରତରେ ମଧ୍ୟ ଏପରି ଏକ ସକ୍ଷମ ଓ ସୁଦୃଢ଼ ଫୁଟବଲ କ୍ଲବ ସଂସ୍କୃତି ପ୍ରଚଳନ ହେବା ନିହାତି ଆବଶ୍ୟକ (୫୦ ଓ ୬୦ ଦଶନ୍ଧରେ ଭାରତୀୟ ଫୁଟବଲର 'ମକା' ଭାବେ ପରିଚିତ କଲିକତାର କ୍ଲବଗୁଡ଼ିକରୁ ଶ୍ରେଷ୍ଠ ଖେଳାଳିମାନେ ପ୍ରସ୍ତୁତ ହୋଇ ଭାରତ ପାଇଁ ଖେଳି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିଥିଲେ।)

ii)ଭାରତ ଭଳି ଏକ ବିଶାଳ ଜନସଂଖ୍ୟାର ଦେଶରେ ପର୍ଯ୍ୟାପ୍ତ ଫୁଟବଲ ଏକାଡେମି ସ୍ଥାପନ କରିବାର ଆବଶ୍ୟକତା ରହିଛି ; ଯେଉଁଥିରେ କି ଅତି ଅଳ୍ପ ବୟସ (୬ରୁ ୮ ବର୍ଷ) ପ୍ରତିଭାବାନ ବାଳକ ବାଳିକାମାନଙ୍କୁ ଆଧୁନିକ ଫୁଟବଲ ତାଲିମ ଦେବା ଜରୁରୀ। ସ୍ପେନର ବିଶ୍ୱ ପ୍ରସିଦ୍ଧ ବାର୍ସେଲୋନାସ୍ଥିତ 'ଲା ମାସିଆ' ଏକାଡେମି, ନେଦରଲାଣ୍ଡର ଆମଷ୍ଟରଡାମ ସ୍ଥିତ 'ଆୟାକ୍ସ (Ajax) ୟୁଥ୍ ଏକାଡେମି', କାତାରର 'ଆସ୍ପାୟାର ଏକାଡେମି' ପ୍ରଭୃତିରେ ୬ ବର୍ଷରୁ ୮ ବର୍ଷ ପିଲମାନଙ୍କୁ ରଖାଯାଇ ପ୍ରଶିକ୍ଷଣ ଦିଆଯାଇଥାଏ। ଏହି ଏକାଡେମିଗୁଡ଼ିକରୁ ବହୁ ବିଶ୍ୱସ୍ତରୀୟ ଖେଳାଳି ତିଆରି ହୋଇ ତାଙ୍କ ଦେଶ ପାଇଁ ଗୌରବ ଆଣିବା ସହିତ ବିଶ୍ୱ ଫୁଟବଲକୁ ମହିମା ମଣ୍ଡିତ କରିଛନ୍ତି। ଆମ ଦେଶରେ ମଧ୍ୟ ଏହିପରି ବିଶ୍ୱସ୍ତରୀୟ ଏକାଡେମି ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି।

## ଗ୍ରେଟ୍



ବିଶ୍ୱ କ୍ରିକେଟରେ ତୃତୀୟ ଖେଳାଳି
ଓଭରରେ ଛଅ ଛକା
କାତାର ବିପକ୍ଷ ମ୍ୟାଚରେ ମାରି
ଗ୍ରେଟ୍ ନେପାଳର ଟୋକା
ଦୀପେନ୍ଦ୍ର ସିଂ ଐରୀ ଏକା
ଏହି ଫର୍ମାଟରେ ଯୁବରାଜ ଆନ୍ଦ୍ରେ
ନାମେ ଅଛି ହିଷ୍ଟ୍ରି ଲେଖା।

ଅଷ୍ଟ୍ରେଲିଆ ହକି ଟେଷ୍ଟ ସିରିଜରେ
ଦୟନୀୟ ପ୍ରଦର୍ଶନ
ଭାରତ କରିଛି ଶୂନ ପାଞ୍ଚରେ
ହ୍ୱାଇଟ ୱାଶ୍ ଲଢ଼ି ଘନ
ହକି ଗ୍ରେଟ୍ ବଟ୍ ଶୂନ
ଦେଶର ଜାତୀୟ
ଖେଳରେ ଭାରତ
ଲୁଜର ରଖିଥା ମନ।

ଫାଷ୍ଟ ଇଣ୍ଡିଆନ
ମହାକାଶ ପର୍ଯ୍ୟଟକ
ଗ୍ରେଟ୍ ଆମ ଗୋପୀ ମୁଣ୍ଡ
ଡ୍ରାଇଭିଂ କରିବା ପୂର୍ବରୁ ବିମାନ
ଉଡ଼ାଣ କରଇ ଷଣ୍ଢ
ବୁଲି ଯା' ଗାଆଁ ଦାଣ୍ଡ
କୋଟିରେ ଗୋଟିଏ ମିଳିବା ମୁସ୍କିଲ
ଏମିତି ବ୍ୟକ୍ତିତ୍ୱ ଧଣ୍ଡ।

-ସୁବାସ ଚନ୍ଦ୍ର ପ୍ରଧାନ

# ଆଶା, ଆଶଙ୍କାରେ ଭାରତୀୟ ମାରାଥନ ଧାବକ

**ଦୁଇ ବର୍ଷ ଭିତରେ ୫ଟି ବଡ଼ ପ୍ରତିଯୋଗିତାରୁ ମିଳିଥିବା ସଫଳତାଗୁଡ଼ିକୁ ବିଶ୍ଳେଷଣ କରାଯାଇ ର୍ୟାଙ୍କିଙ୍ଗ୍ ପଏଣ୍ଟ ପ୍ରଦାନ କରାଯିବା ଏହି 'ହାରାହାରି ପଏଣ୍ଟ' ନିୟମ ଦେଇ ଗୋପୀ, ଶ୍ରୀନୁ ଓ ଭାରତର ମହିଳା ଚାମ୍ପିୟନ୍ ଅଶ୍ୱିନ୍ ଯାଦବ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି...**



ରମେଶ ସାହୁ

ପ୍ୟାରିସରେ ଜୁଲାଇ ୨୬ରୁ ଅଗଷ୍ଟ ୧୧ଯାଏଁ ୩୩ ତମ ଅଲିମ୍ପିକ୍ସ କ୍ରୀଡ଼ା ଅନୁଷ୍ଠିତ ହେବ। ଏହାର ୨୬. ୨ମାଇଲ ବିଶିଷ୍ଟ ମାରାଥନ୍ ଇଭେଣ୍ଟ ପାଇଁ ଭାରତୀୟ ପ୍ରତିଯୋଗୀ ଆଶଙ୍କାରେ ଗତି କରୁଛନ୍ତି। ଯୋଗ୍ୟତା ପ୍ରଣାଳୀକୁ ନେଇ ଏହି ଆଶଙ୍କା। ପ୍ୟାରିସ ଅଲିମ୍ପିକ୍ ପୁରୁଷ ମାରାଥନ୍ ପାଇଁ ଯୋଗ୍ୟତା ସମୟ ରହିଛି ୨ ଘଣ୍ଟା ୮ ମିନିଟ୍ ୧୦ ସେକେଣ୍ଡ। ମହିଳା ଧାବକଙ୍କ ପାଇଁ ୨, ୨୬, ୫୦ସେକେଣ୍ଡ। ଉଭୟ ପୁରୁଷ ଓ ମହିଳା ବର୍ଗରେ ମୋଟ ୮୦ଜଣ ପ୍ରତିଯୋଗୀ ଭାଗ ନେବେ। ଏଥିରୁ ୬୬ ଜଣ ଯୋଗ୍ୟତା ସମୟ ହାସଲ କରି ସିଧାସଳଖ ପ୍ରବେଶ କରିବେ। ଅବଶିଷ୍ଟ ୧୪ଜଣ ଧାବକ ର୍ୟାଙ୍କିଙ୍ଗ୍ ପଏଣ୍ଟ ଆଧାରରେ ଯୋଗ୍ୟତା ପାଇବେ। ସିଧାସଳଖ ଯୋଗ୍ୟତା ହାସଲ ଭାରତର ଅଗ୍ରଣୀ ଧାବକ ଗୋପୀ ଥନାକଲ୍ ଅବା ଶ୍ରୀନୁ ବୁଗାଥାଙ୍କ ପରି ଅନ୍ତର୍ଜାତୀୟ ପ୍ରତିଯୋଗୀମାନଙ୍କ ପକ୍ଷେ ସହଜସାଧ୍ୟ ନୁହେଁ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ଦୌଡ଼କୁଦ ମହାସଂଘ ବିଶ୍ୱସ୍ତରୀୟ ର୍ୟାଙ୍କିଙ୍ଗ୍ ପଏଣ୍ଟ ସିଷ୍ଟମ୍ ଲାଗୁ କରିଛି। ଅନ୍ତର୍ଜାତୀୟ ମାରାଥନ୍ ରେସ୍‌ଗୁଡ଼ିକୁ ଭିନ୍ନ ଭିନ୍ନ ଶ୍ରେଣୀରେ ଭାଗ କରାଯାଇଛି। ଦୁଇ ବର୍ଷ ଭିତରେ ୫ଟି ବଡ଼ ପ୍ରତିଯୋଗିତାରୁ ମିଳିଥିବା ସଫଳତାଗୁଡ଼ିକୁ ବିଶ୍ଳେଷଣ କରାଯାଇ ର୍ୟାଙ୍କିଙ୍ଗ୍ ପଏଣ୍ଟ ପ୍ରଦାନ କରାଯିବ। ଏହି 'ହାରାହାରି ପଏଣ୍ଟ' ନିୟମ ଦେଇ ଗୋପୀ, ଶ୍ରୀନୁ ଓ ଭାରତର ମହିଳା ଚାମ୍ପିୟନ୍ ଅଶ୍ୱିନ୍ ଯାଦବ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।




ଗୋପୀ ଥନାକଲ୍ ଓ ଶ୍ରୀନୁ ବୁଗାଥା।

ଭାରତରେ ଜାନୁଆରୀ ୬ରୁ ଇତିମଧ୍ୟରେ ଏକାଧିକ ଓପନ୍ ମାରାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ସାରିଲାଣି। ସେଗୁଡ଼ିକ ହେଲା ଚେନ୍ନାଇ ଓପନ୍, ମୁମ୍ବାଇ ଓପନ୍ ଓ ନୂଆଦିଲ୍ଲୀ ଓପନ୍ ମାରାଥନ୍। ଗୋପୀ ଥନାକଲ୍ ୨: ୧୪. ୪୦ସେକେଣ୍ଡ ସମୟ ନେଇ ନୂଆଦିଲ୍ଲୀ ମାରାଥନ୍ ଚାମ୍ପିୟନ୍ ହୋଇଥିଲେ। ଗୋପୀ ଓ ଶ୍ରୀନୁ ବୁଗାଥାଙ୍କ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ମାତ୍ର ଏକ ସେକେଣ୍ଡ ପାଇଁ ଶ୍ରୀନୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ସମୟ ଥିଲା ୨: ୧୪. ୪୧ସେକେଣ୍ଡ। ମୁମ୍ବାଇ ମାରାଥନ୍‌ରେ ଶ୍ରୀନୁ କିନ୍ତୁ ଗୋପୀଙ୍କୁ ହରାଇ ବିଜେତା ହୋଇଥିଲେ। ମହିଳା ବର୍ଗରେ ଅଶ୍ୱିନ୍ ମଦନ ଯାଦବ ଚାମ୍ପିୟନ୍ ହୋଇଛନ୍ତି। ୨:୫୨. ୨୫ସେକେଣ୍ଡରେ ସେ ଦୌଡ଼ ପୂରଣ କରିଥିଲେ। ଭାରତରେ ଆହୁରି ଗୋଆ, ବୁଦ୍ଧଗୟା, ଗୁଆହାଟୀ, କୋଲକାତା, ବେଙ୍ଗାଲୁରୁ ଆଦି ସ୍ଥାନରେ ବାର୍ଷିକ ମାରାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ୨୦୧୬ ରିଓ ଅଲିମ୍ପିକ୍ ମାରାଥନ୍‌ରେ ଗୋପୀଙ୍କ ପ୍ରଦର୍ଶନ ଭଲ ନ ଥିଲା। ଶାରୀରିକ ଅସୁସ୍ଥତା ଯୋଗୁ ୨୦୨୦ ଟୋକିଓ ଅଲିମ୍ପିକ୍ ମିସ୍ କରିଥିଲେ। ୨୦୧୯ ସିଓଲ ଓପନ୍ ମାରାଥନ୍‌ରେ ଗୋପୀ ୨: ୧୩. ୩୯ସେକେଣ୍ଡର ଶ୍ରେଷ୍ଠ ସମୟ ପାଇଥିଲେ। ତାଙ୍କ ହାତରେ ଦୁଇଟି ଜାତୀୟ ମାରାଥନ୍ ଟାଇଟଲ୍ ରହିଛି।

# ମୁମ୍ବାଇର ରୋମାଞ୍ଚକ ବିଜୟ

**ଚଣ୍ଡୀଗଡ,୧୮।୪**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ)ରେ ଗୁରୁବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚକୁ ୯ ରନ୍‌ରେ ଜିତି ରୋମାଞ୍ଚକ ବିଜୟ ହାସଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୭ ଉଇକେଟରେ ୧୯୨ ରନ୍ କରିଥିଲା। ଜବାବରେ ପଞ୍ଜାବ କିଙ୍ଗ୍ସ ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ପଞ୍ଜାବ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଆଶୁତୋଷ ଶର୍ମାଙ୍କ ଲଢୁଆ ଇନିଂସ ବଳରେ ମ୍ୟାଚ ଅନ୍ତିମ ଓଭର ଯାଏ ଯାଇଥିଲା। ୩ ଉଇକେଟ ନେଇଥିବା ବୁମ୍‌ରା ପର୍ପଲ କ୍ୟାପ୍ ତାଲିକାରେ ଯୁଜବେନ୍ଦ୍ର ଚହଲଙ୍କୁ ହଟାଇ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି।

ଟସ୍ ଜିତି ପଞ୍ଜାବ ପ୍ରଥମେ ବୋଲିଂ କରିଥିଲା। ମୁମ୍ବାଇର ଓପନର ଇଶାନ କିଶନ ମାତ୍ର ୮ ରନ୍ କରି ଦଳୀୟ ସ୍କୋର ୧୮ରେ ପ୍ୟାଭିଲିୟନ ଫେରିଥିଲେ। ତେବେ ରୋହିତ ଶର୍ମା(୩୬) ଓ ସୂର୍ଯ୍ୟକୁମାର ଯାଦବ(୭୮) ଦ୍ୱିତୀୟ ଉଇକେଟରେ ୮୧ ରନ୍ ଯୋଡିଥିଲେ। ରୋହିତ ୨୫ ବଲ୍‌ରୁ ଅପେକ୍ଷାକୃତ ଧୀମା ୩୬ ରନ୍ କରିଥିଲେ। ସେ ୨ ଚୌକା ଓ ୩ ଛକା ମାରି ସାମ୍ କୁରାନଙ୍କ ବଲରେ ଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ତିଳକ ବର୍ମା ୧୮ ବଲ୍‌ରୁ ୩୪ ରନ୍ କରି ଶେଷ ଯାଏ ଅପରାଜିତ ଥିଲେ। ତୃତୀୟ ଉଇକେଟରେ ସୂର୍ଯ୍ୟ କୁମାରଙ୍କ ସହ ସେ ୪୯ ରନ୍ ଯୋଡିଥିଲେ। ସୂର୍ଯ୍ୟ ୫୩ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରି ସାମ୍ କୁରାନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଶେଷ ଭାଗରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୦, ଟିମ୍ ଡେଭିଡ୍ ୧୪, ରୋମାରିଓ ଶେଫର୍ଡ ୧ ଓ ମହମ୍ମଦ ନବି ୦ ବିଫଳ ହେବାରୁ ମୁମ୍ବାଇ ୨୦୦ ରନ୍ ଛୁଇଁ ପାରି ନ ଥିଲା। ପଞ୍ଜାବ ପକ୍ଷରୁ ସଫଳ ବୋଲର ଭାବେ ହର୍ଷଲ ପଟେଲ ୩୧ ରନ୍‌ରେ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ କୁରାନ୍ ୨ ଓ କାଗିସୋ ରାବାଡା ୧ ଉଇକେଟ ନେଇଥିଲେ।

୧୯୩ ରନ୍ ଲକ୍ଷ୍ୟ ନେଇ ପଞ୍ଜାବର ଆରମ୍ଭ ଅତ୍ୟନ୍ତ ବିପର୍ଯ୍ୟୟପୂର୍ଣ୍ଣ ରହିଥିଲା। ସାମ୍ କୁରାନ(୬), ପ୍ରଭସିମରନ୍ ସିଂ(୦), ରାଇଲି ରୁଷୋ(୧) ଓ ଲିଆମ ଲିଭିଙ୍ଗଷ୍ଟୋନ(୧) ବିଫଳ ହେବାରୁ ଦଳ ୧୪ ରନ୍‌ରେ ୪ ଉଇକେଟ ହରାଇଥିଲା। ହରପ୍ରୀତ ସିଂ ଭାଟିଆ(୧୩) ଓ ଗତ ମ୍ୟାଚର ହିରୋ ଶଶାଙ୍କ ସିଂ(୪୧) ଇନିଂସ ସଜାଡିବାକୁ ଉଦ୍ୟମ କରିଥିଲେ। ଶଶାଙ୍କ ଓ ଆଶୁତୋଷ ଶର୍ମା(୬୧) ଇନିଂସ ସମ୍ଭାଳିଥିଲେ। ଉଭୟ ଖେଳାଳି କାଉଣ୍ଟର ଆଟାକ କରିବା ସହ ରନ୍ ଗତି ବଢାଇଥିଲେ। ଶଶାଙ୍କ ୨୫ ବଲ୍ ଖେଳି ୨ ଚୌକା ଓ ୩ ଛକା ସହ ୪୧ ରନ୍ କରି ବୁମ୍‌ରାଙ୍କ ତୃତୀୟ ଶିକାର ହୋଇଥିଲେ। ଆଶୁତୋଷ କିନ୍ତୁ ଏକାକୀ ଲଢେଇ ଜାରି ରଖିଥିଲେ। ୨୮ ବଲ ଖେଳି ୨ ଚୌକା ଓ ୭ ଛକା ସହ ସେ ୬୧ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମ୍‌ରା ଓ ଜେରାଲ୍ଡ କୋଜି ୩ଟି ଲେଖାଏ, ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୨/୭ (ସୂର୍ଯ୍ୟକୁମାର ଯାଦବ-୭୮, ରୋହିତ ଶର୍ମା-୩୬, ତିଳକ ବର୍ମା-୩୪*, ହର୍ଷଲ ପଟେଲ-୩/୩୧, ସାମ୍ କୁରାନ-୨/୪୧, କାଗିସୋ ରାବାଡା-୧/୪୨)। ପଞ୍ଜାବ କିଙ୍ଗ୍ସ ୧୯.୧ ଓଭରରେ ୧୮୩/୧୦ (ଆଶୁତୋଷ ଶର୍ମା-୬୧, ଶଶାଙ୍କ ସିଂ-୪୧,ହରପ୍ରୀତ ବ୍ରାର-୨୧, ଯଶପ୍ରୀତ୍ ବୁମ୍‌ରା-୩/୨୧, ଜେରାଲ୍ଡ କୋଜି-୩/୩୨, ଶ୍ରେୟସ୍ ଗୋପାଳ-୧/୨୬)।


ପ୍ଲେୟର ଅଫ୍ ଦି ମ୍ୟାଚ୍ ଯଶପ୍ରୀତ୍ ବୁମ୍‌ରା।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ଲକ୍ଷ୍ନୌ ବନାମ ଚେନ୍ନାଇ**
ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୭୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୩ | ୩ | ୬ | +୦.୦୩୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | -୦.୦୭୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୧୩୩ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ କିଙ୍ଗ୍ସ | ୭ | ୨ | ୫ | ୪ | -୦.୨୫୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

# ଆମ ପାଇଁ ସବୁ ମ୍ୟାଚ୍ ଫାଇନାଲ: ଲୋବେରା

## ଆଇଏସ୍ଏଲ୍ ପ୍ଲେ ଅଫ୍‌ରେ କେରଳ ବ୍ଲାଷ୍ଟର୍ସଙ୍କୁ ଭେଟିବ ଓଏଫ୍‌ସି

**ଭୁବନେଶ୍ୱର,୧୮।୪**
(ସରୋଜ ଜେନା)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ପ୍ରଥମ ପ୍ଲେ ଅଫ୍‌ରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ପରସ୍ପର ମୁକାବିଲା କରିବେ। ଦ୍ୱିତୀୟ ଥର ପାଇଁ ଓଏଫ୍‌ସି ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ପ୍ଲେ ଅଫ୍ ମ୍ୟାଚ୍ ଖେଳିବ। ଚଳିତ ସିଜନରେ କଳିଙ୍ଗ ଷ୍ଟାଡିୟମରେ ଓଏଫ୍‌ସି ଅପରାଜେୟ ରହିଥିବା ବେଳେ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ଚଳିତ ସିଜନରେ କଳିଙ୍ଗରେ ଦଳ ୧୧ଟି ଆଇଏସଏଲ୍ ମ୍ୟାଚ୍ ଖେଳିଥିବା ବେଳେ ୮ଟିରେ ବିଜୟୀ ହୋଇଛି ଓ ୩ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ମିଡ୍‌ଫିଲ୍ଡର ପ୍ରିନ୍ସଟନ୍ ରୋବେଲୋ ଯୋଗ ଦେଇଥିଲେ। ଚଳିତ ସିଜନରେ ଦଳ ଚମତ୍କାର ପ୍ରଦର୍ଶନ କରି ୨୨ ମ୍ୟାଚ୍‌ରୁ ୧୧ ବିଜୟ ଓ ୬ ଡ୍ର ସହ ୩୯ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଥିଲା। ରୟ କ୍ରିଷ୍ଣା ୧୨ ଓ ଡିଏଗୋ ମରିସିଓ ୧୦ ଗୋଲ ସ୍କୋର କରିଥିବା ବେଳେ ଗୋଲକିପର ଅମରିନ୍ଦର ସିଂ ୯ଟି କ୍ଲିନ୍ ସ୍ଲେଟ୍ ହାସଲ କରିଛନ୍ତି। ଓଏଫ୍‌ସି ପ୍ରଦର୍ଶନର ମେରୁଦଣ୍ଡ ରହିଥିବା ଅହମଦ୍ ଜାହୋହ ଚଳିତ ସିଜନର ପ୍ଲେ ମେକର ରହିଛନ୍ତି। ୧୨୨୩ ପାସ୍ ସହ ୩୭ଟି ସ୍କୋରିଂ ସୁଯୋଗ ସୃଷ୍ଟି କରିଛନ୍ତି ଜାହୋ। ଅନ୍ୟପକ୍ଷରେ କେରଳ ଓ ଓଏଫ୍‌ସି ପରସ୍ପରକୁ ୨ ଥର ଭେଟିଥିବା ବେଳେ ଉଭୟ ଦଳ ଥରେ ଲେଖାଏ ବିଜୟୀ ହୋଇଛନ୍ତି। ତେବେ କଳିଙ୍ଗରେ ଖେଳା ଯାଇଥିବା ପୂର୍ବ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଥିବାରୁ ଏହା ଦଳକୁ ମନସ୍ତାତ୍ତ୍ୱିକ ଅଗ୍ରଣୀ ପ୍ରଦାନ କରିବ।

ଓଏଫ୍‌ସି ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରିବାରେ ସମର୍ଥ ହୋଇଛି। ଅନ୍ତିମ ଚରଣରେ ଦଳର ପ୍ରଦର୍ଶନରେ ସାମାନ୍ୟ ଅବନତି କାରଣରୁ ଲିଗ୍ ସିଲ୍ଡ ହାତେଇବାରେ ଦଳ ବିଫଳ ହୋଇଥିଲା। ତେବେ ଏକା ସମୟରେ ଦଳ ଆଇଏସ୍ଏଲ୍, ଏଏଫ୍‌ସି କପ୍ ଖେଳୁଥିବାରୁ ସମସ୍ତ ଖେଳାଳିଙ୍କୁ ଭ୍ରମଣ କରିବାକୁ ପଡୁଥିଲା। ତେବେ ବର୍ତ୍ତମାନ ଆଗକୁ ରହିଥିବା ସମସ୍ତ ମ୍ୟାଚକୁ ଆମେ ଫାଇନାଲ ଭଳି ଭାବି ଖେଳିବୁ ବୋଲି କହିଛନ୍ତି ଦଳର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ସେହିପରି ଅତୀତରେ ଉଭୟ ଦଳ କିଭଳି ପ୍ରଦର୍ଶନ କରିଛନ୍ତି ପ୍ଲେ ଅଫ୍‌ରେ ଏହାର କୌଣସି ମୂଲ୍ୟ ନ ଥାଏ। ଯେଉଁ ଦଳ ସ୍ମାର୍ଟ ଫୁଟବଲ ଖେଳିବ ସେ ବିଜୟୀ ହେବ ବୋଲି କହିଛନ୍ତି ଲୋବେରା। ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳିବା ମୋ ପାଇଁ ଏକ ସମ୍ମାନର ବିଷୟ। ଲୋବେରାଙ୍କ ଅଧୀନରେ ଖେଳିବାର ସ୍ୱାଧୀନତା ମିଳୁଥିବା ବେଳେ ଜଣେ ଖେଳାଳି ଭାବେ ଉନ୍ନତି କରିବାରେ ଏହା ସହାୟକ ହୋଇଛି ବୋଲି କହିଛନ୍ତି ମିଡ୍‌ଫିଲ୍ଡର ପ୍ରିନ୍ସଟନ୍ ରୋବେଲୋ। ଚଳିତ ଟୁର୍ନାମେଣ୍ଟରେ ଦଳ ଠିକ୍‌ଠାକ୍ ଖେଳିଥିବା ବେଳେ ବର୍ତ୍ତମାନ ଫାଇନାଲ ଜିତିବା ଏକମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି ପ୍ରିନ୍ସଟନ୍ ରୋବେଲୋ।


ସର୍ଗିଓ ଲୋବେରା ଓ ପ୍ରିନ୍ସଟନ୍ ରୋବେଲୋ। (ଫଟୋ: ବିକାଶ ନାୟକ)




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ